76th YEAR OF PUBLICATION

ପ୍ରଜାତନ୍ତ୍ର ପ୍ରଚାର ସମିତି

ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର

The Prajatantra

ମୀନାବଜାର

ମୂଲ୍ୟ: ୨୦ଟଙ୍କା ମାତ୍ର

ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org

୭୬ବର୍ଷ ❑ ସଂଖ୍ୟା-୨୧୨ ● କଟକ ● ରବିବାର ● ୧୯ ମାର୍ଚ୍ଚ-୨୦୨୩ ● ତୁଳା ୧୩ ● ସାଲ୍ ୧୪୩୦

CUTTACK ● SUNDAY ● 19 MARCH-2023 ● RNI Regd.No.4001/57

ମୂଲ୍ୟ : ₹୫ ଟଙ୍କା


# ପୁରୁଣା ଲକ୍ଷ୍ୟ ପୂରଣ ହୋଇନି, ବିଜୁ ଏକ୍ସପ୍ରେସ୍ ୱେ-୨ ସ୍ୱପ୍ନ ଦେଖାଇଲେ

ଭୁବନେଶ୍ୱର (ପିପିଏସ୍): ଗତ ଆର୍ଥିକ ବର୍ଷରେ ରାସ୍ତା ଓ କୋଠା ନିର୍ମାଣ ସହ ମରାମତି ନିମନ୍ତେ ପୂର୍ତ୍ତ ବିଭାଗ ଯେଉଁ ଲକ୍ଷ୍ୟ ରଖିଥିଲା ତାହା ପୂରଣ ହୋଇନି। ମାତ୍ର ୨୦୨୩-୨୪ ଆର୍ଥିକ ବର୍ଷ ନିମନ୍ତେ ସରକାର ବଜେଟ ବ୍ୟୟବରାଦ କରିସାରିଛନ୍ତି। ସରକାରଙ୍କ ଏହି ବଜେଟ ନେଇ ଆଜି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଓ ସଚିବ ବୀର ବିକ୍ରମ ଯାଦବ।

ସଚିବଙ୍କ ସୂଚନା ମୁତାବକ, ତ୍ରିଶୁଳିଆରେ କାଠଯୋଡ଼ି ନଦୀ ଉପରେ ହେବ ଦ୍ୱିତୀୟ ସେତୁ। ଚଳିତ ବର୍ଷ ଆରମ୍ଭ ହେବ କାମ। ବଜେଟରେ ଏନେଇ ବ୍ୟୟ ବରାଦ ହୋଇଛି। ୨୦୨୩-୨୪ରେ ଆରମ୍ଭ ହେବ ବିଜୁ ଏକ୍ସପ୍ରେସ ୱେ-୨। ବ୍ରହ୍ମପୁରରୁ ଜୟପୁର ଯାଏଁ ହେବ ୪-ଲେନ ବିଶିଷ୍ଟ ୩୩୫ କିମି ରାସ୍ତା ନିର୍ମାଣ ହେବ। ଏ ବର୍ଷ ବଜେଟରେ ଏବାବଦରେ ୧୦୦ କୋଟି ବ୍ୟୟ ବରାଦ ହୋଇଛି। ତେବେ ଏଥିପାଇଁ ୬ ହଜାର କୋଟି ଟଙ୍କା ଖର୍ଚ୍ଚ ଅଟକଳ ରଖାଯାଇଛି। କଟକ ରିଙ୍ଗ ରୋଡ୍, ତାଳଦଣ୍ଡା କେନାଲ ରାସ୍ତା ୬ ଲାଇନ୍ ବିଶିଷ୍ଟ ହେବ। କଟକ-ପାରାଦୀପ ରାସ୍ତା ଓ କପିଳପ୍ରସାଦ-ଜଟଣୀ ରାସ୍ତା ୪ ଲାଇନ୍ ବିଶିଷ୍ଟ ହେବ। ବୈତରଣୀ ନଦୀ ଚାନ୍ଦବାଲି ଠାରେ ବ୍ରିଜ୍ ଓ ବ୍ରାହ୍ମଣୀର ଆନନ୍ଦପୁର ଠାରେ ବ୍ରିଜ୍ ନିର୍ମାଣ ହେବ। ଭୁବନେଶ୍ୱର ଦୟା ୱେଷ୍ଟ କେନାଲ ରାସ୍ତା ମଧ୍ୟ ୬ ଲାଇନ୍ ବିଶିଷ୍ଟ ହେବ।

୨୦୨୩-୨୪ ଆର୍ଥିକ ବର୍ଷ ଶେଷ ସୁଦ୍ଧା ସରିବ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ। ଅବଢ଼ା ଯୋଜନାରେ ଆସନ୍ତା ଆର୍ଥିକ ବର୍ଷ ପାଇଁ ୨୨୩.୯୮ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି। ଏହି ଅର୍ଥରେ ଅବଢ଼ା ଯୋଜନା ଅଧୀନରେ ଥିବା ପରିକ୍ରମା ପ୍ରକଳ୍ପ ସମେତ ଶ୍ରୀ ସେତୁ, ଜଗନ୍ନାଥ ବଲ୍ଲଭ ତୀର୍ଥଯାତ୍ରୀ ସ୍ଥଳୀ, ମୂଷା ନଦୀ ଓ ସ୍ମାରକୀ ପୋଖରୀ ପୁନରୁଦ୍ଧାର ସହ ବେଳାଭୂମି ସମ୍ମୁଖ ଭାଗ ବିକାଶ କାମ ସମ୍ପୂର୍ଣ୍ଣ ପାଇଁ ଲକ୍ଷ୍ୟ ରଖାଯାଇଛି। ସେହିପରି ଐତିହ୍ୟ ଓ ଧାର୍ମିକସ୍ଥଳୀର ଉନ୍ନତିକରଣ ନିମନ୍ତେ ଚଳିତ ଆର୍ଥିକ ବଜେଟରେ ୧୫୮ କୋଟି ଟଙ୍କା ବ୍ୟବସ୍ଥା ହୋଇଛି। ସେହିପରି ରାସ୍ତାଗୁଡ଼ିକର ବାରମ୍ବାର ମରାମତି ଓ ଉନ୍ନତିକରଣ ନାମରେ ରାସ୍ତାଗୁଡ଼ିକୁ ଉଚ୍ଚ କରି ଦିଆଯାଇଛି। ଫଳରେ ରାସ୍ତା ପାର୍ଶ୍ୱରେ ରହିଥିବା ଘରଗୁଡ଼ିକ ରାସ୍ତା ଠାରୁ ତଳକୁ ଚାଲି ଯାଉଛି। ଲୋକେ ଏହା ଯୋଗୁ ଅସୁବିଧା ଭୋଗୁଥିବାରୁ ରାସ୍ତା କାମରେ ବିଭାଗ ଏଣିକି ବ୍ୟବହାର କରିବ ମାଇନିଂ ଟେକ୍ନୋଲୋଜି। ପ୍ରଥମେ ପୁରୁଣା ରାସ୍ତା ଖୋଳି ବାହାର କରିବ ମେସିନ। ଏହାପରେ ନିର୍ମାଣ ହେବ ନୂଆ ରାସ୍ତା। ୨୦୨୩-୨୪ରୁ ଆରମ୍ଭ ହେବ ଏବାବଦ ପାଇଲଟ୍ ପ୍ରକଳ୍ପ। ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ କହିଥିଲେ, ● ପୃଷ୍ଠା-୯

# ମାଟ୍ରିକ ପରୀକ୍ଷା ପ୍ରଶ୍ନପତ୍ରରେ ତ୍ରୁଟି

## ମୁଦ୍ରଣଜନିତ ତ୍ରୁଟି ହୋଇଥିବା ମାନିଲା ବୋର୍ଡ

## ଛାତ୍ରଛାତ୍ରୀ ଭୟଭୀତ ହୁଅନ୍ତୁ ନାହିଁ : ମନ୍ତ୍ରୀ

ଭୁବନେଶ୍ୱର (ପିପିଏସ୍): ଶନିବାର ଦିନ ଦଶମ ଶ୍ରେଣୀର ଇତିହାସ ଓ ରାଜନୀତି ବିଜ୍ଞାନ ପ୍ରଶ୍ନପତ୍ରରେ ଭୁଲ୍ ଥିବା ଅଭିଯୋଗ ଆସିଥିଲା। ତେବେ ମାଟ୍ରିକ ପରୀକ୍ଷା ପ୍ରଶ୍ନପତ୍ରରେ ତ୍ରୁଟିକୁ ସ୍ୱୀକାର କରିଛି ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ)। ମୁଦ୍ରଣଜନିତ ତ୍ରୁଟି ହୋଇଥିବା କହିଛନ୍ତି ବୋର୍ଡ ସଭାପତି ରାମାଶିଷ ହାଜରା। ବୋର୍ଡ ସଭାପତି ରାମାଶିଷ ହାଜରା କହିଛନ୍ତି,ଆଜି କିଛି ସେଂଟରରେ ଇତିହାସ ଓ ରାଜନୀତି ବିଜ୍ଞାନର ପ୍ରଶ୍ନପତ୍ରରେ ମୁଦ୍ରଣଜନିତ ତ୍ରୁଟି ହୋଇଥିବାର ଅଭିଯୋଗ ଆସିଛି। ଅଳ୍ପ ଛାତ୍ରଛାତ୍ରୀ ଏଭଳି ପ୍ରଶ୍ନପତ୍ର ପାଇଥିଲେ। ଏହା ମୁଦ୍ରଣଜନିତ ତ୍ରୁଟି। ଆମେ ଏ ବିଷୟରେ ଅବଗତ ଅଛୁ। ଏଥିଲାଗି ଛାତ୍ରଛାତ୍ରୀ ବା ଅଭିଭାବକମାନେ ଚିନ୍ତିତ ହୁଅନ୍ତୁ ନାହିଁ, ଆଉଥରେ ପରୀକ୍ଷା କରାଯିବାର ଆବଶ୍ୟକତା ନାହିଁ। ଓଏମଆର ମୂଲ୍ୟାୟନ ସମୟରେ ପରୀକ୍ଷାର୍ଥୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପଦକ୍ଷେପ ନିଆଯିବ। ବହୁତ କମ୍ ପରୀକ୍ଷାର୍ଥୀଙ୍କ କ୍ଷେତ୍ରରେ ଘଟିଛି। କଣ ପାଇଁ ତ୍ରୁଟି ହୋଇଛି, ଏହା ଉପରେ ତଦନ୍ତ କରାଯିବ। ଏଭଳି ତ୍ରୁଟି ପୁନର୍ବାର ହେବ ନାହିଁ ବୋଲି କହିଛନ୍ତି ବୋର୍ଡ ସଭାପତି ରାମଶିଷ ହାଜରା। ସୂଚନା ମୁତାବକ, ଆଜିର ପ୍ରଶ୍ନପତ୍ରର ବି ସେଟ ଭିତରେ ଏ ସେଟ ପ୍ରଶ୍ନପତ୍ର ପ୍ରିଂଟ ହୋଇଥିବା ଅଭିଯୋଗ ଆସିଥିଲା। ଏପରିକି ୧୯ ନମ୍ବର ପ୍ରଶ୍ନ ପ୍ରଶ୍ନପତ୍ରରେ ନଥିବା ଅଭିଯୋଗ ଥିଲା। ଏହାକୁ ନେଇ ଛାତ୍ରଛାତ୍ରୀଙ୍କ ମନରେ ଆଶଙ୍କା ଦେଖା ଦେଇଥିଲା। ସୂଚନାଯୋଗ୍ୟ ଯେ ମାଟ୍ରିକ୍ ପରୀକ୍ଷା ଆରମ୍ଭରୁ ବିଭ୍ରାଟ ଦେଖାଦେଇଛି। ବାରମ୍ବାର ପ୍ରଶ୍ନପତ୍ର ଭାଇରାଲ ହେବା, କପି ଯୋଗାଇବା, ପରୀକ୍ଷା ହଲ୍ କୁ ଶିକ୍ଷକ ମୋବାଇଲ ଫୋନ୍ ନେଇ ଯିବା ଭଳି ଅଭିଯୋଗ ଆସିଛି। ଗଣଶିକ୍ଷା ମନ୍ତ୍ରୀ ସମୀର ଦାସ ପ୍ରଶ୍ନପତ୍ର ଭୁଲ ପ୍ରସଙ୍ଗରେ ପ୍ରତିକ୍ରିୟା ରଖି କହିଛନ୍ତି ଏହା ମୁଦ୍ରଣ ଜନିତ ତ୍ରୁଟି। ଦଶମ ଶ୍ରେଣୀ ଇତିହାସ ଓ ରାଜନୀତି ବିଜ୍ଞାନର ସେଟରେ ମୁଦ୍ରଣ ଭୁଲ୍ ରହିଛି। ଏହାକୁ ନେଇ ଛାତ୍ରଛାତ୍ରୀ ଭୟଭୀତ ହୁଅନ୍ତୁ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି। ମୂଲ୍ୟାୟନ ବେଳେ ଏହାକୁ ଦୃଷ୍ଟି ଦିଆଯିବ ବୋଲି କହିଛନ୍ତି ମନ୍ତ୍ରୀ।



# ବିଧାନସଭାରେ ପୁଣି ଉଠିଲା ନବ ଦାସ ହତ୍ୟା ପ୍ରସଙ୍ଗ

ଭୁବନେଶ୍ୱର (ପିପିଏସ୍): ଶନିବାର ଦିନ ମନ୍ତ୍ରୀ ନବ ଦାସ ହତ୍ୟା ପ୍ରସଙ୍ଗ ପୁଣି ଥରେ ଉଠିଛି। ସେହିପରି ତଦନ୍ତରେ ଏଫବିଆଇର ସହଯୋଗ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଲେଖାଯାଇଥିବା ପତ୍ର ଓ ହାଇକୋର୍ଟ ଦ୍ୱାରା ମନିଟରିଂ ପାଇଁ ଲେଖା ଯାଇଥିବା ପତ୍ରକୁ ବିଧାନସଭାରେ ଉପସ୍ଥାପନା କରିବାକୁ ବିରୋଧୀ ଦଳର ନେତା ଜୟ ନାରାୟଣ ମିଶ୍ର ଦାବି କରିଛନ୍ତି। ଶ୍ରୀ ମିଶ୍ର ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ କହିଛନ୍ତି ଯେ ମନ୍ତ୍ରୀ ନବ ଦାସ ହତ୍ୟାକାଣ୍ଡର ୫୦ ଦିନ ବିତି ସାରିଲାଣି। ୫୦ ଦିନ ବିତି ସାରିବା ପରେ ବି କାରଣ ଓ ପଛରେ କିଏ ଜଣାପଡ଼ିନି।

କଟକ ଏସସିବିର ଡାକ୍ତର ମାନଙ୍କର ଟିମ ଗୋପାଳର ମାନସିକ ସ୍ଥିତି ଠିକ ଥିବା ସମ୍ପର୍କରେ ରିପୋର୍ଟ ଦେବା ପରେ ମଧ୍ୟ ତାଙ୍କୁ ବେଙ୍ଗାଲୁରୁର ନିମାହାଂସ ହସପିଟାଲକୁ ପୁଣି ଥରେ ନେବା ପାଇଁ କାହିଁକି କୋର୍ଟରେ ଆବେଦନ କରାଯାଇଥିଲା। ଏସସିବିରେ ବିଶ୍ୱସ୍ତରୀୟ ବ୍ୟବସ୍ଥା ଥିବା ରାଜ୍ୟ ସରକାର ନିଜେ କହୁଛନ୍ତି। ନିଜ ଡାକ୍ତର ମାନଙ୍କର ଉପରେ କଣ ସରକାରଙ୍କର ବିଶ୍ୱାସ ନାହିଁ। ସେ କହିଛନ୍ତି ଯେ ରାଜ୍ୟ ସରକାର ଗୋପାଳକୁ ପାଗଳ ସାବ୍ୟସ୍ତ କରିବାକୁ କାହିଁକି ଚାହୁଁଛନ୍ତି ବୋଲି ଜୟନାରାୟଣ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି ଯେ ନବ ଦାସ ହତ୍ୟା ମାମଲାରେ ଏଫବିଆଇ ତଦନ୍ତ ପାଇଁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ଯେଉଁ ଚିଠି ଲେଖିଛନ୍ତି, ସେ ଚିଠି ବିଧାନସଭାରେ ଉପସ୍ଥାପିତ କରନ୍ତୁ। ସେହିପରି ହାଇକୋର୍ଟ ମନିଟରିଂ ପାଇଁ ଲେଖାଯାଇଥିବା ଚିଠି ବି ଉପସ୍ଥାପନ କରନ୍ତୁ ବୋଲି ସେ ଦାବି କରିଛନ୍ତି।

# ବିମାନ କ୍ରାସ୍, ୨ ନିଖୋଜ

ନୂଆଦିଲ୍ଲୀ: ମଧ୍ୟପ୍ରଦେଶର ବାଲାଘାଟ ଜିଲ୍ଲାରେ ୨ ଜଣ ଟ୍ରେନି ପାଇଲଟଙ୍କୁ ନେଇ ଉଡ଼ାଣ କରୁଥିବା ଗୋଟିଏ ବିମାନ କ୍ରାଶ କରି ଯାଇଛି। କ୍ରାଶ ପରେ ବିମାନଟି ସଂପୂର୍ଣ୍ଣ ପୋଡ଼ି ଯାଇଥିବା ବେଳେ ୨ ପାଇଲଟ ନିଖୋଜ ହୋଯାଇଛନ୍ତି। ତେବେ ଲାଞ୍ଜି ଓ କିରନାପୁର ପାହାଡ଼ିଆ ଅଞ୍ଚଳରୁ ଜଣେ ବ୍ୟକ୍ତି ପୋଡ଼ା ଶବ ମିଳିଛି। କ୍ରାଶ ସ୍ଥଳରୁ ଏପରି ଶବ ମିଳିଥିଲେ ମଧ୍ୟ ମୃତକଙ୍କ ପରିଚୟ ମିଳିନାହିଁ। ତେଣୁ ଏହା ଦୁଇ ପାଇଲଟଙ୍କ ମଧ୍ୟରୁ ଜଣଙ୍କର ହୋଇଥାଇ ପାରେ ବୋଲି ଆଶଙ୍କା କରାଯାଇଛି।

# ଝଡ଼ବର୍ଷା ସମ୍ଭାବନା : ୧୨ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର (ପିପିଏସ୍): ପଶ୍ଚିମ ଝଡ ପ୍ରଭାବରେ ରାଜ୍ୟର କିଛି ସ୍ଥାନରେ ବିଜୁ ଘଡଘଡି ସହ ବର୍ଷା ଜାରି ରହିଛି। ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଏଭଳି ସ୍ଥିତି ଲାଗି ରହିପାରେ।ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ବୁଲେଟିନ୍ ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ଘଡଘଡି ବିଜୁଳି ସହ ବର୍ଷା ,କୁଆପଥର ବର୍ଷା ଏବଂ ଘଂଟା ପ୍ରତି ୪୦ରୁ ୫୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଥିବାରୁ ୧୨ ଟି ଜିଲ୍ଲାକୁ ଅରଂଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ଜିଲ୍ଲାଗୁଡିକ ହେଲା କେନ୍ଦୁଝର, ମୟୁରଭଂଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, ଅନୁଗୁଳ, ଢେଙ୍କାନାଳ, କଟକ, ଜଗତସିଂହପୁର, ଖୋର୍ଦ୍ଧା, ନୟାଗଡ ଓ କେନ୍ଦ୍ରାପଡା। ଏହି ସମୟ ମଧ୍ୟରେ ପୁରୀ , ଗଂଜାମ, ଗଜପତି, ସୁନ୍ଦରଗଡ, ଦେବଗଡ, ବୌଦ୍ଧ, କନ୍ଧମାଳ, ମାଲକାନଗିରି ଓ କୋରାପୁଟ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଘଡଘଡି ବିଜୁଳି ସହ ବର୍ଷା ହେବାର ସମ୍ଭାବନା ଥିବାରୁ ଏହି ଜିଲ୍ଲା ଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

# ଅର୍ଚ୍ଚନା ନାଗ ନାଁରେ ୪ କୋଟି ଟଙ୍କାର ବେଆଇନ୍ ସମ୍ପତ୍ତି ଆଟାଚ୍ କଲା ଇଡି

 କଟକ: ବହୁଚର୍ଚ୍ଚିତ ଲେଡି ବ୍ଲାକମେଲର ଅର୍ଚ୍ଚନା ନାଗ ନାଁରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଚାରି କୋଟି ଟଙ୍କାର ବେଆଇନ ସମ୍ପତ୍ତି ଆଟାଚ କରିଛି। ବର୍ତ୍ତମାନ ମାମଲା କୋର୍ଟ ଥିବାବେଳେ ଅର୍ଚ୍ଚନା ଏହି ସମ୍ପତ୍ତି କେଉଁ ଉତ୍ସରୁ ଆଣିଲା ସେ ନେଇ ତଦନ୍ତ ଚାଲିଛି ବୋଲି କଟକରେ ଅନୁଷ୍ଠିତ କଳାଧନ ସମ୍ପର୍କିତ ଏସ୍ଆଇଟିର ନବମ ବୈଠକ ପରେ ଏସ୍ ?ଆଇଟି ଉପାଧକ୍ଷ ଜଷ୍ଟିସ ଅରିଜିତ ପଶାୟତ ଏହି ସୂଚନା ଦେଇଛନ୍ତି। ଓଡ଼ିଶାରେ ଗଞ୍ଜେଇ ଅଧିକ ପରିମାଣର ଜବତ ହେଉଥିବା ବେଳେ ବ୍ରାଉନ ସୁଗାର ଆଉ ହିରୋଇନ୍ ମଧ୍ୟ ଜବତ ହେଉଛି। ନାର୍କୋଟିକ୍ସ, ରିଅଲ ଇଷ୍ଟେଟ ଓ ସୁନା ବ୍ୟବସାୟ ଆଳରେ ଅଧିକ ମାତ୍ରାରେ କଳାଧନ କାରବାର ହେଉଛି। ଏହା ଉପରେ ରୋକ୍ ଲଗେଇବା ପାଇଁ ବିଭିନ୍ନ ବିଭାଗରେ ଖାଲି ପଡ଼ିଥିବା ପଦବି ପୂରଣ ପାଇଁ ସ୍ୱତନ୍ତ୍ର କୋର୍ଟ ଗଠନ ହେବା ଉଚିତ୍। ଏହା ସହ ଦୁର୍ନୀତି ନିବାରଣ ଆଇନରେ ମାମଲା ହେଲେ ଆୟକର ବିଭାଗ ଓ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟକୁ ତୁରନ୍ତ ସୂଚନା ଦେବା ପାଇଁ ନିର୍ଦ୍ଦେଶ ଦିଆଯିବା କଥା। ଆସନ୍ତା ଜୁନ ମାସରେ କଳାଧନ ସମ୍ପର୍କିତ ଏସ୍ଆଇଟି ର ନବମ ରିପୋର୍ଟ ଦାଖଲ କରାଯିବ ବୋଲି ଜଷ୍ଟିସ ଅରିଜିତ ପଶାୟତ କହିଛନ୍ତି।



# ବଡ଼ଦାଣ୍ଡରେ ଗୋଷ୍ଠୀ ସଂଘର୍ଷ

ପୁରୀ : ବିଶ୍ୱସ୍ତରୀୟ ବଡ଼ଦାଣ୍ଡରେ ଘଟିଛି ଗୋଷ୍ଠୀ ସଂଘର୍ଷ। ଶ୍ରୀମନ୍ଦିର ଓ ଟାଉନଥାନା ନିକଟ ଜନଗହଳିପୂର୍ଣ୍ଣ ମାର୍କେଟ ଛକରେ ଘଟିଛି ଘଟଣା। ସକାଳ ସମୟରେ ଚଳଚଞ୍ଚଳ ହେଉଛି ସହର। ଏହି ସମୟରେ ହଠାତ୍ ୧୫ରୁ ଉର୍ଦ୍ଧ୍ୱ ଯୁବକ ଖଣ୍ଡା ଓ ଲୁହାରଡ଼ ଧରି ଦୁଇ ଗୋଷ୍ଠୀ ମଧ୍ୟରେ ହଣାହଣି ଓ ପଟାପିଟି ହୋଇଥିବା ଜଣାପଡ଼ିଛି। ଆକ୍ରମଣରେ ୩ଜଣ ଆହତ ହୋଇଥିବା ବେଳେ ୨ଜଣ ଗୁରୁତର ହେବାରୁ ପୁରୀ ମେଡ଼ିକାଲ ଓ ପରେ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର ହୋଇଛନ୍ତି। ଯାତ୍ରୀ ଗୁମାସ୍ତା ବେପାର, ଜୁଆ ଖେଳ, ନିଶା ବେପାର ଓ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ଘଟଣା ଘଟିଥାଇପାରେ ବୋଲି ପୋଲିସ ଅନୁମାନ କରୁଛି। ଜନଗହଳିପୂର୍ଣ୍ଣ ମାର୍କେଟ ଛକରେ ଏଭଳି ଘଟଣା ପୋଲିସର ଆଖିରୁ ନିଦ ହଜାଇ ଦେଇଛି। ଘଟଣାଟି ଘଟିଛି ଟାଉନଥାନା ଓ କୁମ୍ଭାରପଡ଼ା ଥାନାର ସୀମା ମଧ୍ୟରେ। ଏଥିରେ ଦଇତାପଡ଼ା ସାହିର ହୃଷିକେଶ ପଣ୍ଡା ଓ ଖଗେଶ୍ୱର ସାହୁ ଗୋଟିଏ ଗୋଷ୍ଠୀର ହୋଇଥିବା ବେଳେ ବାଣୁଆଗଳିର ସମୀର ଦାସ ଅନ୍ୟ ଏକ ଗୋଷ୍ଠୀର ହୋଇଥିବା ଜଣାପଡ଼ିଛି। ଗୁରୁତର ୨ଜଣଙ୍କ ମୁଣ୍ଡ ଓ ଦେହର ବିଭିନ୍ନ ସ୍ଥାନରେ ଗୁରୁତର ଆଘାତ ଲାଗିଛି। ସମୀର ଓ ହୃଷିକେଶର ଅବସ୍ଥା ଗୁରୁତର ହୋଇଛି। ଗତକାଲି ରାତିରେ ଖଡ଼ିପଦା ମେଳଣ ପଡ଼ିଆରେ କୌଣସି କାରଣରୁ ଦୁଇ ଗୋଷ୍ଠୀ ମଧ୍ୟରେ ବଚସା ହୋଇଥିବା କୁହାଯାଉଛି। ଟଙ୍କା,ମୋବାଇଲ,ସୁନା ଚେନ ଛଡ଼ାଇବା ଭଳି ଘଟଣା ଘଟିଥାଇପାରେ ବୋଲି ସ୍ଥାନୀୟ ଲୋକମାନେ କହୁଛନ୍ତି। ଘଟଣା ସ୍ଥଳରେ ସଙ୍ଗେ ସଙ୍ଗେ ଟାଉନଥାନା ପୋଲିସ,କୁମ୍ଭାରପଡ଼ା ପୋଲିସ,ସିଟି ଡ଼ିଏସପି ଓ ଅତିରିକ୍ତ ଏସପି ପହଞ୍ଚି ଆହତମାନଙ୍କୁ ମେଡ଼ିକାଲ ନେଇଥିବା ବେଳେ ଦୁଇଜଣଙ୍କୁ ସନ୍ଦେହରେ ଅଟକ ରଖିଛନ୍ତି।

## ଧ୍ୱନିପ୍ରତିଧ୍ୱନି

ରାଜନୀତିର ବାଟ
ହୁଡ଼ିଯାଇଛୁ କି ଆମେ ?

## ବାଟେଘାଟେ



ପୋଲିସ ଗୁଳିରେ ଟଳି ପଡ଼ି ଥିଲେ
ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ
ଗୋପାଳ ମାରିଛି ସମସ୍ତେ ଜାଣନ୍ତି
ତଦନ୍ତ ହୁଏନି ଶେଷ
ପାଗଳ ନୁହଁଇ ପ୍ରମାଣିତ ହେଲା
ପାଗଳ ପ୍ରମାଣ ପାଇଁ
କ୍ରାଇମ ବ୍ରାଞ୍ଚ କସରତ କରେ
ମୁଣ୍ଡ ମାରିନିଏ ଝାଇଁ
ଏମିତି ହୋଇଲେ ହତ୍ୟା ଅଭିଯୁକ୍ତ
ସହଜରେ ଯିବ ଖସି
ଏଇ ଖବରକୁ ଖବର କାଗଜେ
ସମସ୍ତେ ପଢିବା ବସି ।

-ରାହୀ

# ରାଜ୍ୟରେ ଅମଲାତାନ୍ତ୍ରିକ ସରକାର ଚାଲିଛି, ଜନପ୍ରତିନିଧିଙ୍କ ସମ୍ମାନ ନାହିଁ : ବିରୋଧୀ

ଭୁବନେଶ୍ୱର (ପିପିଏସ୍):ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କୁ ଭେଟିବା ପ୍ରସଙ୍ଗରେ ବିଧାନସଭାରେ ଝଡ଼ ସୃଷ୍ଟି ହୋଇଛି। ଏହା ଅତ୍ୟନ୍ତ ଲଜ୍ଜାଜନକ କଥା ବୋଲି କହିବା ସହ ରାଜ୍ୟରେ ଗଣତନ୍ତ୍ର ନୁହେଁ ବରଂ ଅମଲାତାନ୍ତ୍ରିକ ସରକାର ଚାଲିଛି ବୋଲି କହିଛନ୍ତି କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର ରାଜ୍ୟ ସରକାରଙ୍କ ଉପରେ କଡ଼ା ଆକ୍ରମଣ କରିଥିଲେ। ତାଙ୍କର ବକ୍ତବ୍ୟକୁ ନେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଂଜନ ପୂଜାରୀ ବକ୍ତବ୍ୟ ରଖିବା ପରେ ବିରୋଧୀ ଦଳ ଓ ସରକାରୀ ଦଳର ମଧ୍ୟରେ କଥା କଟା କଟି ହେବାର ଦେଖିବାକୁ ମିଳିଥିଲା। ହଟ୍ଟଗୋଳ କାରଣରୁ ବାଚସ୍ପତି ଗୃହକୁ ବାରମ୍ବାର ସ୍ଥଗିତ ରଖିଥିଲେ। ଏହା ଫଳରେ ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା ହୋଇ ପାରି ନ ଥିଲା।

ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇଲେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଥିଲେ ଯେ ମନ୍ତ୍ରୀ ମାନେ ସରକାର। ସରକାର ପାଖକୁ କର୍ମଚାରୀ ଯିବ ନା କର୍ମଚାରୀ ପାଖକୁ ସରକାର ଯିବ ? ଆଜି ସମ୍ବାଦପତ୍ରରେ ଏକ ଖବର ଓ ଫଟୋ ପ୍ରକାଶ ପାଇଛି ଯେଉଁଥିରେ ମନ୍ତ୍ରୀ ରୀତା ସାହୁ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କୁ ଭେଟିଥିବାର ଉଲ୍ଲେଖ ରହିଛି। ରାଜ୍ୟରେ ଅମଲାତନ୍ତ୍ର ଶାସନ ଚାଲିଛି। ଦିନ ଦି ପ୍ରହରରେ ଗଣତନ୍ତ୍ର କୁ ଧର୍ଷଣ କରାଯାଉଛି। ମନ୍ତ୍ରୀ ଯାଇ ଭେଟୁଛନ୍ତି ମୁଖ୍ୟ ଶାସନ ସଚିବଙ୍କୁ। ଏଭଳି ସ୍ଥିତିକୁ ଗୃହ କିପରି ବରଦାସ୍ତ କରିବ। ବୁକ ସର୍କୁଲାର ୪୭କୁ କୌଣସି ଅଧିକାରୀ ମାନେ ମାନୁ ନାହାନ୍ତି। ଶୂନ୍ୟକାଳରେ କୌଣସି ଅଫିସର ଅଫିସର ଗ୍ୟାଲେରୀରେ ବସୁ ନାହାନ୍ତି। ଆମେ କେବଳ ବିଧାନସଭାରେ କାନ୍ଥ ଭିତରେ କଥା କହୁଛୁ। ଜନ ପ୍ରତିନିଧି ମାନଙ୍କର ମାନ ସମ୍ମାନ ନାହିଁ। ସେ କହିଛନ୍ତି ଯେ ଏହି ପ୍ରସଙ୍ଗରେ ମୁଖ୍ୟ ସଚିବ ମନ୍ତ୍ରୀଙ୍କୁ ପରାମର୍ଶ ଦେବା କଥା ଯେ ଆପଣ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଚେକ୍ ପ୍ରଦାନ କରନ୍ତୁ। କିନ୍ତୁ ସେ ସେପରି ନ କରି ଖୁବ ଖୁସିରେ ଚେକ୍ ନେଉଥିବାର ଦେଖିବାକୁ ମିଳୁଛି। ଏହା ଦ୍ୱାରା ଆମେ ଲଜ୍ଜିତ ବୋଲି ସେ କହିଛନ୍ତି। ସେ କହିଛନ୍ତି ଯେ ତେଣୁ ଆଗକୁ ଏମିତି ଆଉ ହେବ ବୋଲି ନାହିଁ ବୋଲି ମନ୍ତ୍ରୀ ଗୃହରେ କ୍ଷମା ମାଗନ୍ତୁ। ମୁଖ୍ୟ ଶାସନ ସଚିବ ବି ରିଗ୍ରେଟ କରନ୍ତୁ।

ଅନ୍ୟ ପକ୍ଷରେ ନରସିଂହ ମିଶ୍ର କହୁଥିବା ବେଳେ ଗୃହରେ ଜବାବ ରଖିଲେ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଂଜନ ପୁଜାରୀ। ସେ କହିଛନ୍ତି ଯେ କଂଗ୍ରେସ ବିଧାୟକ ଦଳର ନେତା ତାଙ୍କ ବକ୍ତବ୍ୟରେ ଜଣେ ମନ୍ତ୍ରୀଙ୍କୁ କୁହନ୍ତୁ। ମନ୍ତ୍ରୀ ମାନଙ୍କୁ କୁହନ୍ତୁ ନାହିଁ। ରାଇଡ଼ର ଯଦି ଠିକ ଅଛି ଘୋଡା ଠିକ ଚାଲିବ। ଏଭଳି କହିକି ମନ୍ତ୍ରୀ ମାନଙ୍କ କ୍ଷମତା କ୍ଷୁର୍ଣ୍ଣ କରାଯାଉଛି। ଯେତେବେଳେ ଯାହା ପ୍ରଶ୍ନ କରିବେ ଖୋଲାଖୋଲି ଉତ୍ତର ଦେବି।






cmyk cmyk cmyk




# ମାନ୍ଦାବସ୍ଥାର ଦ୍ୱାର ଦେଶରେ ଆମେରିକା

ବୈଶ୍ୱିକ ଅର୍ଥବ୍ୟବସ୍ଥାକୁ ନେଇ ଏକ ଭୟଙ୍କର ଭବିଷ୍ୟତବାଣୀ କରିଛନ୍ତି ଗୋଲ୍ଡମ୍ୟାନ ସାକ୍ସର ବରିଷ୍ଠ ଚେୟାରମ୍ୟାନ ଲୟଡ ବ୍ଲାକଫେନ । ସେ କହିଛନ୍ତି, ଆମେରିକା ଆର୍ଥିକ ମାନ୍ଦାବସ୍ଥାର ଦ୍ୱାରଦେଶରେ ଠିଆ ହୋଇଛି । ଏହା ବହୁତ ବଡ଼ ବିପଦ ଅଟେ । ଲୟଡ ବ୍ଲାକଫେନ କହିଛନ୍ତି, 'ଯଦି ମୁଁ ଏକ ବଡ଼ କମ୍ପାନୀ ପରିଚଳନା କରୁଥାନ୍ତି, ତେବେ ଏଥିପାଇଁ ପୂରା ପ୍ରସ୍ତୁତ ରହିଥାନ୍ତି । ଯଦି ମୁଁ ଖାଉଟି ହୋଇଥାନ୍ତି , ତେବେ ଏଥିପାଇଁ ପ୍ରସ୍ତୁତ ହୋଇଥାନ୍ତି' । ମନି କ୍ରୋଣ୍ଟଲର ଖବର ଅନୁସାରେ ଲୟଡ ବ୍ଲେକଫେନ ଏକ କାର୍ଯ୍ୟକ୍ରମରେ କହିଛନ୍ତି, ମାନ୍ଦାବସ୍ଥା 'କେକରେ ବେକ୍ ହୋଇ ନଥାଏ' ଏବଂ ଏହାକୁ ଟାଳିବାର ରାସ୍ତା ମଧ୍ୟ ଅତି ସଂକୀର୍ଣ୍ଣ । ସେ କହିଛନ୍ତି, ଫେଡରାଲ ରିଜର୍ଭ ନିକଟରେ ଦରବୃଦ୍ଧିକୁ କମ କରିବା ପାଇଁ ଶକ୍ତିଶାଳୀ ଉପକରଣ ରହିଛି ଏବଂ ଏହାର ସଠିକ ବ୍ୟବହାର ମଧ୍ୟ କରାଯାଇ ପାରିବ । ଜୈନ ହେଜିୟସଙ୍କ ନେତୃତ୍ୱାଧୀନ ଗୋଲ୍ଡମ୍ୟାନର ଅର୍ଥନୈତିକ ଟିମ ଆମେରିକାର ଜିଡିପି ଅଭିବୃଦ୍ଧିକୁ ୨.୬ରୁ ହ୍ରାସ କରି ୨.୪ ରହିବା ନେଇ ପୂର୍ବାନୁମାନ କରିଛି । ୨୦୨୩ର ଆକଳନକୁ ୨.୨ ପ୍ରତିଶତରୁ ହ୍ରାସ କରି ୧.୬ ପ୍ରତିଶତ କରାଯାଇଛି ।



Image credit: Bloomberg

# ଆମ୍ବ ମିଲ୍କ୍ ସେକ୍

ଆବଶ୍ୟକ ସାମଗ୍ରୀ: ପାଚିଲା ଆମ୍ବ, ଚିନି, କ୍ଷୀର,ପିସ୍ତା ଓ ଲିଚି

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ପାଚିଲା ଆମ୍ବରୁ ଚୋପା ଛଡ଼ାଇ ଏକ ପାତ୍ରରେ ରଖନ୍ତୁ । ପରେ ସେଥିରେ ଅଳ୍ପ ଚିନି ମିଶାନ୍ତୁ । ପରେ ସେଥିରେ ସିଝା କ୍ଷୀର ମିଶାଇ ଭଲ ଭାବରେ ତାକୁ ଗ୍ରାଇଣ୍ଡିଂ କରି ଦିଅନ୍ତୁ । ପରେ ଏହି ଆମ୍ବ ମିଲ୍କ୍ ସେକ୍‌କୁ ଏକ ଗ୍ଲାସରେ ଠାଳି ରଖନ୍ତୁ । ପରେ ସେଥିରେ ପିସ୍ତା ଓ ଲିଚି ଦେଇ ସଜାଇ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ଆମ୍ବ ମିଲ୍କ୍ ସେକ୍ ।



# ବିଭିନ୍ନ ଔଷଧୀୟ ଗୁଣରେ ଭରପୂର ମେଥି

ମେଥିଦାନାକୁ ଆମେ ଖାଇବା ପ୍ରସ୍ତୁତ କରିବା ପାଇଁ ବ୍ୟବହାର କରିଥାଉ ।ମେଥି ସାସ୍ଥ୍ୟ ନିମନ୍ତେ ଏକ ସୁବିଦିତ ଔଷଧ ଭାବେ କାମ କରିଥାଏ । ମେଥି ଦାନା ରାତିରେ ବତୁରାଇ ରଖିଲେସକାଳେ ଖାଲି ପେଟରେ ଚୋବାଇ ଚୋବାଇ ଖାଆନ୍ତୁ ଏବଂ ସେହି ପାଣିକୁ ପିଇବା ଦ୍ୱାରା ଅନେକ ସାସ୍ଥ୍ୟସମସ୍ୟାରୁ ଫାଇଦା ମିଳିଥାଏ । ମେଥିରେ ବିଭିନ୍ନ ପ୍ରକାରର ପୋଷକ ତତ୍ତ୍ୱ ଯେପରିକି କ୍ୟାରୋଟିନ୍,କପର,ଜିଙ୍କ୍,ସୋଡ଼ିୟମ୍,ଫଲିକ୍‌ଏସିଡ୍ ଏବଂ ମ୍ୟାଗ୍ନେସିୟମ୍ ଆଦି ମିଳିଥାଏ । ୧.ଗ୍ୟାସ୍ ସମସ୍ୟା ଦୂର କରିଥାଏ: ମେଥି ଦାନା ଶରୀରରୁ ବିଷାକ୍ତ ପଦାର୍ଥବାହାର କରି ବୃକକକୁ ସୁସ୍ଥ ରଖିଥାଏ । ଏହା ଛଡ଼ା ଏହା ଅମ୍ଳପିତ୍ତ ଭଳି ଗ୍ୟାଷ୍ଟ୍ରିକ୍ ସମସ୍ୟାରୁମଧ୍ୟ ମୁକ୍ତି ଦେଇଥାଏ । ୨.ରକ୍ତଚାପ ନିମନ୍ତେ: ଯେଉଁମାନେ ଉକ୍ତ ରକ୍ତଚାପରେ ଆକ୍ରାନ୍ତ ସେମାନଙ୍କପାଇଁ ମେଥି ଅତ୍ୟନ୍ତ ଲାଭଦାୟକ । ରାତିରେ ସୋୟା ଏବଂ ମେଥିକୁ ବତୁରାଇ ରଖନ୍ତୁ ଏବଂ ପର ଦିନ ୫ଗ୍ରାମ୍ସକାଳେ ଏବଂ ସନ୍ଧ୍ୟାରେ ଖାଇବା ଉଚିତ୍ । ଏହା ଦ୍ୱାରା ଠିକ୍ ଭାବେ ରକ୍ତ ସଞ୍ଚାରିତ ହୋଇଥାଏ ଏବଂରକ୍ତଚାପରୁ ମୁକ୍ତି ମିଳିଥାଏ । ୩.ତ୍ୱଚା ଏବଂ ବାଳ ନିମନ୍ତେ ଉତ୍କୃଷ୍ଟ: ଯଦି ଆପଣଙ୍କର ବ୍ରଣ ସମସ୍ୟାରହିଛି ଏବଂ ଆପଣଙ୍କର ବାଳ ଝଡୁଥାଏ ତେବେ ମେଥି ଦାନାର ମିଶ୍ରଣକୁ ଲଗାନ୍ତୁ । ଏହା ଦ୍ୱାରା ବାଳ ମଜବୁତହେବ ଏବଂ ବାଳ ପାଚିବ ନାହିଁ । ୪.ସୁଗାର ନିୟନ୍ତ୍ରଣରେ ରହିବ: ମେଥି ଦାନାରେ ଥିବା ସାଲ୍ୟୁବଲ୍ ଫାଇବରବ୍ଲଡ୍ ସୁଗାରକୁ ନିୟନ୍ତ୍ରଣ କରି ମଧୁମେହକୁ ନିୟନ୍ତ୍ରିତ କରିଥାଏ । ୫.ଅର୍ଶ ନିମନ୍ତେ ଫଳପ୍ରଦ: ଅର୍ଶ ଏକ ଏପରି ରୋଗ ଯାହା ଦ୍ୱାରା ରୋଗୀଭୀଷଣ କଷ୍ଟ ପାଇଥାଏ । ମେଥି ଏବଂ ସୋୟାକୁ ରାତିରେ ବତୁରାଇ ଏହାର ପାଣିକୁ ପିଇବା ଦ୍ୱାରା ଅର୍ଶରୁଫାଇଦା ମିଳିଥାଏ । ୬.ଓଜନ କମାଇବାରେ ସାହାଯ୍ୟ କରିଥାଏ: ମେଥି ବହୁତ ଶୀଘ୍ର ଓଜନ କମାଇବାରେସାହାଯ୍ୟ କରିଥାଏ । ରାତିରେ ବତୁରା ହୋଇଥିବା ମେଥି ପାଣିକୁ ଯଦି ଆପଣ ସକାଳେ ପିଇବେ ତାହେଲେ ଆପଣଙ୍କଓଜନ କମିବ ଏବଂ ଆପଣଙ୍କୁ ସହଜରେ କୌଣସି ରୋଗ ହେବ ନାହିଁ । ୭.ଅସ୍ଥି ସମସ୍ୟାରୁ ମୁକ୍ତି: ମେଥି ଅସ୍ଥିଜନିତ ସମସ୍ୟାରୁ ମଧ୍ୟ ମୁକ୍ତିଦେଇଥାଏ । ରାତିରେ ବତୁରାହୋଇଥିବା ମେଥିର ଗୁଣ ଆହୁରି ବଢ଼ିଯାଇଥାଏ ଏଥିପାଇଁ ଏହାକୁ ବତୁରାଇ ଖାଇବାଦ୍ୱାରା ଅନେକ ପ୍ରକାର ରୋଗରୁ ଉପଶମ ମିଳିଥାଏ ।



# ବ୍ରଣ କିମ୍ବା ବ୍ରଣର କଳାଦାଗରୁ ମୁକ୍ତି ଚାହୁଁଛନ୍ତି କି

ଆମେ ସମସ୍ତେ ଦାଗ ଏବଂ ଚିହ୍ନ ବିହୀନ ତ୍ୱଚା ଚାହିଁଥାଉ ଏବଂ ଏଥିପାଇଁ ବହୁତ କିଛି କରିଥାଉ । ଏଥିପାଇଁ ବିଭିନ୍ନ ପ୍ରକାର ପ୍ରସାଧନ ସାମଗ୍ରୀ ନେବା ଫଳରେ ତ୍ୱଚା ଆହୁରି ବିଗିଡ଼ି ଯାଇଥାଏ । ଏତେ ସବୁ ଜିନିଷ ବ୍ୟବହାର କରିବା ସତ୍ତ୍ୱେ କିଛି ଲାଭ ହୋଇନଥାଏ ଏବଂ ଓଲଟା ଆମେ ଆହୁରି ହଇରାଣ ହୋଇଥାଉ । ଆଜି ଆମେ ଏହି ସମସ୍ୟାର ସମାଧାନ ପାଇଁ ଏକ ଉପାୟ ଅବଲମ୍ବନ କରିବା । ଭିଟାମିନ୍ ଇ ଆମ ତ୍ୱଚା ପାଇଁ ଅତ୍ୟନ୍ତ ଲାଭଦାୟକ । ଯଦି ଆପଣଙ୍କ ତ୍ୱଚାରେ ବ୍ରଣ ସମସ୍ୟା ରହିଛି ଏବଂ ଏହି ଦାଗ ତ୍ୱଚାରୁ ଯାଉନାହିଁ ତେବେ ଭିଟାମିନ୍ ଇ କ୍ୟାପସୁଲ୍ ବ୍ୟବହାର କଲେ ଆପଣଙ୍କ ଏହି ସମସ୍ୟା ଦୂର ହେବ । ଭିଟାମିନ୍ ଇ ଡ୍ରାଏ ଫ୍ରୁଟରେ ମିଳିଥାଏ ଏବଂ ମାଛରେ ପ୍ରଚୁର ପରିମାଣରେ ଥାଏ । କିନ୍ତୁ ଡ୍ରାଏ ଫ୍ରୁଟସ୍ ମହଙ୍ଗା ହୋଇଥିବାରୁ ଏହାକୁ କିଣିବା ସବୁବେଳେ ସମ୍ଭବ ନୁହେଁ ଏବଂ ନିରାମିଶାଷୀମାନେ କିପରି ମାଛ ଖାଇବେ । ସେଥିପାଇଁ ଏହିସବୁ ସମସ୍ୟାର ଏକମାତ୍ର ସମାଧାନ ହେଉଛି ଏକ ଛୋଟ କ୍ୟାପସୁଲ୍ । ଏହା ସହଜରେ ଯେକୋଣସି କସମେଟିକ୍ ଷ୍ଟୋର କିମ୍ବା ଔଷଧ ଦୋକାନରେ ଶସ୍ତାରେ ଉପଲବ୍ଧ । ଏହି କ୍ୟାପସୁଲକୁ ଯେକେ ?ାଣସି କ୍ରିମ୍ କିମ୍ବା ନଡ଼ିଆ ତେଲରେ ମିଶାଇ ତ୍ୱଚାରେ ଲଗାନ୍ତୁ ଏବଂ ସକାଳେ ଅଳ୍ପ ନଖ ଉଷୁମ ପାଣିରେ ଧୋଇ ଦିଅନ୍ତୁ । ଏପରି କଲେ ବହୁତ ଶୀଘ୍ର ଲାଭ ମିଳିବ ।



# ଆଜିର ରାଶିଫଳ

**ମେଷ** — ସମସ୍ତ ସମସ୍ୟାର ଫଇସଲା ବୁଦ୍ଧିମତ୍ତାରେ ପରିପୂର୍ଣ୍ଣ ହେବ । ଆର୍ଥିକ ସ୍ଥିତିକୁ ସୁଧାରି ପାରିବେ କିନ୍ତୁ ଅହଂକାରକୁ ତ୍ୟାଗ କରିବାକୁ ହେବ । ସାସ୍ଥ୍ୟରେ ପରିବର୍ତ୍ତନ ଅନୁଭବ କରିବେ ।

**ବୃଷ** — ଶାରୀରିକ କଷ୍ଟ ଦୂର ହେବ । କର୍ମକ୍ଷେତ୍ରରେ ସହକର୍ମୀ ଓ ଉପରିସ୍ଥ କର୍ମଚାରୀଙ୍କଠାରୁ ପ୍ରଶଂସିତ ହେବେ । ସନ୍ତାନ ସମ୍ବନ୍ଧୀୟ କୌଣସି ମହତ୍ତ୍ୱପୂର୍ଣ୍ଣ କାମ ଆପଣଙ୍କ ଦ୍ୱାରା ହୋଇପାରେ ।

**ମିଥୁନ** — କର୍ମକ୍ଷେତ୍ରରେ ଉନ୍ନତି କରିପାରିବେ । ନ୍ୟାୟମାର୍ଗ ଓ ମିଷ୍ଟ ବଚନ ଯୋଗେ କେତେକ କ୍ଷେତ୍ରରେ ଉନ୍ନତିକର ହେବ । ପରିବାରରେ ଆଦରଣୀୟ ହୋଇ ସୁଖଭୋଗ କରିବେ

**କର୍କଟ** — ଶାରୀରିକ ଓ ମାନସିକ ସ୍ଥିରତା ଦେଖାଦେବ । ସନ୍ତାନ ସୁଖ ମିଳିବ । ବ୍ୟବସାୟରେ ସଫଳତା ଅର୍ଜନ କରିବେ । ପରିବାରରେ ଅପ୍ରୀତିକର ରିସ୍ଥିତି ଦେଖାଦେଲେ ମଧ୍ୟ ତାହା କୌଶଳକ୍ରମେ ସମାଧାନ କରିବେ

**ସିଂହ** — ସାମ୍ବାଦିକମାନେ ସାମାଜିକ କଲ୍ୟାଣ କାମରେ ପୂର୍ଣ୍ଣ ସହଯୋଗ କରିବେ । କର୍ମକ୍ଷେତ୍ରରେ ସହକର୍ମୀ ଓ ଉପରିସ୍ଥ କର୍ମଚାରୀଙ୍କଠାରୁ ପ୍ରଶଂସିତ ହେବେ । ଅନେକ କାର୍ଯ୍ୟ ନିଜେ ସମାଧାନ କରିବେ ।

**କନ୍ୟା** — ସମ୍ପର୍କୀୟ ବନ୍ଧୁ ସାହାଯ୍ୟ ସହଯୋଗ କରିବେ । ରାଜକୀୟ ମାମଲାରେ ସଫଳତା ମିଳିବ । ବ୍ୟବସାୟ କ୍ଷେତ୍ରରେ ଧନଲାଭ ହେବାରୁ ମନ ଖୁସି ରହିବ । କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ ।

**ତୁଳା** — ଜମିଜମା ସଂକ୍ରାନ୍ତୀୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ ହେବ । ବାଣିଜ୍ୟ କ୍ଷେତ୍ରରେ ଉନ୍ନତମାନର ଫଳ ପାଇବେ । ଅଳ୍ପ ପରିଶ୍ରମରେ ବହୁତ ଧନଲାଭ ହେବ ।

**ବିଛା** — ପାରିବାରିକ କ୍ଷେତ୍ରରେ ସାଧାରଣ ଚଳଣୀ ଅତୁଟ ରହିବ । ବ୍ୟବସାୟ କ୍ଷେତ୍ରରେ ଆର୍ଥିକ ଲାଭ ହେବାର ସମ୍ଭାବନା ଅଛି । ବିଦ୍ୟା କ୍ଷେତ୍ରରେ ମନଯୋଗ ଦେଇ ସଫଳ ହେବେ ।

**ଧନୁ** — ସାସ୍ଥ୍ୟରେ ପରିବର୍ତ୍ତନ ହେବ । ସାମ୍ବାଦିକମାନେ ଶୁଭ ସମ୍ବାଦ ପାଇ ଶୀଘ୍ର ଯାତ୍ରା କରିବାକୁ ବାଧ୍ୟ ହେବେ । କର୍ମକ୍ଷେତ୍ରରେ କର୍ତ୍ତବ୍ୟ ନିଷ୍ଠା ପରାୟଣ ହେବ ।

**ମକର** — ପ୍ରସନ୍ନ ଯୋଗେ କାର୍ଯ୍ୟ ସିଦ୍ଧି ହେବ । କର୍ମକ୍ଷେତ୍ରରେ ଶ୍ରମ ସାର୍ଥକ ହେବ । ଛାତ୍ରଛାତ୍ରୀମାନେ ଉଚିତ ପନ୍ଥା ଗ୍ରହଣ କରି ବିଦ୍ୟାରେ ସଫଳ ହେବେ । ଧାର୍ମିକ କାର୍ଯ୍ୟରେ ମନ ବଳାଇବେ ।

**କୁମ୍ଭ** — କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଉଚିତ । ବ୍ୟବସାୟ କ୍ଷେତ୍ରରେ ଆୟ ବ୍ୟୟରେ ତାଳମେଳ ରହିବନାହିଁ । ଶତ୍ରୁମାନେ ଦୂରେଇଯିବେ ।

**ମୀନ** — ସରକାରୀ କର୍ମଚାରୀମାନେ ଉତ୍ତମ କାର୍ଯ୍ୟ କରି ପ୍ରଶଂସା ପାଇବେ । ମିତ୍ରମାନଙ୍କ ଦ୍ୱାରା ଲାଭ ମିଳିବ । ସାମାଜିକ କାମରେ ପ୍ରଶଂସା ମିଳିବ । ବ୍ୟବସାୟରେ ସଫଳତା ମିଳିବ ।

# ବିବାହରେ ବିଳମ୍ବ ହେଉଛି କି ?

ଜ୍ୟୋତିଷ ଶାସ୍ତ୍ର ଅନୁସାରେ ବିବାହ ପାଇଁ ବୃହସ୍ପତି ଗ୍ରହଙ୍କ ଅନୁକୂଳ ସ୍ଥିତି ନିତାନ୍ତ ଜରୁରୀ । ଯାହାର କୁଣ୍ଡଳୀରେ ବୃହସ୍ପତି ଅଶୁଭ ସ୍ଥାନରେ ରହିଥାନ୍ତି ସେମାନଙ୍କର ବିବାହରେ ବହୁତ ସମସ୍ୟା ଉପୁଜିଥାଏ । ଜ୍ୟୋତିଷ ଶାସ୍ତ୍ର ଅନୁସାରେ ବୃହସ୍ପତି ଗ୍ରହଙ୍କ ଦୋଷକୁ ଦୂର କରିବା ପାଇଁ କେତେକ ଉପାୟ ରହିଛି । ଏହି ଉପାୟ ଯଦି ଗୁରୁ ପୁଷ୍ୟର ଶୁଭ ମୁହୂର୍ତ୍ତରେ କରାଯିବ ତେବେ ମନସ୍କାମନା ଖୁବ୍ ଶୀଘ୍ର ପୂର୍ଣ୍ଣ ହେବ । ତେବେ ଏହିସବୁ ଉପାୟ କରନ୍ତୁ । ଉପାୟ : ଗୁରୁବାର ଦିନ କଦଳୀ ଗଛ ମୂଳରେ ହଳଦିଆ କପଡା ରଖି ଦେବଗୁରୁ ବୃହସ୍ପତି ଏବଂ ଭଗବାନ ବିଷ୍ଣୁଙ୍କ ମୂର୍ତ୍ତି ସ୍ଥାପନ କରନ୍ତୁ । ଯଦି ଏହା ସମ୍ଭବପର ନୁହେଁ ତେବେ କଦଳୀ ପତ୍ରରେ ମଧ୍ୟ ଉଭୟ ଭଗବାନଙ୍କ ପ୍ରତିମା ସ୍ଥାପିତ କରିପାରିବେ । ଗାଈ କ୍ଷୀରରେ ବୃହସ୍ପତି ଓବିଷ୍ଣୁଙ୍କ ଅଭିଷେକ କରି ହଳଦିଆ ଫୁଲ, ହଳଦିଆ ଚନ୍ଦନ, ଗୁଡ, ଚଣାଡାଲି, ହଳଦିଆ ବସ୍ତ୍ର ଅର୍ପଣ କରନ୍ତୁ । ଭଗବାନଙ୍କୁ ପ୍ରସାଦରେ ହଳଦିଆ ରନ୍ଧାଖାଦ୍ୟ ଏବଂ ହଳଦିଆ ଫଳ ଅର୍ପଣ କରନ୍ତୁ । ଏହିଭଳି ପୂଜା କରିବା ପରେ ଦେବଗୁରୁ ବୃହସ୍ପତି ଏବଂ ଭଗବାନ ବିଷ୍ଣୁଙ୍କ ଆରତି ଗାଈର ଶୁଦ୍ଧ ଘିଅରେ ଦୀପ ଲଗାଇ କରନ୍ତୁ । ଏହିଭଳି ଗୁରୁ ପୁଷ୍ୟ ଯୋଗରେ ପୂଜା କରିବା ଦ୍ୱାରା ଗୁରୁର ଅଶୁଭ ପ୍ରଭାବ ଟଳିଥାଏ ଏବଂ ଶୁଭ ଫଳ ମିଳିବାକୁ ଲାଗିଥାଏ । ଏହାସହ ବିବାହର ଯୋଗ ମଧ୍ୟ ପଡିବାକୁ ଲାଗିଥାଏ ।



# ଫିଲ୍ମ ଟକ୍

## ତାମିଲ ଚଳଚ୍ଚିତ୍ରରେ ଇଲିଆନା ଡି'କ୍ରୁଜ ବ୍ୟାନ୍

ଅଭିନେତ୍ରୀ ଇଲିଆନା ଡି'କ୍ରୁଜ ତାଙ୍କ ବୃତ୍ତିଗତ ଜୀବନ ଅପେକ୍ଷା ବ୍ୟକ୍ତିଗତ ଜୀବନକୁ ନେଇ ଅଧିକ ଚର୍ଚ୍ଚାରେ ରୁହନ୍ତି । କେବେ ତାଙ୍କ ନାଁ କ୍ୟାଟ୍ରିନାଙ୍କ ଭାଇଙ୍କ ସହ ଜଡିତ ହୁଏ, ଆଉ କେବେ ତାଙ୍କର ବୋଲ୍ଡ ସିଜଲିଂ ବିକିନି ଫଟୋ ଭାଇରାଲ ହୁଏ । ଇଲିଆନା ହିନ୍ଦୀ ସିନେମା ସହିତ ସାଉଥ୍ ଇଣ୍ଡଷ୍ଟ୍ରିରେ ବି କାମ କରିଛନ୍ତି । କିନ୍ତୁ ଆପଣ ଜାଣନ୍ତି କି ତାମିଲ ଫିଲ୍ମ ଇଣ୍ଡଷ୍ଟ୍ରି ଇଲିଆନାକୁ ବ୍ୟାନ୍ କରାଯାଇଛି ତାମିଲ ଫିଲ୍ମ ଇଣ୍ଡଷ୍ଟ୍ରି ଇଲିଆନାଙ୍କୁ ବ୍ୟାନ୍ କରି ରଖିଛି । ରିପୋର୍ଟ ଅନୁଯାୟୀ, ଇଲିଆନା କିଛି ନିର୍ମାତାଙ୍କଠାରୁ ଫିଲ୍ମ ପାଇଁ ଆଡଭାନ୍ସ ପେମେଣ୍ଟ ନେଇଥିଲେ, କିନ୍ତୁ ସୁଟିଂ କରିନଥିଲେ । ଯେଉଁଥିପାଇଁ ତାଙ୍କୁ ବହୁ କ୍ଷତି ସହିବାକୁ ପଡିଥିଲା । ଯାହା ପରେ ଇଲିଆନାଙ୍କୁ ବ୍ୟାନ୍ କରାଗଲା । ତେବେ ଏହି ବିଷୟରେ ଇଲିଆନା କିମ୍ବା ତାମିଲ ପ୍ରଡ୍ୟୁସର୍ସଙ୍କଠାରୁ କୌଣସି ବିବୃତ୍ତି ସାମ୍ନାକୁ ଆସି ନାହିଁ । କୁହାଯାଉଛି ଇଲିଆନା, କ୍ୟାଟ୍ରିନା କୈଫଙ୍କ ଭାଇ ସେବାଷ୍ଟିଆନଙ୍କ ସହ ରିଲେସନସିପ୍‌ରେ ଅଛନ୍ତି । ଦୁହେଁ ଗତ ୮-୧୦ ମାସ ହେବ ରିଲେସନସିପ୍‌ରେ ଅଛନ୍ତି । କ୍ୟାଟ୍ରିନାଙ୍କ ଜନ୍ମଦିନରେ ଇଲିଆନା ମଧ୍ୟ ତାଙ୍କ ସହ ଉପସ୍ଥିତ ଥିଲେ । ୱାର୍କଫ୍ରଣ୍ଟ୍ ବିଷୟରେ କହିବାକୁ ଗଲେ, ସେ ଖୁବଶୀଘ୍ର ବାଦଶାହଙ୍କ ସହ ସବ୍ ଗଜବ୍ ରେ ନଜର ଆସିବେ ।



# ଉଜ୍ଜୈନ ମନ୍ଦିରରେ କାଳ ଭୈରବଙ୍କୁ ଲାଗେ ମଦିରା ଭୋଗ

ଆମ ଦେଶରେ ଏମିତି ବହୁତ ମନ୍ଦିର ଅଛି ଯେଉଁମାନେ ନିଜର ଅଜବ ପରମ୍ପରା ଏବଂ ରହସ୍ୟ ପାଇଁ ଜଣାଶୁଣା । ଏମିତି ଏକ ମନ୍ଦିର ରହିଛି ମଧ୍ୟପ୍ରଦେଶ ଉଜ୍ଜେ ?ନରେ । ଉଜେଜେନ କାଳ ଭୈରବ ମନ୍ଦିରର ରହିଛି ଏମିତି କିଛି ରହସ୍ୟ ଯେଉଥିପାଇଁ ଏହା ପ୍ରସିଦ୍ଧ । ଏହି ମନ୍ଦିରରେ କାଳ ଭୈରବ ମଦିରା ପାନ କରନ୍ତି । କିନ୍ତୁ ଏହି ମଦିରା କୁଆଡେ ଯାଏ ତାହା ଆଜି ମଧ୍ୟ ରହସ୍ୟ ଘେରରେ । କାଳ ଭୈରବ ମଦିରା ପିଉଥିବା ଏହି ଦୃଶ୍ୟକୁ ଦେଖିବା ପାଇଁ ସାରା ଦେଶରୁ ଲୋକଙ୍କ ଭିଡ ଜମେ । ମନ୍ଦିର ସହିତ ଜଡିତ କିଛି ଖାସ କଥା ଜାଣନ୍ତୁ : କ୍ଷିପ୍ରା ନଦୀ କୂଳରେ ଭୈରବଗଡ଼ କ୍ଷେତ୍ରରେ କାଳ ଭୈରବଙ୍କ ମନ୍ଦିର ଅବସ୍ଥିତ । ଏହି ମନ୍ଦିରର ସବୁଠାରୁ ବଡ ପରମ୍ପରା ହେଲା ଏଠାରେ କାଳ ଭୈରବଙ୍କୁ ମଦିରା ଭୋଗ ଲଗାଯାଏ । ତେବେ ସବୁଠାରୁ ଆଶ୍ଚର୍ଯ୍ୟ କଥା ହେଲା, ଭୋଗ ଲଗାଯାଇଥିବା ମଦିରା ପାତ୍ର ଦେଖୁ ଦେଖୁ ଖାଲି ହୋଇଯାଇଥାଏ । ତେବେ ଏହି ମଦିରା କୁଆଡେ ଯାଏ ତାହା ରହସ୍ୟମୟ ହୋଇ ରହିଛି । ଏହି ଚମତ୍କାରକୁ ଦେଖିବା ପାଇଁ ଏଠାରେ ପ୍ରତିଦିନ ଶ୍ରଦ୍ଧାଳୁଙ୍କ ଭିଡ ଜମେ । ଅନେକ ବୈଜ୍ଞାନିକ ମଧ୍ୟ ମନ୍ଦିରର ଏହି ରହସ୍ୟ ଜାଣିବା ପାଇଁ ଆସିଲେ କିନ୍ତୁ ଏହି ଚମତ୍କାର ପଛର କାରଣ ଜାଣିପାରିଲେନାହିଁ । କାଳ ଭୈରବଙ୍କୁ ମଦିରା ଅର୍ପଣ କଲାବେଳେ ନିଜର ସମସ୍ତ ପାପ ଭଗବାନଙ୍କୁ ସମର୍ପଣ କରି ପୁଣ୍ୟ ରାସ୍ତାରେ ଚାଲିବ ପାଇଁ ସଂକଳ୍ପ କରିବା ଉଚିତ । ମଦିରା ଶକ୍ତି ଏକ ରୂପ ବୋଲି ବିଶ୍ୱାସ ରହିଛି । କିନ୍ତୁ ଏହି ଶକ୍ତିକୁ ଉପଭୋଗ କରିବା ଅନୁଚିତ । ଯେଉଁଆମେନ ଏହି ଶକ୍ତି ଉପଭୋଗ କରିଥାନ୍ତି ସେମାନେ ପଥଭ୍ରଷ୍ଟ ହୋଇଯାନ୍ତି । ମନ୍ଦିରର ପୂଜାରୀଙ୍କ କହିବାନୁଯାୟୀ, ସ୍କନ୍ଦ ପୁରାଣର ଅବନ୍ତୀ ଖଣ୍ଡରେ ଏହି ମନ୍ଦିରର ବର୍ଣନା କରାଯାଇଛି । ଏହି ମନ୍ଦିରରେ ଭଗବାନ କାଳ ଭୈରବଙ୍କ ବୈଷ୍ଣବ ସ୍ୱରୂପ ପୂଜା ପାଇଥାନ୍ତି । ଅନେକ କିମ୍ବଦନ୍ତୀ ମଧ୍ୟ ମନ୍ଦିର ସହିତ ଜଡିତ ରହିଛି । ଉଜେଜେନର ରାଜା ଭଗବାନ ମହାକାଳ କାଳ ଭୈରବଙ୍କୁ ସହରର ସୁରକ୍ଷା ପାଇଁ ନିଯୁକ୍ତ କରିଥିଲେ । ଏଥିପାଇଁ କାଳ ଭୈରବଙ୍କୁ ସହରର ଜଗୁଆଳି ବୋଲି ମଧ୍ୟ କୁହାଯାଇଥାଏ ।



# ମଣିଷ ହାତରୁ ପାଣି ପିଉଛି କିଙ୍ଗ କୋବ୍ରା

ସାପକୁ ଦେଖିଲେ ପ୍ରାୟତଃ ଭୟ ଲାଗେ । କାଳେ ସେ କ୍ଷତି ପହଞ୍ଚାଇବ ବା ଆକ୍ରମଣ କରିବ ସେନେଇ ଲୋକେ ସାପକୁ ଦେଖିଲେ ଡରନ୍ତି । ସାପ ପାଖକୁ ଯିବାକୁ ଲୋକେ ଭୟ କରନ୍ତି । କିଛି ବିଷାକ୍ତ ସାପ ଅଛନ୍ତି, ଯାହା ଚୋଟରେ ଜୀବନ ମଧ୍ୟ ଚାଲିଯାଏ । କିନ୍ତୁ ନିକଟରେ ଏକ ସାପ ମଣିଷ ହାତରୁ ପାଣି ପିଉଥିବା ଦେଖାଦେଇଛି । ବେଶ୍ ଆରାମରେ କାହାକୁ କିଛି କ୍ଷତି ନପହଞ୍ଚାଇ ସେ ତାର ଶୋଷ ମେଣ୍ଟାଉଛି । ସୋସିଆଲ୍ ମିଡିଆ ଭାଇରାଲ୍ ଭିଡିଓର ଗନ୍ତାଘର । ଜୀବଜନ୍ତୁଙ୍କ ଅନେକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ? ହୁଏ । ଏହି ମଜାଦାର ଭିଡିଓରେ ଭଲ ଭ୍ୟୁ ମିଳେ । ଏହି ଭିଡିଓ ଗୁଡିକ ଦେଖିବାକୁ ଲୋକେ ଖୁବ୍ ? ପସନ୍ଦ ମଧ୍ୟ କରନ୍ତି । ସେମିତି ଏକ ଭିଡିଓ ସୋସିଆଲ୍ ? ମିଡିଆରେ ଭାଇରାଲ୍ ? ହେଉଛି । ମଣିଷକୁ କ୍ଷତି ପହଞ୍ଚାଇବା ବଦଳରେ ପାଣି ପିଉଛି କିଙ୍ଗ କୋବ୍ରା ।୫ଫୁଟରୁ ଅଧିକ ଲମ୍ବା ଥିବା ଏହି ସାପର କାର୍ଯ୍ୟ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଭିଡିଓକୁ ଟ୍ୱିଟରରେ ସେୟାର କରାଯାଇଛି । ଅନେକ ଲୋକ ଏଥିରେ ପ୍ରତିକ୍ରିୟା ଦେଇଛନ୍ତି । କିଛି ଲୋକ ସାପକୁ ଏମିତି ଆରାମରେ ପାଣି ପିଉଥିବାର ଦେଖି ଲୋକେ ଆଶ୍ଚର୍ଯ୍ୟ ଲାଗୁଥିବା କହିଥିବା ବେଳେ କିଛି ଲୋକ ପାଣି ପିଆଉଥିବା ଲୋକ ସାପ ଦେଖି କେମିତି ଭୟ ଭୀୟ ହେଉନାହାନ୍ତି ବୋଲି କହିଛନ୍ତି ।

# ଭାରତ-ବାଂଲାଦେଶ ଫ୍ରେଣ୍ଡସିପ୍ ପାଇପଲାଇନର ଉଦଘାଟନ କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତ-ବାଂଲାଦେଶ ବନ୍ଧୁତ୍ୱ ପାଇପଲାଇନର ଉଦଘାଟନ କରିଛନ୍ତି। ଅନଲାଇନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହସିନା ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ନେଇ ଏକ ନୂଆ ଅଧ୍ୟାୟ ଆରମ୍ଭ ହୋଇଛି। ସେପ୍ଟେମ୍ବର ୨୦୧୮ ରେ ଆମେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲୁ । ମୁଁ ଖୁସି ଯେ ଆଜି ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ସହ ଏହାର ଉଦଘାଟନ କରିବାର ସୁଯୋଗ ଆସିଛି। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ମୁଁ ନିଶ୍ଚିତ ଯେ ଏହି ପାଇପଲାଇନ ବାଂଲାଦେଶର ବିକାଶକୁ ଆହୁରି ତ୍ୱରାନ୍ୱିତ କରିବ ଏବଂ ଏହା ମଧ୍ୟ ଦୁଇ ଦେଶ ମଧ୍ୟରେ ଯୋଗାଯୋଗ ବୃଦ୍ଧି କରିବାର ଏକ ଉତ୍କୃଷ୍ଟ ଉଦାହରଣ ହେବ। ସେ ଆହୁରି ମଧ୍ୟ କହିଛନ୍ତି ଯେ ଏହାର ଫଳ ସ୍ୱରୂପ କୋଭିଡ ମହାମାରୀ ସମୟରେ ଆମେ ରେଳ ନେଟୱାର୍କ ମାଧ୍ୟମରେ ବାଂଲାଦେଶକୁ ଅମ୍ଳଜାନ ପଠାଇବାରେ ସକ୍ଷମ ହୋଇଥିଲୁ। ତାଙ୍କର ଏହି ଦୂରଦୃଷ୍ଟି ପାଇଁ ମୁଁ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କୁ ହୃଦୟରୁ ଅଭିନନ୍ଦନ ଜଣାଉଛି । ଉତ୍ତର ବାଂଲାଦେଶକୁ ଡିଜେଲ ଯୋଗାଇବା ପାଇଁ ୩୭୭ କୋଟି ଟଙ୍କା ବ୍ୟୟ ସହିତ ଏକ ପାଇପଲାଇନ ପ୍ରକଳ୍ପ ପ୍ରସ୍ତୁତ କରାଯାଇଥିଲା। କ'ଣ ଶୁଭ ସମକକ୍ଷ, ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ବଙ୍ଗଳା ଶେଖ ମୁଜିବୁର ରହମାନଙ୍କ ଜନ୍ମ ବାର୍ଷିକୀର ଗୋଟିଏ ଦିନ ପରେ ଆଜିର ଉଦ୍ଘାଟନ ହେଉଛି। ବଙ୍ଗଳାବାବୁଙ୍କ 'ଶୋନାର ବଙ୍ଗଳା' ଦର୍ଶନରେ ସମଗ୍ର ଅଞ୍ଚଳର ସୁସଂଗତ ବିକାଶ ଏବଂ ସମୃଦ୍ଧତା ଅନ୍ତର୍ଭୁକ୍ତ ହୋଇଥିଲା। ଏହି ମିଳିତ ପ୍ରକଳ୍ପ ହେଉଛି ସେମାନଙ୍କର ଦର୍ଶନର ଏକ ଉପଯୁକ୍ତ ଉଦାହରଣ । ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ବାଂଲାଦେଶକୁ ଭାରତ ୧୧୦୦ ମେଗାୱାଟରୁ ଅଧିକ ଶକ୍ତି ଯୋଗାଉଛି। ମୈତ୍ରୀ ସୁପର ଥର୍ମାଲ୍ ପାୱାର୍ ପ୍ରୋଜେକ୍ଟର ପ୍ରଥମ ୟୁନିଟ୍ କାର୍ଯ୍ୟକ୍ଷମ ହୋଇଛି । ଗତ ବର୍ଷ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ଭାରତ ଗସ୍ତ ସମୟରେ ଏହାକୁ ଉଦଘାଟନ କରାଯାଇଥିଲା। ବର୍ତ୍ତମାନ ଆମେ ଶୀଘ୍ର ଦ୍ୱିତୀୟ ୟୁନିଟ୍ ଆରମ୍ଭ କରିବା ଦିଗରେ କାର୍ଯ୍ୟ କରୁଛୁ । ଏହା ହେଉଛି ଦୁଇ ଦେଶ ମଧ୍ୟରେ ପ୍ରଥମ କ୍ରସର ସୀମା ପାଇପଲାଇନ । ପ୍ରାୟ ୩୭୭ କୋଟି ଟଙ୍କା ବ୍ୟୟରେ ଏହା ନିର୍ମାଣ କରାଯାଇଛି। ମୋଟ ଖର୍ଚ୍ଚ ମଧ୍ୟରୁ ବାଂଲାଦେଶରେ ପାଇପଲାଇନ ସ୍ଥାପନ ପାଇଁ ୨୮୫ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଅନୁଦାନ ସହାୟତାରେ ଭାରତ ଏହି ରାଶି ଖର୍ଚ୍ଚ କରିଛି।

## ଗିରଫ ହେବେ ପୁଟିନ୍!

ମସ୍କୋ: ଗିରଫ ହୋଇପାରନ୍ତି ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍। ତାଙ୍କ ବିରୋଧରେ ଜାରି ହୋଇଛି ୱାରେଣ୍ଟ। ଅନ୍ତର୍ଜାତୀୟ ଅପରାଧିକ ନ୍ୟାୟାଳୟ ତଥା ଆଇସିସି ଏହି ଗିରଫ ପରୱାନା ଜାରି କରିଛି। ଯୁଦ୍ଧ ଅପରାଧ ପାଇଁ ତାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି। ୟୁକ୍ରେନର ପିଲାମାନଙ୍କୁ ବଳପୂର୍ବକ ବେଆଇନ୍ ଭାବେ ନିର୍ବାସନର ସମ୍ପୃକ୍ତି ଥିବା ଆଇସିସି ପୁଟିନଙ୍କ ବିରୋଧରେ ଅଭିଯୋଗ ଆଣିଛନ୍ତି। ସେ ସିଧାସଳଖ ଏହି କାମରେ ସାମିଲ ଅଛନ୍ତି ଏବଂ ଅନ୍ୟମାନଙ୍କୁ ସାହାଯ୍ୟ କରିଥିବାର ପ୍ରମାଣ ରହିଛି ବୋଲି କୋର୍ଟ କହିଛନ୍ତି। ପୁଟିନ୍‌ଙ୍କ ସମତେ ଆଉ ଜଣଙ୍କ ବିରୋଧରେ ମଧ୍ୟ



କୋର୍ଟ ଗିରଫ ୱାରେଣ୍ଟ ଜାରି କରାଯାଇଛି। ରୁଷର ଶିଶୁ ଅଧିକାର କମିଶନର ମାରିଆ ଲାଭୋଭା-ବେଲୋଭାଙ୍କୁ ମଧ୍ୟ ଆଇସିସି ଅପରାଧୀ ଘୋଷଣା କରିଛି। କୋର୍ଟ କହିଛନ୍ତି, ରୁଷ ଆକ୍ରମଣ ପରେ ୟୁକ୍ରେନ୍ରେ ଅତ୍ୟଧିକ ଅପରାଧ କରାଯାଇଥିଲା। ଏଥିପାଇଁ ପୁଟିନ୍ ହିଁ ଦାୟୀ। ସେପଟେ ଆଇସିସିର ଏହି ଗିରଫ ୱାରେଣ୍ଟକୁ ନେଇ ରୁଷର ପ୍ରତିକ୍ରିୟା ସାମ୍ନାକୁ ଆସିଛି। ରୁଷ ଅନ୍ତର୍ଜାତୀୟ ଅପରାଧିକ ନ୍ୟାୟାଳୟ ଆଣିଥିବା ଅଭିଯୋଗକୁ ଖଣ୍ଡନ କରିଛି।

# ଭାରତ-ଚୀନ ସ୍ଥିତି ବିପଜ୍ଜନକ: ଜୟଶଙ୍କର



ନୂଆଦିଲ୍ଲୀ : ଭାରତ ଏବଂ ଚାଇନ ମଧ୍ୟରେ ଚାଲିଥିବା ସୀମା ବିବାଦକୁ ନେଇ ବହିର୍ବ୍ୟାପାର ମନ୍ତ୍ରୀ ଏସ ଜୟଶଙ୍କରଙ୍କର ବଡ ବିବୃତ୍ତି ଆସିଛି। ପଶ୍ଚିମ ହିମାଳୟ ଅଞ୍ଚଳରେ ଲଦାଖର ଭାରତ ଏବଂ ଚାଇନ ମଧ୍ୟରେ ପରିସ୍ଥିତିକୁ ସେ ଗୁରୁତର ଏବଂ ବିପଜ୍ଜନକ ବୋଲି ବର୍ଣ୍ଣନା କରିଛନ୍ତି। ଲଦାଖର କିଛି ଅଞ୍ଚଳରେ ସାମରିକ ବାହିନୀ ପରସ୍ପରର ଅତି ନିକଟବର୍ତ୍ତୀ ଥିବାରୁ ସ୍ଥିତି ଅଧିକ ସଙ୍କଟ ଜନକ ହେବାରେ ଲାଗିଛି। ୨୦୨୦ ମଧ୍ୟଭାଗରେ ଏହି ଅଞ୍ଚଳରେ ଉଭୟ ପକ୍ଷ ମଧ୍ୟରେ ହୋଇଥିବା ସଂଘର୍ଷରେ ଆମର ୨୦ ଯବାନ ଶହୀଦ ହୋଇଥିଲେ। ଚାଇନାର ୪୦ ରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟିଥିଲା। କେତେକ ଆହତ ମଧ୍ୟ ହୋଇଥିଲେ। ତେବେ କୂଟନୈତିକ ଏବଂ ସାମରିକ ଆଲୋଚନା ମାଧ୍ୟମରେ ପରିସ୍ଥିତି ଶାନ୍ତ ହୋଇଯାଇଥିଲା। ଡିସେମ୍ବର ମାସରେ ଦୁଇ ଦେଶ ମଧ୍ୟରେ ଅଚିହ୍ନା ସୀମାର ପୂର୍ବ ସେକ୍ଟରରେ ହିଂସା ଆରମ୍ଭ ହୋଇଥିଲା, କିନ୍ତୁ ଏହି ଘଟଣାରେ କାହାର ମୃତ୍ୟୁ ହୋଇନାହିଁ । ସେପ୍ଟେମ୍ବର ୨୦୨୦ ରେ ଚାଇନା ପ୍ରତିପକ୍ଷଙ୍କ ସହ ହୋଇଥିବା ଚୁକ୍ତିନାମା ଅନୁଯାୟୀ ସୀମା ବିବାଦର ସମାଧାନ ନ ହେବା ପର୍ଯ୍ୟନ୍ତ ଭାରତ-ଚାଇନା ସମ୍ପର୍କ ସ୍ୱାଭାବିକ ହୋଇପାରିବ ନାହିଁ। ସମାଧାନ ହୋଇ ନ ଥିବା ପ୍ରସଙ୍ଗରେ ଆଲୋଚନା ଚାଲିଛି। ଆମେ ଏହା ସ୍ପଷ୍ଟ କରିଛୁ ଯେ ଆମେ ଶାନ୍ତି ଭଙ୍ଗ କରିପାରିବୁ ନାହିଁ। ଚାଇନା ଚୁକ୍ତିନାମାକୁ ଉଲ୍ଲଂଘନ କରିପାରିବ ନାହିଁ ।

# କୋଭିଡ୍-୧୯ର ଉତ୍ପତ୍ତି ସଂପର୍କରେ ପ୍ରକୃତ ତଥ୍ୟ ଦେବା ପାଇଁ ଚୀନକୁ ନିର୍ଦ୍ଦେଶ

ଜେନିଭା: ୨୦୨୦ରେ ଉହାନ୍ ବଜାରରୁ ସଂଗ୍ରହ କରିଥିବା ନମୁନା ସମ୍ବନ୍ଧୀୟ ତଥ୍ୟାବଳି ଦେଉ ନ ଥିବାରୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଚୀନକୁ ସମାଲୋଚନା କରିଛି। ଏହାଛଡ଼ା, ଏହି ତଥ୍ୟାବଳି କୋଭିଡ୍-୧୯ ମହାମାରୀର ଉତ୍ପତ୍ତି ବିଷୟରେ ଗୁରୁତ୍ୱପୂର୍ଣ୍ଣ ସୂଚନା ଯୋଗାଇ ଦେଇପାରନ୍ତା କହି, ଚୀନ୍ କରିଥିବା ତଦନ୍ତର ଫଳାଫଳ ସେୟାର୍ କରିବାରେ ସାଧୁତା ଅବଲମ୍ବନ କରିବା ଲାଗି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ବେଜିଙ୍ଗକୁ କହିଛି। ଉଲ୍ଲେଖଯୋଗ୍ୟ, କେନ୍ଦ୍ରୀୟ ଚୀନ୍ର ଉହାନ୍ ନଗରୀ ହେଉଛି ମହାମାରୀର କେନ୍ଦ୍ରସ୍ଥଳ। ୨୦୧୯ ଶେଷ ଭାଗରେ ସେଠାରୁ ଉତ୍ପତ୍ତି ହେବା ପରେ 'ସାର୍ସ-କୋଭ୍-୨' ଭୂତାଣୁ ଦ୍ରୁତ ବେଗରେ ଉହାନ୍ର ଅନ୍ୟ ପ୍ରାନ୍ତକୁ ବ୍ୟାପିଯିବା ପରେ ବିଶ୍ୱର ବାକି ଦେଶମାନଙ୍କୁ ବ୍ୟାପିଯାଇଥିଲା। ଶୁକ୍ରବାର ଦିନ ଜିନିଭାରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ମହାନିର୍ଦ୍ଦେଶ ଡାକ୍ତର ଟେଡ୍ରସ୍ ଆଧନୋମ୍ ଗେବ୍ରେସିୟସ୍ କହିଛନ୍ତି, କୋଭିଡ୍-୧୯ର ଉତ୍ପତ୍ତି ସମ୍ବନ୍ଧୀୟ ପ୍ରତ୍ୟେକଟି ଅଧ୍ୟୟନ ତୁରନ୍ତ ଆନ୍ତର୍ଜାତିକ ସମୁଦାୟଙ୍କୁ ସେୟାର୍ କରାଯିବା ଆବଶ୍ୟକ। ଏହି ତଥ୍ୟାବଳି ୩ ବର୍ଷ ପୂର୍ବରୁ ସେୟାର୍ କରାଯାଇ ପାରିଥାଆନ୍ତା ଓ କରାଯିବା ଉଚିତ ଥିଲା।



ତଥ୍ୟାବଳି ଯୋଗାଇ ଦେବାରେ ସାଧୁତା ଅବଲମ୍ବନ କରିବା ଏବଂ ଆବଶ୍ୟକ ତଦନ୍ତ କରି ଫଳାଫଳ ସେୟାର୍ କରିବା ଲାଗି ଆମେ ଚୀନ୍କୁ କହିଆସୁଛୁ। ମହାମାରୀ କିପରି ଆରମ୍ଭ ହେଲା ତାହା ବୁଝିବା ଉଭୟ ନୈତିକ ଏବଂ ବୈଜ୍ଞାନିକ ଦୃଷ୍ଟିକୋଣରୁ ତାତ୍ପର୍ଯ୍ୟପୂର୍ଣ୍ଣ ବୋଲି ସେ କହିଛନ୍ତି।

# ଅଳ୍ପକେ ବର୍ତ୍ତିଲେ ଇମ୍ରାନ୍, କାର୍‌କେଡ୍‌ରେ ସାମିଲ ଗାଡ଼ି ଦୁର୍ଘଟଣାଗ୍ରସ୍ତ



ଇସଲାମାବାଦ : ଅଳ୍ପକେ ବର୍ତ୍ତିଲେ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ତେହରିକ-ଏ-ଇନ୍ସାଫ(ପିଟିଆ)ର ମୁଖ୍ୟ ଇମ୍ରାନ ଖାନ୍। ତାଙ୍କ କାର୍କେଡରେ ସାମିଲ ହୋଇଥିବା ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। ପରସ୍ପର ମଧ୍ୟରେ ଧକ୍କା ହୋଇଛି କାର୍। ଏହି ଦୁର୍ଘଟଣାରେ ତିନି ଜଣ ଆହତ ହୋଇଛନ୍ତି। ତେବେ ଇମ୍ରାନ ଖାନ୍ ସୁରକ୍ଷିତ ଥିବା କୁହାଯାଉଛି। ତାଙ୍କ ଗାଡିର ମଧ୍ୟ କୌଣସି କ୍ଷତି ହୋଇନାହିଁ। ନିର୍ବାଚନ ଆୟୋଗ ଦାଖଲ କରିଥିବା ଅଭିଯୋଗ ସହ ଜଡିତ ପ୍ରକ୍ରିୟାରେ ଇମ୍ରାନ ଖାନ ଏଡିଏସଜେ ଜାଫର ଇକବାଲଙ୍କ କୋର୍ଟରେ ହାଜର ହେବାକୁ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ସେପଟେ ଏହାକୁ ନେଇ ଏକ ଭିଡିଓ ମେସେଜ ଶେଆର କରିଛନ୍ତି ପିଟିଆଇ ମୁଖ୍ୟ। ସେ କହିଛନ୍ତି, ଇସଲାମାବାଦର ଅଦାଲତରେ ହାଜର ହେବାକୁ ଯାଉଥିଲ। ଦୁର୍ଭାଗ୍ୟବଶତଃ ଏହି ଦୁର୍ଘଟଣା ଘଟିଛି। ଏଥିପାଇଁ ବିଳମ୍ବ ହୋଇଛି। ମୋତେ ଗିରଫ କରିବା ପାଇଁ ସରକାର ପୂରା ଯୋଜନା କରିଛନ୍ତି। ସେ ଆହୁରି କହିଛନ୍ତି, ମୋ ଘର ଉପରେ ଏମାନେ ଆକ୍ରମଣ କରିଛନ୍ତି, ମୋତେ ଜେଲ୍ ପଠାଇବା କେବଳ ସରକାରଙ୍କ ଉଦ୍ଦେଶ୍ୟ। ମୁଁ ଜାଣିଛି ମୋତେ ଗିରଫ କରାଯିବ, କିନ୍ତୁ ଏହାପରେ ବି ମୁଁ ଅଦାଲତ ଯାଉଛି। କାରଣ ଆଇନକୁ ମୁଁ ସମ୍ମାନ କରେ। ଉଲ୍ଲେଖଯୋଗ୍ୟ, ଇସଲାମାବାଦ କୋର୍ଟ ଆଜି ତୋସାଖାନା ମାମଲାରେ ଇମ୍ରାନ ଖାନଙ୍କ ବିରୋଧରେ ଆଜି ଶୁଣାଣି ହେବେ। ପୂର୍ବ ଶୁଣାଣିରେ ହାଜର ହୋଇ ନ ଥିବାରୁ ଇମ୍ରାନ ଖାନଙ୍କୁ ଗିରଫ କରିବା ପାଇଁ ପୁଲିସର ଉଦ୍ୟମ ଏପର୍ଯ୍ୟନ୍ତ ବିଫଳ ହୋଇଛି। ତେବେ ଇମ୍ରାନ ଖାନ୍ କୋର୍ଟ ହାଜର ହେବା ପୂର୍ବରୁ କୋର୍ଟ କମ୍ପ୍ଲେକ୍ସରେ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଛି। କ୍ରିକେଟ୍ କିମ୍ବଦନ୍ତୀ ଇମ୍ରାନ ଖାନ ଦୁର୍ନୀତି ମାମଲାରେ ଛନ୍ଦି ହୋଇଛନ୍ତି। ନିଜ ପ୍ରଧାନମନ୍ତ୍ରୀତ୍ୱ କାଳରେ ଇମ୍ରାନ ଖାନ ବିଦେଶୀ ପ୍ରତିପକ୍ଷଙ୍କଠାରୁ ପାଇଥିବା ଉପହାରକୁ ବେନିୟମ ଭାବେ ବିକ୍ରି କରିଥିବା ଅଭିଯୋଗ ହୋଇଥିଲା। ପାକିସ୍ତାନର ନିର୍ବାଚନ ଆୟୋଗ ଏହି ମାମଲାରେ ଇମ୍ରାନ ଖାନଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ଏନେଇ ମାମଲା ରୁଜୁ ହୋଇଥିବା ବେଳେ ଗତ ସପ୍ତାହରେ ଜାମିନ ବୀହିନ ଗିରଫ ପରୱାନା ଜାରି ହୋଇଥିବା ବେଳେ ୧୬ ତାରିଖ ପର୍ଯ୍ୟନ୍ତ ୱାରେଣ୍ଟ ସ୍ଥଗିତ ରଖାଯାଇଥିଲା।

# ନୂଆ ଭାରତରେ ମଦ୍ରାସାର ଆବଶ୍ୟକତା ନାହିଁ : ଆସାମ ମୁଖ୍ୟମନ୍ତ୍ରୀ



ନୂଆଦିଲ୍ଲୀ: ଆସାମରେ କ୍ଷମତାସୀନ ବିଜେପି ସରକାର ରାଜ୍ୟରେ ବାକି ରହିଥିବା ମଦ୍ରାସା ଗୁଡ଼ିକୁ ମଧ୍ୟ ବନ୍ଦ କରିବାକୁ ଲକ୍ଷ୍ୟ ରଖିଛି । ପୂର୍ବରୁ ରାଜ୍ୟ ସରକାରଙ୍କ ସହାୟତାରେ ଚାଲିଥିବା ମଦ୍ରାସାଗୁଡ଼ିକୁ ସାଧାରଣ ସ୍କୁଲରେ ପରିଣତ କରାଯାଇଥିଲା। ଏବେ ମୁସଲିମ ସଂପ୍ରଦାୟର ପିଲାମାନେ ନିଜର ପ୍ରାଥମିକ ଶିକ୍ଷା ଗ୍ରହଣ କରୁଥିବା ବାକି ମଦ୍ରାସା ଗୁଡ଼ିକୁ ବି ବନ୍ଦ କରିବାକୁ ଯୋଜନା କରିଛନ୍ତି ଆସାମ ସରକାର। ନୂଆ ଭାରତରେ ଏପରି କୌଣସି ଧାର୍ମିକ ଶିକ୍ଷାର ଆବଶ୍ୟକତା ନାହିଁ ବୋଲି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା କହିବା ପରେ ଏପରି ଚର୍ଚ୍ଚା ଆରମ୍ଭ ହୋଇଛି। କର୍ଣ୍ଣାଟକାରେ ବିଜେପି ପାଇଁ ପ୍ରଚାର କରୁଥିବା ବିଶ୍ୱଶର୍ମା କହିଛନ୍ତି, "ଆସାମ ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟ ଚାହେଁ। ଏହାଦ୍ୱାରା ଏଠାରୁ ଡାକ୍ତର, ଇଞ୍ଜିନିୟର ଓ ଅନ୍ୟ ଶିକ୍ଷିତ ପିଲା ବାହାରିବେ। ସେମାନେ ରାଜ୍ୟ ଓ ଦେଶର ସେବା କରିବାକୁ ସକ୍ଷମ ହେବେ। ତେଣୁ ନୂଆ ଭାରତ ଓ ଆସାମ ଏପରି ବ୍ୟବସ୍ଥା ଚାହେଁ। ନୂଆ ଭାରତରେ ମଦ୍ରାସା ଭଳି ଧାର୍ମିକ ଶିକ୍ଷାନୁଷ୍ଠାନର କୌଣସି ଆବଶ୍ୟକତା ନାହିଁ।" ଆସାମରେ ବିଜେପି ସରକାର ଗତବର୍ଷ ସରକାରୀ ଅନୁଦାନରେ ଚାଲୁଥିବା ପ୍ରାୟ ୬୦୦ଟି ମଦ୍ରାସାକୁ ବନ୍ଦ କରି ଦେଇଥିଲେ। ହେଲେ ଘରୋଇ ସଂଗଠନ ଦ୍ୱାରା ପରିଚାଳିତ ମଦ୍ରାସାଗୁଡ଼ିକ ବିରୋଧରେ କୌଣସି ପ୍ରକାରର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିଲେ। ସରକାରଙ୍କ ନିଷ୍ପତ୍ତିକୁ ଗୌହାଟୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିବା ବେଳେ ଏହା ଅଗ୍ରାହ୍ୟ ହୋଇଯାଇଥିଲା। ଏବେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା କହିଛନ୍ତି, "ମୁଁ ଆସାମରୁ ଆସିଛି। ସେଠାରେ ପ୍ରତିଦିନ ବାଂଲାଦେଶରୁ ଅନୁପ୍ରବେଶର ବିପଦ ରହିଛି। ଆମ ସଂସ୍କୃତି ଓ ପରମ୍ପରା ଉପରେ ବିପଦ ରହୁଛି। ଆମକୁ ପ୍ରଥମେ ଆମ ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବାକୁ ପଡ଼ିବ। ଇତିହାସକୁ ପୁଣି ଲେଖିବା ପାଇଁ ସମୟ ଆସିଛି। କାରଣ ଆମ ଇତହାସକୁ ଧ୍ୱଂସ କରିଦିଆଯାଉଛି।" କଂଗ୍ରେସକୁ ଟାର୍ଗେଟ କରି ସେ ଅଭିଯୋଗ କରିଛନ୍ତି ଯେ ଦେଶର ଏହି ସର୍ବପୁରୁତାନ ରାଜନୀତିକ ଦଳ ନୂଆ ମୋଗଲକୁ ପ୍ରତିନିଧିତ୍ୱ କରୁଛି। ସେ କହିଛନ୍ତି, "ପୂର୍ବରୁ ମୋଗଲ ଅନୁପ୍ରବେଶକାରୀ ଭାରତକୁ ଦୁର୍ବଳ କରିବାକୁ ଚେଷ୍ଟା କରିଥିଲେ। ଏବେ କଂଗ୍ରେସ ସମାନ କାମ କରୁଛି। କାହିଁକି ଆପଣ ବାବ୍ରୀ ମସଜିଦ ସପକ୍ଷରେ କହୁଛନ୍ତି ? ରାମ ମନ୍ଦିର ସପକ୍ଷରେ କାହିଁକି ମତ ରଖୁନାହାନ୍ତି ?" ବିଶ୍ୱଶର୍ମା ଦାବି କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୋଟିଏ ନୂଆ ଭାରତର ନେତୃତ୍ୱ ନେଉଛନ୍ତି। ସେ ବିଲୁପ୍ତ ହୋଇଯାଉଥିବା ଦେଶର ସଂସ୍କୃତି, ପରମ୍ପରା ଓ ଧର୍ମପୀଠକୁ ଉଦ୍ଧାର କରିବା ପାଇଁ ଚେଷ୍ଟା କରୁଛନ୍ତି।

# ଆଇପିଏସ ଡେପୁଟେଶନ: ମନା କଲେ ପଡ଼ିବ ମହଙ୍ଗା



ନୂଆଦିଲ୍ଲୀ: ବହୁ ବର୍ଷ ଧରି କେନ୍ଦ୍ରରେ ଡେପୁଟେଶନରେ ଆସୁଥିବା ଆଇପିଏସ ଅଫିସରଙ୍କ କୋଟା ପୂରଣ ହୋଇ ପାରି ନାହିଁ। ଆଇପିଏସ ଡିଜି, ଏସଡିଜି, ଏଡିଜି, ଆଇଜି, ଡିଜି ଏବଂ ଏସପିଙ୍କ ଅନୁମୋଦିତ ପଦଗୁଡିକର ପ୍ରାୟ ପଚାଶ ପ୍ରତିଶତ ଖାଲି ପଡ଼ିଛି। ଆଇପିଏସ, ଡିଆଇଜି ଏବଂ ଏସପିଙ୍କର ପୋଷ୍ଟଗୁଡିକର ଅବସ୍ଥା ମଧ୍ୟ ଖରାପ ରହିଛି। ତେବେ ଏବେ ଆଇପିଏସ ଅଫିସର ଆଉ କେନ୍ଦ୍ରୀୟ ଡେପୁଟେଶନକୁ ହାଲୁକା ଭାବେ ଗ୍ରହଣ କରି ପାରିବେ ନାହିଁ। ଏଥିପାଇଁ କେନ୍ଦ୍ର ସରକାର ଗତ ବର୍ଷ ଡେପୁଟେଶନ ନିୟମକୁ ସରଳୀକୃତ କରିଥିଲେ ଏବଂ ଅଧିକାରୀମାନଙ୍କୁ ମଧ୍ୟ ଚେତାବନୀ ଦେଇଥିଲେ। ବର୍ତ୍ତମାନ କେନ୍ଦ୍ର ସରକାର ସ୍ପଷ୍ଟ କରିଛନ୍ତି ଯେ ଯଦି କେନ୍ଦ୍ରୀୟ ଡେପୁଟେଶନ ପାଇଁ ଆଇପିଏସ ଅଫିସରଙ୍କୁ ଅନୁମୋଦିତ କରାଯାଏ ଏବଂ ସେ ତାଙ୍କ ନିଯୁକ୍ତିକୁ ଗ୍ରହଣ କରିବାରେ ବିଫଳ ହୁଅନ୍ତି, ତେବେ ତାଙ୍କୁ କେନ୍ଦ୍ରୀୟ ଡେପୁଟେଶନ ଏବଂ ପାଞ୍ଚ ବର୍ଷ ପାଇଁ ବିଦେଶୀ ପୋଷ୍ଟିଂ / ପରାମର୍ଶରୁ ବଞ୍ଚିତ କରାଯିବ। ସ୍ୱରାଷ୍ଟ୍ର ରାଷ୍ଟ୍ର ମନ୍ତ୍ରୀ ନିତ୍ୟାନନ୍ଦ ରାୟ କହିଛନ୍ତି ଯେ ସମ୍ବିଧାନର ଧାରା -୩୧୨ ଅନୁଯାୟୀ ଆଇପିଏସ ଉଭୟ କେନ୍ଦ୍ର ଏବଂ ରାଜ୍ୟ ପାଇଁ ଏକ ଅଲ ଇଣ୍ଡିଆ ସେବା ଅଟେ। ବିଭିନ୍ନ ରାଜ୍ୟ କ୍ୟାଡରଙ୍କୁ ଦିଆଯାଇଥିବା ଆଇପିଏସ ଅଧିକାରୀଙ୍କ ଦ୍ୱାରା ବିଭିନ୍ନ ପୋଲିସ ଏବଂ କେନ୍ଦ୍ର ସରକାରଙ୍କ ଅନ୍ୟାନ୍ୟ ସଂଗଠନ / ବିଭାଗରେ ଏକ ନିର୍ଦ୍ଦିଷ୍ଟ ସଂଖ୍ୟକ ପଦବୀ ପୂରଣ ହୋଇଛି। ୧୯୫୪ ର ଆଇପିଏସ (କ୍ୟାଡର) ନିୟମର ନିୟମ ୬ (୧) ଅନୁଯାୟୀ, ଆଇପିଏସ ଅଧିକାରୀଙ୍କୁ କେନ୍ଦ୍ର ସରକାରଙ୍କୁ ପଠାଇବା ପାଇଁ ଏକ ବ୍ୟବସ୍ଥା କରାଯାଇଛି। ଏହା ପରେ,ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ, ଆଇପିଏସ ପାଇଁ କ୍ୟାଡର କଣ୍ଟ୍ରୋଲ ଅଥରିଟି ହୋଇ, ପ୍ରତିବର୍ଷ ସମସ୍ତ ରାଜ୍ୟ ସରକାର / କ୍ୟାଡରଙ୍କ ଠାରୁ ସେଣ୍ଟ୍ରାଲ ଡେପୁଟେଶନ ରିଜର୍ଭ କୋଟାରେ କେନ୍ଦ୍ରୀୟ ଡେପୁଟେଶନ ପାଇଁ ଅନୁରୋଧ କରିଥାନ୍ତି।

## ନାଟୋ ସଦସ୍ୟତା ଦୌଡ଼ରେ ସ୍ୱୀଡେନ: ଆମେରିକାର ସମର୍ଥନ

ୱାଶିଂଟନ : ତୁର୍କୀ ରାଷ୍ଟ୍ରପତି ତାଇପ ଏର୍ଦୋଗନଙ୍କ ଘୋଷଣାକୁ ଆମେରିକା ସ୍ୱାଗତ କରିଛି ଯେ ଦେଶର ସଂସଦ ଫିନଲାଣ୍ଡର ନାଟୋ ସଦସ୍ୟତାକୁ ଅନୁମୋଦନ ପ୍ରକ୍ରିୟା ଆରମ୍ଭ କରିବ। ଏଥିସହ ଆମେରିକା ତୁର୍କୀକୁ ସାମରିକ ମିଳିତ ମଞ୍ଚରେ ସ୍ୱିଡେନର ପ୍ରବେଶକୁ ଶୀଘ୍ର ଅନୁମୋଦନ କରିବାକୁ ଉତ୍ସାହିତ କରିଛି। ହ୍ୱାଇଟ ହାଉସର ଜାତୀୟ ସୁରକ୍ଷା ପରାମର୍ଶଦାତା ଜେକେ ସଲିଭାନ କହିଛନ୍ତି ଯେ ସ୍ୱିଡେନ ଏବଂ ଫିନଲାଣ୍ଡ ଉଭୟ ଶକ୍ତିଶାଳୀ, ଦକ୍ଷ ଅଂଶୀଦାର ଯେଉଁମାନେ ନାଟୋର ମୂଲ୍ୟକୁ ହୃଦବୋଧ କରିଛନ୍ତି ଏବଂ ଏହି ମଞ୍ଚକୁ ମଜବୁତ କରିବେ ତଥା ୟୁରୋପୀୟ ସୁରକ୍ଷା ପାଇଁ ସହଯୋଗ କରିବେ। ଆମେରିକା କହିଛି ଯେ ଉଭୟ ଦେଶ ଯଥାଶୀଘ୍ର ନାଟୋର ସଦସ୍ୟ ହେବା ଆବଶ୍ୟକ। ରୁଷିଆ ଏବଂ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧରେ ଏପର୍ଯ୍ୟନ୍ତ କୌଣସି ଫଳାଫଳ ଦୃଶ୍ୟମାନ ହେଉନାହିଁ। ଏହି ସମୟରେ, ଫିନଲାଣ୍ଡ ଖୁବ ଶୀଘ୍ର ନାଟୋ ସଦସ୍ୟତା ହାସଲ କରିବାକୁ ଯାଉଛି। ଏଥିପାଇଁ ତୁର୍କୀ ରାଷ୍ଟ୍ରପତି ତାଇପ ଏର୍ଦୋଗନ ତାଙ୍କ ସମ୍ମତି ଦେଇଛନ୍ତି ଏବଂ ଫିନଲାଣ୍ଡର ନାଟୋ ସଦସ୍ୟତା ଆବେଦନ ଗ୍ରହଣ କରିଛନ୍ତି। ଏର୍ଦୋଗନଙ୍କ ଅନୁମୋଦନ ବିନା ଫିନଲାଣ୍ଡ ଯୋଗଦାନ କରିପାରିବ ନାହିଁ କାରଣ ନାଟୋ ଦେଶମାନେ ସର୍ବସମ୍ମତି କ୍ରମେ ନୂତନ ସଦସ୍ୟଙ୍କ ସହ ସହମତ ହେବା ଜରୁରୀ। ଫିନଲାଣ୍ଡର ରାଷ୍ଟ୍ରପତି ସୈଲି ନିନିସ୍ତୋ ଫିନଲାଣ୍ଡର ନାଟୋ ସଦସ୍ୟତା ଆବେଦନ ପ୍ରକ୍ରିୟା ଆରମ୍ଭ କରିବାକୁ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି।

## ଏସସିବିଏ ସ୍ଥାୟୀ କମିଟିରେ ସାମିଲ ହେବାକୁ ସିଜେଆଇଙ୍କୁ କଲେ ଅନୁରୋଧ

ନୂଆଦିଲ୍ଲୀ : ଦେଶର ପ୍ରଧାନ ବିଚାରପତି ଡି.ୱାଇ ଚନ୍ଦ୍ରଚୂଡ଼ ନାଗରିକ ସଂସ୍ଥାଗୁଡ଼ିକର ଭିତ୍ତିଭୂମି ନେଇ ଅନେକ ଥର ଉଦବେଗ ପ୍ରକାଶ କରିଛନ୍ତି। ବର୍ତ୍ତମାନ ସୁପ୍ରିମକୋର୍ଟ ବାର ଆସୋସିଏଶନ (ଏସସିବିଏ) ପ୍ରଧାନ ବିଚାରପତି (ସିଜେଆଇ)ଙ୍କୁ ଚିଠି ଲେଖି ଷ୍ଟାଣ୍ଡିଂ କମିଟିରେ ପ୍ରତିନିଧିତ୍ୱ କରିବାକୁ ଅନୁରୋଧ କରିଛନ୍ତି ଯାହା ଭିତ୍ତିଭୂମି ସୃଷ୍ଟି ଏବଂ ବାର ଦ୍ୱାରା ଏହାର ବ୍ୟବହାର ସହ ଜଡିତ। ସିଜେଆଇଙ୍କୁ ଲେଖିଥିବା ଏକ ପତ୍ରରେ ଏସସିବିଏ ସଭାପତି ବିକାଶ ସିଂ କହିଛନ୍ତି ଯେ ଅତିରିକ୍ତ ଭିତ୍ତିଭୂମି ଯୋଜନା କିମ୍ବା ବାସ୍ତବିକ ଢାଞ୍ଚାର ସୃଷ୍ଟିରେ ବାର୍ ସଂସ୍ଥାର ପ୍ରତିନିଧିତ୍ୱ ଅଭାବରୁ ବାରର ଆବଶ୍ୟକତାକୁ ଯଥେଷ୍ଟ ଧ୍ୟାନ ଦିଆଯାଉ ନାହିଁ।

## ଲିଫ୍ଟ ତାର ଛିଡିବାରୁ ୩ଜଣଙ୍କ ମୃତ୍ୟୁ

ଅମରାବତୀ: ବିଜୟୱାଡା ଥର୍ମାଲ ପାୱାର ଷ୍ଟେସନ(ଭିଟିପିଏସ)ରେ ଥିବା ଲିଫ୍ଟର ତାର ଛିଡିବାରୁ ୩ଜଣଙ୍କ ମୃତ୍ୟୁ। ଶନିବାର ଆନ୍ଧ୍ରପ୍ରଦେଶରେ ଥିବା ଭିଟିପିଏସରେ ଏହି ବଡ଼ ଦୁର୍ଘଟଣା ଘଟିଛି। ସୂଚନାନୁସାରେ, ଏଠାରେ ଥିବା ଲିଫ୍ଟର ତାର ଛିଡିଯିବାରୁ ତିନି ଜଣଙ୍କର ମୃତ୍ୟୁ ଘଟିଛି। କୁହାଯାଉଛି ଯେ ଦୁର୍ଘଟଣା ସମୟରେ ଲିଫ୍ଟ ଭିତରେ ୮ଜଣ ଲୋକ ଉପସ୍ଥିତ ଥିଲେ। ସୂଚନା ମୁତାବକ, ଦୁର୍ଘଟଣା ସମ୍ପର୍କରେ ଖବର ପାଇବା ମାତ୍ରେ ଭିଟିପିଏସ୍ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ବହୁ କଷ୍ଟ ପରେ ଆହତମାନଙ୍କୁ ବାହାରକୁ ବାହାର କରାଯାଇଥିଲା। ଭିଟିପିଏସ୍ କର୍ମଚାରୀ ଆହତମାନଙ୍କୁ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ନେଇଥିଲେ। ହେଲେ ସେଠାରେ ୩ଜଣକର ମୃତ୍ୟୁ ହୋଇଥିଲା।

## ଭାରତ-ପାକ୍ ବାଣିଜ୍ୟ ସମ୍ପର୍କ ବନ୍ଦ ହେବ ନାହିଁ

ଇସଲାମାବାଦ: ଭାରତ ପାକିସ୍ତାନ ସହ ବାଣିଜ୍ୟ ସମ୍ପର୍କକୁ କେବେ ବି ବନ୍ଦ କରି ନାହିଁ। ଭାରତ ସବୁବେଳେ ପାକିସ୍ତାନ ସହ ବାଣିଜ୍ୟିକ ସମ୍ପର୍କକୁ ସ୍ୱାଭାବିକ କରିବାକୁ ଚାହେଁ। ପାକିସ୍ତାନରେ ଭାରତର ଡେପୁଟି ହାଇ କମିଶନର ସୁରେଶ କୁମାର ଲାହୋର ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଏଲସିସିଆଇ)ରେ ଭାଷଣ ଦେବା ସମୟରେ ଏହି ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି, ଭାରତ ସବୁବେଳେ ପାକିସ୍ତାନ ସହ ଭଲ ସମ୍ପର୍କ ଚାହୁଁଛି। କାରଣ ଆମେ ଆମର ଭୌଗୋଳିକ ପରିବର୍ତ୍ତନ କରିପାରିବୁ ନାହିଁ। ଆମେ ପାକିସ୍ତାନ ସହ ସାଧାରଣ ସମ୍ପର୍କ ଆଡ଼କୁ ଯିବାକୁ ଚାହୁଁଛୁ। ଆମେ ପାକିସ୍ତାନ ସହିତ ବାଣିଜ୍ୟ ବନ୍ଦ ମଧ୍ୟ କରି ନାହୁଁ, କାରଣ ପାକିସ୍ତାନ ଏହା କରିଛି। ଆମେ କିପରି ଆମର ସମସ୍ୟା ଏବଂ ପରିସ୍ଥିତିକୁ ପରିବର୍ତ୍ତନ କରିପାରିବା ତାହା ଦେଖିବା ଭଲ ହେବ।

# ପଞ୍ଜାବରେ 'ଅପରେସନ ଅମୃତପାଲ୍'



ଚଣ୍ଡିଗଡ଼ : ଖାଲିସ୍ତାନ ସମର୍ଥକ ତଥା 'ୱାରିସ ପଞ୍ଜାବ ଦେ'ର ମୁଖ୍ୟ ଅମୃତପାଲ ସିଂହକୁ ଧରିବା ପାଇଁ ପଞ୍ଜାବ ପୁଲିସ ଏକ ବଡ଼ ଅପରେସନ୍ ଆରମ୍ଭ କରିଛି । ପୁଲିସ ଏବେ ଅମୃତପାଲଙ୍କ ଲୁଚି ରହିଥିବା ସ୍ଥାନରେ ଚଢ଼ାଉ କରୁଛି । ମିଳିଥିବା ସୂଚନା ଅନୁଯାୟୀ, ଅମୃତପାଲଙ୍କୁ ଖୋଜିବାରେ ପାଖାପାଖି ୫ଟି ଟିମ୍ ନିୟୋଜିତ ଅଛନ୍ତି। ଏହା ସହ ପଞ୍ଜାବର ଅନେକ ସ୍ଥାନରେ ଇଣ୍ଟରନେଟ୍ ବନ୍ଦ କରାଯାଇଛି। ପଞ୍ଜାବର ଗିଦରବାହାରେ ଏୟାରଟେଲ, ଆଇଡିଆ ଏବଂ ବିଏସଏନଏଲର ଇଣ୍ଟରନେଟ ମଧ୍ୟ ବନ୍ଦ ରହିଛି । ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନଙ୍କ ଜିଲ୍ଲା ସଙ୍ଗରୁରରେ ଇଣ୍ଟରନେଟ୍ ସେବା ମଧ୍ୟ ବନ୍ଦ ରହିଛି। ଅମୃତସର-ଜଳନ୍ଧର ରାଜପଥରେ ମଧ୍ୟ ପୁଲିସ ମୁତୟନ ବଢ଼ାଇ ଦିଆଯାଇଛି । ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ପୁଲିସ ୱାରିସ୍ ପଞ୍ଜାବ ଦେ'ର ମୁଖ୍ୟ ଅମୃତପାଲଙ୍କ କେତେକ ସହଯୋଗୀମାନଙ୍କୁ ଜଳନ୍ଧର ଜିଲ୍ଲାର ମେହତପୁର ଥାନାରେ ଅଟକ ରଖିଛି । ବର୍ଣ୍ଣାଲା ଜିଲ୍ଲାରେ ମୋବାଇଲ ଓ ଇଣ୍ଟରନେଟ୍ ସେବାକୁ ମଧ୍ୟ ବନ୍ଦ କରି ଦିଆଯାଇଛି। ବର୍ତ୍ତମାନ ସମଗ୍ର ପଞ୍ଜାବରେ ରବିବାର ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଇଣ୍ଟରନେଟ୍ ସେବା ବନ୍ଦ ରଖିବାକୁ ଘୋଷଣା କରାଯାଇଛି । ସୂତ୍ରରୁ ପ୍ରକାଶ ଯେ ଅମୃତପାଲ ସିଂହଙ୍କ ଟିମର ଏକ କାରକୁ ପଞ୍ଜାବ ପୁଲିସ ପିଛା କରିଥିଲା । କିନ୍ତୁ ଅମୃତପାଲ ସିଂହ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ସନ୍ଦେହ କରାଯାଉଛି । ପଞ୍ଜାବର ମୋଗା ଜିଲ୍ଲାରେ ବ୍ୟାପକ ପୁଲିସ ମୁତୟନ କରାଯାଇଛି ।

# ଫେକ୍ ଭିଡିଓ ପୋଷ୍ଟ କରିଥିବା ମନୀଷ କଶ୍ୟପ ଗିରଫ



ନୂଆଦିଲ୍ଲୀ: ନିଜର ବେଧଡ଼କ ରିପୋର୍ଟିଂ ପାଇଁ ସବୁବେଳେ ଚର୍ଚ୍ଚାରେ ରହୁଥିବା ୟୁଟ୍ୟୁବର ମନୀଷ କଶ୍ୟପ ବିହାର ପୁଲିସ୍ ନିକଟରେ ଆତ୍ମସମର୍ପଣ କରିବା ପରେ ଗିରଫ ହୋଇଛନ୍ତି।

ସେ ନିଜ ୟୁଟ୍ୟୁବ ଚ୍ୟାନେଲରେ ଫେକ ଭିଡିଓ ପୋଷ୍ଟ କରିଥିବା ଅଭିଯୋଗରେ ପୁଲିସ୍ ତାଙ୍କୁ ଗିରଫ କରିଛି। ବିହାରରୁ ଯାଇ ତାମିଲନାଡୁରେ ଶ୍ରମିକ ଭାବେ କାମ କରୁଥିବା କିଛି ଲୋକଙ୍କ ଉପରେ ଆକ୍ରମଣ କରାଯାଉଥିବା ବେଳର ଫେକ୍ ଭିଡିଓକୁ କଶ୍ୟପ ସତ ଭାବି ନିଜ ଚ୍ୟାନେଲରେ ପ୍ରସାରଣ କରିଥିଲେ। ଏଥିପାଇଁ ଉଭୟ ବିହାର ଓ ତାମିଲନାଡୁ ପୁଲିସ୍ ତାଙ୍କ ନାଁରେ ଏକାଧିକ ମାମଲା କରିଥିଲେ। ମାମଲା ରୁଜୁ ହେବା ପରେ ସେ ଫେରାର ହୋଇଯାଇଥିଲେ। କିନ୍ତୁ ବିହାର ପୁଲିସ୍ର ଅର୍ଥନୀତିକ ଅପରାଧ ଶାଖା ତାଙ୍କ ସମ୍ପତ୍ତିକୁ ସିଜ୍ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିବାରୁ ଆଜି ସେ ପଶ୍ଚିମ ଚମ୍ପାରନ ପୁଲିସ୍ ନିକଟରେ ଆତ୍ମସମର୍ପଣ କରିଥିଲେ। ସେ ଭିଡିଓ ପୋଷ୍ଟ କରିବା ପରେ ଏହାକୁ ନେଇ ଉଭୟ ବିହାର ଓ ତାମିଲନାଡୁରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଲକ୍ଷାଧିକ ଲୋକ ଏହି ଭିଡିଓକୁ ଦେଖିଥିଲେ। ବିବାଦ ବଢ଼ିବାରୁ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ ବେଳେ କଶ୍ୟପ ଓ ଆଉ କିଛି ଲୋକ ଆକ୍ରମଣକୁ ନେଇ ପୋଷ୍ଟ କରିଥିବା ଭିଡିଓ ନକଲି ଥିଲା ବୋଲି ପ୍ରମାଣିତ ହୋଇଥିଲା। ଏହାପୂର୍ବରୁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ ମଧ୍ୟ ତାଙ୍କ ରାଜ୍ୟରେ ପ୍ରବାସୀ ଶ୍ରମିକଙ୍କ ଉପରେ କୌଣସି ପ୍ରକାରର ଦୁର୍ବ୍ୟବହାର କରାଯାଇ ନଥିବା କହିଥିଲେ। ଏଥିସହ ଗୁଜବ ପ୍ରଚାର କରୁଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଥିଲେ। ବିହାର ପୁଲିସ୍ ତାଙ୍କ ନାଁରେ ୩ଟି ଓ ତାମିଲନାଡୁ ପୁଲିସ୍ ୯ଟି ମାମଲା କରିଛି। ଏବେ ଉଭୟ ବିହାର ଓ ତାମିଲନାଡୁ ପୁଲିସ କଶ୍ୟପଙ୍କୁ ଜେରା କରିବେ ବୋଲି ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଏକଦା ଓଡ଼ିଶା ଆସି ରିପୋର୍ଟିଂ କରିଥିବା ମନୀଷ କଶ୍ୟପ ୨୦୨୦ ବିହାର ବିଧାନସଭା ନିର୍ବାଚନ ଲଢ଼ିଥିଲେ। ସେ ବିହାରର ଚନପଟିଆ ଆସନରୁ ପ୍ରାର୍ଥୀ ହୋଇଥିଲେ। ନାମାଙ୍କନ ପତ୍ରରେ ତାଙ୍କ ପ୍ରକୃତ ନାଁ ତ୍ରିପୁରାରି କୁମାର ତିୱାରୀ ବୋଲି ଉଲ୍ଲେଖ ରହିଥିଲା। ତେବେ ସେ ମନୀଷ କଶ୍ୟପ ନାଁରେ ପରିଚିତ।

# ଗୀତଗୋବିନ୍ଦ ସଦନ ପାଠାଗାର ପରିଦର୍ଶନ କଲେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ

ଭୁବନେଶ୍ୱର: ରାଜ୍ୟ ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଇଂ ପ୍ରୀତି ରଞ୍ଜନ ଘଡ଼େଇ ଶୁକ୍ରବାର ପୂର୍ବାହ୍ନରେ ଜୟଦେବ ଭବନ ପରିସରରେ ଅବସ୍ଥିତ ଗୀତ ଗୋବିନ୍ଦ ସଦନ ପାଠାଗାର ପରିଦର୍ଶନ କରିଥିଲେ । ଗ୍ରାମ୍ୟ ଉନ୍ନୟନ ତଥା ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ବିଭାଗ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ମନ୍ତ୍ରୀଙ୍କୁ ପାଠାଗାର ବୁଲାଇ ଦେଖାଇବା ସହିତ ଏହାର ସୁବ୍ୟବସ୍ଥା, କ୍ରମବର୍ଦ୍ଧିଷ୍ଣୁ ପାଠକଙ୍କ ଉପସ୍ଥାନ ଏବଂ ପାଠାଗାରରେ ଉପଲବ୍ଧ ଖବର କାଗଜ, ପତ୍ର ପତ୍ରିକା ଓ ପୁସ୍ତକ ବିଷୟରେ ଅବଗତ କରାଇଥିଲେ । ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ପରିଚାଳିତ ଏହି ପାଠାଗାରରେ ପ୍ରତ୍ୟହ ୧୧ଟି ଦୈନିକ ଇଂରାଜୀ ଓ ୨୦ରୁ ଅଧିକ ଦୈନିକ ଓଡିଆ ସମ୍ବାଦପତ୍ର ଏବଂ ୩୫ଟି ବିଭିନ୍ନ ପ୍ରକାରର ଉପଯୋଗୀ ପତ୍ରପତ୍ରିକା ପ୍ରତିଦ୍ୱନ୍ଦିତାମୂଳକ ପରୀକ୍ଷା ନିମନ୍ତେ ଉପଲବ୍ଧ ହେଉଛି । ମନ୍ତ୍ରୀ ଶ୍ରୀ ଘଡ଼େଇ ଉପସ୍ଥିତ ପାଠକ ପାଠିକା ମାନଙ୍କୁ ସେମାନଙ୍କର ଅନୁଭୂତି ତଥା ଅଭାବ ଅସୁବିଧା ସମ୍ବନ୍ଧରେ ପଚାରି ବୁଝିଥିଲେ। ପାଠାଗାରର ଶୃଙ୍ଖଳିତ ବ୍ୟବସ୍ଥା ତଥା ଭରପୁର ଉପସ୍ଥାନ ଦେଖି ମନ୍ତ୍ରୀ ଶ୍ରୀ ଘଡ଼େଇ ଖୁସିବ୍ୟକ୍ତ କରିଥିଲେ। ପାଠାଗାରରେ ଶୈକ୍ଷିକ ପରିବେଶ ସହ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି ନିମନ୍ତେ ପତ୍ରପତ୍ରିକା ଆଦି ବ୍ୟବସ୍ଥା ରାଜ୍ୟ ସରକାରଙ୍କର ବିଦ୍ୟାର୍ଥୀମାନଙ୍କ ପାଇଁ ଏକ ଅର୍ଥପୂର୍ଣ୍ଣ ପ୍ରୟାସ ବୋଲି ଛାତ୍ରଛାତ୍ରୀମାନେ ଖୁସିବ୍ୟକ୍ତ କରିଥିଲେ । ଏହି ପାଠାଗାରକୁ ଦୈନନ୍ଦିନ ପ୍ରାୟ ଦୁଇ ଶହ ମେଧାବୀ ଛାତ୍ରଛାତ୍ରୀ ପଢିବା ପାଇଁ ଆସିଥାନ୍ତି । ପ୍ରତ୍ୟେକ ବର୍ଷ ବହୁ ଛାତ୍ରଛାତ୍ରୀ ଉକ୍ତ ପାଠାଗାରରେ ଅଧ୍ୟୟନ କରି ସଫଳତାର ସହିତ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ବିଭିନ୍ନ ପଦପଦବୀରେ ଅବସ୍ଥାପିତ ହେଉଛନ୍ତି। ଉକ୍ତ ପାଠାଗାର ପ୍ରତି ପାଠକ ପାଠିକା ମାନଙ୍କର ଆଗ୍ରହ ଓ ଆକର୍ଷଣ ଯୋଗୁ ପାଠାଗାର ରାଜ୍ୟରେ ଏକ ସତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ଏହି ପରିଦର୍ଶନ ସମୟରେ ଅନ୍ୟମାନଙ୍କ ମଧ୍ୟରେ ସୂଚନା ଓ ଲୋକସଂପର୍କ ବିଭାଗର ବୈଷୟିକ ନିର୍ଦ୍ଦେଶକ ସୁରେନ୍ଦ୍ର ନାଥ ପରିଡାଙ୍କ ସମେତ ବିଭାଗୀୟ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଗ୍ରାମ୍ୟ ଉନ୍ନୟନ ବିଭାଗ ବଜେଟରେ ଗାଁ ଗାଁକୁ ସବୁଦିନିଆ ରାସ୍ତା ଦ୍ୱାରା ସଂଯୋଗୀକରଣକୁ ଗୁରୁତ୍ୱ

ଭୁବନେଶ୍ୱର: ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଓ ବିଜୁ ସେତୁ ଯୋଜନା ଭଳି ରାଜ୍ୟ ପ୍ରାୟୋଜିତ ପ୍ରମୁଖ ଯୋଜନା ଜରିଆରେ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ଓ ସେତୁ ନିର୍ମାଣ କରି ଗ୍ରାମାଂଚଳର ସଂଯୋଗବିହୀନ ଗ୍ରାମଗୁଡିକୁ ଉନ୍ନତମାନର ଯୋଗାଯୋଗ ସୁବିଧା ଉପଲବ୍ଧ କରାଯାଉଛି ବୋଲି ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡେଇ କହିଛନ୍ତି। ଶୁକ୍ରବାର ଗୀତ ଗୋବିନ୍ଦ ସଦନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀ ଶ୍ରୀ ଘଡ଼େଇ ବଜେଟର ମୁଖ୍ୟାଂଶ ଦର୍ଶାଇବାକୁ ଯାଇ କହିଲେ ଯେ ରାଜ୍ୟର ଅଭିବୃଦ୍ଧି ପଛରେ ରହିଛି ଗମନାଗମନର ସୁବ୍ୟବସ୍ଥା । ଗ୍ରାମାଂଚଳରେ ରହୁଥିବା ସମାଜର ଶେଷ ବ୍ୟକ୍ତି ପାଖରେ କିପରି ଗମନାଗମନ ସୁବିଧା ପହଂଚି ପାରିବ ସେଥିପାଇଁ ବିଭାଗ ସମସ୍ତ କାର୍ଯ୍ୟକ୍ରମ ହାତକୁ ନେଇଛି ।
ଚଳିତ ୨୦୨୩-୨୪ ଆର୍ଥିକ ବର୍ଷ ବଜେଟକୁ ୭୫୦୦.୦୦ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି, ଯାହା କି ୨୦୧୯-୨୦ ବଜେଟ୍ ତୁଳନାରେ ୩୫.୫୭% ଅଧିକ । ୨୦୨୩-୨୪ ବର୍ଷରେ ୧୯୦୦.୦୦ କୋଟି ଟଙ୍କା ବ୍ୟୟଅଟକଳରେ ୫୨୬ଟି ନୂତନ ବିଜୁ ସେତୁ ନିର୍ମାଣ ପାଇଁ ବିଭାଗର ବ୍ୟବସ୍ଥା ରହିଛି । ବର୍ତମାନ ସୁଦ୍ଧା ବିଭାଗ ଦ୍ୱାରା ୧୨୫୪ଟି ସେତୁ ନିର୍ମାଣ ସରିଛି ଏବଂ ଆଉ ୯୦୦ଟି ସେତୁ ନିର୍ମାଣର ବିଭିନ୍ନ ପର୍ଯ୍ୟାୟରେ ରହିଛି । ଭୂତଳ ଜଳର ପୁନରୁଦ୍ଧାର ଏବଂ ପ୍ରବାହିତ ଜଳର ଆଭ୍ୟନ୍ତରୀଣ ସଂରକ୍ଷଣ ପାଇଁ ବିଭାଗ ୫୦.୦୦ କୋଟି ଟଙ୍କା ବ୍ୟୟଅଟକଳରେ ୧୦୦ଟି ଆଡ଼ିବନ୍ଧ ପ୍ରକଳ୍ପ ନିର୍ମାଣ କରିବାକୁ ଲକ୍ଷ୍ୟ ରଖିଛି । ବର୍ତମାନ ସୁଦ୍ଧା ୩୨ ଟି ଆଡ଼ିବନ୍ଧ କାମ ଶେଷ ହୋଇଛି । ସେହିଭଳି, ସଡ଼କ ଅଧୀନରେ ମୁଖ୍ୟମନ୍ତ୍ରୀ ସଡକ ଯୋଜନା, ଗଗଗଡ଼-ରହିଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତାର ଉନ୍ନତିକରଣ, ଦୁର୍ଗମ ଅଂଚଳର ଯୋଗାଯୋଗବିହୀନ ଗ୍ରାମଗୁଡିକର ସଂଯୋଗୀକରଣ , ରାସ୍ତା ନଥିବା ଗ୍ରାମଗୁଡିକର ସଂଯୋଗୀକରଣ ଆଦି ପ୍ରମୁଖ ଯୋଜନାରେ ୬୦୦୦ କିଲୋମିଟର ରାସ୍ତା ନିର୍ମାଣ ନିମନ୍ତେ ୨୦୬୧.୦୦ କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା କରାଯାଇଛି, ଯାହା ନିଶ୍ଚିତ ଭାବରେ ଗ୍ରାମୀଣ ସଡ଼କ ନେଟୱାର୍କରେ ଉନ୍ନତି ଆଣିବ। ବର୍ତମାନ ସୁଦ୍ଧା ଏହି ବିଭାଗ ଗଗଗଡ ଯୋଜନା ଅଧୀନରେ ୧୦୬୨୧ କିଲୋମିଟର ରାସ୍ତା ନିର୍ମାଣ କରିସାରିଛି । ମାଲକାନଗିରି ଜିଲ୍ଲାର ସ୍ୱାଭିମାନ ଅଂଚଳ, ଦୁର୍ଗମ ମାଓ ପ୍ରବଣ ଅଂଚଳ ଏବଂ ଅନ୍ୟାନ୍ୟ ରାସ୍ତା ସଂଯୋଗ ନଥିବା ଅଂଚଳର ସଂଯୋଗୀକରଣ ନିମନ୍ତେ ୨୦୦ କିଲୋମିଟର ରାସ୍ତା ନିର୍ମାଣ ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ମନ୍ତ୍ରୀ ଶ୍ରୀ ଘଡେଇ କହିଛନ୍ତି । ସାମ୍ବାଦିକମାନଙ୍କ ପ୍ରଶ୍ନର ଉତରରେ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ କହିଲେ ଯେ ସରକାର ଗ୍ରାମୀଣ ରାସ୍ତାର ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱ ଦେଉଛନ୍ତି । ୫୦,୦୦୦ କିଲୋମିଟର ରାସ୍ତାକୁ ଖାଲଖମା ମୁକ୍ତ କରିବା ଏବଂ ଯାନବାହାନ ଚଳାଚଳର ଗୁଣବତାରେ ଉନ୍ନତି ଆଣିବା ପାଇଁ ୨୦୨୩-୨୪ ରେ ୧୧୫୮.୭୯ କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା କରାଯାଇଛି । ଏହା ପୂର୍ବ ବର୍ଷ ତୁଳନାରେ ପ୍ରାୟ ୨୫୦୦୦ କିଲୋମିଟର ଅଧିକ । ସେଥିପାଇଁ ଆଗାମୀ ୫ ବର୍ଷ ମଧ୍ୟରେ ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ଆନୁମାନିକ ୧୨,୦୦୦ କୋଟି ଟଙ୍କା ବିନିଯୋଗରେ ୧୫,୦୦୦ କିଲୋମିଟର ଗ୍ରାମୀଣ ରାସ୍ତା ଏବଂ ବିଜୁ ସେତୁ ଯୋଜନାରେ ଆନୁମାନିକ ୬,୦୦୦ କୋଟି ଟଙ୍କା ବିନିଯୋଗରେ ୧୫୦୦ ନୂତନ ସେତୁ ନିର୍ମାଣ କରି ସବୁଦିନିଆ ରାସ୍ତା ଯୋଗାଇଦେବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ପ୍ରମୁଖ ଶାସନ ସଚିବ ଶ୍ରୀ ସିଂ କହିଛନ୍ତି । ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକଇନ୍ଦ୍ରମଣି ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବଳେ ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ଦ୍ଦେଶକ ଅରବିନ୍ଦ ଅଗ୍ରୱାଲଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ ।

# ବରୀରେ ପ୍ରଶାସକ - ଶାସକଙ୍କ ମଧୁଚନ୍ଦ୍ରିକା, ମିଳିମିଶି କରୁଛନ୍ତି ଲୁଟ୍ : ବିଜେପି




ବରୀ, (ପିପିଏସ୍): ଯାଜପୁର ଜିଲ୍ଲା ବରୀ ବ୍ଲକରେ ଦୁର୍ନୀତି ଚରମ ସୀମାରେ ପହଁଞ୍ଚିଛି । ଦୀର୍ଘ ୨୩ ବର୍ଷ ହେଲା ଶାସକ,ପ୍ରଶାସକ ଓ ଦଳୀୟ କର୍ମୀଙ୍କ ଭିତରେ ମଧୁଚନ୍ଦ୍ରିକା ଚାଲିଛି । ଯାହାଦ୍ୱାରା ସରକାରୀ ଯୋଜନା ନାଁ ରେ ଏଠରେ ଲୁଟ୍ ଚାଲିଛି ବୋଲି ଏହି ବ୍ଲକ ଅଧିନ ରାମପୁର ବିଜେପି କାର୍ଯ୍ୟାଳୟରେ ଶୁକ୍ରବାର ଆୟାଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେପି ନେତା ଉମେଶ ଜେନା କହିଛନ୍ତି । ମହାକାଳପଡ଼ା ଗ୍ରାମରେ ସରକାରୀ ଯୋଜନାରେ ଗୋଟିଏ ଖଲା ନିର୍ମାଣରେ ଭାଗବଣ୍ଟାକୁ ନେଇ ପ୍ରଶାସକ ,ବିଜେଡି ଜିଲ୍ଲା ପରିଷଦ ସଦସ୍ୟ, କର୍ମୀଙ୍କ ଭିତରେ ମାଡପିଟ ଘଟି ଥାନାରେ ମାମଲା ପହଁଞ୍ଚିଛି । ଏନେଇ ପ୍ରଶାସକ ପକ୍ଷରୁ ଜନୈକ କନିଷ୍ଠ ଯନ୍ତ୍ରୀ ଏତଲା ଦେଇଥିବାବେଳେ ବିଜେଡି ସଦସ୍ୟ ମଧ ଏତଲା ଦେଇଥିବା ଜଣାପଡିଛି । ସମ୍ପର୍କ ମଧୁଚନ୍ଦ୍ରିକା ଥିବାରୁ ଘଟଣାକୁ ରଫାଦଫା କରିଦିଆଯାଇଛି । ଏଥିରେ ଜିଲ୍ଲା ପ୍ରଶାସନ, ପୋଲିସ ଏସ୍‌ଡିପିଓ, ବିଡିଓ ,ଏ ବିଡିଓ, ଥାନା ଅଧିକାରୀ ଉପସ୍ଥିତ ରହି ଘଟଣାକୁ ସମାଧାନ କରି ଦିଅଯାଉଛି । ଅପରପକ୍ଷେ ସାଧାରଣ ଲୋକଙ୍କ ପାଇଁ ଆଇନ୍ କଡ଼ା କରାଯାଉଛି । ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ଗମନାଗମନ କ୍ଷେତ୍ରରେ ବରୀ ଅବହେଳିତ ହୋଇ ରହିଛି । ରାସ୍ତା ନିର୍ମାଣ ନାଁ ରେ ଲୁଟ ଚାଲିଛି । ଗୋଷ୍ଠୀ ସାସ୍ଥ୍ୟ କେନ୍ଦ୍ର ଘର ଭାଙ୍ଗି ଦିଆଯାଇଛି ନିର୍ମାଣ ହେଉନି । ଡ଼ାକ୍ତର ନାହାଁନ୍ତି, ତିନି ବର୍ଷରେ ସାତ ଥର ବିଡିଓଙ୍କ ବଦଳି କରାଯାଇଛି । ଅରାଜକତା ଚାଲିଛି, ସାଧାରଣ ଲୋକେ ଏଠି ସୁରକ୍ଷିତ ନୁହଁନ୍ତି ବୋଲି ବିଜେପି ସାମ୍ବାଦିକ ସମ୍ମିଳନୀରେ କହୁଛି । ବ୍ଲକ ଅଧକ୍ଷ ,ବିଧାୟିକା, କର୍ମୀ, ମିଳିମିଶି ସରକାରୀ ଅର୍ଥକୁ ଲୁଟି ନେଉଛନ୍ତି ବୋଲି ବିଜେପି ନେତା ଆଶୁତୋଷ ପରିଡା କହିଛନ୍ତି । ୨୩ ବର୍ଷ ଏଠାରେ ଲୁଟ୍‌ତରାଜ ଚାଲିଛି । ଲୋକେ ସବୁ ଜାଣିଗଲେଣି ଏଥର ଉଚିତ୍ ଜାବାବ ଦେବେ ବୋଲି କୁହାଯାଇଛି । ଏସବୁ ୧୫ ଦିନ ଭିତରେ ସମାଧାନ ନ ହେଲେ ବିଜେପି ଗଣ ଆନ୍ଦୋଳନ କରିବ ବୋଲି କହିଛି । ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାର ଅଧିକାଂଶ ସାମ୍ବାଦିକ ଉପସ୍ଥିତ ଥିଲେ । ବିଜେପି ମଣ୍ଡଳ ସଭାପତି ସୁଶାନ୍ତ କୁମାର ସାହୁ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ରବିନ୍ଦ୍ର କୁମାର ଜେନା ପ୍ରମୁଖ ନେତା ମାନେ ଉପସ୍ଥିତ ଥିଲେ ।

# ଚୋରି ମାମଲାରେ ଜଣେ ଗିରଫ

ଜୟପୁର: ଚୋରି ମାମଲାରେ ଜଣେ ଅଭିଯୁକ୍ତ କୁ ଗିରଫ କରିଛି ଜୟପୁର ସଦର ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା ଜୟପୁର ସଦର ଥାନା ଅନ୍ତର୍ଗତ କାଳିଆ ଗାଁର ରାଜେଶ ହରିଜନ (୨୫) । ପୋଲିସ ସୁଚନା ଅନୁଯାଇ ପୁଜାରିପୁଟ ଓ ଦଳେଇପୁଟରେ ଚାଷ ଜମିରୁ ଗୋଟିଏ ୧୦ ଏଚପି ମୋଟର ଓ ୭ଟି ୫ଟି ଏଚପି ମୋଟର ଚୋରି ହୋଇଥିବା ନେଇ ଜୟପୁର ସଦର ଥାନାରେ ଅଭିଯୋଗ ହୋଇଥିଲା । ଅଭି ଯୋଗ ଆନୁସାରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ରେ ଜାଣି ପୋଲିସ ଗତ ଦୁଇ ଦିନ ତଳେ ୨ଜଣକୁ ଗିରଫ କରିଥିଲା । ଆଜି କାଳିଗାଁର ଅଭିଯୁକ୍ତ ରାଜେଶ ହରିଜନ କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଏହି ମାମଲା ସହ ଅନ୍ୟ ଚୋରି ମାମଲାରେ ମଧ କାଳିଆ ଜଡିତ ଥିବା ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି ।

# ଶୈଳବାଳାରେ ବିଜ୍ଞାନ ସମାଜର ବାର୍ଷିକ ଉତ୍ସବ




କଟକ, (ପିପିଏସ) : ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବିଜ୍ଞାନ ସମାଜର ମିଳିତ ଆନୁକୂଲ୍ୟରେ ବିଜ୍ଞାନ ସମାଜର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଏଥିରେ ଅଧକ୍ଷା ପ୍ରଫେସର ଡ. ଗାୟତ୍ରୀ ବିଶ୍ୱାଳ ପୌରୋହିତ୍ୟ କରିଥିଲେ । ସ୍ୱାଗତ ସମ୍ଭାଷଣ ପ୍ରଦାନ ପୂର୍ବକ ସେ କହିଥିଲେ ଯେ ଚେତନା ଓ ବୌଦ୍ଧିକ ବିକାଶର ଅନ୍ୟତମ ନାମ ହେଉଛି ବିଜ୍ଞାନ । ଅତଏବ ମହାବିଦ୍ୟାଳୟର ବିଜ୍ଞାନ ବିଭାଗ ଯୁବପୀଢ଼ିଙ୍କୁ ଉଚିତ ମାର୍ଗଦର୍ଶନ ଦେବାର ଦାୟିତ୍ୱ ବଜାୟ ରଖିବା ଉଚିତ । ଯୁକ୍ତ ତିନି ବିଜ୍ଞାନ ସମାଜର ଉପସଭାପତି ତଥା ଗଣିତ ବିଭାଗ ମୁଖ୍ୟ ଡ. ବିଚିତ୍ରା ପାଣି ଅତିଥି ପରିଚୟ ପ୍ରଦାନ କରିଥିଲେ । ସହକାରୀ ଉପସଭାପତି ତଥା ଆସିଷ୍ଟାଣ୍ଟ ପ୍ରଫେସର ଡ. ପ୍ରଭାତୀ ମଞ୍ଜରୀ ମହାନ୍ତି ବିଜ୍ଞାନ ସମାଜର ବାର୍ଷିକ ବିବରଣୀ ପାଠ କରିଥିଲେ । ସରାଙ୍ଗସ୍ଥିତ ଆଇ.ଜି.ଆଇ.ଟି.ର ଗଣିତ ବିଭାଗର ପ୍ରଫେସର ଡ. ନଳିନୀକାନ୍ତ ଚୌଧୁରୀ ମୁଖ୍ୟ ଅତିଥିରୂପେ ଯୋଗଦେଇ ଯୁବପିଢ଼ୀ ଉପଯୁକ୍ତ ଶିକ୍ଷାଗ୍ରହଣରେ ବ୍ରତୀ ହୋଇ ନିଷ୍ଠାର ସହ ଜ୍ଞାନ ଆହରଣରେ ନିଜର ସର୍ବଶକ୍ତି ଓ ଏକାଗ୍ରତା ବିନିଯୋଗ କରିବା ଉଚିତ ବୋଲି ଉଦବୋଧକ ଦେଇଥିଲେ । ଖାଦ୍ୟ, ବସ୍ତ୍ର ଓ ବାସଗୃହ ସହ ଶିକ୍ଷଣ ମଣିଷର ନିତାନ୍ତ ଆବଶ୍ୟକ ବୋଲି ସେ ମତ ରଖିଥିଲେ । ଆଇବିଆଇଟିର ଗଣିତ ବିଭାଗର ଅନ୍ୟତମ ପ୍ରଫେସର ଡ. ସ୍ମୃତି ମହାନ୍ତି ସମ୍ମାନିତ ଅତିଥି ରୂପେ ଯୋଗଦେଇ କହିଥିଲେ ଯେ ବିଜ୍ଞାନର ଅବଦାନ ଦୈନନ୍ଦିନ ଜୀବନରେ ପ୍ରତିଫଳିତ । ବିଜ୍ଞାନ ବିନା ଜୀବନ ଓ ଜୀବିକା ଅସମ୍ଭବ । ମାନବୀୟ ମୂଲ୍ୟବୋଧ ଯୁକ୍ତ ବିଜ୍ଞାନୀଟିଏ ବିଶ୍ୱକୁ ଅଜସ୍ର ପ୍ରଗତି ଆଣିଦେଇପାରେ । କୃତି ଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଉଦ୍ଭିଦ ବିଜ୍ଞାନ ବିଭାଗର ଅଧାପିକା ସୋମାନୀ ଜେଠୀ ମଞ୍ଚ ପରିଚାଳନା କରିଥିଲେ । ଏହି ଉତ୍ସବରେ ମହାବିଦ୍ୟାଳୟର ସମସ୍ତ ଅଧାପିକା - ଅଧାପକ ଛାତ୍ରୀ ତଥା କର୍ମଚାରୀବୃନ୍ଦ ଯୋଗଦେଇ ଏହାକୁ ସାଫଲ୍ୟ ମଣ୍ଡିତ କରିଥିଲେ । ଯୁକ୍ତ ଦୁଇ ବିଜ୍ଞାନ ସମାଜର ଉପସଭାପତି ତଥା ପ୍ରାଣୀ ବିଜ୍ଞାନ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଶ୍ରୀ ସୁରେଶ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ପାରମ୍ପରିକ ଶୁକଳ ମେଳଣ ସମ୍ପନ୍ନ



ସାକ୍ଷୀଗୋପାଳ (ପିପିଏସ) : ପୁରୀ ଜିଲ୍ଲା ସତ୍ୟବାଦୀ ଅନ୍ତର୍ଗତ ଶୁକଳ ପଞ୍ଚାୟତରେ ପାରମ୍ପରିକ ଶୁକଳ ଦୋଳ ମେଳଣ ଅନୁଷ୍ଠିତ ହୋଇଯାଇଛି । ଗ୍ରାମର ଇଷ୍ଟଦେବ ତଥା ତଥା ମେଳଣର ଥାନପତି ତୃତୀୟାଦେବ ଜଗନ୍ନାଥଙ୍କୁ ଏକ ସୁସଜ୍ଜିତ ବିମାନରେ ଗ୍ରାମ୍ୟ ପରିକ୍ରମା କରାଯାଇ ପଟୁଆରରେ ମେଳଣ ପଡ଼ିଆ ମଣ୍ଡପରେ ବିଜେ କରାଯାଇଥିଲା । ନାଗା,ପରି ଆଦି ପାରମ୍ପରିକ ନୃତ୍ୟ ସାଙ୍ଗକୁ ଘଣ୍ଟ, ମର୍ଦ୍ଦଳ ତୂରୀ ସହ ହରିବୋଲ, ହୁଳହୁଳୀରେ ଗାଁ ପରିବେଶ କମ୍ପି ଉଠିଥିଲା । ଏହି ଅବସରରେ ଦିନ ତମାମ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଅବିର ବୋଳାବୋଳି ନିଆରା ପରିବେଶ ସୃଷ୍ଟି କରିଥିଲା । ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁ ଭକ୍ତ ଉପସ୍ଥିତ ରହି ପ୍ରଭୁ କୃପା ଲାଭ କରିଥିଲେ । ଏହି ପରିପ୍ରେକ୍ଷୀରେ ବିଭିନ୍ନ ଭୋଗ ଦୋକାନ ଠାରୁ ଆରମ୍ଭ କରି ଚଟପଟି ଖାଦ୍ୟ ସମେତ ମନୋହରୀ, ଘରକରଣା ଓ ବିଭିନ୍ନ ପ୍ରକାର ଖେଳନା, ପନିପରିବା ବିକ୍ରି ଜୋର ଧରିଥିଲା । ଏହି ମେଳଣକୁ ମନଭରି ଉପଭୋଗ କରିବା ପାଇଁ ଘରେ ଘରେ ବନ୍ଧୁ ବାନ୍ଧବଙ୍କ ସୁଅ ଛୁଟିଥିଲା । ପଡୋଶୀ ମାର୍କଣ୍ଡପଡା ହରଶିବ ଶ୍ରୀ ନୀଳକଣ୍ଠେଶ୍ୱର ଦେବ ସମେତ ପୁରୀ ଜିଲ୍ଲାର ପ୍ରାୟ ୪ଟି ବ୍ଲକର ୨୦୦ ବିମାନ ଦେବାଦେବୀ ଆସି ଉକ୍ତ ମେଳଣ ପଡ଼ିଆରେ ଆସିନ ହୋଇଥିଲେ । ମେଳଣଟି ୧୦ ଦୋଳ ହୋଇଥିବାରୁ ଦୋଳ ପୂର୍ଣ୍ଣିମା ପରେ ନବମୀ, ଦଶମୀ, ଏକାଦଶୀ ତିନିଦିନ ଧରି ଅନୁଷ୍ଠିତ ହୋଇଥାଏ । ଇତିହାସକୁ ଅବଲୋକନ କଲେ ଜଣାଯାଏ ଏହି ମେଳନର ମୁଖ୍ୟ ପୃଷ୍ଠପୋଷକ ଥିଲେ ତତ୍କାଳୀନ ଏମାର ମଠ ମହନ୍ତ ଗଦାଧର ରାମାନୁଜ । ଏଠାରେ ଏମାର ମଠର ଖମାର ଓ ମଠ ଥିଲା

# ସେତୁ ଭୁଶୁଡିବା ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଉ

କେନ୍ଦ୍ରାପଡ଼ା: କେନ୍ଦ୍ରାପଡାର ତିନିମୁହାଣୀ ନିକଟ ଗୋବରୀ ନଦୀରେ ମିଶିଥିବା ପାଟନାଳୀ ଉପରେ ଯାଉଥିବା ବାଇପାସ୍ ପୋଲ ଭାଙ୍ଗି ଘୁଷୁଡି ପଡିବା ଘଟଣାରେ ବିଭିନ୍ନ ଗଣ ମାଧ୍ୟମ ଓ ସାମାଜିକ ଗଣ ମାଧ୍ୟମରେ ବିଭ୍ରାନ୍ତିକର ତଥ୍ୟ ସହ ଉଦ୍ଦେଶ୍ୟ ମୂଳକ ଅପପ୍ରଚାର କରାଯାଉ ଥିବା ଘଟଣାରେ ପ୍ରତିକ୍ରିୟା ରଖିଛନ୍ତି ବିଧାୟକ ଶଶି ଭୂଷଣ ବେହେରା । ଏକ ପ୍ରଶ୍ନର ଉତରରେ ସେ କହିଛନ୍ତି ବାଇପାସ୍ ରାସ୍ତା ଉପରେ କରା ଯାଉଥିବା ପୋଲ (ଗ୍ରାଇଡର) ଭୁଶୁଡି ପଡିବା ଘଟଣା ର ମୁଁ ଉଚ୍ଚ ସ୍ତରୀତ ତଦନ୍ତ ଦାବି କରୁଛି । ଉଚ୍ଚ ସ୍ତରୀୟ ବୈଷୟିକ ଟିମ୍ ଏହି ଘଟଣାରେ ତଦନ୍ତ କରି ପ୍ରକୃତ ତଥ୍ୟ ଓ ତୃଟି ବିଚ୍ୟୁତି ସଂପର୍କରେ ରିପୋର୍ଟ ପ୍ରଦାନ କଲେ ସମସ୍ତ ଘଟଣା ସ୍ପଷ୍ଟ ହୋଇଯିବ । ଅପରପକ୍ଷରେ ଏହି ପ୍ରକଳ୍ପ ୨୦୧୫ ମସିହାରେ ପ୍ରସ୍ତାବକୁ ଆସି ୨ଥର ଟେଣ୍ଡର ହୋଇ ବାତିଲ ହୋଇଥିଲା । ଟେଣ୍ଡର ନେଇଥିବା ମୂଳ କମ୍ପାନୀ ବ୍ଲାକ ଲିଷ୍ଟେଡ ଥିବାରୁ ତାହାର ସହଯୋଗୀ ଏଆର ଏସ୍‌ଏସ୍ କମ୍ପାନୀ ସେତେବେଳେ ଏହି କାମ ହାସଲ କରି ଦୀର୍ଘଦିନ ପକାଇ ରଖିଥିଲା । ତେବେ ମାତ୍ର ୨ ବର୍ଷ ହେବ ବନ୍ଦ ପଡିଥିବା ଏହି ପ୍ରକଳ୍ପ ନୂତନ ସରକାର ଆସିବା ପରେ ଗତି ଧରିଥିଲା । ସେତୁ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ କେଉଁ କାରଣରୁ ଗ୍ରାଇଡର ଭାଙ୍ଗି ପଡିଲା ଏହାର ଉଚ୍ଚ ସ୍ତରୀୟ ତଦନ୍ତ କରାଯିବାକୁ ମୁଁ ସରକାରଙ୍କ ଠାରେ ଦାବି କରିଛି ।

# ବୁଦ୍ଧମୂର୍ତ୍ତି ବିଦେଶ ଯିବା ନେଇ ଚର୍ଚ୍ଚା

ଧର୍ମଶାଳା, (ହି.ସ.) - ଯାଜପୁର ଜିଲାରୁ ଏକ ୧୭ଫୁଟ ଉଚ୍ଚ ବୁଦ୍ଧମୂର୍ତି ସୁଦୂର ଇଣ୍ଡୋନେସିଆ ଯିବାର କାର୍ଯ୍ୟକ୍ରମ ରହିଛି । ଯାହାକୁ ନେଇ ଏବେ ଯାଜପୁର ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି । ଜନୈକ ବିଦେଶୀ ଏଥିପାଇଁ ଏହି ମୂର୍ତିକୁ ବରାଦ କରିଛନ୍ତି । ଯାଜପୁରର ପ୍ରସ୍ତରଶିଳ୍ପୀଙ୍କୁ ଯୋଗାଯୋଗ କରି ତାଙ୍କୁ ଏହି ବୁଦ୍ଧମୂର୍ତି ନିର୍ମାଣ କରିବାକୁ ଅନୁରୋଧ କରିଥିଲେ । ବିଦେଶୀଙ୍କ ଅନୁରୋଧ ରକ୍ଷା କରି ଯାଜପୁର ଜିଲାର ସୁପରିଚିତ ତଥା ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରସ୍ତରଶିଳ୍ପୀ ବହ୍ମାନନ୍ଦ ମହାରଣା ଦୀର୍ଘ ୬ ମାସ ହେବ ଏହି ମୃତି ନିର୍ମାଣରେ ଲାଗି ପଡିଛନ୍ତି । ୫୩ ନଂ ଜାତୀୟ ରାଜପଥ ଚଣ୍ଡିଖୋଲ-ଡୁବୁରୀ ରାସ୍ତାରେ ୧ କିମି ଦୂରରେ ସୁଭଦ୍ରାପୁରଛକ । ଏହି ଛକ ନିକଟରେ ଏକ ସୁଉଚ୍ଚ ବୁଦ୍ଧମୂର୍ତି ତିଆରି ଚାଲିଥିବା ବେଳେ ଏହା ଉପରେ ସମସ୍ତଙ୍କ ନଜର ପଡିଥିଲା । ଯାତ୍ରୀମାନେ କିଛି କ୍ଷଣ ଏହିଠାରେ ଅଟକି ରହି ନିର୍ମାଣ ଦେଖିବା ସହିତ କାରିଗରଙ୍କ, ଭଳି ଜୀବନ୍ତ କଳାକୁ ଦେଖି ପ୍ରଶଂସା କରିଛନ୍ତି । ଇଣ୍ଡୋନେସିଆରେ ଜଣେ ବ୍ୟକ୍ତି ତାଙ୍କୁ ଯୋଗାଯୋଗ କରି ପଦ୍ମସମ୍ଭବ ବୁଦ୍ଧମୂର୍ତି ଯାହାର ଉଚ୍ଚତା୧୭ଫୁଟ ହେବ ତିଆରି କରିବାକୁ ଅନୁରୋଧ କରିଥିଲେ । ଅନୁରୋଧ ରକ୍ଷା କରି ସେ ମୂର୍ତି ନିର୍ମାଣ ପାଇଁ ରାଜସ୍ଥାନରୁ ୨ଖଣ୍ଡ ରାଜସ୍ଥାନ ସ୍ୟାଣ୍ଡ ପଥର ଯାହାର ଆନୁମାନିକ ମୂଲ୍ୟ ୫ଲକ୍ଷ ଟଙ୍କାରୁ ଅଧିକ ଦେଇ ଆଣିଥିଲେ । ଦୀର୍ଘ ୬ମାସ ହେବ ସେ ମୂର୍ତି ନିର୍ମାଣରେ ବ୍ୟସ୍ତ ରହିଛନ୍ତି । ଏବଂ ତାଙ୍କୁ ୪ ଜଣ ସହଯୋଗୀ ସହଯୋଗ କରୁଥିବା ଏହି ମୂର୍ତି ପୂର୍ଣ୍ଣାଙ୍ଗ ହେବାକୁ ଆଉ ୨ମାସ ସମୟ ଲାଗି ବୋଲି ବ୍ରହ୍ମାନନ୍ଦ ପ୍ରକାଶ କରିଛନ୍ତି ।

# ଡାରଉଇନ୍ ଡିଗ୍ରୀ ମହାବିଦ୍ୟାଳୟର ୧୩ ତମ ବାର୍ଷିକୋତ୍ସବ

ମାଲକାନଗିରି: କୁଡୁମୁଲୁଗୁମ୍ମା ସ୍ଥିତ ଡାରଉଇନ୍ ଡିଗ୍ରୀ ମହାବିଦ୍ୟାଳୟ ର ୧୩ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଆଜିର ଏହି କାର୍ଯ୍ୟକ୍ରମରେ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ବିଧାୟକ ପୂର୍ଣ୍ଣ ଚନ୍ଦ୍ର ବାକା ମୁଖ୍ୟ ଅତିଥି ଓ ମାଲକାନଗିରି ଉପ-ଜିଲ୍ଲାପାଳ ଅକ୍ଷୟ କୁମାର ଖେମୁଣ୍ଡୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲା ବେଳେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଖଇରପୁଟ ବ୍ଲକ ଅଧକ୍ଷ ବିଘ୍ନ କିର୍ଷାନୀ, ଗୋବିନ୍ଦପାଲି ବିଜୁ ପଟ୍ଟନାୟକ ଡିଗ୍ରୀ ମହାବିଦ୍ୟାଳୟ ର ପ୍ରିନ୍ସପାଲ ତ୍ରିଲୋକ୍ୟନାଥ ସାହୁ,ବାଲିମେଳା ବିଜ୍ଞାନ ମହାବିଦ୍ୟାଳୟର ପ୍ରିନ୍ସପାଲ ଅମୁଲ୍ୟ କୁମାର ପ୍ରଧାନ, ମାଲକାନଗିରି ମହାବିଦ୍ୟାଳୟର ବାଣିଜ୍ୟ ଅଧାପକ ରଞ୍ଜନ କୁମାର ସାଇଁ,କୁଡୁମୁଲୁଗୁମ୍ମା ତହସିଲଦାର ଅଶୋକ ମୁଦୁଲି, କୁଡୁମୁଲୁଗୁମ୍ମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ପ୍ରିନ୍ସପାଲ ଗୌରୀ ଶଙ୍କର ବେହେରା, ଗୋବିନ୍ଦପାଲ୍ଲୀ ବିଜୁ ପଟ୍ଟନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରିନ୍ସପାଲ ସୁଜିତ୍ କୁମାର ବୋଷ୍ , ମାଥିଲି ଗୋପବନ୍ଧୁ ମହାବିଦ୍ୟାଳୟ ର ପ୍ରିନ୍ସପାଲ ସୁବ୍ରତ କୁମାର ଭଦ୍ରା,ଏମ ଭି ୭୯ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ପ୍ରିନ୍ସପାଲ ପ୍ରଶାନ୍ତ କୁମାର ପାତ୍ରୀ ପ୍ରମୁଖ ଯୋଗ ଦେଇଥିଲେ । ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟ ର ପ୍ରିନ୍ସପାଲ ଅଶୋକ କୁମାର ପ୍ରଧାନ ପରିଚାଳନା କରିଥିଲାବେଳେ, ମଂଚ ଓ ଶବ୍ଦ ସମ୍ପଯୋଜନା ସୁଶ୍ରୀ ସିମାନ୍ତିକା ଦାସ୍ କରିଥିଲେ । ଛାତ୍ରଛାତ୍ରୀ ମାନଙ୍କୁ ସମ୍ବୋଧନ କରି ମୁଖ୍ୟ ଅତିଥି ଶ୍ରୀ ବାକା କହିଛନ୍ତି ଯେ ଆଜି ସେ ବହୁତ ଖୁସି କାରଣ ପାଠ ପଢିବା ସହିତ ଏହି ମହାବିଦ୍ୟାଳୟ ର ପିଲାମାନଙ୍କ ଶୃଙ୍ଖଳିତ ଆଚରଣ ସେମାନଙ୍କ ଭବିଷ୍ୟତ ଜୀବନ ଶୈଳୀ ଓ ଆଚାର ବ୍ୟବହାର ଉପରେ ନିଶ୍ଚୟ ଭାବରେ ପ୍ରଭାବ ପକାଇବ ଓ ସମାଜକୁ ଏକ ନୂତନ ସମ୍ଭାବନା ଆଣିବାରେ ସହାୟକ ହେବ । ଶେଷରେ ସେ ଏକ ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ଦେଇଥିଲେ ଯେ ଆଗାମୀ ଦିନରେ ନିଜର ବିଧାୟକ ପାଣ୍ଠିରୁ ଏହି ମହାବିଦ୍ୟାଳୟ ରେ ପିଲାଙ୍କ ସାଇକେଲ ରଖିବା ପାଇଁ ଏକ ସାଇକେଲ ଷ୍ଟାଣ୍ଡ ନିର୍ମାଣ ଓ ପାଚେରୀ ଉଚ୍ଚା ନିମନ୍ତେ ଅର୍ଥ ପ୍ରଦାନ କରିବେ ବୋଲି ଘୋଷଣା କରିଥିଲେ । ମୁଖ୍ୟ ବକ୍ତା ଶ୍ରୀ ଖେମୁଣ୍ଡୁ ନିଜର ଅତିତର ଅଭିଜ୍ଞତା ପ୍ରକାଶ କରି କହିଛନ୍ତି ଯେ ଜ୍ଞାନ ର କୁଟୀର କୌଣସି ନିର୍ଧାରିତ ବିନ୍ଦୁ ପର୍ଯ୍ୟନ୍ତ ହିଁ ସିମୀତ ନୁହେଁ, ସେ ଆହୁରି ମଧ କହିଛନ୍ତି ଯେ ବର୍ତମାନ ର ଜ୍ଞାନ ର ଆହୋରଣ ଓ ଅତିତ ର ଆହୋରଣ ରେ ଆକାଶ ପାତାଳ ପ୍ରଭେଦ ରହିଛି,କାରଣ ଯାନ୍ତ୍ରିକ ଯୁଗରେ ନିଜର ଅନ୍ତର୍ନିହିତ ଗୁଣର ଆକଳନ ଓ ମନର ଭାଷାକୁ ଶାବ୍ଦିକ ରୁପ ଦେବାରେ ଯେମିତି ଆମେ ସମସ୍ତେ ଅସମର୍ଥ ହୋଇପଡିଛୁ ଓ କଥା କଥାକେ ଗୁଗଲ ବିକଶିତ ଜ୍ଞାନ ଉପରେ ହିଁ ବହୁଳ ଭାବରେ ନିର୍ଭରଶୀଳ ହୋଇପଡିଛୁ । ଏହି ଅବସରରେ ସେ ଦୃଷ୍ଟାନ୍ତ ସ୍ୱରୂପ କହିଛନ୍ତି ଯେ ଜିଲ୍ଲାର ଅନ୍ୟ ମହାବିଦ୍ୟାଳୟ ଅପେକ୍ଷା ଏହି ମହାବିଦ୍ୟାଳୟ ର ଶୈକ୍ଷିକ ବାତାବରଣ ସୃଷ୍ଟି ପାଇଁ ଅଧାପକ ଓ ଅଧାପିକା ମାନଙ୍କ ପରସ୍ପର ମଧ୍ୟରେ ଥିବା ସମନ୍ୱୟ ଅଦ୍ୱିତୀୟ । ଶେଷରେ ସେ ଏହି ଜିଲ୍ଲାର ପ୍ରଶାସନିକ ଉପ ମୁଖ୍ୟ ହିସାବରେ ବିଭିନ୍ନ ସମସ୍ୟା ଗୁଡ଼ିକୁ ହୃଦୟଙ୍ଗମ କରି କହିଥିଲେ ଯେ ଆଗାମୀ ଦିନରେ ମହାବିଦ୍ୟାଳୟ ରେ ଝିଅ ପିଲାଙ୍କ ରହିବା ସମସ୍ୟା କୁ ଧ୍ୟାନ ଦେଇ ପରିସର ନିକଟରେ ଥିବା ଛାତ୍ରୀବାସ ଉପରେ ଆଉଏକ କୋଠାଘର ନିର୍ମାଣ ସହ ଏକ ଉନ୍ନତମାନର ବିଦ୍ୟାଳୟ ଗୃହ ନିର୍ମାଣ ସକାଶେ ନିଜର ପ୍ରାଥମିକତା ଦେବେ ।

# ଓକିଲ ସଂଘ କାର୍ଯ୍ୟକାରୀ କମିଟିକୁ ମାନସ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

କେନ୍ଦ୍ରାପଡ଼ା: କେନ୍ଦ୍ରାପଡା ଓକିଲ ସଂଘ ନିର୍ବାଚନ ଚଳିତ ମାସ ୨୫ ତାରିଖରେ ହେବାକୁ ଥିବାବେଳେ ଏହାର କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଯୁବ ଆଇନଜୀବି ମାନସ ରଞ୍ଜନ ଶତପଥୀ ନିର୍ଦ୍ୱନ୍ଦରେ ନିର୍ବାଚିତ ହେଇଥିବା ଜଣାପଡିଛି । ତାଙ୍କ ବିପକ୍ଷରେ ପ୍ରାର୍ଥୀପତ୍ର ଦାଖଲ କରିଥିବା ଅନନ୍ତ କୁମାର ପାତ୍ର ନିଜ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରି ନେଇ ଥିବାରୁ ମାନସଙ୍କ ନିର୍ଦ୍ୱନ୍ଦରେ ନିର୍ବାଚନ ନିର୍ଦ୍ଦିଷ୍ଟ ହୋଇ ଯାଇଛି ।

# ରାଧାମୋହନଜୀଉ କୀର୍ତ୍ତନମଣ୍ଡଳୀର ନୂତନ ବିମାନ ପୂଜା

ହରିଚନ୍ଦନପୁର, (ହି.ସ.)- କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ସ୍ଥିତ ରାଧାମୋହନ ଜୀଉ କୀର୍ତନ ମଣ୍ଡଳୀର ନୂତନ ନିର୍ମିତ ବୃହତ୍ ବିମାନର ପୂଜା ହୋଇଯାଇଛି । ଖବର ମୁତାବକ, ରାଧାମୋହନ ଜୀଉ କୀର୍ତନ ମଣ୍ଡଳୀର ଦୀର୍ଘ ବର୍ଷ ଧରି କଳାଶିଶୁ କାଠରେ ନିର୍ମିତ ବିମାନରେ ଠାକୁର ନଗର ବୁଲୁଥିଲେ । ଏଥିସହ ଏହି ବିମାନ ଯୋଗେ ପିଟାପିଟି, ଭଅଁରପୁର, ବଡ ପଳାଶପାଳ, ଘଟଗାଁ, ମନୋହରପୁର ଭଳି ବିଭିନ୍ନ ମେଳଣ ମହୋତ୍ସବରେ ଯୋଗ ଦେଉଥିଲେ ରାଧାମୋହନ ଜୀଉ । ଚଳିତ ବର୍ଷ କୀର୍ତନ ମଣ୍ଡଳୀର ସମସ୍ତ ସଦସ୍ୟଙ୍କ ଚେଷ୍ଟା ଓ ପରିଶ୍ରମରେ ନୂତନ ଭାବେ ବୃହତ୍ ବିମାନ ନିର୍ମାଣ କରାଯାଇଛି । ଆସନ୍ତା ୧୮ ତାରିଖ ଶନିବାର ହରିଚନ୍ଦନପୁର ଠାରେ ମେଳଣ ଉତ୍ସବରେ ଏହି ନୂତନ ନିର୍ମିତ ବିମାନରେ ରାଧାମୋହନ ନଗର ପରିକ୍ରମାରେ ବାହାରି ମେଳଣ ମଣ୍ଡପକୁ ଯିବାର ଯୋଜନା ପ୍ରସ୍ତୁତ ହୋଇଛି । ପୂର୍ବରୁ ଏ ଆଖପାଖ ଅଂଚଳରେ ଏହିଭଳି ବୃହତ୍ ବିମାନ ନଥିବା ବେଳେ ପ୍ରଥମେ ହିଁ ରାଧାମୋହନ ଜୀଉ କୀର୍ତନ ମଣ୍ଡଳୀ ନିର୍ମାଣ କରିଛି । ଏହି ନୂତନ ନିର୍ମିତ ବୃହତ୍ ବିମାନକୁ ଦେଖିବା ପାଇଁ ଆଖପାଖ ଅଂଚଳର ଲୋକଙ୍କ ଭିଡ଼ ଜମିଛି । ସାଧାରଣତଃ ସ୍ଥାନୀୟ ଅଂଚଳର ଲୋକମାନେ ଏହି ବିମାନ ଦେଖି କୀର୍ତନ ମଣ୍ଡଳୀର ସଦସ୍ୟଙ୍କୁ ପ୍ରଶଂସା କରିଛନ୍ତି । ଏହି ବିମାନଟି ଗମ୍ଭାରୀ କାଠରେ ନିର୍ମିତ ହୋଇଥିବା ବେଳେ ଏହାକୁ ବୋହିବା ପାଇଁ ପ୍ରାୟ ୧୮ଜଣରୁ ଅଧିକ ଲୋକ ଦରକାର ପଡ଼ିବେ ବୋଲି କୀର୍ତନ ମଣ୍ଡଳୀ ପକ୍ଷରୁ ସୂଚନା ରହିଛି । ଏହି ବିମାନ ପୂଜା ଉତ୍ସବରେ କୀର୍ତନ ମଣ୍ଡଳୀର ସମସ୍ତ ସଦସ୍ୟଙ୍କ ସହ ସ୍ଥାନୀୟ ଅଂଚଳର ବୁଦ୍ଧିଜୀବୀ ଓ ବାସିନ୍ଦା ଉପସ୍ଥିତ ଥିଲେ ।

# କାଂଶୀରାମଜୀଙ୍କ ୮୯ତମ ଜୟନ୍ତୀ

କେନ୍ଦ୍ରାପଡ଼ା: କେନ୍ଦ୍ରାପଡା ଜିଲ୍ଲା ଆମ୍ବେଦକର ବୁଦ୍ଧିଜୀବି ମଂଚ ତରଫରୁ ବହୁଜନ ସମାଜ ପାର୍ଟିର ସସ୍ଥାପକ କାଂଶୀରାମ ୮୯ତମ ଜୟନ୍ତୀ ପାଳନ ଓ ଓଡିଶାର ପୂର୍ବତନ ମନ୍ତ୍ରୀ ପ୍ରହଲ୍ଲାଦ ମଳିକଙ୍କ ୩୩ ତମ ଶ୍ରାଦ୍ଧ ଦିବସ ପାଳନ ହୋଇ ଯାଇଛି । ବୁଦ୍ଧିଜୀବି ମଂଚର ନେତ୍ରୀ ଲିପିକା ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆମ୍ବେଦକର ବୁଦ୍ଧିଜୀବି ମଂଚର ରାଜ୍ୟ ଆବାହକ ବରିଷ୍ଠ ଆଇନଜୀବି ରଞ୍ଜନ କୁମାର ମଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଭାରତୀୟ ରାଜନୀତିର ଏହି ଦୁଇ ମହାନ ନେତାଙ୍କର ଜୀବନୀ ଓ ଆଦର୍ଶ ଉପରେ ଆଲୋକପାତ କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦୁଇ ମହାନ ନେତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେବା ସହ ତାଙ୍କର କାର୍ଯ୍ୟଧାରା ଓ ନୀତି ଆଦର୍ଶ ବିଷୟରେ ଆଲୋଚନା କରାଯାଇ ଥିଲା । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜଗଦିଶ ବାରିକ, ଲିଲିନା ବାରିକ, ନକୁଳ ମଲିକ, ସିଲିପ୍ରଭା ମଲିକ, ନେହା ମଲିକ, ମମତା ବାରିକ ପ୍ରମୁଖ ଉପସ୍ଥିତ ଥିଲେ । ସଭା ଶେଷରେ ରଜନୀକାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଣୀପୁର ଝରିଆଲ ଯୋଗିନୀ ପୀଠର ବିକାଶ ପାଇଁ ୪ କୋଟି ଅନୁମୋଦନ କଲେ ରାଜ୍ୟ ସରକାର

ବଲାଙ୍ଗିର(ପିପିଏସ୍): ବଲାଙ୍ଗୀର ଜିଲ୍ଲା ତଥା ଓଡିଶା ମାଟିର ସର୍ବ ପୁରାତନ ଅନନ୍ୟ ଐତିହ୍ୟ ସମ୍ପନ୍ନ ରାଣୀପୁର ଝରିଆଲ ଆଦୀଯୋଗିନୀ ତନ୍ତ୍ରପୀଠ ଉପରେ ବିଳମ୍ବରେ ହେଲେହେଁ ରାଜ୍ୟ ସରକାରଙ୍କ ଦୃଷ୍ଟି ପଡିଛି । ସମଗ୍ର ପୃଥିବୀରେ ୬୪ ଯୋଗିନୀ ପୀଠ ଚାରୋଟି ସ୍ଥାନରେ ଥିବାବେଳେ ଓଡିଶାରେ ଦୁଇଟି । କିନ୍ତୁ, ରାଣୀପୁର ଝରିଆଲ ଏ ମଧ୍ୟରେ ଅନ୍ୟତମ । ଲୋକେ ଏହି ପିଠକୁ ସୋମପୁରୀ ବୌଦ୍ଧବିହାର ବି କହନ୍ତି । ଷଷ୍ଠରୁ ନବମ ଶତାବ୍ଦୀ ମଧ୍ୟରେ ସୋମବଂଶୀମାନଙ୍କ ଦ୍ୱାରା ନିର୍ମିତ ଏହି ପିଠ ତନ୍ତ୍ର, ମନ୍ତ୍ର, ଶୈବ, ଶାକ୍ତ, ଗାଣପତ୍ୟ, ବୈଷ୍ଣବ, ଜୈନ ଓ ବୌଦ୍ଧ ଧର୍ମର ଅପୂର୍ବ ସମନ୍ୱୟ ଦେଖିବାକୁ ମିଳେ । ହେଲେ ଶତାବ୍ଦୀ ଶତାବ୍ଦୀ ଧରି ଏ ମାଟିର ଐତିହ୍ୟ ଗର୍ବ ଓ ଗୌରବର ବାନା ଉଡାଉଥିବା ପୀଠକୁ ବଂଚାଇ ରଖିବାକୁ ଅଂଚଳବାସୀ ଓ ମନ୍ଦିର କମିଟି ପ୍ରଶାସନିକ ଅଧିକାରୀ ଓ ଜନ ପ୍ରତିନିଧି ମାନଙ୍କ ଠାରେ ବାରମ୍ବାର ଅନୁରୋଧ କରି ଆସୁଥିଲେ । ଏହାକୁ ନଜରରେ ରଖି କଂଟାବାଞ୍ଜି ବିଧାୟକ ସନ୍ତୋଷ ସିଂହ ସାଲୁଜା ବିଧାନସଭାରେ ବାରମ୍ବାର ରାଣୀପୁର ଝରିଆଲର ବିକାଶ ପାଇଁ ଦୃଷ୍ଟି ଆକର୍ଷଣ କରିଥିଲେ । ତେବେ ରାଜ୍ୟ ସରକାର ଓଡିଶା ଟୁରିଜିମ ଡେଭଲପମେଣ୍ଟ କର୍ପୋରେସନ ଲିମିଟେଡକୁ ଚଳିତବର୍ଷ ଫେବୃଆରୀ ୨୪ ତାରିଖ ଚିଠି ନମ୍ବର ୧୯୮୭ ଆଦେଶ ପତ୍ର ଅନୁଯାୟୀ ରାଣୀପୁର ଝରିଆଲର ଇନଫାଷ୍ଟ୍ରକଚର ଡେଭଲପମେଂଟ ପାଇଁ ୪ କୋଟି ଟଙ୍କାର ଏଡମିନିଷ୍ଟ୍ରେଟିଭ ଏପ୍ରୁଭାଲ ହୋଇଥିବା ଓ ଏହି ଚାରି କୋଟି ଟଙ୍କାରେ ଏଂଟ୍ରାନ୍ସ ଗେଟ୍, ରାସ୍ତା, ପାର୍କିଙ୍ଗ ଏରିଆ, ମଲ୍ଟି ପ୍ରପୋଜ ବିଲ୍ଡିଂ, ଟଏଲେଟ ବ୍ଲକ, ସୋମେଶ୍ୱର ମନ୍ଦିରକୁ ରାସ୍ତା, ପଦ୍ମ ପୋଖରୀରେ ବନ୍ଧ ନିର୍ମାଣ ଭଳି ଅନେକ ଉନ୍ନୟନ କାମ ହେବାପାଇଁ ସ୍ଥିର ହୋଇଥିବା ଜଣାପଡିବା ପରେ ଏ ବିଷୟରେ ବଲାଙ୍ଗୀର ଟୁରିଷ୍ଟ ଅଫିସର ରବୀନ୍ଦ୍ର କୁମାର ଦଲାଇଙ୍କୁ ପଚାରିବାରୁ ସେ ଏହା ବଜେଟରେ ଟଙ୍କା ଏଲଟମେଂଟ କରାଗଲା ଏ ବିଷୟରେ ମୁଁ ଜିଲ୍ଲାପାଳଙ୍କ ସହ ବି ଆଲୋଚନା କରୁଥିଲି, କାମ ଆରମ୍ଭ ହେବାପାଇଁ କିଛି ସମୟ ଲାଗିପାରେ କାହିଁକି ନା ଏଏସଆଇକୁ କାମ କରିବା ପାଇଁ ସହମତି ମଗାଯିବ ଏବଂ ଆଉ କିଛି କାଗଜପତ୍ର କାମ ମଧ ରହିଛି କିନ୍ତୁ କାମ ହେବ ବୋଲି କହିଥିଲେ । ହେଲେ ଏପଟେ ଏତେଦିନ ପରେ ଯୋଗିନୀ ପୀଠର ବିକାଶ ପାଇଁ ସରକାର ଆଗକୁ ଆସିଥିବାରୁ ଅଂଚଳରେ ଖୁସିର ଲହରୀ ଖେଳି ଯାଇଛି । ଏବଂ ବିଭିନ୍ନ ସୋସିଆଲ ମିଡିଆରେ କଂଟାବାଞ୍ଜି ବିଧାୟକ ସାଲୁଜା ଓ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଉଥିବା ଦେଖିବାକୁ ମିଳିଛି । ମନ୍ଦିର କମିଟି ମଧ ଧନ୍ୟବାଦ ଜଣାଇଛି ।

ଯଦି ଅତ୍ୟାଚାର କରୁଥିବା ବ୍ୟକ୍ତି ବା ଦଳକୁ ଯଥୋଚିତ ଶାସ୍ତି ନ ମିଳୁଛି ତେବେ ଅତ୍ୟାଚାରିତ ପ୍ରତିଶୋଧ ନେବା ପାଇଁ ବାଟ ଖୋଜିବ । ପୁଣି ଏମାନଙ୍କୁ ଦମନ କରିବାକୁ ପୋଲିସ୍ ଦୌଡ଼ିବେ । ଆଜି ଯାହାକୁ ଚପାଇ ଦିଆଯାଉଛି କାଲି ସେ ଓଲଟି ପ୍ରତିଶୋଧ ନେବ ।

**-ଡକ୍ଟର ହରେକୃଷ୍ଣ ମହତାବ**

(ଗାଁ ମଜଲିସ୍, ୫ମ ଖଣ୍ଡ, ପୃଷ୍ଠା-୧୧୭)

ପ୍ରଜାତନ୍ତ୍ର

ତା ୧୯।୦୩।୨୦୨୩ ■ ରବିବାର

# ସଂସଦରେ ଗତିରୋଧ

ବଜେଟ୍ ଅଧିବେଶନର ଦ୍ୱିତୀୟ ଭାଗର ପ୍ରଥମ ସପ୍ତାହ ଅର୍ଥାତ୍ ପାଞ୍ଚଟି ଦିନ ଠିକ୍ ଢଙ୍ଗରେ କାର୍ଯ୍ୟ ହୋଇପାରି ନାହିଁ । ବିବାଦ ଏପରି ତୀବ୍ର ରୂପ ଧାରଣ କରିଛି ଯେ ଲାଗୁଛି ଏହା ଏତେ ସହଜରେ ସମାଧାନ ହେବନାହିଁ । ବିବାଦ ସଂସଦରେ ବି, ସଡ଼କରେ ବି । ଅବଶ୍ୟ ଏପ୍ରକାର ଘଟଣା ପୂର୍ବରୁ ମଧ୍ୟ ଘଟିଛି ଯେବେ ପରସ୍ପର ମଧ୍ୟରେ ତିକ୍ତତା ଅତିମାତ୍ରାରେ ବଢ଼ିଛି ଓ ସମନ୍ୱୟ ପ୍ରତିଷ୍ଠା କରିବାରେ ସେପରି କୌଣସି ଉଦ୍ୟମ ସଫଳ ହୁଏନାହିଁ । ରାହୁଲ ଗାନ୍ଧୀ ଦେଶର ଅପମାନ କରିଥିବାରୁ କ୍ଷମାଭିକ୍ଷା କରନ୍ତୁ ବୋଲି ଶାସକ ଭାରତୀୟ ଜନତା ପାର୍ଟି ଦାବି କରୁଥିଲାବେଳେ, ଗୃହରେ ନିଜ ବକ୍ତବ୍ୟ ରଖିବାକୁ ରାହୁଲ ଗାନ୍ଧୀ ଚାହୁଁଛନ୍ତି । ରାହୁଲ ଗାନ୍ଧୀଙ୍କୁ ଧୈର୍ଯ୍ୟର ସହ ଶୁଣିବାକୁ ଶାସକ ଦଳ ପ୍ରସ୍ତୁତ ହେବ କି ? ଶୁଣିବା ପରେ କ'ଣ ଶାସକ ଦଳ କିଛି ନିଷ୍ପତ୍ତି ଗ୍ରହଣ କରିବ କି ? କିନ୍ତୁ ଏବେ ଦେଶରେ ଦଳୀୟ ରାଜନୀତି ତେଜୀୟାନ ଅଛି, ସେତେବେଳେ କେହି କାହା କଥା ଶୁଣିବା ନ ଶୁଣିବା ପଛରେ ବି ରାଜନୀତି ଅଛି । ଇଏ କିଛି ନୂଆ କଥା ନୁହେଁ । ନିର୍ବାଚନ ନିକଟତର ହେବାରେ ଲାଗିଛି, ତେଣୁ ସଦନରେ ଶାସକ ଓ ବିରୋଧୀଙ୍କ ମିଜାଜରେ ନିଜର ରାଜନୈତିକ ହାନି ଲାଭି କଷା ଚାଲିଛି । ଯଦି ରାଜନୈତିକ ଦଳମାନଙ୍କ ଲାଗି ଏବେଠାରୁ ନିର୍ବାଚନ ଅଧିକ ମହତ୍ୱପୂର୍ଣ୍ଣ ହୋଇଗଲାଣି, ତେବେ ସଦନରେ ସ୍ୱାଭାବିକ କାର୍ଯ୍ୟ ସଂପାଦନ ନ ହେବା ନେଇ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ତଥାପି ଲୋକେ ଚାହିଁବେ ରାଜନୀତି ବାହାରେ ହେଉ ଓ ସଦନରେ ବିଧିବିଧାନ ବ୍ୟବସ୍ଥାରେ ଗତିରୋଧ ନ ହେଉ ।

ରାହୁଲ ଗାନ୍ଧୀ, ସଦନରେ ନିଜର ସଫେଇ ଦେବାକୁ ଚାହାନ୍ତି । କିନ୍ତୁ ଇଂଲାଣ୍ଡରେ ସିଏ ଯାହା କହି ଆସିଛନ୍ତି, କଥା ଯାଇ ସେଇଠି ଅଡୁଆ ହୋଇଯାଇଛି । ଗୁରୁବାର ଦିନ ରାହୁଲ ଲୋକସଭାରେ ପହଞ୍ଚିବାର ଗୋଟିଏ ମିନିଟ୍ ଭିତରେ ଗୃହକାର୍ଯ୍ୟକୁ ସ୍ଥଗିତ କରିଦିଆଗଲା, ଯଦିଓ ଚାରିଜଣ ମନ୍ତ୍ରୀଙ୍କ ଦ୍ୱାରା ତାଙ୍କ ବିରୁଦ୍ଧରେ ଲଗାଯାଇଥିବା ଆରୋପର ଉତ୍ତର ଦେବା ଆଶାରେ ସେ ସଂସଦକୁ ଆସିଥିଲେ । ଶୁକ୍ରବାର ଦିନ ଗୃହକାର୍ଯ୍ୟ ଆରମ୍ଭରୁ ଏପରି ସ୍ଲୋଗାନବାଜି ଚାଲିଲା ଯେ ପନ୍ଦର ମିନିଟ୍ ପରେ ବାଚସ୍ପତିଙ୍କ ଅନୁରୋଧ ରକ୍ଷା କରି ବିରୋଧୀ ପକ୍ଷ ନିଜ ଆସନକୁ ଫେରିଆସିବା ମାତ୍ରକେ ଗୃହକାର୍ଯ୍ୟକୁ ସ୍ଥଗିତ କରି ଦିଆଗଲା । ଏପରି କରାଯିବା ପଛରେ ଅନ୍ୟ କିଛି କାରଣ ହୁଏତ ଥାଇପାରେ କିନ୍ତୁ ରାହୁଲ ଗାନ୍ଧୀଙ୍କୁ ଏକ ହତିଆର ମିଳିଗଲା । ସେ କହିଛନ୍ତି ଯଦି ଭାରତୀୟ ଗଣତନ୍ତ୍ର ଠିକ୍ ଢଙ୍ଗରେ କାର୍ଯ୍ୟ କରୁଥାଆନ୍ତା, ତେବେ ସଦନରେ ନିଜ କଥା କହିବାକୁ ସୁଯୋଗ ମିଳିଥାନ୍ତା । ସେ ମଧ୍ୟ କହିଛନ୍ତି– ଆପଣ ଯାହା ଦେଖୁଛନ୍ତି ତାହା ଭାରତୀୟ ଗଣତନ୍ତ୍ର ପାଇଁ ପରୀକ୍ଷା । ତେବେ ସିଏ ଏପରି କହିବା ଉଚିତ କି ନୁହେଁ, ତାହା ବିତର୍କର ବିଷୟ । ତେବେ ଗଣତନ୍ତ୍ର ହେଉଛି ଏକ ଜଟିଳ ବ୍ୟବସ୍ଥା ଓ ତାହାକୁ ବାରମ୍ବାର ପରୀକ୍ଷା ମଧ୍ୟ ଦେଇ ଗତି କରିବାକୁ ପଡ଼ିଥାଏ । ତା' ସହ ଗଣତନ୍ତ୍ର ଉପରେ ଟିପ୍ପଣୀ କଲାବେଳେ ବ୍ୟାପକ ଦୃଷ୍ଟିରୁ ତାହାକୁ ବିଚାରବିବେଚନା କରିବା ଦରକାର । ଗଣତନ୍ତ୍ର ଆଗରୁ ମଧ୍ୟ ବଡ଼ ପରୀକ୍ଷ ମଧ୍ୟ ଦେଇ ଗତି କରିଛି ଓ ନିଜର ଉଜ୍ଜ୍ୱଳତାକୁ ପ୍ରଖର କରିଛି ।

ଏବେ ଭାଜପାର ରଣନୀତି ପରମ୍ପରା ଅନୁରୂପ ଅଧିକ ଆକ୍ରମଣାତ୍ମକ ହୋଇଛି । ଅନେକ ସଂଘର୍ଷ ପରେ କ୍ଷମତା ହାସଲ କରିଥିବା ବେଳେ ତାହା କେବଳ ପ୍ରତ୍ୟେକ କ୍ଷେତ୍ରରେ କ୍ଷମତା ପ୍ରୟୋଗ କରିବାକୁ ଚାହୁଁଛି ତା' ନୁହେଁ, ବରଂ ଆହୁରି ବଢ଼ାଇବା କାର୍ଯ୍ୟରେ ମଧ୍ୟ ଲାଗିଛି । ଏହା ସ୍ୱାଭାବିକ ମଧ୍ୟ । ତେଣୁ ରାହୁଲ ଗାନ୍ଧୀଙ୍କୁ ତୀବ୍ର ସମାଲୋଚନା କରାଯାଉଛି । ତେବେ ଯଦି ସାଂସଦଙ୍କୁ ସଂସଦରେ କହିବାକୁ ଦିଆନଯାଏ, ତେବେ ଗଣତନ୍ତ୍ରର ପରୀକ୍ଷା ହେବ କିପରି ? ପ୍ରଶ୍ନ ହେଉଛି କୌଣସି ଜଣେ ସାଂସଦଙ୍କ ଟିପ୍ପଣୀ ଦ୍ୱାରା କ'ଣ ଗଣତନ୍ତ୍ରର ସଫଳତା କି ବିଫଳତା ନିର୍ଦ୍ଧାରଣ କରାଯିବ ? ରାଜନୀତି ଏବେ ତେଜିଛି, କିନ୍ତୁ କେବେ ସ୍ଥିର ଭାବେ ବିଚାର କରିବା ଦରକାର ଯେ ଲୋକସଭା, ରାଜ୍ୟସଭାରେ କିଛି ସମୟ ଲାଗି ବିରୋଧ-ପ୍ରତିରୋଧ ହୋଇପାରେ କିନ୍ତୁ ଅଧିକ ସମୟ ଦେଶର ବିକାଶ ପାଇଁ ବିନିଯୋଗ କରାଯିବା ଆବଶ୍ୟକ । ❐❐

**—ଭର୍ତ୍ତୃହରି ମହତାବ**

# ଜୈବ ବିବିଧତା

ବିଶ୍ୱର ଜୈବ ବିବିଧତା ମଧ୍ୟରେ ଆର୍ଦ୍ରଭୂମି ଅଞ୍ଚଳ ଗୁରୁତ୍ୱପୂର୍ଣ୍ଣ । ଏହା ଅନେକ ବିରଳ ପ୍ରଜାତିର ପ୍ରାଣୀଙ୍କ ବାସସ୍ଥଳୀ । ପରିବେଶ ସନ୍ତୁଳନ ରକ୍ଷା ଦିଗରେ ଆର୍ଦ୍ରଭୂମି ଅଞ୍ଚଳର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏଣୁ ବିଶ୍ୱରେ ଥିବା ଆର୍ଦ୍ରଭୂମି ଅଞ୍ଚଳର ସୁରକ୍ଷା ଦିଗରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଫେବୃୟାରୀ ୨ ତାରିଖକୁ ବିଶ୍ୱ ଆର୍ଦ୍ରଭୂମି ଦିବସ ଭାବେ ପାଳନ କରାଯାଇଥାଏ । ୧୯୭୧ ମସିହା ଫେବୃୟାରୀ ଦୁଇ ତାରିଖରେ କାସ୍ପିଆନ୍ ସାଗର ତଟରେ ଅବସ୍ଥିତ ଇରାନୀୟ ସହର ରାମସନ୍ ଠାରେ ଆର୍ଦ୍ରଭୂମି ସୁରକ୍ଷା ନିମନ୍ତେ ଏକ ସମ୍ମିଳନୀ ଆୟୋଜିତ ହୋଇଥିଲା । ଏହାକୁ ରାମସନ୍ ସମ୍ମେଳନ କୁହାଯାଇଥାଏ । ଆର୍ଦ୍ରଭୂମି ସୁରକ୍ଷା ନିମନ୍ତେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ବିଶ୍ୱବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥାଏ । ସଂପ୍ରତି ଦ୍ରୁତ ସହରୀକରଣ ଅଭିବୃଦ୍ଧି ଓ ତୁଳନାତ୍ମକ ଭାବେ ବ୍ୟାପକ ଭାବରେ ଗଛ କଟାଯାଉଥିବାରୁ ପରିବେଶର ସନ୍ତୁଳନ ରହୁନାହିଁ ଯାହାର ପ୍ରତ୍ୟେକ୍ଷ ଓ ପରୋକ୍ଷ ପ୍ରଭାବ ଜୀବଜନ୍ତୁଙ୍କ ଠାରୁ ମଣିଷଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଉପରେ ପଡୁଛି । ପ୍ରତିଦିନ ସମଗ୍ର ପୃଥିବୀରୁ ଟନ୍ ଟନ୍ ଆକାରର ପାହାଡ଼ ସଦୃଶ ବର୍ଜ୍ୟ ସାମଗ୍ରୀ ସମଗ୍ର ବିଶ୍ୱକୁ ଭୟଙ୍କର ଭାବେ ପ୍ରଦୂଷିତ କରି ନାନା ସମସ୍ୟା ସୃଷ୍ଟି କରୁଛି । ଦିନଥିଲା ପ୍ରକୃତିର ସୁନ୍ଦର ସଂରଚନାରେ ଛଅ ଗୋଟି ଋତୁକୁ ମଣିଷ ସମାଜ ଅନୁଭବ କରିବା ସହ ଉପଭୋଗ କରିବାକୁ ସକ୍ଷମ ହେଉଥିଲେ । ବର୍ତ୍ତମାନ କୌଣସି ଗୋଟିଏ ଋତୁର ନିର୍ଦ୍ଦିଷ୍ଟ ଦିନ ପର୍ଯ୍ୟନ୍ତ ତାର ଅବଧି ଶେଷ କରିପାରୁନାହିଁ । ଯାହାଦ୍ୱାରା ତୀବ୍ର ଖରାଯୁକ୍ତ ଗ୍ରୀଷ୍ମ ଦିନରେ କେଉଁଠି ବର୍ଷା ହେଉଛି ତ ଶୀତ ଦିନରେ କେତେକ ସ୍ଥାନରେ ଟାଣ ଖରା ଅନୁଭବ କରାଯାଉଛି । ଆଜି ସମଗ୍ର ବିଶ୍ୱରେ ଅନେକ ଦୁର୍ଲଭ ଓ ଦୁଷ୍ପ୍ରାପ୍ୟ ବିରଳ ପ୍ରଜାତିର ଜୀବଜନ୍ତୁଙ୍କ ଅବସ୍ଥିତି ଲୋପ ପାଇବାକୁ ବସିଲାଣି । ପରିବେଶକୁ ସଠିକ୍ ଭାବରେ ସନ୍ତୁଳନ ମାଧ୍ୟମରେ ମଣିଷର ଦୈନନ୍ଦିନ ଜୀବନକୁ ପ୍ରଭାବିତ କରୁଥିବା ଆର୍ଦ୍ରଭୂମି ଆଜି ସଙ୍କଟରେ । ମଣିଷର ଖାଦ୍ୟ ପାଇଁ ସବୁଠାରୁ ଅତ୍ୟାବଶ୍ୟକ ଓ ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା ମୃତ୍ତିକା ସାଙ୍ଘାତିକ ଭାବେ ପ୍ରଦୂଷିତ ହେଉଛି । ଭୂଗର୍ଭରୁ ଜଳର ମାତ୍ରା ଦିନକୁ ଦିନ ଉଦ୍‌ବେଗଜନକ ଭାବରେ କମି କମି ଯାଉଥିବାରୁ ଆଗାମୀ ଦିନରେ ବିଶ୍ୱ ଜଳ ପାଇଁ ହା ହାକାର ଓ ଅନାଟନ ଭିତରୁକ ପେଷି ହୋଇଯିବ ଏ ନେଇ ପରିବେଶ ବିଜ୍ଞାନୀ, ବୁଦ୍ଧିଜୀବୀ ମହଲ ଗଭୀର ଉଦ୍‌ବେଗ ପ୍ରକାଶ କରୁଥିଲେ ମଧ୍ୟ ଏ ସବୁ ଦାୟିତ୍ୱ ଓ ନିର୍ଦ୍ଦେଶାବଳୀକୁ ଗ୍ରହଣ କରିବା ପାଇଁ ସବୁ କ୍ଷେତ୍ରରେ କେବଳ ସରକାରଙ୍କ ଉପରେ ଦାୟିତ୍ୱ ଛାଡ଼ିଦେଲେ ହେବନାହିଁ । ଏ କ୍ଷେତ୍ରରେ ଆମ ସମସ୍ତଙ୍କର ସଚେତନଧର୍ମୀ ଗୁରୁ ଦାୟିତ୍ୱ ଯେ ରହିଛି ଏହାକୁ ଆମେ ଭୁଲିଯିବା ଅନୁଚିତ ।

ଅଲେଖ ଚନ୍ଦ୍ର ସାମଲ,
ବାଲିଚନ୍ଦ୍ରପୁର, ଯାଜପୁର

# ରାଜନୀତିର ବାଟ ହୁଡ଼ିଯାଇଛୁ କି ଆମେ ?

**ଧ୍ୱନିପ୍ରତିଧ୍ୱନି**

**ଭର୍ତ୍ତୃହରି ମହତାବ**



**ରା**ଜନୀତି ପ୍ରତି ଲୋକେ ଏତେ ବିତସ୍ପୃହ କାହିଁକି ? ଭାରତ ଯୋଡ଼ୋ ଯାତ୍ରା ବେଳେ ଜୟରାମ ରମେଶ କହିଲେ ଏହା ଅରାଜନୈତିକ । ନୂଆ କଂଗ୍ରେସକୁ ଉପସ୍ଥାପନ କରି ହାତ ସେ ହାତ ଯୋଡ଼ୋ ଠାରୁ ଭୋଟରଙ୍କ ସମର୍ଥନ ହାସଲ କରିବା ଉଦ୍ୟମକୁ କ'ଣ କୁହାଯିବ ? ଭାରତ ଯୋଡ଼ୋ କାର୍ଯ୍ୟକ୍ରମ ତ ସଂପୂର୍ଣ୍ଣ ଭାବେ ରାଜନୈତିକ ଥିଲା । ତେବେ ପ୍ରଥମଥର ଲାଗି କଂଗ୍ରେସ ନୈତିକତାର ଦ୍ୱାହୀ ଓ ରାଜନୈତିକ ଆଚରଣ ମଧ୍ୟରେ ପାର୍ଥକ୍ୟକୁ ଦର୍ଶାଇବାକୁ ଉଦ୍ୟମ କଲା । ଦିଲ୍ଲୀ ବିଧାନସଭା ନିର୍ବାଚନ ବେଳେ ୨୦୧୫ରେ କଂଗ୍ରେସ ପୋଷ୍ଟର ଛାପିଥିଲା - "ରାଜନୀତି ନୁହେଁ, କାର୍ଯ୍ୟନୀତି ।"

କଂଗ୍ରେସ ଏ ପ୍ରକାର ଦୋମୁହାଁ ନୀତି ଅବଲମ୍ବନ କରୁଥିବା ଏକମାତ୍ର ଦଳ ନୁହେଁ । ଭାରତୀୟ ଜନତା ପାର୍ଟି ମଧ୍ୟ ସବୁବେଳେ ବିପକ୍ଷକୁ କହିଆସିଛି ସେମାନେ ଭୋଟବ୍ୟାଙ୍କ ପଲିଟିକ୍ସ କରୁଛନ୍ତି ଓ ଏମାନେ ନିରୋଳା ରାଷ୍ଟ୍ର ନିର୍ମାଣ କାର୍ଯ୍ୟରେ ଲାଗିଛନ୍ତି । ଅବଶ୍ୟ ରାଜନୀତି, ଏ ଯୁଗରେ ସ୍ୱାର୍ଥକୈନ୍ଦ୍ରିକ କାର୍ଯ୍ୟ ଭାବେ ପରିଗଣିତ ହେଉଛି । ତେବେ ଯେପରି ଭାବେ ରାଜନେତାମାନେ 'ରାଜନୀତି'କୁ ସହଜ ଭାବରେ ସମାଲୋଚନା, ତାଷଲ୍ୟ କରୁଛନ୍ତି ତାହା ଅନେକଙ୍କୁ ଚକିତ କରିଦେଉଛି । ଏଇ ରାଜନେତାମାନେ କ'ଣ କେବଳ ରାଜନୀତି କରୁନାହାନ୍ତି ? ରାଜନୀତିକୁ ସେମାନେ କ'ଣ ନିଜର ପେଶା କରିନାହାନ୍ତି ? ତେବେ ନୈତିକତାର ଦ୍ୱାହୀ ଓ ରାଜନୈତିକ କାର୍ଯ୍ୟକ୍ରମ ମଧ୍ୟରେ ଏତେ ଫରକ କାହିଁକି ? କ'ଣ ରାଜନୀତି ସଂପୂର୍ଣ୍ଣ ଭାବେ ନୀତିବିବର୍ଜିତ ?

ଏହି ନକାରାତ୍ମକ ବିବେଚନା ହେଉଛି ଏଇ କାଳର ବିଚାର । ସ୍ୱାଧୀନତା ସଂଗ୍ରାମ କାଳରେ ଦେଶ ପାଇଁ ଅସଂଖ୍ୟ ସଂଗ୍ରାମୀ ନିଜ ଜୀବନକୁ ପାଣିଛଡ଼େଇ ଘରଦ୍ୱାର ଛାଡ଼ିଥିଲେ । ଦେଶସେବା ଥିଲା ବ୍ରତ । ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ରାଜନୀତି ଏକ ଆଧ୍ୟାତ୍ମିକ ସ୍ତରରେ ଯାଇ ପହଞ୍ଚିଥିଲା । ତ୍ୟାଗ, ତିତିକ୍ଷା ତପସ୍ୟା ଥିଲ ମାଧ୍ୟମ । ଗାନ୍ଧୀ ନିଜେ ରାଜନୀତିକୁ ସତ୍ୟାଗ୍ରହର ନୈତିକ କର୍ତ୍ତବ୍ୟ ବୋଲି ବ୍ୟାଖ୍ୟା କରିଥିଲେ । ସମ୍ବିଧାନ ପ୍ରଣୟନ ସଭାରେ ହୋଇଥିବା ବିତର୍କରେ ଏହା ପ୍ରତିଫଳିତ ହୋଇଛି । ୧୯୫୦ ପରେ ନିର୍ବାଚନ ବ୍ୟବସ୍ଥା ପରେ ରାଜନୀତିକୁ ଦୁଇ ପର୍ଯ୍ୟାୟରେ ବିଭାଜିତ କରିଦିଆଗଲା । ଯଦିଓ ରାଜନୈତିକ ଦଳମାନେ ରାଜନୀତିକୁ ନୈତିକତା ଆଧାରିତ ବୋଲି ଘୋଷଣା କଲେ କିନ୍ତୁ ଯେକୌଣସି ପ୍ରକାରେ ନିର୍ବାଚନ ଜିତିବା ହୋଇଗଲା ମୁଖ୍ୟ କାର୍ଯ୍ୟ । ଦଳୀୟ ଆଦର୍ଶ ନାମରେ ବିରୋଧୀଙ୍କୁ ନିଜ ଆଡ଼କୁ ଆକର୍ଷିତ କରି କ୍ଷମତା ବଜାୟ ରଖିବା ଲାଗି ଉଦ୍ୟମ ହେଲା । ଷାଠିଏ ଦଶକ ପ୍ରାରମ୍ଭରୁ ଅର୍ଥବଳର ପ୍ରାଦୁର୍ଭାବ ବଢ଼ିଲା ।

ସତୁରୀ ଦଶକର ମଧ୍ୟଭାଗରେ ଏମର୍ଜେନ୍ସୀ ଜାରି ହେଲା ପରେ ତାହା ରାଷ୍ଟ୍ର ଗଠନ ଓ ପ୍ରଗତିର ଏକ ମୁଖ୍ୟ ଭୂମିକା ଗ୍ରହଣ କଲା ବୋଲି ଉଚ୍ଚସ୍ୱରରେ କୁହାଗଲା । ବିପକ୍ଷକୁ କୁହାଗଲା ସେମାନେ ରାଷ୍ଟ୍ରବିରୋଧୀ କାର୍ଯ୍ୟରେ ବ୍ୟାପୃତ ଅଛନ୍ତି । ନିର୍ବାଚନ ହିଁ ହୋଇଗଲା ସବୁକିଛି । ଟିକଟ ବଣ୍ଟନଠାରୁ ନେଇ କ୍ଷମତା ଅକ୍ତିଆର କରିବା ପର୍ଯ୍ୟନ୍ତ ଜାତି/ ଧର୍ମ ସଂପ୍ରଦାୟ ଏକ ମୁଖ୍ୟ ଭୂମିକା ଗ୍ରହଣ କଲା । ବୁଥ ଦଖଲ ବି ବ୍ୟାପକ ଭାବେ ହେଲା । ବାହୁବଳ ପ୍ରଦର୍ଶନ ଯୋଗୁଁ ନିର୍ବାଚନ ହିଁ ହୋଇଗଲା ପାୱାର ପଲିଟିକ୍ସର ଉଦାହରଣ । ତେବେ ୧୯୯୦ ଦଶକ ବେଳକୁ ଶୀତଳ ଯୁଦ୍ଧର ଅବସାନ ଓ ସୋଭିଏତ ୟୁନିଅନର ବିଲୟ ପରେ ରାଜନୈତିକ ଆଦର୍ଶକୁ ଅନେକାଂଶରେ ଆଉ ସେତେ ଗୁରୁତ୍ୱ ମିଳିଲା ନାହିଁ । ମାର୍କେଟ ଇକନମିକୁ ସମସ୍ତେ ଗ୍ରହଣ କରିନେଲେ, ପ୍ରତ୍ୟେକ ଦଳ, ନିର୍ବାଚନ ଭିତ୍ତିକ ହୋଇଗଲେ ।

ଏଇ ସମୟରେ ସମ୍ବିଧାନକୁ ନୀତି ନୈତିକତାର ଆଧାର ଭାବେ ସ୍ୱୀକାର କରାଯିବାକୁ ଲାଗିଲା ଓ ରାଜନୀତି, ଏକ ଆବଶ୍ୟକତା କିନ୍ତୁ ତାହା ବ୍ୟବସ୍ଥା ପରିଚାଳନା କରିବାକୁ ପର୍ଯ୍ୟାପ୍ତ ନୁହେଁ ବୋଲି ବିବେଚନା କରାଗଲା । ଆଜି ସେଇ କାରଣରୁ କେବିନେଟ ବୈଠକ ଅଧଘଣ୍ଟାରେ ସରୁଛି ଯଦିଓ କୋଡ଼ିଏଟି ପ୍ରସଙ୍ଗ ନେଇ ନିର୍ଣ୍ଣୟ ନିଆଯାଇଥିବା ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରାଯାଉଛି । ଏକ୍ସଟ୍ରା କନଷ୍ଟିଚ୍ୟୁସନାଲ ଶକ୍ତିକେନ୍ଦ୍ର ବି ସୃଷ୍ଟି ହୋଇଯାଉଛି ଯିଏକି କାହା ନିକଟରେ ଉତ୍ତରଦାୟୀ ରହୁନାହିଁ । ୟୁପିଏ ଶାସନ କାଳରେ ଏହିପରି ଏକ ସଂସ୍ଥାର ଅଧ୍ୟକ୍ଷା ଥିଲେ ସୋନିଆ ଗାନ୍ଧୀ ଯହିଁରେ କେତେକ ଏନଜିଓ ଚଳାଉଥିବା ବ୍ୟକ୍ତିମାନେ ସଦସ୍ୟ ଥିଲେ । ସେଇମାନେ ନିର୍ଣ୍ଣୟ ନେଉଥିଲେ, ସରକାର କିପ୍ରକାରେ କାର୍ଯ୍ୟ କରିବା ଦରକାର । ଏବେ ଅଧିକାଂଶ ରାଜ୍ୟରେ ଏପ୍ରକାର ସମ୍ବିଧାନ ବହିର୍ଭୂତ କ୍ଷମତାକେନ୍ଦ୍ରସବୁ ସୃଷ୍ଟି ହୋଇଯାଇଛି । ନିର୍ବାଚିତ ପ୍ରତିନିଧି କି କେବିନେଟସ୍ତରୀୟ ଶାସନ ବ୍ୟବସ୍ଥା ଏକପ୍ରକାରେ ଅକାମୀ ହୋଇଯାଇଛି । ତାମିଲନାଡୁ ହେଉ କି ଆନ୍ଧ୍ର, ତେଲେଙ୍ଗାନା, ଦିଲ୍ଲୀ କି ପଶ୍ଚିମବଙ୍ଗ, ସବୁଠି ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ହିଁ ହେଉଛି ସବୁ ନିର୍ଣ୍ଣୟର କେନ୍ଦ୍ରସ୍ଥଳ । କୌଣସି ମନ୍ତ୍ରୀଙ୍କର କିଛି ମାତ୍ରାରେ ବି କ୍ଷମତା ନାହିଁ । ସେମାନେ ମନ୍ତ୍ରୀ ହୋଇଛନ୍ତି, ସେତିକିରେ ସେମାନେ ଖୁସି ହେବା କଥା । ରାଜନୈତିକ ଦଳମାନେ ଆମକୁ ବୁଝାଇବାକୁ ଚାହୁଁଛନ୍ତି ଯେପରିକି ସମ୍ବିଧାନ ଓ ରାଜନୀତି ହେଉଛି ଦୁଇଟି ଭିନ୍ନ ବ୍ୟବସ୍ଥା; ସମ୍ବିଧାନ ଆଦର୍ଶଗତ, ରାଜନୀତି ହେଉଛି ବାସ୍ତବତା ।

ଉଦାହରଣ ସ୍ୱରୂପ କୁହାଯାଇପାରେ ଯେ ଆମ ଆଦମୀ ପାର୍ଟି (ଏଏପି)ର ସୃଷ୍ଟି ହେଲା ଦୁର୍ନୀତିମୁକ୍ତ ରାଜନୈତିକ ସଂସ୍କୃତି ପ୍ରତିଷ୍ଠା ପାଇଁ । ତା'ର ପ୍ରତିଷ୍ଠାତା ସଦସ୍ୟମାନେ ବିଚାରବୁଦ୍ଧି ଖଟାଇ ଦଳର ସମ୍ବିଧାନ ଲେଖିଲେ ନୀତି ଆଦର୍ଶର ପୁନଃସ୍ଥାପନ ଲାଗି । ତେବେ ଏଏପିର ନିର୍ବାଚନୀ ସଫଳତା ପରବର୍ତ୍ତୀ ଅବସ୍ଥାରେ ରାଜନୈତିକ ବାଧ୍ୟବାଧକତାକୁ ପ୍ରାଧାନ୍ୟ ଦେଇ ଚାଲିଲା । ଏବେ ଆଉ ଏଏପି ନିଜକୁ ଏକ ଆଦର୍ଶ ସ୍ଥାନୀୟ ପାର୍ଟି ଭାବେ ଘୋଷଣା କରୁନାହିଁ, ତାହା ନିର୍ବାଚନ ଜିତିବା ପାଇଁ ଯେକୌଣସି ଉପାୟ ଅବଲମ୍ବନ କରିବାକୁ ପ୍ରସ୍ତୁତ । ଏଇ କଥା ଅନ୍ୟ କେତେକ ଆଞ୍ଚଳିକ ଦଳମାନଙ୍କ କ୍ଷେତ୍ରରେ ମଧ୍ୟ ପ୍ରଯୁଜ୍ୟ । ସେଥିପ୍ରତି କେହି ଏବେ ଦୃଷ୍ଟି ଦେଉଛି କି ? ଯିଏ ଆରମ୍ଭରୁ ଦଳର ପ୍ରତିଷ୍ଠାତା ସଭାପତି, ସିଏ ଆଉ ନିଜ ଦଳର ସମ୍ବିଧାନର ପୃଷ୍ଠାନ ଓଲଟାଇ ପଢ଼ିବାକୁ ସମୟ ପାଉଛନ୍ତି କି ? କ'ଣ ପାଇଁ ଦଳ ତିଆରି ହୋଇଥିଲା, ଆଜି ତାହା କେଉଁ ଅବସ୍ଥାରେ ଯାଇ ପହଞ୍ଚିଲାଣି, ତାକୁ ତର୍ଜମା କରିବାକୁ କ'ଣ ସେ ଦଳରେ କେହି ନାହାନ୍ତି ? ଯିଏ ଏ ମନେପକାଇଦେଲା, ସିଏ ହେ । ଇ ଯ । ଉ ଛ "ଦଳବିରୋଧୀ ?"

ସମ୍ବିଧାନ ଆମକୁ ବାରମ୍ବାର ସ୍ମରଣ କରାଇଦେଇ ଆସିଛି ଯେ ରାଜନୀତି କେବଳ ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତା ନୁହେଁ । ତାହା ଅନେକ ସମ୍ଭାବନାର ଗନ୍ତାଘର, ଅନେକ ଅଚିନ୍ତନୀୟକୁ ସାକାର ଦେବା ଲାଗି ମାଧ୍ୟମ ଏବଂ ଯାହା ଅଲଭ୍ୟ, ତାହାକୁ ହାସଲ କରିବାର ମାର୍ଗ । ଆମେ କେଉଁଠି ସେ ମାର୍ଗଟି ହୁଡ଼ିଯାଉଛି କି ?❐

# ଶ୍ରମିକଙ୍କ ଆତ୍ମହତ୍ୟା

**ସୁବାସ ଷଡଙ୍ଗୀ**

ପାର୍ଲାମେଂଟରେ ଏକ ପ୍ରଶ୍ନର ଉତରରେ ମନ୍ତ୍ରୀ ପ୍ରକାଶ କରିଛନ୍ତି ଯେ ଭାରତରେ ଯେତେ ଲୋକ ଆତ୍ମହତ୍ୟା କରନ୍ତି, ସେମାନଙ୍କ ମଧ୍ୟରୁ ପ୍ରତି ଚାରି ଜଣରେ ଜଣେ ହେଉଛନ୍ତି ଦିନମଜୁରିଆ । ଏହା ହେଉଚି ୨୦୧୯-୨୦ ମସିହାର ତଥ୍ୟ । ନେସନାଲ କ୍ରାଇମ ରେକର୍ଡ ବ୍ୟୁରୋ ପକ୍ଷରୁ ଏଭଳି ତଥ୍ୟ ପ୍ରଦାନ କରାଯାଇଛି । ସେଥିରେ କୁହାଯାଇଛି, ୨୦୧୪ ମସିହା ପରଠାରୁ ଦିନ ମଜୁରିଆଙ୍କ ଆତ୍ମହତ୍ୟା, ଆମ ଦେଶରେ ବଢ଼ିବାରେ ଲାଗିଛି । ୨୦୨୧ ମସିହାରେ ପ୍ରତିଦିନ ହାରାହାରି ୧୨୫ ଜଣ ଶ୍ରମିକ ଆତ୍ମହତ୍ୟା କରୁଥିବା ବେଳେ ଏବେ ଏଇ ସଂଖ୍ୟା ବଢ଼ିଛି । ୨୦୧୯ରୁ ୨୦୨୧ ମସିହା ମଧ୍ୟରେ ଆତ୍ମହତ୍ୟା ବଢ଼ିଛି ବାର ହଜାର । ଏହା ନିଶ୍ଚିତଭାବେ କେବଳ ଉଦବେଗଜନକ ନୁହେଁ, ଚିନ୍ତାଜନକ ମଧ୍ୟ । ଏଭଳି ଏକ ପରିସ୍ଥିତିରେ ଶ୍ରମିକମାନଙ୍କ ଆତ୍ମହତ୍ୟାବୃଦ୍ଧିକୁ ବିଶାରଦମାନେ ସହଜରେ ଗ୍ରହଣ କରିପାରି ନାହାନ୍ତି । ପରିସଂଖ୍ୟାନର ଗ୍ରହଣ ପଦ୍ଧତିକୁ ସେମାନେ ସନ୍ଦେହ କରିବା ସ୍ୱାଭାବିକ । ସେମାନଙ୍କର ଧାରଣା, ଦେଶରେ ଚାଷୀମାନଙ୍କର ଆତ୍ମହତ୍ୟାକୁ ଲୁଚାଇବା ପାଇଁ , କୃଷକମାନଙ୍କ ଆତ୍ମହତ୍ୟାକୁ ଶ୍ରମିକ ବୋଲି ଦର୍ଶାଯାଉଛି । କୃଷକମାନଙ୍କ ଆତ୍ମହତ୍ୟାର ହାର ଆମ ଦେଶରେ ବଢ଼ିବାରେ ଲାଗିଛି, ଯାହା ସରକାରଙ୍କୁ ବିଭିନ୍ନ ସମୟରେ ଅଡୁଆରେ ପକାଉଛି । ଏଣୁ ସରକାର ଚାଷୀମାନଙ୍କ ଆତ୍ମହତ୍ୟାକୁ ଶ୍ରମିକ ବୋଲି କହୁଛନ୍ତି । ୨୦୧୬ ମସିହା ପୂର୍ବରୁ ଚାଷୀମାନଙ୍କ ଆତ୍ମହତ୍ୟାର ହାର ଅଧିକ ଥିଲାବେଳେ ଏବେ ଏହି ହାର କମିବାକୁ ଆରମ୍ଭ କରିଛି । ୨୦୧୬ରେ ଦେଶରେ ଏଗାର ହଜାରରୁ ଅଧିକ ଚାଷୀ ଆତ୍ମହତ୍ୟା କରିଥିବାବେଳେ ୨୦୨୧ ମସହା ବେଳକୁ ଏହା ହ୍ରାସ ପାଇ ଦଶ ହଜାର ଦୁଇଶହ ଏକାଅଶୀରେ ପହଂଚିଥିଲା । ଅପରପକ୍ଷରେ ଶ୍ରମିକମାନଙ୍କ ଆତ୍ମହତ୍ୟାର ହାର ଏଇ ଅବଧି ଭିତରେ ବଢ଼ିଥିଲା । ୨୦୧୪ ମସିହାରେ ୧୫୭୦୦ ଚାଷୀ ଆତ୍ମହତ୍ୟା କରିଥିବାବେଳେ ୨୦୧୯ ମସିହା ବେଳକୁ ଏହି ହାର ପାଖାପାଖି ଦୁଇଗୁଣ ହୋଇ ୩୨ ହଜାର ୬୦୦ରେ ଯାଇ ପହଂଚିଥିଲା ।

ଅନେକ ହୁଏତ ଏଠାରେ ପ୍ରଶ୍ନ କରିପାରନ୍ତି, ଚାଷୀ ଓ ଶ୍ରମିମାନଙ୍କୁ କିପରି ଚିହ୍ନଟ କରିବ ? ଆମର ଧାରଣା ହେଉଛି, ବିଭିନ୍ନ କଳକାରଖାନାରେ ଯେଉଁମାନେ କାମ କରୁଛନ୍ତି, ସେମାନେ ଶ୍ରମିକ । ଅଥବା ଯେଉଁମାନଙ୍କର ନିଯୁକ୍ତିପତ୍ର ରହିଛି, ସେମାନେ ଶ୍ରମିକ । କିନ୍ତୁ ପ୍ରକୃତ ତଥ୍ୟ ହେଉଛି, ଅନେକ ଚାଷୀମଧ୍ୟ ଶ୍ରମିକଭାବେ କାମ କରୁଛନ୍ତି । ଓଡ଼ିଶାର ଅନେକ ଚାଷୀ, ଯେଉଁମାନେ ସରକାରଙ୍କ ଠାରୁ ଦୁଇପ୍ରକାର ଯୋଜନାରେ ସୁବିଧା ପାଉଛନ୍ତି । କାଳିଆ ଯୋଜନାରେ ଚାଷ ପାଇଁ ସରକାରଙ୍କ ଠାରୁ ବର୍ଷକୁ ବର୍ଷ ସାହାଯ୍ୟ ପାଉଥବା ବେଳେ, ଶ୍ରମିକଭାବେ ନିର୍ମାଣ ଶ୍ରମିକରେ ସାମିଲ ହୋଇ ବିଭିନ୍ନ ସୁବିଧା ହାସଲ କରୁଛନ୍ତି । ସମାଲୋଚନାରୁ ରକ୍ଷା ପାଇବା ପାଇଁ ସରକାର ଚାଷୀମାନଙ୍କୁ ଶ୍ରମିକ ବୋଲି ଦର୍ଶାଯାଉଛନ୍ତି । ଏମାନଙ୍କ ମଧ୍ୟରୁ ଅନେକ କ୍ଷୁଦ୍ର ଚାଷୀ । ନିଜର ଯାହା ରକ୍ଷେତ ଅଛି, ସେଥିରେ ଚାଷ କରିବା ପରେ ସେମାନେ ବାହାରକୁ ଶ୍ରମିକଭାବେ କାମ କରିବାକୁ ଚାଲିଯାଆନ୍ତି । ଏମାନେ ପକୃତ କେଉଁଥରେ ଯିବେ, ତାହା କିଏ କହିବ ? କୁହାଯାଉଛି, ସରକାାର ଚାଷୀମୃତ୍ୟୁ ତଥ୍ୟ ଲୁଚାଇବା ପାଇଁ, ଏପରି କରିଛନ୍ତି ।

ପରିସଂଖ୍ୟାନ ଯଦି ଠିକ ନହୁଏ, ତେବେ ସମସ୍ୟାର ପ୍ରତିକାର କରିବା କଷ୍ଟକର ହୋଇ ଉଠେ । ଯେମିତି ଗରିବ ଲୋକ ଚିହ୍ନଟ କରିବା ସରକାରଙ୍କ ପାଇଁ ସବୁଠାରୁ ବଡ ସମସ୍ୟା । ଭୋଟ ରାଜନୀତି ସହିତ ଗରିବି ସମସ୍ୟା ଓତପ୍ରୋତଭାବେ ଜଡ଼ିତ । ୨୦୧୬ ମସିହା ପରଠାରୁ ଏନସିଆରବି କୃଷକମାନଙ୍କ ଆତ୍ମହତ୍ୟାର କାରଣ ଦର୍ଶାଉ ନାହିଁ । କିନ୍ତୁ ଏହା ପୂର୍ବରୁ କୁହାଯାଉଥିଲା ଆର୍ଥିକ ସଂକଟ ବିଶେଷ କରି ଋଣ ହେଉଛି ମୁଖ୍ୟ ସମସ୍ୟା । ଆତ୍ମହତ୍ୟା କରୁଥିବା ଦଶଜଣଙ୍କ ମଧ୍ୟରୁ ଛଅଜଣଙ୍କ ଆତ୍ମହତ୍ୟା କରନ୍ତି, ଆର୍ଥିକ କାରଣରୁ । ଏହାପରେ ଆସେ ମରୁଡ଼ି ବା ଅଭାବି ବିକ୍ରିଜନିତ ସମସ୍ୟା । ଏଣୁ ଏସବୁ ତଥ୍ୟର ବିଶ୍ଳେଷଣ ଦରକାର ।

ଚାଷୀ ଆତ୍ମହତ୍ୟାର ମୂଳକାରଣ ଯଦି ଆର୍ଥିକ ସମସ୍ୟା ହୁଏ, ତେବେ ସରକାରଙ୍କ ପାଇଁ ସମସ୍ୟା । କାରଣ ସରକାର ଚାଷୀଙ୍କ କିଛି କରୁ ନାହାନ୍ତି ବୋଲି ବିରୋଧୀମାନେ ଅଭିଯୋଗ କରିବେ । ଅପରପକ୍ଷରେ ଶ୍ରମିକମାନେ ମଧ୍ୟ ସେଇ ଆର୍ଥିକ ସଂକଟ ପାଇଁ ଆତ୍ମହତ୍ୟା କରିଥାନ୍ତି । କର୍ମହୀନତା ଅନ୍ୟତମ କାରଣ । କରୋନା ପରେ ଶ୍ରମିକମାନେ କାମ ପାଉନଥିବାରୁ ଆର୍ଥିକ ସମସ୍ୟାରେ ପଡୁଛନ୍ତି । ଯାହାର ଶେଷ ପରିଣାମ ହେଉଛି ଆତ୍ମହତ୍ୟା ।

ଶ୍ରମିକମାନଙ୍କର ଆତ୍ମହତ୍ୟା ରୋକିବା ପାଇଁ ସରକାର କଣ ସବୁ ପଦକ୍ଷେପ ନେଇଛନ୍ତି, ଏଇ ପ୍ରଶ୍ନର ଉତରରେ ମନ୍ତ୍ରୀ କହିଛନ୍ତି,କେବଳ ଅସଂଗଠିତ କ୍ଷେତ୍ରରେ କାମ କରୁଥିବା ଶ୍ରମିକମାନଙ୍କ ପାଇଁ ବିଭିନ୍ନ ସାମାଜିକ ସୁରକ୍ଷା ପ୍ରକଳ୍ପ, ବୀମା, ସ୍ୱାସ୍ଥ୍ୟବୀମା ପ୍ରଚଳନ କରାଯାଇଛି । କୋଭିଡ ପରମର୍ତୀ ସମୟରେ ଉଭୟ ସହର ଓ ଗାଁରେ ଶ୍ରମିକମାନଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣରେ କାମ ରହିଛି କି ନାହିଁ, ଆଉ ଯେଉଁ କାମ ମିଳୁଛି, ସେଥିରୁ ପର୍ଯ୍ୟାପ୍ତ ଆୟ ହେଉଛି କି ନାହିଁ, ସେ ସମ୍ପର୍କରେ ମନ୍ତ୍ରୀ କୌଣସି ଉତର ଦେଇ ନାହାନ୍ତି ।

ଶ୍ରମିକ ବିଶେଷକରି ଗାଁ ଗହଳିରେ ରହୁଥିବା ଶ୍ରମିକମାନଙ୍କୁ ପର୍ଯ୍ୟାପ୍ତ ପରିମାଣରେ କାମ ଯୋଗାଇଦେବା ପାଇଁ ଏକଶହ ଦିନର କାମ ଯୋଜନା କାର୍ଯ୍ୟକରି କରାଯାଇଥିଲା । କିନ୍ତୁ ଏହାର ବ୍ୟୟ ବରାଦ ପ୍ରତିବର୍ଷ କମିବାରେ ଲାଗିଛି । ଯାହାଫଳରେ ଗାଁ ଗହଳରେ ରହୁଥିବା ଲୋକମାନେ ଠିକଭାବେ କାମଦାମ ନ ପାଇ ବାହାରକୁ ଚାଲିଯାଉଛନ୍ତି । ସେମାନଙ୍କର ଆୟ ହ୍ରାସ ପାଇବାରେ ଲାଗିଛି । ତା ସହିତ ରହିଛି ଦରଦାମ ବୃଦ୍ଧି ଜନିତ ସମସ୍ୟା । ଆଜିକାଲି ସ୍ୱଳ୍ପ ରୋଜଗାରରେ ଚଳିବା ବା ପରିବାର ଚଳାଇବା କଷ୍ଟକର । ଏହାହିଁ ଉଭୟେ ଚାଷୀ ଓ ଶ୍ରମିକମାନଙ୍କର ଆତ୍ମହତ୍ୟାର ମୂଳକାରଣ, ଏକଥା ସରକାର ବୁଝିବା ଦରକାର ।

ଭୁବନେଶ୍ୱର
ମୋ: ୯୪୩୯୬୫୨୩୨୨

## ସଂପାଦକଙ୍କୁ ପତ୍ର

### ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ

ମହାଶୟ,

ବର୍ତ୍ତମାନ ଅଣ-ଜୈବିକ ପନିପରିବା ପରିବର୍ତ୍ତେ ଜୈବିକ ପନିପରିବା ସ୍ୱାସ୍ଥ୍ୟ ପାଇଁ ଅଧିକ କ୍ଷତିକାରକ । ପନିପରିବାକୁ ସତେଜ ଏବଂ ରୋଗମୁକ୍ତ କରି ରଖିବା ପାଇଁ ଅନେକ ଜୈବିକ ଫାର୍ମଗୁଡ଼ିକରେ ମାତ୍ରାଧିକ କୀଟନାଶକ ବ୍ୟବହାର କରାଯାଉଛି । ଏବଂ ସେହି ମାତ୍ରାଧିକ କୀଟନାଶକ ମିଶା ପନିପରିବାକୁ ରାସାୟନିକ ସାର ମୁକ୍ତ ବା ଜୈବିକ ପନିପରିବାର ଟ୍ୟାଗ ଲଗାଇ ଲାଭ ପାଇଁ ବଜାରରେ ଅଧିକ ଟଙ୍କାରେ ବିକ୍ରି କରାଯାଉଛି । ଅନ୍ୟ ଅର୍ଥରେ କହିଲେ ଲୋକମାନେ ଯେଉଁ ଜୈବିକ ପରିବାକୁ ବହୁତ ସୁରକ୍ଷିତ ଭାବୁଥିଲେ ତାହା ଏବେ ମିଛ ବୋଲି ପ୍ରମାଣିତ ହୋଇଯାଇଛି । ତେବେ ଏ ସମ୍ପର୍କରେ ଭାରତୀୟ ଶସ୍ୟ ସୁରକ୍ଷା ସଂସ୍ଥାନ ପକ୍ଷରୁ ସୂଚନା ଅଧିକାରକୁ ଯେଉଁ ପ୍ରଶ୍ନ କରାଯାଇଥିଲା ତାର ଉତ୍ତରରେ ଜାଣିବାକୁ ମିଳିଛି ଯେ ରାଜଧାନୀ ଦିଲ୍ଲୀର ବଜାରରେ ବିକ୍ରି ହେଉଥିବା ଜୈବିକ ପନିପରିବାର ୩୩ ପ୍ରତିଶତ ହେଉଛି କୀଟନାଶକଯୁକ୍ତ ପନିପରିବା । ଯେତେବେଳେ କି ଅଣଜୈବିକ ପନିପରିବାରେ କୀଟନାଶକର ମାତ୍ରା ଏମ୍‌ଆରଏଲ୍ ଠାରୁ ୨.୭ ପ୍ରତିଶତ ଏବଂ ଜୈବିକ ଫଳରେ ଏହାର ମାତ୍ରା ୦.୮ ପ୍ରତିଶତ ଅଧିକ ରହିଛି ।

ସ୍ୱାସ୍ଥ୍ୟପ୍ରତି ଲାଭଦାୟକ ଥିବା ଜୈବିକ ପନିପରିବା ପ୍ରକୃତରେ ଯେ କେତେ କ୍ଷତିକାରକ ତାହା ଏହି ପରୀକ୍ଷାରୁ ଜଣାପଡ଼ି ଯାଇଛି । ପରୀକ୍ଷା କରାଯାଇଥିବା ଜୈବିକ ପନିପରିବାରେ ଏସିଟାମିପ୍ରିଡ୍, କ୍ଲେରପିରିଫସ୍, ସିପରମିଥ୍ରିନ୍, ଫ୍ଲୁବେନ୍‌ଡିଆମାଇଡ୍ ଏବଂ ପ୍ରୋଫିନୋଫୋସ୍ ପରି ବିଷାକ୍ତ କୀଟନାଶକ ମିଶିଥିବାର ଜଣାପଡ଼ିଛି ।

ବିଚିତ୍ର ରାଉତ, ଯାଜପୁର

# ପବିତ୍ର ସ୍ନାନ ବାରୁଣୀ

**ପ୍ରଫେସର ଉମେଶ ଚନ୍ଦ୍ର ପାତ୍ର**

ବାରୁଣୀ ଏକ ପବିତ୍ର ସ୍ନାନଯୋଗର ନାଁ ଏବଂ ଜଳର ଅଧିଷ୍ଠାତା ଦେବତା ବରୁଣଙ୍କୁ ଏହା ଉତ୍ସର୍ଜିତ । ଚୈତ୍ର ମାସ କୃଷ୍ଣପକ୍ଷ ତ୍ରୟୋଦଶୀ ତିଥିରେ ଏହି ସ୍ନାନ ଯାତ୍ରା ପାଳିତ ହୁଏ । ବାରୁଣୀ ସ୍ନାନ ପାଇଁ ପବିତ୍ର ବୈତରଣୀ ନଦୀ ପ୍ରସିଦ୍ଧ । କଥିତ ଅଛି ଭଗବାନ ବ୍ରହ୍ମା ଯାଜପୁର ଠାରେ ଏକ ବିଶାଳ ଯଜ୍ଞର ଆୟୋଜନ କରିଥିଲେ । ଯଜ୍ଞସ୍ଥଳୀରେ ସମସ୍ତ ଦେବଦେବୀ, ଦେବର୍ଷି, ମହର୍ଷି, ବ୍ରହ୍ମର୍ଷି ପ୍ରମୁଖ ସମବେତ ହୋଇଥିଲେ । ବ୍ରହ୍ମାଙ୍କ ପ୍ରାର୍ଥନା ଅନୁସାରେ ଗଂଗା ସ୍ୱର୍ଗରୁ ବାହାରି ଗୋନାସିକା ପର୍ବତରେ ଅବତରଣ କଲେ । ସେଠାରୁ ବୈତରଣୀ ନଦୀ ରୂପରେ ପ୍ରକଟିତା ହୋଇ ବ୍ରହ୍ମାଙ୍କ ଯଜ୍ଞସ୍ଥାନକୁ ନିଜର ପବିତ୍ର ଜଳରେ ଧୌତ କରିଥିଲେ । ବ୍ରହ୍ମାଙ୍କ ସମେତ ସମସ୍ତ ଦେବତା ବୈତରଣୀର ଶୁଭ ପ୍ଲାବନରେ ସ୍ନାନ କରିଥିଲେ । ଯଜ୍ଞଭୂମିରେ ଗଙ୍ଗାଙ୍କ ଶୁଭ ପ୍ଲାବନ ହିଁ ହିନ୍ଦୁମାନଙ୍କ ମଧ୍ୟରେ ପବିତ୍ର ବାରୁଣୀ ସ୍ନାନ ଭାବେ ପରିଚିତ ହୋଇଆସିଛି । ତେବେ, ବାରୁଣୀ ସ୍ନାନର ନିର୍ଦ୍ଦିଷ୍ଟ ସ୍ଥାନକୁ ନେଇ ଭିନ୍ନ ମତ ରହିଛି । ବାରୁଣୀ ସ୍ନାନ ପରେ, ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡ ଶ୍ରାଦ୍ଧ ଦାନର ବିଧି ପ୍ରଚଳିତ ।

ମନୁଷ୍ୟର ଦୈନନ୍ଦିନ ନିତିଦିନିଆ ଜୀବନରେ ଛଅଟି କର୍ମ ଭିତରେ ସ୍ନାନ କର୍ମରୁ ଗୁରୁତ୍ୱ ବିଧାନ କରାଯାଇଛି । ଏହା ଶରୀରକୁ ଶୁଦ୍ଧ ସହ ମନ ପବିତ୍ର କରିଥାଏ । ହିନ୍ଦୁ ଧର୍ମ ବିଚାରରେ ସ୍ନାନ ହେଉଛି ତିନି ପ୍ରକାରର । ଯାହା ଦୈନିକ ସ୍ନାନ, ନିତ୍ୟ ସ୍ନାନ, ନିଜର ନିକଟ ସମ୍ପର୍କୀୟଙ୍କ ପରଲୋକ ଜନିତ ଶୁଦ୍ଧିକ୍ରିୟା ସ୍ନାନ ହେଉଛି ନୈମିତ ସ୍ନାନ ଓ ମାନସିକ ପୂରଣ ପାଇଁ ଯେଉଁ ସ୍ନାନଟି ହୋଇଥାଏ ତାହା ହେଉଛି କାମ୍ୟୋ ସ୍ନାନ । ଯଥାର୍ଥରେ ଶାସ୍ତ୍ରରେ ଉଲ୍ଲେଖ ରହିଛି - 'ଗଙ୍ଗାଶ୍ଚ ଯମୁନାଶ୍ଚୈବ ଗୋଦାବରୀ ସରସ୍ୱତୀ । ନର୍ମଦେ ସିନ୍ଧୁ କାବେରୀ ଜଳଃସ୍ମିନ୍ ସନ୍ନିଧିଂ କୁରୀ ।' ଭାରତର ସବୁଠାରୁ ପବିତ୍ରତମ ନଦୀ ଗଙ୍ଗା । କଥିତ ଅଛି ଧରିତ୍ରୀ, ପାତାଳ ଓ ଆକାଶ ତିନିଲୋକରେ ଗଙ୍ଗା ପ୍ରବାହିତ । ଏହାକୁ ଅନେକ ନାମରେ ସମ୍ବୋଧିତ କରାଯାଏ ଯଥା ଆକାଶଗଙ୍ଗା, ତ୍ରିପଥ ଗଙ୍ଗା, ପାତାଳ ଗଙ୍ଗା, ଜାହ୍ନବୀ, ମନ୍ଦାକିନୀ, ହେମବତୀ ଭାଗିରଥି ଓ ଅଳକାନନ୍ଦା । ଗଙ୍ଗାରେ ସ୍ନାନକଲେ ପାପ କ୍ଷୟ ହୋଇଥାଏ ଏହି ବିଶ୍ୱାସ ରହିଛି ଏହାସହ ମୃତ୍ୟୁପରେ ଚିତାଭସ୍ମକୁ ଗଙ୍ଗାରେ ବିସର୍ଜିତ କଲେ ମୃତ ଆତ୍ମା ମୋକ୍ଷ ପ୍ରାପ୍ତ ହୋଇଥାଏ । ସେହିପରି ପଞ୍ଚାମୃତ ରୂପରେ ଗଙ୍ଗାଜଳକୁ ଅମୃତ ବୋଲି ମାନିଥାନ୍ତି ଏହା ଭଗବାନ ଶ୍ରୀସତ୍ୟସାଇବାବାଙ୍କ ଷୋଡ଼ଶ ଉପଚାର ପୂଜା ନିତ୍ୟକର୍ମ ପୁସ୍ତକରେ ଉଲ୍ଲେଖ ରହିଛି । ମକର ସଂକ୍ରାନ୍ତି, କୁମ୍ଭମେଳା ଓ ଗଙ୍ଗା ଦଶହରାରେ ଗଙ୍ଗାରେ ସ୍ନାନ କଲେ ସମସ୍ତଙ୍କ ପାପକ୍ଷୟ ହୁଏ । ପଶ୍ଚିମ ବଙ୍ଗର ଦକ୍ଷିଣ-ପୂର୍ବ ଭାଗରେ ଥିବା ଗଙ୍ଗା ସାଗରରେ ପ୍ରୟାଗ ସ୍ନାନ ଯାତ୍ରା ହୋଇଥାଏ । ମହାଭାରତରେ ଏହି ପ୍ରୟାଗରାଜ ଓ ମୋକ୍ଷ ପ୍ରାପ୍ତି ସମ୍ବନ୍ଧରେ ଉଲ୍ଲେଖ ଅଛି - ତ୍ରିବେଣୀ ମାଧବଂ ସୋମଂ ଭରଦ୍ୱାଜଂ ଚ ବାସୁକିମ୍ । ବନ୍ଦେଽକ୍ଷୟବର୍ଣ୍ଣଂ ଶେଷଂ ପ୍ରୟାଗଂ ତୀର୍ଥନାୟକମ୍ । ପଦ୍ମ ପୁରାଣ ଅନୁସାରେ ମାଘ ମାସରେ ପ୍ରୟାଗ ସ୍ନାନ କରିବା ଖୁବ୍ ପବିତ୍ର । ସେହିପରି ବ୍ରହ୍ମ ପୁରାଣ ଅନୁସାରେ ଅଶ୍ୱମେଧ ଯଜ୍ଞ କରିବା ସହ ପ୍ରୟାଗ ସ୍ନାନ ସମାନ ବୋଲି ଉଲ୍ଲେଖ ରହିଛି । ମତ୍ସ୍ୟ ପୁରାଣ ଅନୁସାରେ ୧୦୦ କୋଟିରୁ ଅଧିକ ମନ୍ଦିର ତୀର୍ଥ କରିବାରେ ଯେଉଁ ଫଳ ପ୍ରାପ୍ତି ହୁଏ କେବଳ ପ୍ରୟାଗ ସ୍ନାନରେ ସେହି ଫଳ ମିଳିଥାଏ ।

ସେହିପରି ଗଙ୍ଗା-ଯମୁନା-ସରସ୍ୱତୀର ସଙ୍ଗମସ୍ଥଳରେ କୁମ୍ଭମେଳା ହରିଦ୍ୱାର, ନାସିକ, ପ୍ରୟାଗ ଓ ଉଜ୍ଜୈନୀରେ ହୋଇଥାଏ । ଏହି ଅମାବାସ୍ୟା ମେଳାରେ ସ୍ନାନକୁ ପୂର୍ଣ୍ଣ କୁମ୍ଭ କୁହାଯାଏ । ପ୍ରତି ବାରବର୍ଷରେ ପୂର୍ଣ୍ଣକୁମ୍ଭ ଓ ପ୍ରତି ଛଅବର୍ଷରେ ଅର୍ଦ୍ଧକୁମ୍ଭ ହୋଇଥାଏ । ସେହିପରି କାବେରୀ ନଦୀ ଭାରତର ଦକ୍ଷିଣାଞ୍ଚଳର ପବିତ୍ର ନଦୀରେ ବୁଡ଼ ପକାଇ ଶିବଙ୍କୁ ଦର୍ଶନ କଲେ ମୋକ୍ଷ ପ୍ରାପ୍ତ ହୋଇଥାଏ । ସେହିପରି ଗୋଦାବରୀ ନଦୀରେ ସ୍ନାନ କରି ସୌମେଶ୍ୱର ଓ କପାଳେଶ୍ୱର ଶିବମନ୍ଦିରରେ ଭଗବାନ ଶିବଙ୍କୁ ଦର୍ଶନ କରାଯାଏ । ସେହିପରି ଗୁଜୁରାଟର ତାପ୍ତି ନଦୀ କୂଳରେ ସୌରଗ୍ରହଣ ଅବସରରେ ପବିତ୍ର ବୁଡ଼ ପକାଯାଇଥାଏ । ସେହିପରି ଅନ୍ୟ ଏକ ତ୍ରିବେଣୀ ସଙ୍ଗମ ସ୍ଥାନ ହେଉଛି ଭାଗମନ୍ଦଳା ଏହା କାବେରୀ, କନିକୀ ଓ ମିଥିକୀୟ ନଦୀର ତିନୋଟି ସଙ୍ଗମକୁ ବୁଝାଯାଇଥାଏ । ଭାରତୀୟ ଆଧ୍ୟାତ୍ମିକ ବିଚାରଧାରାରେ ସମ୍ପୂର୍ଣ୍ଣ ଶରୀରରେ ଭସ୍ମ ସ୍ନାନକୁ ଆଗ୍ନେୟମ କୁହାଯାଏ । ଆଉ ବରୁନମ୍ ହେଉଛି ମନ୍ତ୍ର ସହିତ ନଦୀ, ହ୍ରଦ ଓ ନିଜ ଘରେ ସ୍ନାନ କରିବା । ବ୍ରହ୍ମ ସ୍ନାନରେ ସ୍ନାନମନ୍ତ୍ର ଅପୋହିଷ୍ଠ ମନ୍ତ୍ରରେ ବକ୍ଷ ଦେଶରେ କେବଳ ଜଳ ସିଞ୍ଚନ କରିବା । ସନ୍ଧ୍ୟା ସମୟରେ ଗାଇଙ୍କ ଖୁରାରେ ଧୂଳି ଉଡି ଅନେକ ବ୍ୟକ୍ତିଙ୍କ ଦେହରେ ଲାଗିଯାଏ ଏହାକୁ ବାୟାବ୍ୟ ସ୍ନାନ କୁହାଯାଏ । ଆଉ ସେହିପରି ଉତ୍ତରାୟଣ ଅବସରରେ ସ୍ନାନକୁ ଦିବ୍ୟ ସ୍ନାନ କୁହାଯାଏ ଓ ଯେତେବେଳେ ସୂର୍ଯ୍ୟଙ୍କ କିରଣ ଥାଏ ବର୍ଷା ଝିପିଝିପି ଝରୁଥାଏ ସେ ସମୟରେ ସ୍ନାନକୁ ଦିବ୍ୟ ସ୍ନାନ କୁହାଯାଏ ।

ସେହିପରି ଓଡ଼ିଆ ଆଧ୍ୟାତ୍ମିକ ଓ ଜନଜୀବନରେ ଚନ୍ଦ୍ରଭାଗାରେ ସ୍ନାନ ଏକ ଅବିସ୍ମରଣୀୟ ଅନୁଭୂତି । ମାଘ ସପ୍ତମୀ ତିଥିରେ ଚନ୍ଦ୍ରଭାଗାରେ ସ୍ନାନ ଓ ସୂର୍ଯ୍ୟପୂଜା ଚନ୍ଦ୍ରଭାଗା ତୀର୍ଥ ମହାତ୍ମ୍ୟକୁ ଆହୁରି ଆଧ୍ୟାତ୍ମିକମୟ କରିଥାଏ । ଭୌଗୋଳିକ ତଥ୍ୟ ଅନୁଯାୟୀ ପୂର୍ଣ୍ଣତୋୟା ପ୍ରାଚୀ ନଦୀର ଅଂଶବିଶେଷ ଭାବରେ ଚିତ୍ରୋତ୍ପଳା, କୁଶଭଦ୍ର ଓ ଚନ୍ଦ୍ରଭାଗାରେ ସଙ୍ଗମ ହୋଇ ବଙ୍ଗୋପସାଗରରେ ମିଶିଥିବାର ପ୍ରମାଣ ମିଳେ । ଯାହାକି ଏହି ତିନି ନଦୀ ଗୁପ୍ତଗଙ୍ଗା, ଯମୁନା ଓ ସରସ୍ୱତୀ ଭାବରେ ଆଖ୍ୟାୟିତ । ସେହିପରି ରାଉରକେଲା ସନ୍ନିକଟ ବେଦବ୍ୟାସ ଠାରେ ଶଙ୍ଖନଦୀ, କୋଏଲ ନଦୀ ଓ ସରସ୍ୱତୀର ମିଳନସ୍ଥଳୀ ଭାବେ ତ୍ରିବେଣୀ ସଙ୍ଗମ ପରିଚିତ । ଛତିଶଗଡ଼ରୁ ଆସିଥିବା ଶଙ୍ଖନଦୀ, ଝାଡ଼ଖଣ୍ଡରୁ କୋଏଲ ନଦୀ ଓ ବେଦବ୍ୟାସ ପାହାଡ଼ ଖୋଲରୁ ନିର୍ଗତ ହେଉଥିବା ଝରଣାକୁ ସରସ୍ୱତୀ ନଦୀ ଭାବେ ପରିଚିତ । ଏହି ତିନୋଟି ନଦୀର ମିଶ୍ରଣ ସ୍ଥଳ ହେଉଛି ବେଦବ୍ୟାସ । ପବିତ୍ର ନଦୀ ସ୍ନାନରେ ରୋଗ ନିବାରଣ ହୋଇଥିବା ନେଇ ଭିନ୍ନ ଭିନ୍ନ ପୌରାଣିକ କଥନିକାରେ ଉଲ୍ଲେଖ ରହିଛି । ଯମୁନା ନଦୀ ଜଳ ଗଙ୍ଗାଜଳ ପରି ଭାରି ଓ ପରମ ପିତ୍ତହର ହୋଇଥାଏ ଯାହାକି ରୁକ୍ଷ, ବାତକାରକ ସେହିପରି ନର୍ମଦାର ଜଳ ହେଉଛି ଲଘୁ ଶୀତଳ ପ୍ରଶସ୍ତ ଓ ଅତିସ୍ୱଚ୍ଛ । ନର୍ମଦାରେ ସ୍ନାନ ଦ୍ୱାରା ପିତ୍ତ ଓ କଫ ନାଶ ସହ ସର୍ବରୋଗର ହରଣ ହେବାର ବିଶ୍ୱାସ ରହିଛି । ଜଠରାଗ୍ନିବର୍ଦ୍ଧକ ହେଉଛି ପବିତ୍ର ଗୋଦାବରୀର ଜଳ । ଏହା କୁଣ୍ଡିଆ, କୁଷ୍ଠରୋଗକୁ ନାଶ କରିବାରେ ସକ୍ଷମ ହୋଇଥାଏ । ଏହି ନଦୀର ଜଳ ବାତ, ପିତ୍ତ, ହର ଗୁଣ ରଖିବା ସଙ୍ଗେ ଏହା ପାପନାଶକ, ତ୍ରିଦୋଷହର ଓ ତୃଷ୍ଣା ନିବାରଣ କରିଥାଏ । ସେହିପରି କୃଷ୍ଣାବେଣୀ ନାମକ ନଦୀର ଜଳ ଶୀତଳ, ରୁକ୍ଷ ଓ ଲଘୁ । କାବେରୀ ନଦୀର ଜଳ ପଥ୍ୟ, ବଳବୃଦ୍ଧିକାରକ ଓ ଆମ ନାଶକ । ଏହାସହ ନଦୀ ସ୍ନାନର ଭିନ୍ନ ଆଧ୍ୟାତ୍ମିକ ବିଶ୍ୱାସ ଭରି ରଖିଥାଏ । ବୋଲବମ୍ ଭକ୍ତମାନେ ଶିବଙ୍କୁ ଜଳ ସମର୍ପଣ ପାଇଁ ପବିତ୍ର ନଦୀଘାଟରୁ ବୁଡ଼ ପକାଇ ପାଦରେ ଯାତ୍ରା କରିଥାନ୍ତି । ଧର୍ମ ମାସ କାର୍ତ୍ତିକରେ ବୁଡ଼ ପକାଇ ସ୍ନାନ, ତର୍ପଣ ସହ ପିତୃପୁରୁଷଙ୍କୁ ପିଣ୍ଡଦାନ ଦିଆଯାଇଥାଏ । ପୁରୀର ନରେନ୍ଦ୍ର ପୁଷ୍କରଣୀ, ଭୁବନେଶ୍ୱରର ବିନ୍ଦୁସାଗର କ୍ଷେତ୍ରରେ ପିଣ୍ଡଦାନ ଦିଆଯାଇଥାଏ । ସେହିପରି ହବିଷ୍ୟାଳୀମାନେ ସ୍ନାନ କରି ରାଇଦାମୋଦର ପୂଜା କରନ୍ତି । ପଞ୍ଚୁକ ପାଞ୍ଚଦିନ ପ୍ରତ୍ୟୁଷରୁ ବୁଡ଼ ପକାଯାଇ ଦେବାଦେବୀଙ୍କ ଦର୍ଶନ କରାଯାଏ । ସେହିପରି ପବିତ୍ର ଗଙ୍ଗା ଓ ଯମୁନା ପରି ପୁରୀର ମହୋଦଧି ସ୍ନାନ ମଧ ପବିତ୍ର । ଏହି ମହୋଦଧିକୁ ତୀର୍ଥରାଜ କୁହାଯାଏ । ଲକ୍ଷ ଲକ୍ଷ ଆଧ୍ୟାତ୍ମିକ ଶ୍ରଦ୍ଧାଳୁ ମହୋଦଧିରେ ସ୍ନାନ କରି ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରନ୍ତି । ସେହିପରି ମକର ସଂକ୍ରାନ୍ତି ଅବସରରେ ଯାଜପୁରର ବୈତରଣୀ ନଦୀ କୂଳରେ ଦଶାଶ୍ୱମେଧଘାଟରେ ବାରୁଣୀ ସ୍ନାନ ହୋଇଥାଏ । ଏତଦ୍ ବ୍ୟତୀତ ମକର ସଂକ୍ରାନ୍ତିରେ ଖୋର୍ଦ୍ଧା ସନ୍ନିକଟ ଅତ୍ରି ଉଷ୍ଣପ୍ରସ୍ରବଣରେ ଲୋକବିଶ୍ୱାସକୁ ନେଇ ଯେଉଁମାନେ ସନ୍ତାନ ଆବଶ୍ୟକ କରିଥାନ୍ତି ସେମାନେ ପ୍ରତିବର୍ଷ ଏହି ଦିନରେ ଉଷ୍ଣପ୍ରସ୍ରବଣ କୁଣ୍ଡରେ ବୁଡ଼ ପକାଇ ତାହା ଭିତରେ ଗୁଆ ଖୋଜାଯାଏ । ଅଧିଶ୍ୱର ହଟକେଶ୍ୱରଙ୍କୁ ଦର୍ଶନ କରି ସନ୍ତାନ ପ୍ରାପ୍ତି ନିମିତ୍ତ ଗୁଆ ପାଇଥିବା ମହିଳାମାନେ ପୂଜାର୍ଚ୍ଚନା କରନ୍ତି । ସେହିପରି ଉତ୍ତରପ୍ରଦେଶର ଇତିହାସ ଓ ପୌରାଣିକ କିମ୍ବଦନ୍ତୀର କ୍ଷେତ୍ର ମଥୁରାରେ ଥିବା କୃଷ୍ଣକୁଣ୍ଡ ଓ ରାଧାକୁଣ୍ଡରେ ସ୍ନାନ ତର୍ପଣ କାର୍ଯ୍ୟ କରାଯାଏ । ନିଃସନ୍ତାନ ଦମ୍ପତିମାନେ କାର୍ତ୍ତିକ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ଏହି କୁଣ୍ଡରେ ସ୍ନାନ କରି ପୂଜାର୍ଚ୍ଚନା କରିଥାନ୍ତି । ଆଧ୍ୟାତ୍ମିକ ଚେତନା, ବିଶ୍ୱାସ ଓ ଲୋକକଥାକୁ ନେଇ ପବିତ୍ର ସ୍ନାନ ହେଉଛି ହିନ୍ଦୁ ଆଚାର ବିଚାର ପଦ୍ଧତିର ଏକ ଗୁରୁତ୍ୱପୂର୍ଣ୍ଣ ଚିନ୍ତନ ।

କଟକ,
ମୋ:୯୪୩୭୦୫୧୯୫୭

# କଟକର ପରିମଳ ଅବସ୍ଥା ସଂଗୀନ

କଟକ: (ଗୌତମ ମିଶ୍ର): ଐତିହ୍ୟ ପରମ୍ପରା ସାଂସ୍କୃତିକ ସହର କଟକ ସହର ହଜାରେ ବର୍ଷ ର। ଏକଦା ଏହାରାଜ୍ୟର ରାଜଧାନୀ ଭାବେ ନିଜ ଖ୍ୟାତି ଅର୍ଜନ କରିଥିଲା । ଏହି ସହର ମଧ୍ୟ ରୌପ୍ୟ ସହର ଭାବେପରିଚିତ । ଅତୀତରେ କଟକ ରାଜ୍ୟର ପ୍ରମୁଖ ବ୍ୟବସାୟିକ ପ୍ରାଣକେନ୍ଦ୍ର ଥିଲା । ଏହାରନୌବାଣିଜ୍ୟ ଦେଶ ବିଦେଶରେ ବେଶ୍ ଖ୍ୟାତି ଅର୍ଜନ କରିଥିଲା । ମା' କଟକ ଚଣ୍ଡୀ, ଗଡ଼ ଚଣ୍ଡୀ ସହରର ଦୁଇ ପ୍ରମୁଖ ଶକ୍ତିକ୍ଷେତ୍ର । ବାରବାଟୀ ଦୁର୍ଗ ଏହାର ଐତିହ୍ୟ ର ପରିଚୟ ।ପରସ୍ପର ଭିତରେ ଭାଇଚାରା ନିଦର୍ଶନ କଟକ ଅନ୍ୟମାନଙ୍କୁ ଶିଖେଇ ଥାଏ ।ଓଡ଼ିଶାର ସଂସ୍କୃତି କହିଲେ କଟକ ବୁଝାଏ । ହଜାର ବର୍ଷର ଏହି ସହର ବିଶ୍ୱର ବିଭିନ୍ନ ସହରର ସଂସ୍କୃତି ସହ ବେଶ ପରିଚିତ । ଏ ସହର କୁ ମୋଗଲ ମରାଠା ଏବଂ ଇଂରେଜ ଶାସନ କରିଥିଲେ ଓ ଏଠାରୁ ବହୁ ସମ୍ପତ୍ତି ସ୍ୱଦେଶ କୁ ନେଇ ଯାଇଥିଲେ । ଭାରତର ବିଭିନ୍ନ ପ୍ରାନ୍ତରରୁ ବହୁ ଲୋକ ଏଠାକୁ ଆସି ନିଜର ବେଉସା ବଳରେ ସ୍ୱଚ୍ଛ ରୋଜଗାରରେ ପୁରୁଷାନୁକ୍ରମେ ଏହି ତ୍ରିକୋଣ ଭୂମି ଉପରେ ରହି ଏଠାରେ ସ୍ଥାୟୀ ବାସିନ୍ଦା ହୋଇ କଟକ ସହର ର କଟକିଆ ହୋଇ ସହର ର ଭାଗ ହେଲେ। ହଜାର ବର୍ଷ ପରେ ମଧ୍ୟ କଟକ ତାର ପରିଚୟ ପାଇଁ ଏବେ ବି ଯୁଦ୍ଧ କରୁଛି । ସହରର ପରିମଳ ଅବସ୍ଥା ବର୍ତ୍ତମାନ ସ୍ଥିତିରେ ସଂଗୀନ୍ । କୁହାଯାଏ ଯଦି କଲିକତା ନଦେଖିଛ ତେବେ କଟକ ଦେଖ । କଟକରେ ବାଉନ ବଜାର ତେପନ ଗଳି । ମାତ୍ରଏହି ଗଳି ମାନଙ୍କରେ ଥିବା ନାଳ (ଡ୍ରେନ୍) ଓ ମୁଖ୍ୟ ସଂଯୋଗ ନାଳ ଅବସ୍ଥା ନକହିଲେ ଭଲ । ନାଳଗୁଡ଼ିକରେ ସଠିକ୍ ଉପାୟରେ ଜଳନିଷ୍କାସନ ନହୋଇ ପାରୁଥିବାରୁ ସେଠାରେ ବର୍ଯ୍ୟଜଳ ଜମି ରହି ପରିବେଶକୁ ପୁତିଗନ୍ଧମୟ କରେ । ସେହି ବର୍ଯ୍ୟଜଳ ଜମି ରହିବାରୁ ସହରରେ ମେଲେରିଆଡେଙ୍ଗୁ ରୋଗର କାର୍ଯବିସ୍ତାର ହୋଇଥାଏ । ଯାହା ଫଳରେ ବହୁ କଟକ ବାସୀ ବିଭିନ୍ନ ରୋଗରଶିକାର ହୋଇଥାନ୍ତି। ସହରରେ ସ୍ୱଚ୍ଛ ପାନୀୟ ଜଳ ପାଇବା କାଠିକର ବାଟ । କାରଣ ବହୁ ଜାଗାରେ ପାଇପ୍ ପାଣି ଫାଟିଥିବାରୁ ତାହା ପାନୀୟ ନାଳ ସଂସ୍ପର୍ଷରେ ଆସି ବିଭିନ୍ନ ସମୟରେ ବିଭିନ୍ନ ଲୋକଙ୍କ ଘରମାନଙ୍କୁ ଦୂଷିତ ପାଣି ଯାଉଛି ତାହାକୁ ବହୁ ଲୋକ ପିଇ ବହୁ ସମୟ ରେ ବହୁ ରୋଗ ର ସମ୍ମୁଖୀନ ହୋଇ ବହୁ ବ୍ୟକ୍ତି ବହୁ ବାର ଅଧିକାରୀଙ୍କ ପାଖରେ ଅଭିଯୋଗ କରିଛନ୍ତି ମାତ୍ର ଏଥିପ୍ରତି ବିଭାଗକାର୍ଯ୍ୟାନୁଷ୍ଠାନ ଶୂନ୍ ବୋଲି ପରିଲକ୍ଷିତ ହେଉଛି ତାହା ଚିନ୍ତାର ବିଷୟ । ସେହି ଦୂଷିତ ପାଣି ପିଇ ବହୁ କଟକୀଆ ବିଭିନ୍ନ ପେଟ ରୋଗ ଓ ଦଣ୍ଡିସ୍‌ରେ ଆକ୍ରାନ୍ତ ହେଉଥିବାର ବହୁ ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି । ଏଥିପ୍ରତି ସିଏମ୍‌ସି ଓ ସରକାଙ୍କର ଠୋସ୍ ପଦକ୍ଷେପ ଦେଖାଯାଉ ନାହିଁ । କଥାରେ ଅଛି ଗାଁ ପରିମଳ ଧୋବା ତୁଠରୁ । ସେହିପରି କଟକର ପରିମଳ ଅବସ୍ଥା ଖାନ୍‌ନଗରରେ ଥିବା କାଠଯୋଡ଼ି ଜଳ ନିଷ୍କାସନ ଓ ସେଠାରୁ ବାହାରୁ ଥିବା ଉତ୍କଟ ଗନ୍ଧରୁ ବାରିହୁଏ । ପ୍ରାୟ ପ୍ରତ୍ୟେକ ଦିନ ଏହି ସହରକୁ ଲକ୍ଷ ଲକ୍ଷ ଲୋକ ନିଜର କାର୍ଯ୍ୟ ପାଇଁ ପ୍ରବେଶ କରିଥାନ୍ତି ସେମାନଙ୍କର କଟକରେ ରହିବା ସମୟର ଦୈନନ୍ଦିନ ଜୀବନଶୈଳୀ ମଧ୍ୟ କଟକର ପରିମଳବ୍ୟବସ୍ଥା ଉପରେ ପ୍ରଭାବ ପକାଇଥାଏ । ବର୍ଷା ଦିନ ହେଉ ବା ଅଦିନିଆ ବର୍ଷା କଟକ ସହରରଅବସ୍ଥା ଶୋଚନୀୟ । ଡ୍ରେନ୍ ନଳାପାଣି ରାସ୍ତା ଘାଟରେ ଢେଉ ଖେଳି କୃତ୍ରିମ ବନ୍ୟାରଭ୍ରମ ସୃଷ୍ଟିକରେ । ବିଭିନ୍ନ ସମୟରେ ସିଏମ୍‌ସି ଓ ରାଜ୍ୟ ସରକାର ସହରକୁ ବାହ୍ୟ ମଳମୂତ୍ର ସହରନାରା ଦେଉଥିବା ବେଳେ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଓଲଟା । ଏହି ବ୍ୟବସ୍ଥା କଟକ ରେ ଏକ ପ୍ରକାର ଫେଲ୍ ମାରିଛି । ସହର ଲୋକେ ଓ ସହରକୁ ଆସୁଥିବା ଲୋକେ ଇତସ୍ଥିତ ଭାବେ ସହର ଭିତରେ ଓ ବାହାରେ ମଳମୂତ୍ର କରି ସହରର ପରିବେଶକୁ ଏକରକମ ଦୂଷିତ କରୁଥିବା ବହୁ ପରିବେଶବିତ୍ ପ୍ରକାଶ କରିଛନ୍ତି । ସହର ମଧ୍ୟରେ ଥିବା ୧୫୯ ବସ୍ତିର ପରିମଳ ଅବସ୍ଥା ନ କହିଲେ ଭଲ । ପଟାପୋଲ ବସ୍ତି ହେଉ ବ ।

ସିଡିଏର ହଇରାଣପୁର ବସ୍ତି ହେଉ ସବୁଠିର ଚିତ୍ର ପ୍ରାୟ ଏକାପରି । ଶୁଦ୍ଧ ପିଇବାପାଣି ପାଇବା କଥା ଦୂରର କଥା ଗାଧୋଇବା ପାଇଁ ପରିଷ୍କାର ପାଣି ଟିକେ ବି ମିଳେନାହିଁ ।୧୦ବର୍ଷ ତଳେ କାମଳ ରୋଗରେ କଟକର ବହୁ ବସ୍ତିବାସିନ୍ଦା ଆକ୍ରାନ୍ତ ହୋଇଥିବା ଜାତୀୟସ୍ତରରେବେଶ୍ ଚର୍ଚ୍ଚା ହୋଇ ଥିଲା । କଟକ ସହର ଅଧିକାଂଶ ଜାଗାରେ କେଉଁଠି ୨୪ଘଣ୍ଟା ପାଣି ବୋହିଯାଉଛି ତ କେଉଁଠି ପିଇବା ପାଣି ମୁନ୍ଦେ ପାଇବା ପାଇଁ ଲାଗିଛି ସଂଘର୍ଷ । ବସ୍ତିବାସିନ୍ଦାଙ୍କର ବାସ୍ତବସ୍ଥିତି ବିପଦଜନକ । ଏପଟେ ମେୟରଙ୍କର ବସ୍ତିଚାଲ ଅଭିଯାନ, ମୋ ବସ୍ତି ଯୋଜନା ହାସ୍ୟାପଦ ବୋଲିବୁଦ୍ଧିଜୀବୀଙ୍କ ମହଲରେ ଢେର୍ ଚର୍ଚ୍ଚାର ଖୋରାକ୍ ଯୋଗାଇଛି । ନିର୍ବାଚନ ଆସିଲେ ବସ୍ତିବାସିନ୍ଦାଙ୍କ କଥା ମନେପଡ଼େ । ଅମୁକେଇ ଦେବୁ ସମୁକେଇ ଦେବୁ କହି ଭଣ୍ଡେଇ ନେତାଏ ଭୋଟ ହାତାନ୍ତି ।ନିର୍ବାଚନ ସରିଲା ପରେ କାଶିଆ କିଏ ନା କପିଳା କିଏ । ଜାଗା ମିଶନରେ ବସ୍ତିବାସିନ୍ଦାମାନଙ୍କୁ ସରକାର ଥଇଥାନ୍ କରିବା ପାଇଁ ବ୍ୟବସ୍ଥା କରି କେତେ କେତେ ଜାଗାରେ ସେମାନଙ୍କୁ ସ୍ଥାନାନ୍ତରିତ ସରକାର କରିଛନ୍ତି । ମାତ୍ର ସେମାନେ ଥଇଥାନ ସ୍ଥାନରେ ଜାଗା ପାଇ ମଧ୍ୟ ମୂଳସ୍ଥାନ ଛାଡ଼ିବାକୁ ବହୁ ଜାଗାରେ ନାରାଜ ହେଉ ଥିବାର ଦେଖିବାକୁ ମିଳେ । ମୁଖ୍ୟତଃ ସେମାନଙ୍କ ଦୈନନ୍ଦିନ ଜୀବନ ଶୈଳୀ ଦ୍ୱାରା ସହରରେ ବହୁ ଜାଗାରେ ପରିମଳ ଅବସ୍ଥା ଶୋଚନୀୟ ହୋଇପଡ଼ିଥାଏ। ବସ୍ତିବାସିନ୍ଦାଙ୍କ ଛଡ଼ା ସହରବାସୀ ମଧ୍ୟ କିପରି ସ୍ୱଚ୍ଛ ପରିମଳ କଟକ ସହର ହେବ ସେଥିପାଇଁ ଯତ୍ନବାନ ନୁହନ୍ତି । ସଚେତନ କରାଗଲେ ମଧ୍ୟ ତାହାର ପ୍ରଭାବ ପଡୁନାହିଁ କି ସରକାର ତନଖି କରୁନାହିଁ। ସିଏମ୍‌ସି କେବଳ ପ୍ରଚାର ପ୍ରସାରରେ ସ୍ୱଚ୍ଛ ସୁନ୍ଦର କଟକ ସହର ବୋଲି ନାରା ଦେଉଥିବା ବେଳେ ଆଭ୍ୟନ୍ତରିଣ କଟକର ରାସ୍ତାଘାଟ କଥା ନକହିଲେ ଭଲ ।କେଉଁଠି ଆବୁଡ଼ା ଖାବେଡ଼ା ତ କେଉଁଠି ରାସ୍ତା ଉପରେ ପାଣି ଭାରତର ପୂର୍ବତନ ରାଷ୍ଟ୍ରପତି ଭି.ଭି ଗିରି ପଟାପୋଲ ବସ୍ତିରେ ପ୍ରଦୂଷଣରେ ଓ ଅପରିମଳ ବାତାବରଣରେ ବସବାସ କରୁଥିବା ବସ୍ତିବାସିନ୍ଦାଙ୍କର ଯକ୍ଷ୍ମ ରୋଗ ପରୀକ୍ଷା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଯଦି ଥରେ କିଏ କଟକର କୌଣସି ବସ୍ତି କିମ୍ବା ଜନଗହଳିପୂର୍ଣ୍ଣ ଜାଗାକୁ ଚାଲିଯିବ ତେବେ ସେ କଟକର ରାସ୍ତା ଘାଟର ପରିମଳ ବ୍ୟବସ୍ଥା ସହଜରେ ଜାଣିଯିବ । ଶାସକ ପ୍ରଶାସନ ଏବଂ ସର୍ବପରି ଜନସାଧାରଣ ଏବଂ ବିରୋଧୀ ପରିମଳ କ୍ଷେତ୍ରରେ ନିଜର ସ୍ୱରକୁ ଶାଣିତ କରୁନଥିବା ଦେଖିବାକୁ ମିଳୁଛି । କାହାର ଆନ୍ତରିକ ଇଚ୍ଛାନାହିଁ କଟକ ସହରକୁ ସ୍ୱଚ୍ଛ ପରିମଳ ସହରରେ ପରିଣତ କରିବାକୁ । ଜାଇକା କଟକର ଅଧା ସମସ୍ୟା ସୃଷ୍ଟି କରୁଛି । ଏହା ସରିବାରେ ନାଁ ଧରୁନାହିଁ । ଜାଇକା ଯୋଗୁ ବହୁ ଜାଗାରେ ରାସ୍ତାଘାଟ ନଷ୍ଟ ହେଉଛି । ବହୁ ଜାଗାରେ ନାଳପାଣି ନିଷ୍କାସନ ହୋଇପାରୁ ନାହିଁ । ଯାହା ଫଳରେ ସ୍ଥାନୀୟ ବାସିନ୍ଦାମାନେ ବିଭିନ୍ନ ଦୁର୍ଘଟଣା ଓ ବିଭିନ୍ନ ରୋଗର ଶିକାର ହେଉଛନ୍ତି। ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ନଦେଇ ଜାଇକାର ଗୁଲାମି ଚିତ୍ର ଲୋକଙ୍କୁ ଦେଖାଇ ବାହା ବାହା କାଗଜ କଲମରେ ସାଉଁଟିଲା ବେଳେ ବାସ୍ତବରେ କଟକୀଆ ଙ୍କର ମନରେ କ୍ଷୋଭ ଯନ୍ତ୍ରଣା ସୃଷ୍ଟି ହେଉଛି । ଏପଟେ କଟକ ସହରକୁ ସ୍ୱଚ୍ଛ ପରିମଳ କରିବାକୁ ଶାସକ ପ୍ରଶାସକ ଓ ସିଏମ୍‌ସି ମଧ୍ୟରେ ତାଳମେଳ ଦେଖିବାକୁ ମିଳୁନାହିଁ । ଅନ୍ୟପଟେ କଟକରେ ଏସିବି ମେଡିକାଲଠାରୁ ଆରମ୍ଭ ଠାରୁ ଛୋଟବଡ଼ ଚିକିତ୍ସାଳୟରୁ ବାହାରୁ ଥିବା ବର୍ଜ୍ୟବସ୍ତୁ (ରକ୍ତ, ପୁଜ, ମଳମୂତ୍ର ଭରା ବ୍ୟାଗ,କଟାଯାଇଥିବା ମଣିଷ ଅଙ୍ଗ) ଠିକ୍ ଭାବେ ଡିସ୍‌ପୋଜାଲ୍ ନହୋଇ ଏଣେତେଣେ ପକାଇବା ଦ୍ୱାରା ବିଭିନ୍ନ ପ୍ରକାର ରୋଗ ସୃଷ୍ଟି ହେଉଛି । ଅଧିକାଂଶ କ୍ଷେତ୍ରରେ ମହାନଦୀ ଓ କାଠଯୋଡ଼ିରେ ବହୁବର୍ଜ୍ୟବସ୍ତୁ (ମେଡିକାଲ୍ ?ରୁ ବାହାରୁଥିବା ଓ ଅନ୍ୟାନ୍ୟ) ପକାଯାଉଛି । ଏହି ନଦୀ ରେ ମଧ୍ୟ କଟକ ବାସୀ ପୂଜା ସାମଗ୍ରୀ ର ବ୍ର୍ଯ୍ୟସ୍ତୁ ଠାରୁ ଆରମ୍ଭ କରି ବିଭିନ୍ନ ପାର୍ବଣ ରମୂର୍ତ୍ତି ଓ ବିଭିନ୍ନ ପ୍ରକାର ଅଦରକାରୀ ଜିନିଷ ଓ ଘରୁ ବାହାରୁଥିବା ବିଭିନ୍ନ ବର୍ଜ୍ୟବସ୍ତୁ ପକାଇବା ଦ୍ୱାରା ମହାନଦୀ ଓ କାଠଯୋଡ଼ି ପାଣି ମଧ୍ୟ ଦୂଷିତ ହେଉଛି । କଟକର ବିଭିନ୍ନ ସାହିବସ୍ତି ତଥା ରାଜାବଗିଚାଠାରୁ ଆରମ୍ଭ କରି ମହାନଦୀ ବିହାର ପର୍ଯ୍ୟନ୍ତ ବହୁ ସ୍ଥାନରେ ରାସ୍ତା ଉପରେ ଲୋକେ ନିଜ ନିଜର ବର୍ଜ୍ୟବସ୍ତୁ ପକାଇବା ସହ ବହୁ ଜାଗାରେ ଡ୍ରେନ୍ ଚୋକ୍ ହୋଇ ପାଣି ଜମିରହୁଛି ଯାହା ଜନ ଜୀବନ ବିପନ୍ନ ର କାରଣ ହେଉଛି। ସହର ଭିତରେ ଥିବା ଶିଶୁ ଭବନ ପରିମଳ ଅବସ୍ଥା ନ କହିଲେ ଭଲ । ଶିଶୁ ଭବନ ଭିତରେ ଥିବା ବିଭିନ୍ନ ଡ୍ରେନର ପାଣି ସଠିକ ଭାବେ ନିଷ୍କାସିତ ହୋଇପାରୁନାହିଁ । ମେଡ଼ିକାଲରୁ ବାହାରୁଥିବା ବର୍ଯ୍ୟବସ୍ତୁ ବହୁ ଲୋକ ଉକ୍ତ ଡ୍ରେନରେପକାଇଥା'ନ୍ତି । ଯାହା ଫଳରେ ଡ୍ରେନର ଦୁର୍ଗନ୍ଧ ନ କହିଲେ ଭଲ । କଟକ ସହର ବିଶେଷତଃ ନିଜ ସହରବାସୀଙ୍କୁ ସୁସ୍ଥ ବାତାବରଣ ସୃଷ୍ଟି କରିବା ପାଇଁ କ୍ଷେତ୍ର ପ୍ରସ୍ତୁତ କରିବା ଆବଶ୍ୟକ ତାହା ହେଉନାହିଁ । କଟକ ସହର ବହୁବର୍ଷ ଧରି ଏହି ସୁବିଧା ଲୋକଙ୍କୁ ଯୋଗାଇପାରୁନାହିଁଫ ସହର ର ବିଭିନ୍ନ ସ୍ଥାନରେ ଖୋଲାରେ କଟାଯାଉଥିବା ମାଛ, ମାଂସ ଦୋକାନ ର ବର୍ଯ୍ୟବସ୍ତୁ ମଧ୍ୟ ଡ୍ରେନରେ ପକାଉଥିବା ଦେଖାଯାଉଛି । ଫଳରେ ବହୁ ସ୍ଥାନରେ ଡ୍ରେନ ଗୁଡ଼ିକ ଜାମ୍ ରହୁଛି ।ଉକ୍ତ ବର୍ଯ୍ୟବସ୍ତୁ ନାଳରେ ପଡ଼ି ବହୁ ପୋଚି ବହୁ ସମୟରେ ଦୁର୍ଗନ୍ଧ କରୁଥିବା ବହୁ ସ୍ଥାନୀୟ ଲୋକ ଅଭିଯୋଗ କଲେ ମଧ୍ୟ କେହି ଶୁଣିବାକୁ ନାରାଜ । ସହରରେ ପଲିଥିନ ବ୍ୟାନ ଥିବାବେଳେ ଏଠାରେ ବହୁଳ ପରିମାଣରେ ପଲିଥିନ ବ୍ୟବହାର କରାଯାଉଛି ଯାହାକି ପରିମଳ ଅବସ୍ଥା କୁ ନଷ୍ଟ କରୁଥିବା ବହୁ ପରିବେଶ ବିତ ପ୍ରକାଶ କରିଛନ୍ତି । ସହର ର ବହୁ ଦୋକାନରୁ ଲୋକେ ପଲିଥିନ ରେ ନିଜ ଖାଦ୍ୟ ସାମଗ୍ରୀ ଆଣି ତାହାକୁ ବାହାରକୁ ଫିଙ୍ଗି ଦେଉଛନ୍ତି । ବହୁ ଜାଗାରେ ଗାଈଗୋରୁ ଷଣ୍ଢ ଏହି ପଲିଥିନ ଗୁଡ଼ିକ ଖାଇ ନାନା ପ୍ରକାର ରୋଗର ସମ୍ମୁଖୀନ ହେଉଛନ୍ତି ।ପଲିଥିନ ଏଣେତେଣେ ପଡ଼ିବା ଦ୍ୱାରା ପରିମଳ ଅବସ୍ଥା ପ୍ରତି ବିପଦ ସୃଷ୍ଟି କରୁଛି । ସହରରେ ବହୁ ସ୍ଥାନରେ କୁକୁର,ଗାଈ ଗୋରୁ ଏଣେ ତେଣେ ମଳ ତ୍ୟାଗ ସହରର ପରିମଳ ଅବସ୍ଥାରେ ମଧ୍ୟ ପ୍ରଭାବ ପକାଉଛି। ଏପଟେ ମେୟର ଓ କମିଶନରଙ୍କଠାରୁ ଆରମ୍ଭ କରି ସରକାରୀ ବାବୁମାନେ ସହରକୁ ସ୍ୱଚ୍ଛସୁନ୍ଦରର ନାରା ଦେଉଥିବା ବେଳେ ତାର ବାସ୍ତବ ଚିତ୍ର ଓ ସ୍ଥିତି ସାମ୍ନାକୁ ଆସିଛି । ବହୁ ସମୟ ରେ କଟକ ମହାନଗର ନିଗମ ମିଟିଂ ରେ କର୍ପୋରେଟର ମାନେ ସହର ପରିମଳ ବ୍ୟବସ୍ଥା କଥା କହୁ ଥିଲା ବେଳେ କର୍ତ୍ତୃପକ୍ଷ ସହର ସମ୍ପୂର୍ଣ୍ଣ ସଫା ଦୈନିକ ସଫା ହେବ କହିଲା ପରେ ସ୍ଥିତି ବିପରୀତ ହେଉଛି ।କଟକ କୁ ସରକାର ,ସିଏମସି ସମସ୍ତେ ଆନ୍ତରିକ ଭାବେ ସହର ପରିମଳ କୁ ସ୍ୱଚ୍ଛ କରିବା ପାଇଁ ପଦକ୍ଷେପ ନେଲେ ସହର ସୁନ୍ଦର ରୂପ ନେବ।ଏ ସମ୍ପର୍କରେ ମେୟର ସୁବାସ ସିଂଙ୍କୁ ଫୋନ ରେ ଯୋଗାଯୋଗ ପାଇଁ ଚେଷ୍ଟା କଲେ ସେ ଫୋନ ଉଠେଇ ନଥିଲେ।
















**ପୂର୍ଣ୍ଣଚନ୍ଦ୍ର ଭଞ୍ଜ**
ରାଜାବଗିଚା, କଟକ

ରାସ୍ତାକୁ ବାହାରିବାକୁ ଆମକୁ ଲଜ୍ଜା ଲାଗୁଛି । ଆମ ରାଜାବଗିଚାରେ ପରିମଳ ଅବସ୍ଥା ସଂପୂର୍ଣ୍ଣ ଫେଲ୍ । ଏଠାରେ ସୁଇପର କଲୋନୀର ନାଳ ସଫା ବହୁ ବର୍ଷ ହେବ ହେଉନାହିଁ । ରାସ୍ତାଘାଟ ବିପର୍ଯ୍ୟୟ । ପୋଲିସ କଲୋନୀର ବଡ଼ ନାଳ ମଧ୍ୟ ସଫା ହେଉନାହିଁ । ପୂର୍ବତନ ବିଧାୟକଙ୍କର ଘର ନାଳକୁ ମାଡ଼ିଛି ଯାହାଫଳରେ ପାଣିଟାଙ୍କି, ସଫେଇ ଗାଡ଼ି ସେଠାକୁ ଯାଇ ସଫାକରୁନାହିଁ । ଦୁର୍ଭାଗ୍ୟର ବିଷୟ ସ୍ୱଚ୍ଛ ଶାସନ ମାରା ଦେଉଥିବା ରାଜ୍ୟ ସରକାରଙ୍କର ଜଣେ ପ୍ରଭାବଶାଳୀ ରାଜନେତାଙ୍କ ଯୋଗୁଁ ଏହି ନାଳ ସଫା ହୋଇପାରୁନାହିଁ । ଆମେ ଯେତେବି ସିଏମ୍‌ସି ପାଖରେ ଅଭିଯୋଗ କରୁଛୁ ତାହା କୌଣସି ପ୍ରଭାବ ପକାଉନାହିଁ ।ସେମାନେ ପ୍ରଭାବଶାଳୀ ରାଜନେତା ତଥା ପୂର୍ବତନ ବିଧାୟକ ଙ୍କ ଭୟ ରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନାହାନ୍ତି । ଯାହାର ପରିମାଣ ଆମେ ଭୋଗୁଛୁ ।କାହାକୁ କହିବୁ କିଏ ଶୁଣିବ । ଏ ହେଉଛି ରାଜ୍ୟ ସରକାରଙ୍କ ୫ଟି ର ବିଚାର ଧାରା ।ସରକାର ଏଥିପ୍ରତି ଦୃଷ୍ଟି ଦିଅନ୍ତୁ ।



**ନବ ବିଶ୍ୱାଳ**
କାଳିଗଳି, କଟକ

କ'ଣ କହିବି ଧବଳ ଟଗର କଟକ ବୋଲି ଆମେ ପିଲାଦିନେ ଶୁଣିଆସିଥିଲୁ । ମାତ୍ର ବର୍ତ୍ତମାନର କଟକ ସହର ପରିମଳ ଅବସ୍ଥା ଦେଖିଲେ ମନେ ହୁଏ ଏହା ନର୍କର ଏକ ରୂପ । ଚାରିଆଡ଼େ ଆବର୍ଜନା ବହୁ ସ୍ଥାନରେ ନାଳରେ ପାଣି ନିଷ୍କାସନ ନ ହୋଇ ପୋକ ସାଲୁବାଲୁ । ସହରରେ ବହୁ ଶିକ୍ଷାନୁଷ୍ଠାନ, ବହୁ ସରକାରୀ ଓ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ର ସେମାନଙ୍କ ଠାରୁ ବାହାରୁଥିବା ବର୍ଯ୍ୟବସ୍ତୁ ସଠିକ ଭାବେ ପରିଚାଳନା ନ ହୋଇ ନାଳରେ ପଡୁଥିବାରୁ ସେଠିକାର ପରିବେଶ ଅତ୍ୟନ୍ତ ଖରାପ ହେଉଛି । ବାହ୍ୟ ମଳମୂତ୍ର ମୁକ୍ତ ନାରା ସିଏମ୍‌ସି ଦେଉଥିଲାବେଳେ କଟକର ବିଭିନ୍ନ ସ୍ଥାନରେ ବିଶେଷ କରି ନଦୀବନ୍ଧରେ ଲୋକେ ମଳତ୍ୟାଗ କରୁଥିବା ଦେଖିବାକୁ ମିଳୁଛି । ସିଏମ୍‌ସି ଓ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟିଦେଇ ସହରର ପରିମଳ ଅବସ୍ଥାକୁ ସଠିକ କଲେ ସମସ୍ତେ ଉପକୃତ ହେବେ ।



**ଦୈତାରୀ ଓଝା**
ବକ୍ସି ବଜାର, କଟକ

ଆମେ କଟକରେ ତିନି ପୁରୁଷ ହେଲା ରହିଲୁଣି । କଟକର ପରିବେଶ ସହ ଆମେ ନିଜକୁ ଖାପ ଖୁଆଇ ଚଳିଆସିଛୁ । ମାତ୍ର ବର୍ତ୍ତମାନର କଟକ ଆଗଭଳି ନାହିଁ । ସହରରେ ବହୁ ଜନସଂଖ୍ୟା ବଢ଼ିଗଲାଣି ।ସେହି ଅନୁପାତରେ ଗାଡ଼ି ମୋଟର ବଢ଼ିଲାଣି । ଗାଡ଼ି ଗୁଡ଼ିକରୁ ବାହାରୁଥିବା ଧୂଆଁ ଓସହର ଭିତର ଧୂଳି ପରିବେଶକୁ ନଷ୍ଟ କରିସାରିଲାଣି । ସହର ଭିତରେ ଖାଲି ସ୍ଥାନରେ ଗଛ ଲଗାଯାଉନାହିଁ ।ସହର ରେ ଗଛ ଦେଖିବା ସ୍ୱପ୍ନ।ନଦୀ ରେ ପାଣି ନାହିଁ। ତେଣୁ ସହରବାସୀ ଶୁଦ୍ଧ ପବନ ଟିକିଏ ପାଇବା କଷ୍ଟକର । ସହରରେ ନାଳ ନର୍ଦ୍ଦମା ରାସ୍ତାଘାଟରେ ଅଳିଆ ଆବର୍ଜନା ଯେପରି ପଡ଼ି ରହୁଛି ସେଥିରୁ ବାରିହେଉଛି ସହର କେତେ ସ୍ୱଚ୍ଛ ।ଯଦି ଆଜି ବାଇମୁଣ୍ଡି ଥାଆନ୍ତେ ତେବେ ସହରକୁ ଦେଖି ଦୁଃଖ ପ୍ରକାଶ କରିଥା'ନ୍ତେ । ସରକାରଏଥିପ୍ରତି ଦୃଷ୍ଟି ଦେଇ ସହରକୁ ସବୁଜ ସୁନ୍ଦର ସ୍ୱଚ୍ଛ ସହରରେ ପରିଣତ କରିବା ପାଇଁ ମୁଁ ଅନୁରୋଧ କରୁଛି ।

# ଆଦର୍ଶ ପାଠାଗାରର ମାସିକ ସାହିତ୍ୟ ଆସର
# ‘ସଂଗୀତ ଜୀବନକୁ ପ୍ରାଣବନ୍ତ କରେ’




ରାଉରକେଲା(ପିପିଏସ): ଆଦର୍ଶ ପାଠାଗାରର ମାସିକ ସାହିତ୍ୟ ଆସର ଆଦର୍ଶ ସାହିତ୍ୟ ଘର ଠାରେ ଅନୁଷ୍ଠିତ ହୋଇଯାଇଛି । ପାଠାଗାରର ସଭାପତି ଚନ୍ଦ୍ରଶେଖର ଶତପଥୀଙ୍କ ସଭାପତିତ୍ୱ ସାହିତ୍ୟ ବିଭାଗର ଉପସଭାପତି ଡଃ ସନାତନ ପ୍ରଧାନଙ୍କ ସଂଯୋଜନା ଓ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କବି ରାଜୀବ ପାଣି ଆଲୋଚକ ଭାବେ ଯୋଗଦେଇ ଆଲୋଚ୍ୟ ବିଷୟ ‘ଓଡିଶୀ ନୃତ୍ୟ ସଂଗୀତର ବିଶେଷତ୍ୱ ଓ ଗୁରୁ ପଙ୍କଜ ଚରଣ ଦାସଙ୍କ ଭୂମିକା’ ସଂପର୍କରେ ଆଲୋଚନା କରିଥିଲେ। ଶ୍ରୀ ପାଣି କହିଲେ ଯେ ଗୀତ ନୃତ୍ୟ ଓ ବାଦ୍ୟର ସମାବେଶରେ ସଂଗୀତ ସୃଷ୍ଟି । ସୃଷ୍ଟିର ଆରମ୍ଭରୁ ସଂଗୀତ ଓ ନୃତ୍ୟ ସୃଷ୍ଟି ହୋଇଛି । ଏହାସହ ମହାଯାଗତିକ ଓ ପ୍ରାକୃତିକ ସଂଗୀତ ସଂପର୍କରେ ବକ୍ତବ୍ୟ ରଖିଥିଲେ । ସେହିପରି ଓଡିଶୀ ନୃତ୍ୟକୁ ଗୁରୁ ପଙ୍କଜ ଚରଣ ଦାସ , ଗୁରୁ ଦେବପ୍ରସାଦ ଦାସ, ଗୁରୁ ଅରୁଣା ମହାନ୍ତି, ଗୁରୁ ପ୍ରିୟମ୍ବଦା ମହାନ୍ତି, ଗୁରୁ ସୋନାଲ ମହାନ୍ତି ପ୍ରମୁଖ କିପରି ଶୀର୍ଷରେ ପହଞ୍ଚାଇଛନ୍ତି ଓ ସାରେଗାମାପାଧାନିର ସୃଷ୍ଟି ସଂପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ଗାଳ୍ପିକ ଭୂପେନ ମହାପାତ୍ର ‘ ମ୍ୟାଜିକ ଦୋକାନ ’ ନାମରେ ଗଳ୍ପ ପାଠ କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ସସ୍ମିତା ପ୍ରଧାନ, ରଶ୍ମି ସାହୁ ଓ ଡଃ ଜୟନ୍ତୀ ପାଢୀ ଙ୍କ ସଂଯୋଜନାରେ କବିତା ପାଠୋତ୍ସବ କରାଯାଇଥିଲା । ଏଥିରେ ସର୍ବଶ୍ରୀ କୁଞ୍ଜବିହାରୀ ରାଉତ, ଗୌତମ ଦାସ,ସୁଶାନ୍ତ କୁମାର ନାୟକ,ଅଟମ ରଥ , କରୁଣା କର ପାଟଶାଣୀ,ଅଶୋକ ପଟ୍ଟନାୟକ ଓ ବୀଣାପାଣି ରଥ ତଥା ସଂଯୋଜିକା ତ୍ରୟ କବିତା ପାଠ କରିଥିଲେ । ପ୍ରାରମ୍ଭରେ ସଂପାଦକ ଅଶୋକ କୁମାର ବଳ ଅତିଥିଙ୍କ ପରିଚୟ ଓ ଶେଷରେ ଅନ୍ୟତମ ସଂପାଦକ ବିଜୟ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପାଠାଗାରର ସାଧାରଣ ସଂପାଦକ ସୁକାନ୍ତ ଚନ୍ଦ୍ର ଖୁଣ୍ଟିଆ,ଡା ବସନ୍ତ ଦାସ, ମନୋଜ ପଣ୍ଡା, ବସନ୍ତ କୁମାର ନାୟକ,ଅର୍ଚ୍ଚନା ମହାନ୍ତି, ଅଭୟ କୁମାର ଦାସ, ପ୍ରଦୀପ ପଟ୍ଟନାୟକ, ପ୍ରଫୁଲ୍ଲ ସାମଲ,ବବିତା ମହାପାତ୍ର, ଡଃ ଶକ୍ତି ପ୍ରସାଦ ସାମନ୍ତରାୟ, ଜ୍ଞାନେନ୍ଦ୍ର କୁମାର ଦାଶ, ଉମାକାନ୍ତ ପ୍ରଧାନ, ପର୍ଶୁରାମ ପଟ୍ଟନାୟକ, କିଶୋରୀ ମୋହନ କର, ରାଜକୁମାର ମହାନ୍ତି, ଟୁକୁଲା ପାଢୀ, ବିଚିତ୍ରା ନନ୍ଦ ସାହୁ, ପ୍ରତାପ ରାୟ, ଅକ୍ଷୟ ସାମଲ,ଆର୍ତ୍ତତ୍ରାଣ ମହାପାତ୍ର,ସଂଜୀବ କୁମାର ଭୋଇ,ରାଧାକାନ୍ତ ମିଶ୍ର, ସୁବ୍ରତ ମଲ୍ଲିକ, ଜଗନ୍ନାଥ ରାଉତ,ଗୀତାରାଣୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ନୂଆପଡା ପୋଲିସ ଦ୍ୱାରା ୩୧ ହଜାରରୁ ଅଧିକ ଟଙ୍କା ଜରିମାନା ଆଦାୟ

ନୂଆପଡା ( ହି.ସ): ଗତ ୨୪ ଘଂଟା ମଧ୍ୟରେ ନୁଆପଡା ଜିଲ୍ଲା ପୋଲିସ , ଜିଲ୍ଲାର ବିର୍ଭିନ୍ନ ସ୍ଥାନରେ ଗାଡି ଚେକିଂ ବେଳେ ମୋଟର ଭେଇକିଲ ନିୟମକୁ ଅମାନ୍ୟ କରିବା ଅପରାଧରେ ଜିଲ୍ଲା ପୋଲିସ ସମୁଦାୟ ୩୧ ହଜାର ଟଙ୍କା ଜୋରିମାନା ଆଦାୟ କରିଛି । ମଦ ପାନ କରି ଗାଡି ଚଲାଉଥିବା ଅପରାଧରେ ୨ ଜଣ ଲୋକ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି ।

ଜିଲ୍ଲାରୁ ମଟର ଭେଇକିଲ ନିୟମ ଉଲଙ୍ଘନ ଅପରାଧରେ ୨୬ ଜଣଙ୍କଠାରୁ ଫାଇନ ଆଦାୟ କରାଯିବାସହ ୩୧ ହଜାର ଟଙ୍କା ଆଦାୟ କରା ଯାଇଛିବୋଲି ଏ ସଂପର୍କରେ ନୁଆପଡା ପୋଲିସ୍ ଦ୍ୱାରା ଟ୍ୱିଟ କରି ସୂଚନା ଦିଆଯାଇଛି ।

# ଗଜପତିରେ ଦଶମ ଶ୍ରେଣୀ ପରୀକ୍ଷା ପ୍ରଶ୍ନପତ୍ରରେ ତ୍ରୁଟିକୁ ନେଇ ପରୀକ୍ଷାର୍ଥୀ ଅସନ୍ତୋଷ



ପାରଳାଖେମୁଣ୍ଡି,(ପିପିଏସ୍): ଗଜପତି ଜିଲ୍ଲା ପାରଳାଖେମୁଣ୍ଡିରେ ଦଶମ ଶ୍ରେଣୀ ପରୀକ୍ଷା ପ୍ରଶ୍ନପତ୍ରରେ ତ୍ରୁଟିକୁ ନେଇ ପରୀକ୍ଷାର୍ଥୀ ଅସନ୍ତୋଷ ପ୍ରକାଶ କରିଥିବା ସୂଚନା ମିଳିଛି । ପାରଳାଖେମୁଣ୍ଡି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଦଶମ ଶ୍ରେଣୀର ଭୂଗୋଳ ଓ ଇତିହାସ ପରୀକ୍ଷା ରହିଥିବାବେଳେ ପ୍ରଶ୍ନପତ୍ରରେ ତ୍ରୁଟି ରହିଥିବା ନେଇ ଅଭିଯୋଗ ହୋଇଛି । ଏ ବିଷୟରେ ପରୀକ୍ଷାର୍ଥୀଙ୍କୁ ପଚାରିବାରୁ ସେ ଉତ୍ତରରେ କହିଥିଲେ ଯେ ଆମକୁ ବି ସେଟ୍ ମିଳିଛି । କିନ୍ତୁ ସେଥିରେ ୧୯ ନଂ ପ୍ରଶ୍ନପତ୍ରରେ ପ୍ରଶ୍ନ ନାହିଁ। ଆଉ ୨୦ ଟା ସେଟ୍ (ଏ ) ମିଳିଛି । ତାପରେ ଦେଖିଲୁ ଯେ ଆମକୁ ବି ସେଟ୍ ମିଳିଛି । ଯେତେବେଳେ ପ୍ରଶ୍ନପତ୍ର ଓଲଟାଇ ଦେଖିଲୁ ଆମକୁ ସେଟ୍ (ଏ ) ମିଳିଛି । ଆମର ଯେତିକି ପ୍ରଶ୍ନପତ୍ର ପୁର୍ନବାର ହୋଇଛି ଏହାର ତାହାର ମାର୍କ ଆମକୁ ଦରକାର । ଆଉ ୧୯ ନଂ ପ୍ରଶ୍ନ ଉଭାନ ଅଛି, ତାର ବି ମାର୍କ ଦରକାର । ଏଥିପାଇଁ କଣ ପଦକ୍ଷେପ ନିଆଯାଇଛି ପଚାରିବାରୁ ଛାତ୍ରୀ କହିଥିଲେ ଯେ ଏ ବାବଦରେ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କୁ ଜଣାଇଛୁ । ପରେ ପରୀକ୍ଷା ଅନୁଧାନରେ ଆସିଥିବା ସ୍କ୍ୱାର୍ଡ ଜିଲ୍ଲାପାଳ, ବିଇଓ ଅଧିକାରୀଙ୍କୁ ଏ ବିଷୟରେ ଜଣାଇଛୁ । ପ୍ରଶ୍ନପତ୍ରର ପ୍ରଥମ ପୃଷ୍ଠାରେ ସେଟ (ବି ) ଲେଖା ଯାଇଥିବାବେଳେ ଭିତର ପୃଷ୍ଠା ଗୁଡିକ ସେଟ (ଏ ) ଉଲେଖ କରାଯାଇଛି । ଏଥିସହ ୬ ନଂ ପ୍ରଶ୍ନଟି ୧୨ ନଂ ପ୍ରଶ୍ନରେ ଉଲେଖ ହୋଇଛି. ଯାହାକୁ ନେଇ ପରୀକ୍ଷାର୍ଥୀ ଅସନ୍ତୋଷ ପ୍ରକାଶ କରିଥିବା ଦେଖିବାକୁ ମିଳିଛି. ବର୍ତ୍ତମାନ ଏହି ତ୍ରୁଟିକୁ ନେଇ ବିଭିନ୍ନ ମହଲରେ ସମାଲୋଚନା କରାଯାଇଛି । କାରଣ ଏଥିରେ ଛାତ୍ରଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତ ରହିଛି. ଏଭଳି ଭୁଲ କାର୍ଯ୍ୟ ପାଇଁ ଗଣ ଶିକ୍ଷା ମନ୍ତ୍ରୀ କି ପଦକ୍ଷେପ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା ।

## ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଦିବ୍ୟାଙ୍ଗଙ୍କ ଆତ୍ମାହୁତି ଘଟଣା
# ନୂଆପଡ଼ା ତହସିଲଦାର ନିଲମ୍ବିତ

ନୂଆପଡ଼ା, (ହି.ସ.)- ନୂଆପଡା ଜିଲ୍ଲା ସଦର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ କଲ୍ୟାଣପୁର ଗ୍ରାମର ଜଣେ ଦିବ୍ୟାଙ୍ଗ ଯୁବକ ଜଗଦୀଶ ଚୌହାନ (୩୫) ଆତ୍ମାହୁତି ଉଦ୍ୟମ କରିଥିବା ବେଳେ ବୁର୍ଲା ଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି । ଏହି ଘଟଣାକୁ କେନ୍ଦ୍ର କରି ଓଡିଶା ସରକାରଙ୍କ ପକ୍ଷରୁ ନୂଆପଡା ତହସିଲଦାର ଦେବେନ୍ଦ୍ର କୁମାର ରାଉତଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି । ଏନେଇ ନୂଆପଡା ଜିଲ୍ଲାପାଳ ହେମକାନ୍ତ ସାଏ ସୂଚନା ଦେଇଛନ୍ତି । ମୃତକଙ୍କ ପରିବାର ପକ୍ଷରୁ ଏକ ମାମଲା ନୂଆପଡା ଥାନାରେ ରୁଜୁ ହୋଇଥିବା ବେଳେ ରାଜସ୍ୱ ବିଭାଗ କାର୍ଯ୍ୟକାଳକୁ ଅତିରିକ୍ତ ଜିଲ୍ଲାପାଳ ସତ୍ୟାସତ୍ୟ ତଦନ୍ତ ପାଇଁ ଦାୟିତ୍ୱ ପ୍ରଦାନ କରାଯାଇଛି । ସେ ଏହି ଘଟଣାର ସତ୍ୟାସତ୍ୟ ତଦନ୍ତ କରି ଏକ ରିପୋର୍ଟ ପ୍ରଦାନ କରିବେ ବୋଲି ଜଣାପଡିଛି । ଆତ୍ମାହୁତି ଦେବା ଏକ ଅଭାବନୀୟ ଘଟଣା ବୋଲି ଜିଲ୍ଲାପାଳ ହେମକାନ୍ତ ସାଏ ପ୍ରକାଶ କରିଛନ୍ତି । ସେହିପରି ତଦନ୍ତ ପରେ ଘଟଣାର ପ୍ରକୃତ ସତ୍ୟ ଜଣାପଡିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି ।

## ବଲାଙ୍ଗୀରୁ ନୂଆଦିଲ୍ଲୀକୁ ଟ୍ରେନ୍ ଚଳାଚଳ ପ୍ରସ୍ତାବ ଅନୁମୋଦନ ପାଇଁ ସାଂସଦଙ୍କୁ କୃତଜ୍ଞତା

ବଲାଙ୍ଗୀର(ପିପିଏସ୍): ଏ ଅଞ୍ଚଳର ରେଲୱେ ଯାତାୟତ ସୁବିଧା ପାଇଁ ବଲାଙ୍ଗୀର ନାଗରିକ କମିଟି ତଥା ବ୍ୟକ୍ତିଗତ ପ୍ରଚେଷ୍ଟାରେ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ରାଜ୍ୟସଭା ସାଂସଦ ନିରଂଜନ ବିଶିଙ୍କୁ ବାରମ୍ବାର ଦାବିପତ୍ର ପ୍ରଦାନ ଫଳରେ ସାଂସଦ ରେଳମନ୍ତ୍ରୀ ଓ ରେଳ ବିଭାଗର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଦାବି ଉପସ୍ଥାପନା କରିଛନ୍ତି । ବର୍ତ୍ତମାନ ରେଳ ପ୍ରବନ୍ଧକ ସାଂସଦ ଶ୍ରୀ ବିଶିଙ୍କୁ ଦେଇଥିବା ଉତ୍ତରପତ୍ର ଅନୁସାରେ ବଲାଙ୍ଗୀରୁ ନୂଆଦିଲ୍ଲୀକୁ ଟ୍ରେନ୍ ଗଡିବା, ବଲାଙ୍ଗୀର ଖୋର୍ଦ୍ଧା ନୂତନ ରେଲୱେ ଲାଇନ୍‌ରେ ଚଳାଚଳ ସୁନିଶ୍ଚିତ କରିବା, ବଲାଙ୍ଗୀର ନୂଆଁପଡା ଭାୟା ପାଟଣାଗଡ଼ ରେଲୱେ ଲାଇନ୍‌ର ଚୁଡାନ୍ତ ସର୍ଭେ କାର୍ଯ୍ୟ ଶେଷ କରିବା, କଣ୍ଟାବାଞ୍ଜି ରେଲୱେ ଷ୍ଟେସନରେ ୱାଗନ ଫେକ୍ଟ୍ରି ତଥା ବଲାଙ୍ଗୀର ଓ ଟିଟିଲାଗଡ଼ ରେଲୱେ ଷ୍ଟେସନର ଉନ୍ନତିକରଣ ତଥା ନୂତନ ଟ୍ରେନ ଚଳାଚଳ ଇତ୍ୟାଦି ବିଭିନ୍ନ ପ୍ରସ୍ତାବ ଅନୁମୋଦନ ପାଇଥିବା ଜଣାଯାଇଛି । ଏଥିପାଇଁ ନାଗରିକ କମିଟି ତରଫରୁ ସାଧାରଣ ସଂପାଦକ ଓ ଡିଆରସିସି ମେମ୍ବର ମନୋରଂଜନ ସାହୁ ସାଂସଦ ଶ୍ରୀ ବିଶିଙ୍କୁ କୃତଜ୍ଞତା ଜଜଣାଇଛନ୍ତି ।

## ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆଙ୍କ ଜନ୍ମଦିନରେ ଗୀତିକବିତା ଉନ୍ମୋଚିତ

ସମ୍ବଲପୁର, (ହି.ସ.) : ଶୁକ୍ରବାର ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆଙ୍କ ୮୧ତମ ଜନ୍ମ ଦିନରେ ତାଙ୍କ ସ୍ୱରଚିତ ଗ୍ରନ୍ଥାବଳୀର ପ୍ରଥମ ଖଣ୍ଡ ‘ଗୀତି କବିତା’ ଏକ ଉତ୍ସବ ମୁଖର ପରିବେଶରେ ସମ୍ବଲପୁର ଓଡ଼ିଶା ସାଂସ୍କୃତିକ ସମାଜ ପ୍ରେକ୍ଷାଳୟରେ ଉନ୍ମୋଚିତ ହୋଇଯାଇଛି । ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ଼ ଅର୍କସ ଦାସ ମହାପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ । ଅନ୍ୟ ବିଶିଷ୍ଟ ବ୍ୟକ୍ତି ମାନଙ୍କ ମଧ୍ୟରେ ପ୍ରଫେସର ଡ଼. ପଙ୍କଜ କୁମାର ପଟେଲ, ଡ଼. ସନ୍ତୋଷ କୁମାର ଦାଶ, ଡ଼ ଦ୍ୱାରିକାନାଥ ନାୟକ, ଡ଼. ଶ୍ୟାମସୁନ୍ଦର ଧର, ଡ଼ ହେମନ୍ତ ମହାପାତ୍ର, ପଦ୍ମଶ୍ରୀ ଜିତେନ୍ଦ୍ରିୟ ହରିପାଳ, ହାସ୍ୟ ଅଭିନେତା ଜଗବନ୍ଧୁ ମଲ୍ଲିକ (ବିନ୍ଦୁ ବୈରାଗୀ), ରଙ୍ଗବତୀ କ୍ରୀଡ଼ା ସାଂସ୍କୃତିକ ଏକାଡେମୀ, ରଙ୍ଗବତୀ ବିଲୁଙ୍ଗର କର୍ମକର୍ତା ଗଣ, ରଙ୍ଗବତୀ ପରିବାର, ବାମଣ୍ଡା, କୁଚିଣ୍ଡାର କର୍ମକର୍ତା ବୃନ୍ଦ, ଅନେକ ବୁଦ୍ଧିଜୀବି, ସମାଜସେବୀ, ବିଶିଷ୍ଟ କଳାକାର ଓ ସାହିତ୍ୟିକ, ମିତ୍ରଭାନୁ ଗୌନ୍ତିଆଙ୍କ ପରିବାର ବର୍ଗ ଓ ବନ୍ଧୁଗଣ ଉପସ୍ଥିତ ଥିଲେ ।

## ଝାରସୁଗୁଡ଼ାରେ ମେଗା ଋଣ ମେଳା
# ୩୦୭ ସ୍ୱୟଂସହାୟିକା ଗୋଷ୍ଠୀଙ୍କୁ ୧୦.୬୨କୋଟି ଟଙ୍କା ଋଣ ମଞ୍ଜୁର

ଝାରସୁଗୁଡ଼ା,(ହି.ସ.) : ଭାରତୀୟ ଷ୍ଟେଟବ୍ୟାଙ୍କ ଆଂଚଳିକ ଶାଖା କାର୍ଯ୍ୟାଳୟ ତରଫରୁ ଆୟୋଜିତ ମେଗା ଋଣ ମେଳାରେ ୩୦୭ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ବ୍ୟାଙ୍କ ତରଫରୁ ୧୦.୬୨କୋଟି ଟଙ୍କା ଋଣ ମଞ୍ଜୁର କରାଯାଇଛି । ସେହିପରି ୧୦୦ଟି ସ୍ୱୟଂ ସହାୟିକା ଗୋଷ୍ଠୀକୁ ଋଣ ମଞ୍ଜୁର ବାବଦକୁ ବ୍ୟାଙ୍କ ଲେଟର ପ୍ରଦାନ କରାଯାଇଛି । ଝାରସୁଗୁଡ଼ା ଯାନ୍ତ୍ରିକ ବିଦ୍ୟାଳୟ ପ୍ରେକ୍ଷାଳୟରେ ଅନୁଷ୍ଠିତ ମେଗା ଋଣ ମେଳାକୁ ଜିଲ୍ଲାପାଳ ସରୋଜ କୁମାର ସାମଲ ଓ ଏସ୍ ବି ଆଇ (ନେଟଓ୍ୱାର୍କ -୨) ସାଧାରଣ ପରିଚାଳକ ଉତମ କୁମାର ହାଜ୍‌ରା ଚୌଧୁରୀ ମିଳିତ ଭାବେ ଉଦଘାଟନ କରିଥିଲେ । ମହିଳାମାନେ ସମାଜର ବିଶେଷ ଅଙ୍ଗ, ସମାଜର ଉନ୍ନତି କଳ୍ପେ ମହିଳାମାନେ ସ୍ୱାବଲମ୍ବୀ ହେବା ଆବଶ୍ୟକ ଓ ଏଥି ସକାଶେ ମହିଳାମାନଙ୍କୁ ପ୍ରଶିକ୍ଷିତ କରାଇବାର ଆବଶ୍ୟକତା ରହିଛି ବୋଲି ଜିଲ୍ଲାପାଳ ଶ୍ରୀ ସାମଲ କହିଛନ୍ତି । ସ୍ୱୟଂସହାୟିକା ଗୋଷ୍ଠୀଗୁଡ଼ିକ ଆଗକୁ ଆସିବା ଓ ମହିଳାମାନଙ୍କର ଅର୍ଥନୈତିକ ଅଭିବୃଦ୍ଧି ଦିଗରେ ନିଜକୁ କାର୍ଯ୍ୟକ୍ଷମ କରାଇବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ସାଧନର ଉପଯୁକ୍ତ ବିନିଯୋଗ ହେଲେ ଅଂଚଳର ବିକାଶ ସମ୍ଭବ ବୋଲି ଜିଲ୍ଲାପାଳ ଆଶା ବ୍ୟକ୍ତ କରିଥିଲେ । ସାଧାରଣ ପରିଚାଳକ ଶ୍ରୀ ଚୌଧୁରୀ, ଉତ୍ସର୍ଗୀକୃତ ମନୋଭାବ ନେଇ କାର୍ଯ୍ୟ କରିବା ଦ୍ୱାରା ସମାଜର ଉନ୍ନତି ସାଧିତ ହୋଇଥାଏ ବୋଲି ଉଲ୍ଲେଖ କରି ସାମାଜିକ ସୁରକ୍ଷା ସମ୍ବନ୍ଧିତ ବିଭିନ୍ନ ବୀମା ଯୋଜନା ଦ୍ୱାରା ମହିଳାମାନେ ନିଜର ତଥା ପରିବାରର ଅର୍ଥନୈତିକ ଅଭିବୃଦ୍ଧି ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଶ୍ରୀ ଚୌଧୁରୀ ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କୁ କ୍ରେଡିଟ ଲିଂକେଜ କରାଇବା ଓ ଋଣ ଟଙ୍କାର ଉପଯୁକ୍ତ ବିନିଯୋଗ ପୂର୍ବକ ଅର୍ଥନୀତି ଦୃଷ୍ଟିକୋଣରୁ ନିଜକୁ ସ୍ୱାବଲମ୍ବୀ କରାଇବାକୁ ପରାମର୍ଶ ଦେଇଥିଲେ । ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତପିରାମ ମାଝୀ,ଡିଜିଏମ୍(ବି ଆଣ୍ଡ ଓ),ଏଓ ସମ୍ବଲପୁର ମଦନ ମୋହନ ବରିଆର, ରିଜିଓନାଲ ମ୍ୟାନେଜର ଅଶ୍ୱିନ ଅନୁପମ ପ୍ରହରାଜ, ମୁଖ୍ୟ ପରିଚାଳକ(ବିଜିନେସ) ସିଦ୍ଧାର୍ଥ ଶଙ୍କର ପତି ଓ ମୁଖ୍ୟ ପରିଚାଳକ (କ୍ରେଡିଟ)ମଧୁସୂଦନ ରଥ, ଏଲ୍ ଡି ଏମ୍ ସୁଧାଂଶୁ ଶେଖର ସାହୁ ପ୍ରମୁଖ ମଂଚରେ ଉପସ୍ଥିତ ଥିଲେ ।ସାଧାରଣ ପରିଚାଳକ ଶ୍ରୀ ଚୌଧୁରୀଙ୍କୁ ସ୍ୱୟଂସହାୟିକା ଗୋଷ୍ଠୀମାନେ ମଂଚକୁ ପାଛୋଟି ଆଣିବା ସହ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ଯାନ୍ତ୍ରିକ ବିଦ୍ୟାଳୟ ତରଫରୁ ବୈଷୟିକ ଶିକ୍ଷାର ଉପଯୋଗୀତା ସମ୍ପର୍କରେ ସ୍ୱୟଂ ସହାୟିକା ଗୋଷ୍ଠିମାନଙ୍କୁ ଅବଗତ କରାଯାଇଥିଲା । ସ୍ୱୟଂସହାୟିକା ଗୋଷ୍ଠୀମାନଙ୍କ ତରଫରୁ ଆୟୋଜିତ ଆୟୋଜିତ ମେଳାକୁ ଅତିଥିମାନେ ପରିଦର୍ଶନ କରିଥିଲେ । ଶର୍ମିଷ୍ଠା ସାହାଣୀ ଓ ଅନୁପମା ଡୁଙ୍ଗଡୁଙ୍ଗ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନାରେ
# ସୁବର୍ଣ୍ଣପୁର ଜିଲ୍ଲାରୁ ଗଲେ ୬୫ ବରିଷ୍ଠ ତୀର୍ଥଯାତ୍ରୀ

ସୁବର୍ଣ୍ଣପୁର: ରାଜ୍ୟ ସରକାରଙ୍କ ନାଗରିକ ତୀର୍ଥ ଯାତ୍ରା ଯୋଜନା ପରିପ୍ରେକ୍ଷୀରେ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ପରିସର ରୁ ଜିଲ୍ଲାର ୬୫ ଜଣ ବରିଷ୍ଠ ତୀର୍ଥ ଯାତ୍ରୀଙ୍କୁ ନେଇ ବାହାରିଥିବା ବସ୍‌କୁ ଜିଲ୍ଲାପାଳ ଅବୋଲି ସୁନୀଲ ନରଓ୍ୱଣେ ସବୁଜ ପତାକା ପ୍ରଦର୍ଶନ ପୂର୍ବକ ଶୁଭାରମ୍ଭ କରିବା ସହ ସଫଳ ଯାତ୍ରା ନିମନ୍ତେ ଶୁଭକାମନା କରିଛନ୍ତି । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟନାରାୟଣ ଦାଶ, ଆଞ୍ଚଳିକ ପରିବହନ ଅଧିକାରୀ ଅକ୍ଷୟ କୁମାର ଜେନା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ ସମେତ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ର କର୍ମଚାରୀ ଉପସ୍ଥିତ ରହି ବରିଷ୍ଠ ତୀର୍ଥ ଯାତ୍ରୀଙ୍କ ସଫଳ ତୀର୍ଥ ଭ୍ରମଣ ନିମନ୍ତେ ଶୁଭ କାମନା କରି ଉତ୍ସାହିତ କରିଥିଲେ । ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ର ବରିଷ୍ଠ ରାଜସ୍ୱ ସହାୟକ ସହଦ୍ଵେ ମେହେର ଓ ବିଶ୍ୱ ପ୍ରତାପ ସେଠ ଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଜିଲ୍ଲାରୁ ବରିଷ୍ଠ ତୀର୍ଥ ଯାତ୍ରୀ ଙ୍କୁ ନେଇ ବାହାରିଥିବା ଏହି ବସ ଆଜି ସନ୍ଧ୍ୟା ରେ ସମ୍ବଲପୁର ରେ ପହଂଚିବ । ଆସନ୍ତା କାଲି ସକାଳ ୧୦ ଘଂ ରେ ସରକାରଙ୍କ ଦ୍ୱାରା ବ୍ୟବସ୍ଥିତ ସ୍ୱତନ୍ତ୍ର ବରିଷ୍ଠ ନାଗରିକ ତୀର୍ଥ ଯାତ୍ରୀ ଟ୍ରେନ ଆମ ଜିଲ୍ଲାର ୬୫ ଜଣ ବରିଷ୍ଠ ତୀର୍ଥ ଯାତ୍ରୀ ଙ୍କ ସହ ରାଜ୍ୟ ର ବିଭିନ୍ନ ଅନ୍ୟ ୯ ଟି ଜିଲ୍ଲାର ବରିଷ୍ଠ ନାଗରିକ ତୀର୍ଥ ଯାତ୍ରୀ ଙ୍କୁ ନେଇ ମହାରାଷ୍ଟ୍ର ଅନ୍ତର୍ଗତ ନାସିକ ଓ ସିରିଡ଼ି ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି ।

# କୁଡୁମୁଲୁଗୁମ୍ମା ଓ ପୁରୁଣାଗୁମ୍ମାର ଅଧିଷ୍ଠାତ୍ରୀ ଦେବୀ ଭୈରବୀଙ୍କ ଯାତ୍ରା ପାଳିତ

ମାଲକାନଗିରି , (ହି. ସ.): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ କୁଡୁମୁଲୁଗୁମ୍ମା ନିକଟସ୍ଥ ପୁରୁଣାଗୁମ୍ମା ଠାରେ ମାଁ ଭୈରବୀଙ୍କ ମହାଯାତ୍ରା ଧୁମଧାମରେ ପାଳିତ ହୋଇଯାଇଛି । ସବୁ ବର୍ଷ ପରି ଚଇତ୍ର ମାସର ପ୍ରଥମ ମଙ୍ଗଳବାର ମାଁ ଭୈରବୀଙ୍କ ପବିତ୍ର ମହାଯାତ୍ରା ପାଳନ କରାଯାଇଥାଏ । ଏହି ଯାତ୍ରା ପାଇଁ ଏକ ମାସ ପୂର୍ବରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଥାଏ, ପ୍ରଥମେ କୁଡୁମୁଲୁଗୁମ୍ମା ଓ ଏହାର ଆଖପାଖ ଅଂଚଳର ପ୍ରସିଦ୍ଧ ଦେବୀ ଠାକୁରାଣୀ ମାନଙ୍କ ଉଦ୍ଦେଶ୍ୟରେ ନିମନ୍ତ୍ରଣ ଆଜ୍ଞାମାଳ ପହଂଚା ଯାଏ ଓ ଯାତ୍ରା ର ପୂର୍ବ ଦିନ ହିଁ ପ୍ରତ୍ୟେକ ମାତୃପିଠ ରୁ ଲାଠି ଶୋଭାଯାତ୍ରା ରେ ମାଁ ଙ୍କୁ ଆରାଧନା ସହ ମୁଖ୍ୟ ଗ୍ରାମ ଦେବତୀଙ୍କ ମନ୍ଦିରରେ ପୁଜଅର୍ଚ୍ଚନା ପାଇଁ ସ୍ଥାପନ କରାଯାଏ ଓ ଯାତ୍ରା ଦିନ ସମସ୍ତ ଲାଠି ପୁରୁଣାଗୁମ୍ମା ପାହାଡ଼ କୋଳରେ ଅବସ୍ଥିତ ମାଁ ଭୈରବୀଙ୍କ ପୀଠ ଅଭିମୁଖେ ଯାତ୍ରା ଆରମ୍ଭ ହୋଇଥାଏ । ଏହି ଯାତ୍ରା ଦେଖିବା ପାଇଁ ହଜାର ହଜାର ସଂଖ୍ୟାରେ ଭକ୍ତମାନେ ଏକତ୍ରିତ ହୋଇ ନିଜ ନିଜର ମାନସିକ କାମନା ପୂରଣ ପାଇଁ ପୂଜା କରନ୍ତି, ଯେଉଁଥିରେ ଦେବୀ ଭୈରବୀଙ୍କ ପୂଜା କାର୍ଯ୍ୟରେ ନିୟୋଜିତ ପୂଜାରୀ ମାନେ ବିଶେଷ ମନ୍ତ୍ର ପାଠ ସହ ଭକ୍ତଙ୍କ ମନସ୍କାମନା ପୂର୍ଣ୍ଣ ପାଇଁ ପ୍ରାର୍ଥନା କରିଥାନ୍ତି । ଏହି ଯାତ୍ରା କୁ ସଫଳତାର ଆୟୋଜନ କରିବା ପାଇଁ କୁଡୁମୁଲୁଗୁମ୍ମା ଗ୍ରାମର, ମା ଗ୍ରାମ ଦେବତୀ ସସ୍ତଘର ମହିଳା କାର୍ଯ୍ୟକର୍ତା ଓ ପୁରୁଣାଗୁମ୍ମା ମା ଭୈରବୀ କମିଟିର ସଦସ୍ୟମାନେ ବିଶେଷ ଭାବେ ନିଜର ଦାୟିତ୍ୱ ସୁଚାରୁ ରୂପେ ନିର୍ବାହନ କରିଥିଲେ । ପ୍ରକାଶ ଥାଉକି ଏହି ବର୍ଷର ଯାତ୍ରାରେ ଦୁର ଦୁରାନ୍ତରୁ ଆସୁଥିବା ଜନ ସମାଗମ ଓ ଛୋଟ ପିଲାମାନଙ୍କ ମନୋରଞ୍ଜନ କୁ ଧ୍ୟାନ ଦେବା ସହ କୁଡୁମୁଲୁଗୁମ୍ମା ଝାଡେଶ୍ୱର ମନ୍ଦିର ନିକଟରେ ଏକ ବଡ଼ ମିନାବଜାର ଓ ଦୁଇଟି ଆଦିବାସୀ ନାଟକ ପରିବେଷଣ କରାଯାଇଥିଲା ଯାହାକୁ ଦର୍ଶକ ମନ ଭରି ଉପଭୋଗ କରିଥିବା ଦେଖିବାକୁ ମିଳିଛି । ଯାତ୍ରାକୁ ସୁ-ବ୍ୟବସ୍ଥିତ ଓ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ନିୟୋଜିତ ହୋଇଥିବା ବେଳେ, ହଠାତ୍ କିଛି ଅଘଟଣ ଘଟିଲେ ଏଥିରୁ ତୁରନ୍ତ ରକ୍ଷା ପାଇବା ନିମନ୍ତେ ଅଗ୍ନିଶମ କର୍ମଚାରୀମାଙ୍କୁ ମୁତୟନ କରାଯାଇଥିଲା । ଆୟୋଜକ ମାନଙ୍କ ମଧ୍ୟରେ କୁଡୁମୁଲୁଗୁମ୍ମାର ରମେଶ ଚନ୍ଦ୍ର ନେଲୁର, ବୀର ପାତ୍ର, ସାରଙ୍ଗଧର ରାଉତ,କଂଟେଶ୍ ମାଝୀ, ଜୟରାମ ପାତ୍ର, ପୂଜାରୀଗୁଡା ର ନନ୍ଦ ପୂଜାରୀ,ଧନ ପୂଜାରୀ,ଧନ ହନ୍ତାଳ ଓ ବାସୁଦେବ ହନ୍ତାଳ ପ୍ରମୁଖ ମାଁ ଭୈରବୀ ଯାତ୍ରା ର ସୁ ପରିଚାଳନା କରିଥିବା ଜଣାପଡିଛି ।

## ରାଜ୍ୟରେ ସର୍ବୋଚ୍ଚ ତାପମାତ୍ରା ମାଲକାନଗିରିରେ ୩୫.୭ ଡ଼ିଗ୍ରୀ

ମାଲକାନଗିରି (ହି.ସ.)- ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ଦିନର ସର୍ବୋଚ୍ଚ ତାପମାତ୍ରା ମାଲକାନଗିରିରେ ୩୫.୭ ଡ଼ିଗ୍ରୀ ରହିଥିବା ବେଳେ ସର୍ବନିମ୍ନ ତାପମାତ୍ରା ଜଗତସିଂହପୁରରେ ୧୬.୮ ଡ଼ିଗ୍ରୀ ରେକର୍ଡ ହୋଇଛି ।

ସେହିପରି ରାଜଧାନୀ ଭୁବନେଶ୍ୱରରେ ଦିନର ସର୍ବୋଚ୍ଚ ତାପମାତ୍ରା ୩୧.୬ ଡ଼ିଗ୍ରୀ ଏବଂ ସର୍ବନିମ୍ନ ତାପମାତ୍ରା ୨୦.୦ ଡ଼ିଗ୍ରୀ ରେକର୍ଡ଼ ହୋଇଛି । କଟକରେ ସର୍ବୋଚ୍ଚ ତାପମାତ୍ରା ୨୯ .୫ ଡ଼ିଗ୍ରୀ ଓ ସର୍ବନିମ୍ନ ତାପମାତ୍ରା ୨୧.୦ ଡ଼ିଗ୍ରୀ ରେକର୍ଡ଼ ହୋଇଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରୀ ହୋଇଥିବା ଏକ ଟ୍ୱିଟ୍ ରୁ ଏହି ସୂଚନା ମିଳିଛି ।

# ଜିଲ୍ଲାସ୍ତରୀୟ ବିଶ୍ୱ କଳାମୋତିଆ ସପ୍ତାହ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ



ପାରଳାଖେମୁଣ୍ଡି,(ପିପିଏସ୍): ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଗଜପତି ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଅନ୍ତର୍ଗତ ଜିଲ୍ଲା ଅନ୍ଧତ୍ୱ ଦୂରୀକରଣ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ବିଶ୍ୱ କଳାମୋତିଆ(ଗ୍ଲୁକୋମା) ସପ୍ତାହ-୨୦୨୩ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସିଡିଏମଓ ଡାକ୍ତର ପ୍ରଦୀପ କୁମାର ପାତ୍ର ଏବଂ ଡିଏମଓ ଡାକ୍ତର ପ୍ରମୋଦ କୁମାର ପଣ୍ଡା ଯୋଗଦେଇ କଳାମୋତିଆର କାରଣ ଓ ଲକ୍ଷଣର ବିଭିନ୍ନ ଦିଗ ସମ୍ପର୍କରେ କହି ପ୍ରାଥମିକ ଅବସ୍ଥାରେ ରୋଗକୁ ନିରୂପଣ କରିପାରିଲେ ଆମେ ରୋଗକୁ ନିୟନ୍ତ୍ରଣରେ ରଖିପାରିବା ଏବଂ ରୋଗକୁ ଆମେ ସ୍କ୍ରିନିଂ କରି କଳା ମୋତିଆ’କୁ ଆମେ ହଟାଇ ପାରିବା ବୋଲି କହିଥିଲେ । ଚକ୍ଷୁ ବିଶେଷଜ୍ଞ ଡାକ୍ତର ରିକି ମାଣିକ ସା ଯୋଗଦେଇ ସଚେତନ ହେବା ସହ ସତର୍କତା ଭାବେ ଆଖିର ଯତ୍ନ ନେବା ଏବଂ ହଠାତ୍ କିଛି ହେଲେ ତୁରନ୍ତ ଚକ୍ଷୁ ବିଶେଷଜ୍ଞଙ୍କ ପରାମର୍ଶ ନେଇ ଚକ୍ଷୁ ସ୍କ୍ରିନିଙ୍ଗ କରିବା ଏବଂ ମୋବାଇଲ ବ୍ୟବହାର’କୁ କମାଇବା ଉପରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ରୋଗ ନିୟନ୍ତ୍ରଣ ଅଧିକାରୀ ତଥା ଏଡ଼ିପିଏଚ୍- ଡିସି ଡାକ୍ତର ଆନନ୍ଦ ସାମନ୍ତରାୟ ଏବଂ ଡିପିଏମ ସୌମ୍ୟା ରାଣୀ ଗୌଡ଼ ପ୍ରମୁଖ ମଞ୍ଚାସୀନ ରହି ରୋଗ ଉପରେ ସଚେତନତା ଓ ତାର ପ୍ରତିଷେଧକ ବ୍ୟବସ୍ଥା ଉପରେ କହିଥିଲେ । ଏଡିପିଏଚସିଓ: ଶ୍ରୀ ନେତ୍ରାନନ୍ଦ ଶତପଥୀ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରି ମୁଖ୍ୟ ଚିକିତ୍ସାଳୟ’ରେ ମାଗଣାରେ କିଭଳି ଦୃଷ୍ଟିଶକ୍ତି ଫେରାଇ ଆଣିବା ଦିଗରେ ରହିଥିବା ଅସ୍ତ୍ରୋପଚାର ବ୍ୟବସ୍ଥା ଉପରେ କହି ସଭା କାର୍ଯ୍ୟକ୍ରମ’କୁ ସଂଯୋଜନା କରିଥିଲେ । ସହକାରୀ ଅପଥଲୋମିକ ଜନ୍ମଜୟ ସାହୁ ପାଓ୍ୱାର ପଏଣ୍ଟ ମାଧ୍ୟମରେ ଦୃଷ୍ଟିଶକ୍ତି କିଭଳି ନଷ୍ଟ ହୋଇଥାଏ , ତାର କାରଣ , ଲକ୍ଷଣ ଏବଂ ଯତ୍ନ ପ୍ରଭୃତି ଉପରେ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ । ଗୁରାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର’ର ପିଏଚଇଓ: ମମତା ପାଢ଼ୀ ଯୋଗଦେଇ ବିଶ୍ୱ କଳାମୋତିଆ ସପ୍ତାହ-୨୦୨୩ ପାଳନ ଅବସରରେ ରହିଥିବା ବାର୍ତ୍ତା:- ‘ଅଦୃଶ୍ୟ କଳାମୋତିଆ ହଟେଇବା ଓ ନିୟମିତ ଚକ୍ଷୁ’ର ଯତ୍ନ ନେବା ଉପରେ କହି ଶେଷରେ ଉପସ୍ଥିତ ସମସ୍ତ’ଙ୍କୁ ଧନ୍ୟବାଦ୍ ଅର୍ପଣ କରି ଥିଲେ । । ଏହି ସମସ୍ତ କାର୍ଯ୍ୟକ୍ରମକୁ ବିଭାଗୀୟ ଡାଟା-ଏଣ୍ଟ୍ରି ଅପରେଟର ନୀଳମଣି ଗୌଡ଼ ଏବଂ ଡି ଆସିଷ୍ଟାଣ୍ଟ ଜଗଦୀଶ ପଟ୍ଟନାୟକ ପ୍ରମୁଖ ପରିଚାଳନା ଓ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମ’ରେ ବହୁ ସଂଖ୍ୟାରେ ଏଏନଏମ ତାଲିମ ଛାତ୍ରୀ ଓ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଯୋଗ ଦେଇଥିଲେ ।

# ଭାର ଉତ୍ତୋଳନରେ ଗୋଲ୍ଡ ମେଡାଲ ପାଇଲେ ବିଶ୍ୱନାଥ

ଜୟପୁର, (ହି.ସ.)- ଭାର ଉତୋଳନରେ ଗୋଲ୍ଡ ମେଡାଲ ପାଇଲେ ଜୟପୁର ସୌରା ସାହିର ବିଶ୍ୱନାଥ ନାୟକ । ଜୟପୁର ଫେରିବା ବେଳେ ରେଳ ଷ୍ଟେସନ୍ ରେ ତାଙ୍କୁ ବିପୁଳ ସ୍ୱାଗତ ସମର୍ଦ୍ଧନା ଦିଆଯାଇଛି ।

ନେପାଳ ରାଜଧାନୀ କାଠମାଣ୍ଡୁ ଠାରେ ଅନୁଷ୍ଠିତ ଆନ୍ତର୍ଜାତୀୟ ଷ୍ଟ୍ରେନ୍ଥ ଲିଫ୍ଟିଂଏବଂ ଇନାକ୍ଲାଇନ୍ ବେଂଚପ୍ରେସ ଚମ୍ପିଆନସିପ୍ ରେ ଗୋଲ୍ଡ ମେଡାଲ ଆଣିଛନ୍ତି ବିଶ୍ୱନାଥ । ଭାରତ ପକ୍ଷରୁ ମାଷ୍ଟର କେଟୋଗୋରୀରେ ଖେଳିଥିଲେ ବିଶ୍ୱନାଥ । ନେପାଳ ଷ୍ଟ୍ରେନ୍ଥ ଲିଫ୍ଟିଂ ଫେଡେରେସନ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗୀତାରେ ନଅଟି ଦେଶର ଖେଳାଳୀ ଭାଗ ନେଇଥିଲେ । ଏସିଆ ମହାଦେଶର ଭାରତ, ପାକିସ୍ତାନ, ବାଂଲାଦେଶ, ଇଣ୍ଡୋନେସିଆ, ଆଫ୍ଗାନୀସ୍ତାନ ଭଳି ନଅ ଦେଶର ୫ ଶହରୁ ଅଧିକ ଖେଳାଳୀ ଭାଗ ନେଇଥିଲେ । ବିଶ୍ୱନାଥଙ୍କ ଏହି ସଫଳତାକୁ ନେଇ କୋରାପୁଟ ଜିଲ୍ଲା ସମେତ ଜୟପୁର ଅଂଚଳରେ ଖୁସିର ଲହରି ଖେଳିଯାଇଛି । ଜୟପୁର ଫେରିବା ବେଳେ ରେଳ ଷ୍ଟେସନରେ ବିଶ୍ୱନାଥଙ୍କୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସିଓ୍ୱା ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ସୂଚନା ପାଇବା ପରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଶୁଭେଚ୍ଛା ଜଣାଇଛନ୍ତି । ଆଗରୁ ମଧ୍ୟ ବହୁ ପୁରସ୍କାର ପାଇ ଜିଲ୍ଲାର ସମ୍ମାନକୁ ବଜାୟ ରଖିଛନ୍ତି ବିଶ୍ୱନାଥ ।

## ତିରୁପତି ସଂସ୍କୃତ ବିଶ୍ୱ ବିଦ୍ୟାଳୟରେ ସ୍ୱର୍ଣ୍ଣ ପଦକ ପାଇଲେ ସୋନପୁରର ଛାତ୍ର

ସୁବର୍ଣ୍ଣପୁର, (ହି.ସ.): ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱ ବିଦ୍ୟାଳୟ ତିରୁପତି ଠାରେ ଏମ ଏ ପୁରାଣ ଇତିହାସ ବିଭାଗ ରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ରେ ପୁରସ୍କୃତ ହେଲେ ସୋନପୁର କଲେଜ ଛାତ୍ର ସବ୍ୟସାଚୀ ବିଶି କ୍ଷ ମହୋତି ପ୍ରେକ୍ଷାଳୟ ତିରୁପତି ଦ୍ୱିତୀୟ ଦୀକ୍ଷାନ୍ତ ସମାରୋହ ୨୦୨୩ ରେ ମୁଖ୍ୟ ଅତିଥି ଡା. ଅନିଲ ସାହସ୍ରବୁଦ୍ଧେ ଙ୍କ ଦ୍ୱାରା ସ୍ୱର୍ଣ୍ଣ ପଦକ ରେ ମେଧା ଛାତ୍ର ସବ୍ୟସାଚୀ ଙ୍କୁ ସମ୍ବର୍ଦ୍ଧିତ କରିଥିଲେ କ୍ଷ କୁଳଧିପତି ଶ୍ରୀନି ଗୋପାଳ ସ୍ୱାମୀ, କୁଳପତି ଆଚାର୍ଯ୍ୟ କୃଷ୍ଣମୂର୍ତି ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇ ଓଡିଶା ର ଏହି ପ୍ରତିଭା ଙ୍କୁ ପ୍ରଶଂସା କରି ଥିଲେ କ୍ଷ ସବ୍ୟସାଚୀ ସୁବର୍ଣ୍ଣପୁର ଜ଼ିଲ୍ଲା ର ପାତାଳି ଶ୍ରୀକ୍ଷେତ୍ର ନିକଟସ୍ଥ କୋଟ ସମଲେଇ ଗ୍ରାମ ର ପିତା ଲୁକୁ ବିଶି ଓ ମାତା ଉମା ବିଶି ଙ୍କ ପୁତ୍ର ହୋଇ ଥିବା ବେଳେ ସେ ସୋନପୁର କଲେଜ ରେ ଗ୍ରାଜୁଏସନ ସାରି ୨୦୨୧/୨୨ରେ ତିରୁପତି ଏ କୃତିତ୍ୱ ହାସଲ କରିଥିବା ଜଣାଯାଇଛି କ୍ଷ ସବ୍ୟସାଚୀ ଏ ସ୍ୱର୍ଣ୍ଣ ପଦକ ପାଇବା ପରେ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଥିବା ବେଳେ ସୋନପୁର କଲେଜ ସମେତ ସମଗ୍ର ଜ଼ିଲ୍ଲା ର ଗୌରବ ବଢିଥିବା ଜଣାଯାଇଛି ।

# ଚମ୍ପୁଆ ବିଜେଡିର ମହିଳା ସମାବେଶ

ଚମ୍ପୁଆ, (ହି.ସ.): ସ୍ଥାନୀୟ ନେହେରୁ ଷ୍ଟାଡିୟମ୍ ଠାରେ ଚମ୍ପୁଆ ବିଜୁ ଜନତା ଦଳ ପକ୍ଷରୁ ଏକ ବିରାଟ ମହିଳା ସମାବେଶ ଅନୁଷ୍ଠିତ ହୋଇ ଯାଇଛି । ଚମ୍ପୁଆ ଏନଏସି ଅଧକ୍ଷ ଗିରିଜାଶଙ୍କର ସାହୁ ଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ଏହି ମହିଳା ସମାବେଶରେ ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ, କେନ୍ଦୁଝର ଜିଲ୍ଲା ବିଜେଡି ସଭାପତି ମାଧବ ସର୍ଦ୍ଦାର, କେନ୍ଦୁଝର ଜିଲ୍ଲା ପରିଷଦ ସଭାପତି ସାଗରିକା ସାହୁ, ଯୋଡ଼ା ମ୍ୟୁନିସିପାଲଟି ଅଧକ୍ଷ ଜଗଦୀଶ ପ୍ରସାଦ ସାହୁ, ଯୋଡା ମ୍ୟୁନିସିପାଲଟି ଉପାଧକ୍ଷ ସନ୍ଧ୍ୟାରାଣୀ ପାତ୍ର, ଚମ୍ପୁଆ ଏନଏସି ଉପାଧକ୍ଷ ସସ୍ମିତା ବେହେରା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ସୌଭାଗିନୀ ସାହୁ ଏହି ମହିଳା ସମାବେଶର ମଂଚ ପରିଚାଳନା କରିଥିଲେ ।

ମଂଚାସୀନ ଅତିଥି ମାନେ ବିଜୁ ଜନତା ଦଳ ମହିଳା ସଶକ୍ତିକରଣ ପାଇଁ ନେଇଥିବା ଉଲ୍ଲେଖନୀୟ ପଦକ୍ଷେପଗୁଡ଼ିକ ଉପରେ ଆଲୋକପାତ କରିବା ସହିତ ମିଶନଶକ୍ତି ମାଧ୍ୟମରେ ଓଡ଼ିଶା ସରକାର କିପରି ମହିଳା ମାନଙ୍କୁ ସ୍ୱାବଲମ୍ବୀ କରିବାରେ ସହଯୋଗ କରୁଛନ୍ତି ସେ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ । ଏହି ମହିଳା ସମାବେଶ ରେ ବିଜୁ ଜନତା ଦଳ ର ସମସ୍ତ ମହିଳା ଜିଲ୍ଲା ପରିଷଦ ସଭ୍ୟା, କାଉନସିଲର, ସରପଂଚ, ସମିତି ସଭ୍ୟାମାନଙ୍କ ସମେତ ଚମ୍ପୁଆ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଅଂଚଳରୁ ଆସିଥିବା ପାଂଚ ହଜାରରୁ ଅଧିକ ମହିଳା ଏହି ସମାବେଶରେ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିବାରୁ ଆୟୋଜକ ଗିରିଜା ଶଙ୍କର ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜବରଦଖଲ ଉଚ୍ଛେଦ କଲା ପ୍ରଶାସନ



**ଭୁବନେଶ୍ୱର (ପିପିଏସ୍) :** ଗତକାଲି ରାଜଧାନୀର ୪ ସ୍ଥାନରୁ ୮୮ଟି ଜବରଦଖଲ ସ୍ଥାନରୁ ଉଚ୍ଛେଦ କରିଛି ପ୍ରଶାସନ । ବରମୁଣ୍ଡା, କଳାରାହାଙ୍ଗ, ଡମଣା ଓ ନୂଆପଲ୍ଲୀ ଆଦି ଅଞ୍ଚଳରୁ ଏହି ଉଚ୍ଛେଦ କରାଯାଇଛି । ବରମୁଣ୍ଡାସ୍ଥିତ ବସ୍ ଟର୍ମିନାଲ ନିକଟରୁ ୨୭ଟି ଫାଷ୍ଟଫୁଡ/ଟିଫିନ୍ ଷ୍ଟଲ ହଟିଥିବା ବେଳେ ଡ. ଆମ୍ବେଦକର ଏସ୍‌ସି ଓ ଏସ୍‌ଟି କ୍ଲବର ୪ଟି ଛାତ ଘର, ୭ଟି ଆଜବେଷ୍ଟସ୍ ଦୋକାନ, ୨୫ଟି କ୍ୟାବିନ୍, ୩ଟି ହଷ୍ଟେଲ, ୧୧ଟି ପଲିଥିନ୍ ନିର୍ମିତ ଦୋକାନ ଏବଂ ୫ଟି ଫଳ ଓ ପରିବା ଦୋକାନ ଉଚ୍ଛେଦ ହୋଇଛି । ଡମଣା ଛକରୁ ୬ଟି ଅର୍ଦ୍ଧନିର୍ମିତ ଦୋକାନ ଭଙ୍ଗାଯାଇଛି । ନୂଆପଲ୍ଲୀ ଅଞ୍ଚଳରୁ ଗୋଟିଏ ହୋଟେଲ, ୨ଟି ଫାଷ୍ଟଫୁଡ ଓ ଗୋଟିଏ କ୍ୟାବିନ ଭାଙ୍ଗିଛି । ଆଇଆରସି ଭିଲେଜ ଇନ୍ଦ୍ରଧନୁ ମାର୍କେଟରୁ ଫାଷ୍ଟଫୁଡ ଓ ହୋଟେଲ ଭଙ୍ଗାଯାଇଛି । ବିଡିଏ ଏନଫୋର୍ସମେଣ୍ଟ ଅଫିସର ପ୍ରମୋଦ ପାତ୍ର ଓ ବିଡିଏ ଲିଆସନ୍ ଅଫିସର୍ ଶୁଭ୍ରାଂଶୁ ଶେଖର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏହି ଉଚ୍ଛେଦ ହୋଇଥିଲା । ୱାର୍ଡ ନମ୍ବର-୨ର କଳାରାହାଙ୍ଗଠାରେ ପ୍ଲଟ ନଂ-୩୦ରେ ପ୍ରଭାତ ଭିଲ୍ଲା ନିକଟରେ କେତେକ ଅଂଶ ଭଙ୍ଗାଯାଇଛି । ବିଭୂତି ଭୂଷଣ ଆଚାର୍ଯ୍ୟ ନାମକ ବ୍ୟକ୍ତି ୯ଶହ ବର୍ଗଫୁଟ୍ ସରକାରୀ ରାସ୍ତା ମାଡ଼ି ବସି ଘର ନିର୍ମାଣ କରିଥିଲେ । ଗତକାଲି ସକାଳୁ ଟିମ୍ ପ୍ରାଇଡ୍ ଉଚ୍ଛେଦ କରିଥିଲା । ଗୋଟିଏ ପଟେ ବିଏମ୍‌ସି ଓ ବିଡିଓ ପକ୍ଷରୁ ଜବରଦଖଲ ଉଚ୍ଛେଦ ଚାଲିଥିବା ବେଳେ ଅନ୍ୟ ପଟେ ହକି ବିଶ୍ୱକପ୍ ସମୟରେ ଉଚ୍ଛେଦ ହୋଇଥିବା ଉଠାଦୋକାନୀମାନେ ପୁଣି ପୁରୁଣା ଜାଗାକୁ କବ୍‌ଜା କରିଛନ୍ତି । କଳ୍ପନାରୁ ରାଜମହଲ ପର୍ଯ୍ୟନ୍ତ ଅଞ୍ଚଳରେ ବ୍ୟବସାୟ କରୁଥିବା ଉଠାଦୋକାନୀ ଟିମ୍ ପ୍ରାଇଡ୍ ଦ୍ୱାରା ଉଚ୍ଛେଦ ହେବା ପରେ ରାସ୍ତା ଅବରୋଧ କରିଥିଲେ । ସେମାନେ ରାସ୍ତା ମଝିରେ ବସି ରହିବାରୁ ଗାଡ଼ି ଚଳାଚଳ ପ୍ରଭାବିତ ହୋଇଥିଲା । ପ୍ରାୟ ଅଧଘଣ୍ଟା ପର୍ଯ୍ୟନ୍ତ ରାସ୍ତା ଅବରୋଧ ହୋଇଯାଇଥିଲା । ଖବର ପାଇ ପୁଲିସ ପହଞ୍ଚି ସେମାନଙ୍କୁ ରାସ୍ତାରୁ ହଟାଇଥିଲା ।

## ଗୁରୁ ପଙ୍କଜ ଉତ୍ସବ ଓ ମାହାରୀ ସମ୍ମାନ ପ୍ରଦାନ



**ଭୁବନେଶ୍ୱର (ପିପିଏସ୍):** ସ୍ଥାନୀୟ ରବୀନ୍ଦ୍ର ମଣ୍ଡପରେ ଗୁରୁ ପଙ୍କଜ ଚରଣ ଓଡ଼ିଶୀ ଗବେଷଣା ପ୍ରତିଷ୍ଠାନ ଦ୍ୱାରା ଗୁରୁ ପଙ୍କଜ ଉତ୍ସବ ଓ ମାହାରୀ ସମ୍ମାନ ପ୍ରଦାନ ଉତ୍ସବ ଆୟୋଜିତ ହୋଇଯାଇଛି । ଆଦିଗୁରୁ ପଙ୍କଜ ଚରଣ ଦାସଙ୍କର ୧୦୪ତମ ଜନ୍ମଜୟନ୍ତୀ ଗୁରୁ କେଳୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ର ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ପାଳିତ ହୋଇଯାଇଛି । ଏହି ଅବସରରେ ଓଡ଼ିଶୀ ନୃତ୍ୟ ସଙ୍ଗୀତ ଜଗତକୁ ବିଶେଷ ଅବଦାନ ଓ ଜୀବନବ୍ୟାପୀ ସାଧନା ପାଇଁ ଗୁରୁ ଶରତ କୁମାର ରଥଙ୍କୁ ମାଦେଳୀ, ସୁରମଣି ରମେଶ ଚନ୍ଦ୍ର ଦାସଙ୍କୁ ବୀଣାକାର, ଗୁରୁ ସିକତା ଦାସଙ୍କୁ ନାଚୁଣୀ ସମ୍ପ୍ରଦା ଓ ଗୁରୁ ନିମକାନ୍ତ ରାଉତଙ୍କୁ ଗାଉଣୀ ସମ୍ପ୍ରଦା ଉପାଧି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ପରେ ନୃତ୍ୟ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ପ୍ରଥମେ ଆଦି ଗୁରୁଙ୍କୁ ସ୍ମରଣ କରି ତାଙ୍କ ସମ୍ମାନାର୍ଥେ ସମବେତ ଭାବରେ ସମସ୍ତ ନୃତ୍ୟ ଶିଳ୍ପୀ ଗୁରୁ ବନ୍ଦନା କରିଥିଲେ । ଏକକ ନୃତ୍ୟର ଏହି ଉତ୍ସବରେ ପ୍ରଥମେ ମଞ୍ଚକୁ ଆସିଥିଲେ ବର୍ଷା ମୋହିନୀ ଦାସ । ସେ ମଙ୍ଗଳାଚରଣରେ ସାନ୍ତାକାରାମ ଓ ନୃତ୍ୟାଭିନୟରେ 'ଲାଜେ ମୁଁ ସରିଗଲି ଆଜ...' ପରିବେଷଣ କରିଥିଲେ । ଯାହାର ନିର୍ଦ୍ଦେଶନା ଦେଇଥିଲେ ରୋଜାଲିନ୍ ମହାପାତ୍ର । ପରେ ଯୁବନୃତ୍ୟଶିଳ୍ପୀ ଅଙ୍କିତା ଦାସ 'କହିବୁ ଯାଇ ଶ୍ୟାମବନ୍ଧୁକୁ' ପରିବେଷଣ କରିଥିଲେ । ଏହାର ନିର୍ଦ୍ଦେଶନା ଦେଇଥିଲେ ଗୁରୁ ପ୍ରଶାନ୍ତ ବେହେରା । ଏହାପରେ ମଞ୍ଚକୁ ଆସିଥିଲେ ଶାସ୍ତ୍ରୀୟ ନୃତ୍ୟଶିଳ୍ପୀ ଆସାମର ଡିମ୍ପି ବୈଶ୍ୟ । ତାଙ୍କପରେ ସ୍ୱୟଂପ୍ରଭା ମିଶ୍ର ଗୁରୁ କୁମ୍‌କୁମ୍ ମହାନ୍ତିଙ୍କ ସଂଯୋଜିତ କିରିବାଣୀ ପଲ୍ଲବୀ ପରିବେଷଣ କରିଥିଲେ । ଏହାପରେ ନୃତ୍ୟଶିଳ୍ପୀ ମନୋସ୍ମିତା ପଣ୍ଡାଙ୍କ ଦ୍ୱାରା ଆହେ ନୀଳ ଶୈଳ ଓ ରୁଦ୍ରପ୍ରସାଦ ସାଇଁଙ୍କ ଦ୍ୱାରା ଅର୍ଦ୍ଧନାରୀଶ୍ୱର ପରିବେଷିତ ହୋଇଥିଲା । ଯାହାର ନୃତ୍ୟ ସଂଯୋଜନା ଥିଲା ଗୁରୁ କେଳୁଚରଣ ମହାପାତ୍ରଙ୍କର । ସନ୍ଧ୍ୟାରେ ଅତିଥିଭାବେ ସଂସ୍କୃତି ବିଭାଗ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ବିଧାୟକ ଦେବୀପ୍ରସାଦ ମିଶ୍ର, ପ୍ରାକ୍ତନ ପ୍ରଶାସକ ଅଶୋକ କୁମାର ତ୍ରିପାଠୀ, ଅନୁଷ୍ଠାନ ସଭାପତି ବଟକୃଷ୍ଣ ତ୍ରିପାଠୀ ଓ ନିର୍ଦ୍ଦେଶକ ଶରତ ଦାସ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ମୃତ୍ୟୁଞ୍ଜୟ ରଥ ।

## ଦୋକାନରେ ପଶି ଚୋରି, ୩ ଗିରଫ

**ଭୁବନେଶ୍ୱର (ପିପିଏସ୍):** ଦୋକାନରେ ପଶି ଚୋରି କରୁଥିବା ସମୟରେ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ଚନ୍ଦ୍ରଶେଖରପୁର ଥାନା ପୁଲିସ । ଗିରଫ ଅଭିଯୁକ୍ତ ହେଲେ ମଇଳାଟାଙ୍କି ବସ୍ତିର ରବି କିଶୁକୁ, ଶିଖରଚଣ୍ଡୀ ବସ୍ତିର ସନ୍ତୋଷ କୁମାର ସେଠୀ ଏବଂ ଶିଖରଚଣ୍ଡୀ ଜଲୀସାହିର ଲିଙ୍ଗରାଜ ସାହୁ । ସେମାନଙ୍କ ନିକଟରୁ ପୁଲିସ ଚୋରି ସାମଗ୍ରୀ ଜବତ କରିଛି ।

## ଲକ୍ଷେ ଟଙ୍କା ଫାଇନ୍ ଦେଲା ରିଲାଏନ୍ସ ସ୍ମାର୍ଟ

**ଭୁବନେଶ୍ୱର (ପିପିଏସ୍):** ନୂଆପଲ୍ଲୀ-ସିଆରପି ରାସ୍ତାରେ ଥିବା ରିଲାଏନ୍ସ ସ୍ମାର୍ଟ ମଲ୍ ଲକ୍ଷେ ଟଙ୍କାର ଜରିମାନା ଅର୍ଥ ଦଣ୍ଡ ଗଣିଛି । ଏଣେ ତେଣେ ଆବର୍ଜନା ପକାଇଥିବାରୁ ଏହାକୁ ସିଲ୍ କରାଯିବା ସହ ୧ଲକ୍ଷ ଟଙ୍କା ଜରିମାନା କରାଯାଇଛି ବୋଲି କୁହାଯାଇଛି । ପରିମଳ ଆଚରଣରେ ଗୁଣାତ୍ମକ ପରିବର୍ତ୍ତନ ଆସିଲେ ଯାଇ ଏହାକୁ ଖୋଲିବାକୁ ଅନୁମତି ଦିଆଯିବ ବୋଲି କୁହାଯାଇଛି । ଏହା ପାଖରେ ଥିବା ଏକ ହୋଟେଲକୁ ମଧ୍ୟ ଭାଙ୍ଗି ଦିଆଯାଇଛି । ହୋଟେଲଟି ପାଖାପାଖି ୧ ହଜାରରୁ ୧.୨ ହଜାର ବର୍ଗଫୁଟ୍ ସରକାରୀ ଜମି ମାଡ଼ି ବସି ହୋଟେଲ ବ୍ୟବସାୟ କରୁଥିଲା ।

# ଠକ ଦମ୍ପତିଙ୍କୁ ଗିରଫ କଲା ପୁଲିସ

**ଭୁବନେଶ୍ୱର (ପିପିଏସ୍):** ଶେଷରେ ଠକ ବିହାରୀ ଦମ୍ପତିଙ୍କୁ ଗିରଫ କରିଛି ପୁଲିସ । ବଣ୍ଟି, ବବ୍‌ଲି ସାଜି ଘର ମାଲିକଙ୍କୁ ସେମାନେ ଠକେଇ କରୁଥିଲେ । ତାଙ୍କର କଳାକାରନାମା ପଦାକୁ ଆସିବା ପରେ ଚନ୍ଦ୍ରଶେଖରପୁର ଥାନା ପୁଲିସ ତ୍ୱରିତ ପଦକ୍ଷେପ ନେଇ ଗିରଫ କରିଛି । ଗିରଫ ଦମ୍ପତି ହେଲେ ବିହାରର ସନ୍ଦୀପ ପ୍ରସାଦ ଏବଂ ପଶ୍ଚିମବଙ୍ଗର ସୋନାଟା ଦାସ । ସେମାନଙ୍କ ନିକଟରୁ ଏକାଧିକ ଜାଲ୍ ଦସ୍ତାବିଜ୍ ଏବଂ ଅନ୍ୟାନ୍ୟ ସାମଗ୍ରୀ ପୁଲିସ ଜବତ କରିଛି । ମିଳିଥିବା ସୂଚନା ଅନୁସାରେ, ସନ୍ଦୀପ ଏବଂ ସ୍ତ୍ରୀ ସୋନାଟା ଘର ମାଲିକଙ୍କୁ ଠକିବା ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଥିଲେ । ସେମାନେ ପ୍ରଥମେ ଘରକୁ ଭଡ଼ା ଆକାରରେ ନେଉଥିଲେ । କିଛି ମାସ ଭଡ଼ା ଦେବା ପରେ ସେମାନେ ଉକ୍ତ ପ୍ଲଟ୍‌ର ନକଲି କାଗଜପତ୍ର ପ୍ରସ୍ତୁତ କରୁଥିଲେ । ଏଥିସହ ନକଲି ସେଲ୍ ଡିଡ୍ ମଧ୍ୟ ପସ୍ତୁତ କରି କୋର୍ଟରେ ଦାଖଲ କରି ଏକ ସିଭିଲ୍ କେସ୍ କରୁଥିଲେ । ପରେ ଘରକୁ କରାୟତ କରି ଘର ଛାଡୁନଥିଲେ । ମାଲିକ ସେମାନଙ୍କୁ କିଛି କହିଲେ ଘର ବିକ୍ରି କରି ଦେଇଥିବା କହୁଛନ୍ତି । ଏପରିକି ପୁଲିସ ଏବଂ କୋର୍ଟକୁ



ନକଲି ଦସ୍ତାବିଜ୍ ଦେଇ ଭୁଆଁ ବୁଲାଉଥିଲେ । ଏହିଭଳି ସେମାନେ ଚନ୍ଦ୍ରଶେଖରପୁର ଡିଷ୍ଟ୍ରିକ୍‌ସେଣ୍ଟର ନିକଟରେ ରହୁଥିବା ଘର ମାଲିକ ସୁମନ୍ ମିଶ୍ରଙ୍କୁ ଟାର୍ଗେଟ କରିଥିଲେ । ଏକ ବିୟୁଟି ପାର୍ଲର କରିବା ଆଳରେ ଘର ଭଡ଼ା ନେଇଥିଲେ । ମାସକୁ ଘର ଭଡ଼ା ଆକାରରେ ୨୦ ହଜାର ଟଙ୍କା ଦେବାକୁ ଚୁକ୍ତି ହୋଇଥିଲା । ଏକ ବର୍ଷ ପର୍ଯ୍ୟନ୍ତ ସ୍ୱାମୀ ସ୍ତ୍ରୀ ଘର ଭଡ଼ା ଦେଇଥିଲେ । କିନ୍ତୁ ବର୍ଷକ ପରେ ସେମାନେ ଉକ୍ତ ଘରର ନକଲି କାଗଜପତ୍ର ପ୍ରସ୍ତୁତ କରିଥିଲେ । ପରେ ପରେ ଘର ମାଲିକ ବାହାରି ଯିବାକୁ କହିବାରୁ କୋର୍ଟରେ ଜାଲ୍ ସେଲ୍ ଡିଡି ଦେଖାଇ ଏକ ସିଭିଲ୍ ମାମଲା କରିଥିଲେ । ଶେଷରେ ନିରାଶ ହୋଇ ଚନ୍ଦ୍ରଶେଖରପୁର ଥାନାରେ ସୁମନ ମିଶ୍ର ଏବେ ଠକେଇ ଅଭିଯୋଗ କରିଥିଲେ । ପୁଲିସ ମାମଲା ରୁଜୁ କରି ଉକ୍ତ ଘରର କାଗଜପତ୍ର ଯାଞ୍ଚ କରିଥିଲେ । ଏପରିକି ଫୋରେନ୍‌ସିକ୍ ଲ୍ୟାବ୍‌କୁ ପଠାଇବା ପରେ ତାହା ନକଲି ହୋଇଥିବା ସ୍ପଷ୍ଟ ହୋଇଥିଲା । ଏହାପରେ ପୁଲିସ ଚଢ଼ଉ କରି ତାଙ୍କୁ ଗିରଫ କରିଥିଲା । ଏହି ଦୁଇ ଦମ୍ପତି ପୂର୍ବରୁ ନୂଆପଲ୍ଲୀ ଥାନା ଅଞ୍ଚଳରେ ଥିବା ଦୁଇ ଜଣ ଘର ମାଲିକଙ୍କୁ ଏଭଳି ଜାଲ୍ ଠକେଇ କରିଥିଲେ । ପୁଲିସ ଗିରଫ ଦମ୍ପତିଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରୁଛି ।

## ଜାତୀୟ ହସ୍ତତନ୍ତ ପୁରସ୍କାର ବିଜେତାଙ୍କ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ଦାନ

**ଭୁବନେଶ୍ୱର, (ପିପିଏସ) :** ଜାତୀୟ ହସ୍ତତନ୍ତ ପୁରସ୍କାର ବିଜେତା ତଥା ବରଗଡ଼ ଜିଲ୍ଲା ସ୍ଥିତ ଲକି ହ୍ୟାଣ୍ଡଲୁମ୍ସ ମୁଖ୍ୟ ସଞ୍ଜୟ ମେହେର ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୭୫ ହଜାର ଟଙ୍କା ଦାନ କରିଛନ୍ତି । ଶ୍ରୀ ମେହେର ଉକ୍ତ ଚେକ୍‌କୁ ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ମନ୍ତ୍ରୀ ରୀତା ସାହୁଙ୍କ ମାଧ୍ୟମରେ ପ୍ରେରଣ କରିଥିଲେ । ଆଜି ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କ ମାଧ୍ୟମରେ ମନ୍ତ୍ରୀ ଶ୍ରୀମତୀ ସାହୁ ଏହି ଚେକ୍ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ପ୍ରଦାନ କରିଛନ୍ତି । ଚେକ୍ ଗ୍ରହଣ କରି ମୁଖ୍ୟ ଶାସନ ସଚିବ ଶ୍ରୀ ଜେନା ସଞ୍ଜୟ ମେହେରଙ୍କୁ ସାଧୁବାଦ ଜଣାଇଛନ୍ତି ।

## ଜୁଏଲାରୀ ଦୋକାନ ଉପରକୁ ବୋମାମାଡ଼

**ଭୁବନେଶ୍ୱର, (ପିପିଏସ) :** ଦାଦାବଟିକୁ କେନ୍ଦ୍ରକରି ଖାରବେଳନଗର ଥାନା ମାଛ ମାର୍କେଟ ନିକଟ ଶ୍ରୀ ଜୁଏଲାରୀ ଦୋକାନ ଉପରକୁ ବୋମା ମାଡ଼ ହୋଇଛି । ଦୁଇ ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ଦୋକାନ ଉପରକୁ ଦୁଇଟି ବୋମା ଫିଙ୍ଗି ଫେରାର ହୋଇଯାଇଥିଲେ । ଗୋଟିଏ ବୋମା ଦୋକାନ ଭିତରେ ପଡ଼ିବାରୁ ଦୋକାନରେ ବସିଥିବା ମାଲିକଙ୍କ ଗୋଡ଼ରେ ବାଜିଥିଲା । ସେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଆହତ ହୋଇ ତଳେ ପଡ଼ିଥିଲେ । ଖବର ପାଇ ତୁରନ୍ତ ଖାରବେଳନଗର ଥାନା ପୁଲିସ ପହଞ୍ଚି ଘଟଣାର ତଦନ୍ତ କରିବା ସହ ଆହତଙ୍କୁ ହସ୍ପିଟାଲ ପଠାଇଥିଲେ । ପୁଲିସ ଦୋକାନ ନିକଟରେ ଲାଗିଥିବା ସିସିଟିଭି ଫୁଟେଜ୍ ଆଧାରରେ ଅଭିଯୁକ୍ତଙ୍କୁ ଚିହ୍ନଟ କରିବାରେ ଲାଗି ପଡ଼ିଛି ।

ଅଭିଯୋଗ ଅନୁସାରେ, ପୂର୍ବରୁ କିଛି ବ୍ୟକ୍ତି ଦୋକାନୀ ମାଲିକଙ୍କୁ ବଟି ମାଗିଥିଲେ । ହେଲେ ଦୋକାନୀ ମାଲିକ ବଟି ଦେବାକୁ ମନା କରି ଦେଇଥିଲେ । ଯାହାକୁ ନେଇ ସ୍ଥାନୀୟ ଜଣେ ବ୍ୟକ୍ତି ଦୋକାନୀଙ୍କୁ ଧମକ ଦେଇଥିଲେ । ଆଜି ରାତି ୧୦ଟା ସମୟରେ ଦୋକାନରେ ଭିଡ଼ କମି ଯାଇଥିଲା । ମାଲିକ ଦୋକାନ ବନ୍ଦ କରିବାକୁ ଯାଉଥିଲେ । ଏହି ସମୟରେ ଦୁଇ ଜଣ ଦୁର୍ବୃତ୍ତ ମୁଖା ପିନ୍ଧି ବାଇକ୍‌ରେ ଆସି ଦୁଇଟି ବୋମା ଫିଙ୍ଗିଥିଲେ । ବୋମାର ଶବ୍ଦ ଏତେ ଥିଲା ଯେ ଚାରିଆଡ଼େ ଲୋକେ ଭରଭୀତ ହୋଇଯାଇଥିଲେ ।

# ଖଦି ମେଳାରେ ଜମୁଛି ଭିଡ଼, ଆକର୍ଷଣ ପାଲଟିଛି ହସ୍ତଶିଳ୍ପ ସାମଗ୍ରୀ

**ଭୁବନେଶ୍ୱର (ପିପିଏସ୍):** ଦିନକୁ ଦିନ ଲୋକଙ୍କ ରୁଚି ବଦଳିବାରେ ଲାଗିଛି । ବାଉଁଶରେ ତିଆରି ବିଭିନ୍ନ କାରୁକାର୍ଯ୍ୟ ବେଶ୍ ଆଖି ଦୃଶିଆ ହୋଇଛି । ଢେଙ୍କାନାଳର କାଠ କାରିଗରୀ କରି ମହିଳାମାନେ ଏବେ ଓଡ଼ିଶାରେ କାଠ ହସ୍ତଶିଳ୍ପକୁ ନେଇ ରୋଜଗାରକ୍ଷମ ହୋଇପାରିଛନ୍ତି । କାଠକୁ କାଟି ବିଭିନ୍ନ ଆକୃତିରେ ଘରସଜ୍ଜା ସାମଗ୍ରୀ ପ୍ରସ୍ତୁତି କରିଛନ୍ତି । ଅତି ନିଖୁଣଭାବେ ଏହି କଳାକୃତିକୁ ପ୍ରସ୍ତୁତ କରିଛନ୍ତି ଢେଙ୍କାନାଳର ଶକ୍ତି ମା' ସରସ୍ୱତୀ ଉତ୍ପାଦିତ ଗୋଷ୍ଠୀର ମହିଳାମାନେ । ରାଜ୍ୟସରକାରଙ୍କ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ଓ ସିଡାକ୍ ଅଧୀନରେ ମହିଳାମାନେ ପ୍ରଶିକ୍ଷଣ ନେଇ କାଠ ହସ୍ତଶିଳ୍ପ ପ୍ରସ୍ତୁତ କରିଛନ୍ତି । କାଠରୁ ପ୍ରସ୍ତୁତ ହୋଇଛି ବଡ଼ ଆକାର ଫୁଲ କୁଣ୍ଡ, ମନ୍ଦିର ଆକୃତିର ଠାକୁରଙ୍କ ଖଟୁଲି, ପେନ୍ ଷ୍ଟାଣ୍ଡ, ଗାଡ଼ି, ଖେଳଣା, ଘଣ୍ଟା, କଳସ, ରୁଟି ବେଲା ପେଡ଼ି ଇତ୍ୟାଦି ତିଆରି କରିଛନ୍ତି । କାଠକୁ କାଟି ସେସବୁକୁ ଔଷଧୀୟ ପ୍ରଣାଳୀରେ ପ୍ରୋସେସିଂ କରାଯାଇ ସେଥିରୁ ବିଭିନ୍ନ ସାମଗ୍ରୀ ତିଆରି



କରାଯାଉଛି । ନୂଆ ନୂଆ ସାମଗ୍ରୀ ନେଇ ଘର ସଜାଇବା ଏବେ ସମସ୍ତଙ୍କର ପ୍ରଥମ ପସନ୍ଦ ପାଲଟିଛି । ଏହି କାଠ ହସ୍ତଶିଳ୍ପ ପ୍ରତି ଏବେ ଲୋକଙ୍କର ଅଧିକ କ୍ରେଜ୍ ଦେଖାଯାଉଛି । ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ଦ୍ୱାରା ଆୟୋଜିତ 'ଓଡ଼ିଶା ଖଦି ମେଳା'ରେ ଏହି କାଠ କ୍ରାଫ୍ଟ କିଣା ପ୍ରତି ଲୋକଙ୍କର ଆଗ୍ରହ ବଢ଼ୁଛି । କାଠରେ ତିଆରି କାରୁକାର୍ଯ୍ୟ ବି କମ୍ ଆକର୍ଷଣୀୟ ନୁହେଁ । କାଠରେ ତିଆରି ବିଭିନ୍ନ ହସ୍ତଶିଳ୍ପକୁ କିଣିବା ପାଇଁ ଲୋକଙ୍କର ଭିଡ଼ ଜମୁଛି । ୱାଲ୍ ହାଙ୍ଗିଙ୍ଗ୍‌ଠାରୁ ଆରମ୍ଭ କରି ଚୁଡ଼ି, କ୍ଲିପ୍, ଝୁଡ଼ି, ବିଭିନ୍ନ ଡିଜାଇନ୍‌ର ଫୁଲଦାନୀ ରହିଛି । କମ୍ ଦାମ୍‌ରେ ମଜ୍‌ବୁତ୍ ଓ ନୂଆ ଡିଜାଇନ୍‌ର ସାମଗ୍ରୀ ମିଳୁଥିବାରୁ ପ୍ରତିଦିନ ଲୋକଙ୍କର ଭିଡ଼ ଜମୁଛି । ଏସବୁ ସାମଗ୍ରୀର ଦାମ୍ ୫୦ଟଙ୍କାରୁ ଆରମ୍ଭ ହୋଇ ୫ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି । ଲୋକମାନେ ସେମାନଙ୍କ ପସନ୍ଦର ଡିଜାଇନ୍ ମଧ୍ୟ ଅର୍ଡର କରୁଛନ୍ତି । କାଠ କ୍ରାଫ୍ଟର ବେଶ୍ ଚାହିଦା ରହିଛି । ଏ ସମ୍ପର୍କରେ ଶିଳ୍ପୀ ନନ୍ଦିନୀ ମହାରଣା କହିଛନ୍ତି, ୨୦୦୧ ମସିହାରୁ ୩ଶହ ମହିଳା କାଠ କାରିଗରୀ କାମ କରୁଛନ୍ତି । ଏଥିପାଇଁ ସେମାନେ ମାଷ୍ଟର କ୍ରାଫ୍ଟଭାବେ ପ୍ରଶିକ୍ଷଣ ନେଇଛନ୍ତି । ଓର୍‌ମାସ୍ ଓ ମିଶନ ଶକ୍ତି ମାଧ୍ୟମରେ କାଠ କାରିଗରୀକୁ ନେଇ ଅଧିକ ରୋଜଗାରକ୍ଷମ ହୋଇପାରିଛନ୍ତି । ସେମାନେ କାଠକୁ କାଟି ସେସବୁକୁ ଅତି ନିଖୁଣଭାବେ ଅଠାରେ ଯୋଡ଼ି ଆକର୍ଷଣୀୟ ରୂପ ଦେଉଛନ୍ତି । ବିଶେଷକରି କାଠରେ ଲାଖ କାରୁକାର୍ଯ୍ୟର ବେଶ୍ ଚାହିଦା ରହିଛି । ଏବେ ସେମାନଙ୍କଠାରୁ ଆହୁରି ଅନେକ ମହିଳା ପ୍ରଶିକ୍ଷଣ ନେଇ ଏହି ହସ୍ତଶିଳ୍ପ ପ୍ରସ୍ତୁତ କରୁଛନ୍ତି । ବିଭିନ୍ନ ମେଳା ମହୋତ୍ସବରେ ବାଉଁଶ ହସ୍ତଶିଳ୍ପର ଷ୍ଟଲ ପଡ଼ୁଥିବା ନନ୍ଦିନୀ କହିଛନ୍ତି । ଏଥିପାଇଁ ସେମାନେ ମାସକୁ ୧୦-୧୨ହଜାର ଟଙ୍କା ରୋଜଗାର କରିପାରୁଛନ୍ତି । ମେଳା ମହୋତ୍ସବ ବ୍ୟତୀତ ଆଞ୍ଚଳିକ ବଜାରରେ ସେମାନଙ୍କ କଳାକୃତି ବିକ୍ରି ହେଉଛି । ହାତ ସହିତ ମେସିନ୍‌ରେ ସେମାନେ କାଠରୁ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି ।

## ଲିଫ୍ଟରେ ଫସିଲେ ୧୨ବଙ୍ଗୀୟ ପର୍ଯ୍ୟଟକ

**ଭୁବନେଶ୍ୱର (ପିପିଏସ୍):** ଶାନ୍ତିସ୍ତୂପରେ ଶୁକ୍ରବାର ପୂର୍ବାହ୍ନରେ ଲିଫ୍ଟ ଅଚଳ ହେବାରୁ ସେଥିରେ ଫସଥିଲେ ୧୨ବଙ୍ଗୀୟ ପର୍ଯ୍ୟଟକ । ଦୀର୍ଘ ୪୫ ମିନିଟ୍ ପରେ ସମସ୍ତଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା । ପଶ୍ଚିମବଙ୍ଗରୁ କିଛି ପର୍ଯ୍ୟଟକ ଶାନ୍ତିସ୍ତୂପ ଧଉଳି ବୁଲିବାକୁ ଆସିଥିଲେ । ଧଉଳି ଏବଂ ଧବଳେଶ୍ୱର ମନ୍ଦିର ବୁଲି ସାରିବା ପରେ ଲିଫ୍ଟରେ ତଳକୁ ଆସୁଥିଲେ । ପ୍ରାୟ ୧୦ଟାରେ ଲିଫ୍ଟଟି ଅଚଳ ହୋଇଯାଇଥିଲା । ଫଳରେ ସେମାନେ ଅଧବାଟରେ ଫସି ଯାଇଥିଲେ । ସ୍ଥାନୀୟ ବ୍ୟବସାୟୀ ସଂଘର ସମ୍ପାଦକ ସୁମନ୍ତ ସୁବୁଦ୍ଧି ଫୋନ୍ କରି ଧଉଳି ଥାନାକୁ ଜଣାଇଥିଲେ । ଖବରପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଓଟିଡିସି କର୍ମଚାରୀଙ୍କୁ ଡକାଇଥିଲେ । ଦୀର୍ଘ ୪୫ ମିନିଟ୍‌ର ଅକ୍ଳାନ୍ତ ପରିଶ୍ରମ ପରେ ସମସ୍ତ ପର୍ଯ୍ୟଟକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା । ଅପରପକ୍ଷରେ ଲିଫ୍ଟରେ ୧୨ରୁ ଅଧିକ ଜଣ ପର୍ଯ୍ୟଟକ ଆସିବା ଫଳରେ ଏପରି ଅଘଟଣ ଘଟିଲା ବୋଲି ଅନୁମାନ କରାଯାଉଛି । ପ୍ରକାଶଥାଉ କି ନିକଟରେ ଶାନ୍ତିସ୍ତୂପ ଧଉଳି ତାର ସୁବର୍ଣ୍ଣ ଜୟନ୍ତୀ ପାଳନ କରିବା ଅବସରରେ ପୂର୍ତ୍ତ ବିଭାଗ ଡିଭିଜନ-୨ ପକ୍ଷରୁ ଏହି ଲିଫ୍ଟ କାର୍ଯ୍ୟକ୍ଷମ କରାଯାଇଥିଲା । ଏଥିରେ ଦିବ୍ୟାଙ୍ଗ, ଭିନ୍ନକ୍ଷମ ଏବଂ ବରିଷ୍ଠ ନାଗରିକମାନେ ଯାତାୟାତ ପାଇଁ ନିର୍ଦ୍ଦେଶ ଥିଲା । ମାତ୍ର ଏଥିରେ ଏମାନଙ୍କ ବ୍ୟତୀତ ଅନ୍ୟ ପର୍ଯ୍ୟଟକମାନେ ଯାତାୟାତ କରୁଥିବା ମଧ୍ୟ ଦେଖିବାକୁ ମିଳୁଛି ।

## ସଂସ୍କୃତି ବିଭାଗ ପକ୍ଷରୁ ଗୁରୁ ପଙ୍କଜ ଚରଣଙ୍କ ଜୟନ୍ତୀ

**ଭୁବନେଶ୍ୱର (ପିପିଏସ୍) :** ଆଦି ନାଟ୍ୟଗୁରୁ ପଙ୍କଜ ଚରଣ ଦାସଙ୍କ ୧୦୪ତମ ଜୟନ୍ତୀ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଭୁବନେଶ୍ୱର ଉତ୍କଳ ସଂଗୀତ ମହାବିଦ୍ୟାଳୟ ପରିସରସ୍ଥ ତାଙ୍କ ପ୍ରତିମୂର୍ତ୍ତିସ୍ଥଳରେ ଅନୁଷ୍ଠିତ ହୋଇଯାଇଛି । ଏ ନେଇ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭା କାର୍ଯ୍ୟକ୍ରମରେ ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ ଗୁରୁ ବନ୍ଦନା କରିଥିବାବେଳେ ଶିକ୍ଷାବିତ୍ କାମଦେବ ମହାପାତ୍ର କବିତା ଆବୃତ୍ତି କରିଥିଲେ । ବିଧାୟକ ପ୍ରଫୁଲ୍ଲ ସାମଲ, ଡକ୍ଟର ମିହିର ପଟ୍ଟନାୟକ, ମହାବିଦ୍ୟାଳୟ ଅଧକ୍ଷ ଡକ୍ଟର ବିଜୟ କୁମାର ଜେନା, ନିମାକାନ୍ତ ରାଉତରାୟ, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ଉଇ ଫର ଭୁବନେଶ୍ୱର ପକ୍ଷରୁ ନରେନ୍ ସାହୁ ପ୍ରମୁଖ ଯୋଗଦେଇଥିଲେ ।


**CUTTACK DEVELOPMENT AUTHORITY**

**"e" PROCUREMENT NOTICE**

**Tender ID : 2023_CDACU_86991**

**Tender Call Notice No. 2737, CDA Date.17.03.2023**

No of Works : 1 No

Bid Value : Rs. 58.30 Lakhs

Period of Completion: Four Calendar Months

Date and Time schedule :

| Start | End | Opening |
|---|---|---|
| 10.00 AM on dt. 21.03.2023 | 4.00 PM on dt.06.04.2023 | 12:30 P.M. on dt.13.04.2023 |

Tender Details: can be seen from the procurement portal: www.tendersorissa.gov.in

Sd/-
Engineer Member
CDA,Cuttack

CAD-5182 OIPR- 13037/11/0242/2223


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପୁରୁଣା ଲକ୍ଷ୍ୟ ପୂରଣ ହୋଇନି......

ରାଜ୍ୟରେ ଥିବା ରାସ୍ତା ଓ କୋଠାଗୁଡ଼ିକର ନିର୍ମାଣ ମରାମତି ନିମନ୍ତେ ୯ ହଜାର ୧୩୩ କୋଟି ଟଙ୍କା ବଜେଟ ରହିଛି । ରାଜ୍ୟରେ ରାସ୍ତା ଉନ୍ନତିକରଣ ନିମନ୍ତେ ୨୦୨୩-୨୪ରେ ୪୬ ଶହ କୋଟି ଟଙ୍କା ଖର୍ଚ୍ଚ ବଜେଟ ରହିଛି । ଯାହା ଗତବର୍ଷ ୧୮୯୦ କୋଟି ଥିଲା । ୩ ହଜାର କିମି ରାସ୍ତା ଓ ୯ଟି ଗୁରୁତ୍ୱପୂର୍ଣ୍ଣ ବ୍ରିଜ୍‌ର ଉନ୍ନତିକରଣ ନିମନ୍ତେ ଚଳିତ ବଜେଟରେ ମଂଜୁର ଟଙ୍କା ଖର୍ଚ୍ଚ ହେବ । ୨୦୦୦ ମସିହା ପୂର୍ବରୁ ରାଜ୍ୟରେ ପୂର୍ତ୍ତ ବିଭାଗ ଦ୍ୱାରା ୧୬ ହଜାର ୪୧ କିମି ରାସ୍ତା ନିର୍ମାଣ ଓ ଉନ୍ନତିକରଣ ଦାୟିତ୍ୱ ଥିଲା । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦାୟିତ୍ୱ ନେବା ପରଠୁ ୩୧ ହଜାର ୩୧୭ କିଲୋମିଟର ରାସ୍ତା ନିର୍ମାଣ କରିଛି । ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ମଧ୍ୟ ପୂର୍ତ୍ତ ବିଭାଗ ହାତରେ ରହିଛି । ଏହା ଭିତରେ ପୂର୍ତ୍ତ ବିଭାଗ ଅଧିନରେ ଥିବା ରାସ୍ତା ସମେତ ଜାତୀୟ ଓ ରାଜ୍ୟ ରାଜପଥ ସମେତ ପ୍ରମୁଖ ଜିଲ୍ଲା ରାସ୍ତା ମଧ୍ୟ ରହିଛି । ରାସ୍ତା ନିର୍ମାଣ ନବୀନଙ୍କ ଅମଳରେ ଦୁଇଗୁଣ ହୋଇଛି । ୨୦୦୧ ମସିହାରେ ରାସ୍ତା ନିର୍ମାଣ ବାବଦ ବଜେଟ ୨୯୮ କୋଟି ଥିବା ବେଳେ ୨୦୨୩-୨୪ ବେଳକୁ ୯ ହଜାର ୫୦୦ କୋଟି ଟଙ୍କାରେ ପହଞ୍ଚିଛି । ଯାହା
ପ୍ରାୟ ୩୦ଗୁଣ ଅଧିକ । ୨୦୨୨-୨୩ରେ ରାଜ୍ୟରେ ୩୨୨ କୋଟି ୧୪ ଲକ୍ଷ ୪୧ କୋଟି ଟଙ୍କା ବ୍ୟୟରେ ୧୫୬୦ କିଲୋମିଟର ରାସ୍ତା, ୪୮ଟି ସେତୁ, ୩ ଆରଓବି ସାରିବାକୁ ଲକ୍ଷ୍ୟ ରଖାଯାଇଥିଲା । ହେଲେ ଆର୍ଥିକ ବର୍ଷ ସରିବାକୁ ବସିଥିବା ବେଳେ ଏ ପର୍ଯ୍ୟନ୍ତ ମାତ୍ର ୮୧୮.୦୩ କିମି ରାସ୍ତା, ୨୬ଟି ସେତୁ, ୨ ଆରଓବି କାମ ସରିଛି । ସେହିପରି ନାବାଡ଼ ସହାୟତାରେ ଚଳିତ ଆର୍ଥିକ ବର୍ଷ ସଡ଼କ ବିକାଶ କାର୍ଯ୍ୟକ୍ରମ ଅଧୀନରେ ୨୫୩୩. ୫୦ କୋଟି ଟଙ୍କା ଖର୍ଚ୍ଚରେ ୩୩ ସେତୁ, ୩ ଆରଓବି, ୧୧୪୦ କିମିଟି ରାସ୍ତା କରିବାକୁ ଲକ୍ଷ୍ୟ ଥିଲା । ହେଲେ ମାତ୍ର ୫୦୯ କିମି ରାସ୍ତା, ୧୬ ସେତୁ, ୨ ଆରଓବି କାମ ସରିଛି ।

ସେହିପରି ୩୧୪ ବ୍ଲକ ମଧ୍ୟରୁ ୩୦୪ ବ୍ଲକକୁ ଦୋହରା ରାସ୍ତା ହୋଇପାରିଛି । ୨୯ ପର୍ଯ୍ୟଟନ ସ୍ଥଳ ମଧ୍ୟରୁ ୯ ସ୍ଥାନକୁ, ୭୯ ଶିଳ୍ପାଞ୍ଚଳ ମଧ୍ୟରୁ ୩୯ ସ୍ଥାନକୁ ଦୋହରା ରାସ୍ତା ହୋଇପାରିଛି ବୋଲି ମନ୍ତ୍ରୀଙ୍କ ସୂଚନାରୁ ଜଣାପଡ଼ିଛି । ସୂଚନା ଥାଉକି, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ୨ ବର୍ଷ ଭିତରେ ସାରିବାକୁ ସରକାର ଲକ୍ଷ୍ୟ ରଖିଥିଲେ । ୨୦୨୦ ମସିହାରେ ଏନେଇ ସରକାରୀ ନିର୍ଦ୍ଦେଶନାମା ଜାରି ହୋଇଥିଲା । ହେଲେ ଏହା ଆସନ୍ତା ଆର୍ଥିକବର୍ଷ ବେଳକୁ ସରିବ ବୋଲି ପୁଣି ନୂଆ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି ।

# ସମବାୟ ସମିତିର ବାର୍ଷିକ ସାଧାରଣ ବୈଠକ




ଭୁବନେଶ୍ୱର (ପିପିଏସ୍): ଭୁବନେଶ୍ୱର ଉପକଣ୍ଠ ବାଲକାଟି ପ୍ରତାପଶାସନ ସେବା ସମବାୟ ସମିତିର ବାର୍ଷିକ ସାଧାରଣ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଏହି କୃଷକ ସଭାରେ ସମିତି ସଭାପତି ନଳିନୀକାନ୍ତ ମହାପାତ୍ର ସଭାପତିତ୍ୱ କରିଥିଲେ । କୃଷି ସମବାୟ ସମିତି ମାଧ୍ୟମରେ ଚାଷୀଙ୍କ ନିକଟରେ ସରକାର ରାସାୟନିକ ସାର, କୀଟନାଶକ, କୃଷିବୀମା, ଫସଲ କ୍ଷତିପୂରଣ ସହାୟତା, ଋଣ ଏବଂ ଅନ୍ୟାନ୍ୟ ସରକାରୀ ଆର୍ଥିକ ସହାୟତା ରାଶି ପହଞ୍ଚାଇବା ଦିଗରେ ଅଧିକ ଗୁରୁତ୍ୱ ଦେଉଥିବା ବେଳେ ଚାଷୀମାନେ ଏଥିପ୍ରତି ସଚେତନ ହେବାକୁ ଉପସ୍ଥିତ ସମବାୟବିତ୍ ଓ ଚାଷୀ ପ୍ରତିନିଧିମାନେ ପରାମର୍ଶ ଦେଇଥିଲେ । ଚାଷୀମାନେ କୃଷି ସମବାୟ ବ୍ୟାଙ୍କରେ ଟଙ୍କା ଜମା କରିବା ସହ ମଣ୍ଡିରେ ଧାନବିକ୍ରି କରିବା ନେଇ ନିର୍ଦ୍ଧାରିତ ସମୟରେ ସମିତିରେ ପଞ୍ଜୀକରଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏହା ସହିତ ଚାଷୀମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଉମାଦେଇ ବ୍ରହ୍ମପୁର ସରପଞ୍ଚ ରମାଲତା ନାୟକ, ସମିତି ସଭ୍ୟ ରଞ୍ଜନ କୁମାର ମହାପାତ୍ର, ଗଙ୍ଗାଧର ମାହାରି, ଖୋର୍ଦ୍ଧା ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳନା ପରିଷଦ ସଦସ୍ୟ ବିପିନ ପାତ୍ର, ସନ୍ତୋଷ ମହାନ୍ତି, ସରକଣା ସଭାପତି ସୋମନାଥ ସ୍ୱାଇଁ, ବେଣୁଧର ସାହୁ ଓ ବେଣୁଧର ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମବାୟ ବ୍ୟବସ୍ଥାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଯୋଗମାୟା ମହାନ୍ତି, ବିନୋଦିନୀ ମହାନ୍ତି ଓ ଗୋବିନ୍ଦ ବେହେରାଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ଋଣ ସହାୟତା ପ୍ରଦାନ କରାଯାଇଥିଲା । ସମ୍ପାଦକ ସାଗର ସୁନ୍ଦରାୟ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ ।


**'e' PROCUREMENT NOTICE NO.15 OF 2022-23.**

| | | | |
|---|---|---|---|
| 1 | Name of work. | : | Building |
| 2. | Total No. of Work. | : | 01 (One) work. |
| 3. | Estimated Cost. | : | Rs.56.00 lakhs. |
| 4. | Period of Completion. | : | 06(Six) Calendar Months. |
| 5. | Class of contractors. | : | 'B' Class only. |

**Other details as follows:**

| | | |
|---|---|---|
| a) | Procurement officer. | : Superintending Engineer, Rural Works Division, Cuttack. |
| b) | Availability of tender online for bidding | : From 21.03.2023 to 29.03.2023 up to 17.00 Hours. |
| c) | Last date & time of seeking of tender clarification. | : 28.03.2023 up to 17.00 Hours. |
| d) | Date & Time of Opening Technical Bid | : 31.03.2023 at 11.00 A.M. |
| e). | Date & Time of Financial Bid | : Will be intimated later. |

Further details can be seen from the Govt. website www.tendersorissa.gov.in

Superintending Engineer
Rural Works Division
Cuttack

O-1985 OIPR- 25053/11/0027/2223

# ବୁଗୁଡ଼ା ଅଞ୍ଚଳରେ ମାଳ ମାଳ ପୋଡ଼ା ଇଟାଭାଟି, ନିଦାବିଷ୍ଣୁ ସାଜିଛି ପ୍ରଶାସନ

ବୁଗୁଡ଼ା, (ପିପିଏସ) : ବୁଗୁଡ଼ା ଅଞ୍ଚଳରେ ମାଳ ମାଳ ଗଢ଼ି ଉଠିଛି ଇଟାଭାଟି ହେଲେ ସ୍ଥାନୀୟ ପ୍ରଶାସନ ଏଠି ନିଦାବିଷ୍ଣୁ ସାଜି ବସିଲା ଭଳି ପ୍ରତୀୟମାନ ହେଉଛି। ପରିବେଶ ପ୍ରଦୂଷଣକାରୀ ପୋଡ଼ା ଇଟାଭାଟିକୁ ନ୍ୟାସନାଲ ଗ୍ରିନ ଟ୍ରିବ୍ୟୁନାଲ (ଏନଜିଟି) ସମ୍ପୂର୍ଣ୍ଣ ବେଆଇନ ବୋଲି ଘୋଷଣା କରିବା ସହ ଏହା ଉପରେ ରୋକ ଲଗାଇବା ପାଇଁ ପ୍ରଶାସନକୁ କଡ଼ା ନିର୍ଦ୍ଦେଶ ଜାରି କରିଛି। ତେବେ ବୁଗୁଡ଼ା ଅଞ୍ଚଳରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ନିର୍ଦ୍ଦେଶନାମାକୁ ଖାତିର ନକରି ଚାଲିଛି ମାଳ ମାଳ ଇଟା ଭାଟି। ଆବାସ ଯୋଜନାରେ ଘର ପାଇଥିବା ଲୋକେ ଘର ତିଆରି ପାଇଁ ଇଟା ପକାଉଥିବା ଆଳ ଦେଖାଇ ଇଟା ବେପାରୀଙ୍କୁ ଖୋଲା ଛାଡି ଦେଇଛି ପ୍ରଶାସନ। ଫଳରେ ବୁଗୁଡ଼ା ତହସିଲ ଅଧୀନ ବିଭିନ୍ନ ଗ୍ରାମାଞ୍ଚଳରେ ପୋଡ଼ା ଇଟାଭାଟି ସଂଖ୍ୟା ବଢ଼ିବାରେ ଲାଗିଛି। କେହି ଅଭିଯୋଗ କଲେ କେବଳ ଲୋକ ଦେଖାଣିଆ ଫାଇନ କାଟି ଦେଇ ପଲା ଝାଡ଼ି ଦେଉଛି ପ୍ରଶାସନ। ଫଳରେ ବିଭିନ୍ନ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏପରିକି କିଛି ପ୍ରଭାବଶାଳୀ ବ୍ୟକ୍ତିଙ୍କ ଛତ୍ରଛାୟା ତଳେ ରହି ଅସାଧୁ ବେପାରୀମାନେ ପୋଡ଼ା ଇଟା ପ୍ରସ୍ତୁତ କରୁଥିବା ଅଭିଯୋଗ ହୋଇଛି। ଏହାଦ୍ୱାରା ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହାନି ହେବା ସହ ପରିବେଶ ପ୍ରଦୂଷିତ ହେଉଛି। ଇଟାଭାଟିରୁ ନିର୍ଗତ ହେଉଥିବା ଦୂଷିତ ଧୂଆଁ ଯୋଗୁଁ ଆଖପାଖ ଅଞ୍ଚଳର ଗ୍ରାମବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଲୋକେ ନାନା ପ୍ରକାର ଶ୍ୱାସରୋଗର ଶିକାର ହେଉଛନ୍ତି। ଏଭଳି ମାଳ ମାଳ ବେଆଇନ ପୋଡ଼ା ଇଟାଭାଟି ଯୋଗୁଁ ସରକାରଙ୍କ ରାଜସ୍ୱ ହାନି, ପରିବେଶ ପ୍ରଦୂଷଣ ଓ ଲୋକଙ୍କ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ସତ୍ତ୍ୱେ ସ୍ଥାନୀୟ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଶୂନ ହେତୁ ସତରେ କ'ଣ ଇଟାଭାଟି ବେପାରୀଙ୍କ କବଜାରେ ପ୍ରଶାସନ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଣୁ ତୁରନ୍ତ ଏଭଳି ବେଆଇନ ପୋଡା ଇଟା ବେପାରୀଙ୍କ ବିରୋଧରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସାଧାରଣରେ ଦୃଢ଼ ଦାବି ହେଉଛି।



## ହାଇୱା-ବାଇକ୍ ଧକ୍କା, ଜଣେ ମୃତ ଜଣେ ଗୁରୁତର

ହିଞ୍ଜିଳିକାଟୁ, (ପିପିଏସ) : ହିଞ୍ଜିଳି ଥାନା ଅନ୍ତର୍ଗତ ପିତଳ ଛକ ନିକଟରେ ଶନିବାର ଅପରାହ୍ନରେ ୫୯ ନଂ ଜାତୀୟ ରାଜପଥରେ ହାଇୱା ସହ ବାଇକ୍ ମୁହାଁମୁହିଁ ଧକ୍କା ଘଟି ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଥିବା ବେଳେ ସାଥି ଗୁରୁତର ଆହତ ହୋଇଛନ୍ତି। ମୃତକ ଜଣଙ୍କ ବ୍ରହ୍ମପୁର ସଦର ଥାନା କୁକୁଡାଖଣ୍ଡି ଗ୍ରାମର ସଞ୍ଜିବ କୁମାର ପାତ୍ର(୨୨)। ଖବର ପାଇ ହିଞ୍ଜିଳି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଓ ଦୁର୍ଘଟଣାଗ୍ରସ୍ତ ଉଭୟ ଗାଡ଼ିକୁ ଜବତ କରିଛି। ଏ ନେଇ ହିଞ୍ଜିଳି ଥାନାରେ ଏକ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ସକାଶେ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ପଠାଇ ଘଟଣାର ତଦନ୍ତ ଚଳାଇଛି। ପ୍ରକାଶ ଯେ, ଶନିବାର ଅପରାହ୍ନରେ କୁକୁଡାଖଣ୍ଡି ଗ୍ରାମର ସଞ୍ଜିବ ଓ ବ୍ରହ୍ମପୁର ଅଞ୍ଚଳର ଜଣେ ଯୁବକ ବାଇକ (ଓଡି୦୭ଏ ୭୫୬୧) ଯୋଗେ ଏସି ମରାମତି କରିବା ପାଇଁ ଆସିକା ଅଭିମୁଖେ ଯାଉଥିବା ବେଳେ ଆସିକା ଠାରୁ ହିଞ୍ଜିଳିକାଟୁ ଅଭିମୁଖେ ଯାଉଥିବା ଏକ ହାଇୱା (ଓଡି୩୨ଜି ୦୭୮୮) ସହ ପିତଳ ଛକ ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣାରେ ବାଇକ୍ ଚାଳକଙ୍କ ଘଟଣା ସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା ଓ ସାଥି ଜଣଙ୍କ ଗୁରୁତର ଆହତ ହୋଇଥିଲେ।

### ବହୁ ସମୟ ଧରି ଏମକେସିଜିରେ ରୋଗୀ ସେବା ବ୍ୟାହତ

# ଦରମା ଓ ଇପିଏଫ/ଇଏସଆଇ ସଠିକ ପୈଠ ନ ହେବା ଅଭିଯୋଗରେ ଧାରଣା



ବ୍ରହ୍ମପୁର, (ପିପିଏସ) : ସାରା ରାଜ୍ୟ ଭଳି ସ୍ଥାନୀୟ ଏମକେସିଜି ମେଡିକାଲ କଲେଜର ଆଉଟସୋର୍ସିଙ୍ଗ କର୍ମଚାରୀ ମାନଙ୍କୁ ନେଇ ଲାଗିରହିଥିବା ଏଜେନ୍ସି ଯନ୍ତ୍ରଣାର ସମସ୍ୟା ଥମିବାର ନାଁ ଧରୁନି ଗୋଟିଏ ପଟେ ସରକାର ଆଉଟସୋରସିଂ ବ୍ୟବସ୍ଥାକୁ ହଟାଇବା ବଦଳରେ ଏହି କ୍ଷେତ୍ର ରେ ସ୍ୱଚ୍ଛତା ଆଣିବାକୁ ୫ଟି ମୋ ସରକାର ଅଧୀନକୁ ନେବାର ଘୋଷଣା କରିଥିଲେ କିନ୍ତୁ ଏ ପର୍ଯ୍ୟନ୍ତ ତାହା କାର୍ଯ୍ୟକାରି ହୋଇପାରିଲାନାହିଁ ଓ ଅନ୍ୟପଟେ ଦକ୍ଷିଣ ଓଡିଶାର ପ୍ରମୁଖ ମେଡିକାଲ କଲେଜ ବ୍ରହ୍ମପୁର ଏମକେସିଜିରେ କର୍ମଚାରୀଙ୍କୁ ସଠିକ ସମୟ ରେ ଦରମା ମିଳିପାରୁନି କିମ୍ବା ଇପିଏଫ, ଇଏଆଇ ବାବଦ ଅର୍ଥ ସଠିକ ପୈଠ ହୋଇପାରୁନାହିଁ ଓ ଏନଏମଆର ଭାବେ ନିଯୁକ୍ତ କର୍ମଚାରୀ ମାନଙ୍କୁ ମାସକୁ ଅଧାରୁ ଅଧିକ ଦିନ ଡ୍ୟୁଟି ମିଳିପାରୁନାହିଁ, ଅନେକ କର୍ମଚାରୀଙ୍କ ଡ୍ୟୁଟି ଅନୁଯାୟୀ ପ୍ରାପ୍ୟ ମିଳିପାରୁନାହିଁ ଓ ଅନେକ କର୍ମଚାରୀ ମାନଙ୍କ ବହୁମାସର ଦରମା ବକେୟା ରହିଛି ଯାହାକୁ ନେଇ ସ୍ୱଳ୍ପ ଦରମା ରେ କାର୍ଯ୍ୟରତ ଆଉଟସୋର୍ସିଙ୍ଗ କର୍ମଚାରୀ ମାନେ ବଜାର ଦର କୁ ନେଇ ଚଳିବା ରେ ଅସୁବିଧା ହେଉଛି ଓ ଯାହାକୁ ନେଇ ଅସନ୍ତୋଷ ସୃଷ୍ଟି ହୋଇଛି ଓ ଘଟଣା ଅନୁଯାୟୀ ଓଡିଶା ଅଭିରାମ କେୟାରଟେକିଙ୍ଗ, ଭୁବନେଶ୍ୱର ସଂସ୍ଥା ଅଧୀନ ରେ କାର୍ଯ୍ୟରତ ଆଟେଣ୍ଡାଣ୍ଟ କର୍ମଚାରୀ ମାନଙ୍କ ଏହି ସବୁ ସମସ୍ୟାକୁ ନେଇ ମେଡିକାଲ ଆଉଟସୋର୍ସିଙ୍ଗ କର୍ମଚାରୀ ସଙ୍ଘ ତରଫରୁ ପୂର୍ବରୁ ଏଜେନ୍ସି ଓ ମେଡିକାଲ ପ୍ରଶାସନଙ୍କ ଦୃଷ୍ଟିକୁ ବାରମ୍ବାର ଆଣିଥିଲେ ମଧ୍ୟ କୌଣସି ସମାଧାନ ହୋଇପାରୁନଥିଲା ଓ ତେଣୁ ସକାଳ ସମୟରେ ହଠାତ ସଙ୍ଘ ଦ୍ୱାରା ଜରୁରୀ କାଳୀନ ବିଭାଗକୁ ଛାଡି ଅନ୍ୟ ସବୁ ବିଭାଗ ଶତାଧିକ କର୍ମଚାରୀଙ୍କୁ ନେଇ ସୁପାରିଟେଣ୍ଡେଣ୍ଟଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରିବା ସହିତ ଧାରଣାରେ ବସିଥିଲା ଓ ପରବର୍ତ୍ତୀ ଅବସ୍ଥାରେ ମେଡିକାଲ ପ୍ରଶାସନିକ ଅଧିକାରୀ ରାଜେନ୍ଦ୍ର ମିଞ୍ଜି ସଙ୍ଘ କର୍ମକର୍ତ୍ତା ସହ ଆଲୋଚନା ପରେ ସମ୍ପୃକ୍ତ ଏଜେନ୍ସିକୁ ତାଗିତ କରିଥିଲେ ଯାହାରୀ ଫଳରେ ସଂସ୍ଥା ଦ୍ୱରା ଅଧିକାଂଶ ପିଲାର ମାର୍ଚ୍ଚ ମାସର ଦରମା ପୈଠ କରାଯାଇଥିଲା ଓ କିନ୍ତୁ ଇପିଏଫ, ଇଏଆଇ ବାବଦ ଅର୍ଥ ପୈଠ ଓ ଅନ୍ୟାନ୍ୟ ବକେୟା ଦରମା ଦାବୀକୁ ନେଇ କର୍ମଚାରୀ ମାନେ ଧାରଣାରେ ଆଡି ବସିଥିଲେ ଓ ଯାହାରୀ ଫଳରେ ଅନେକ ବିଭାଗରେ ରୋଗୀସେବା ବ୍ୟାହତ ହେବା ସହ ବିଳମ୍ବିତ ସମୟ ପର୍ଯ୍ୟନ୍ତ ରୋଗୀ ସମ୍ପର୍କୀୟ ନାନାଦି ଅସୁବିଧାର ସମ୍ମୁଖୀନ ହୋଇଥିଲେ ଓ କିନ୍ତୁ ଏଜେନ୍ସିର ଯୁକ୍ତି ପ୍ରକାରେ ମେଡିକାଲ ତରଫରୁ ଦୀର୍ଘ ଦିନ ହେବ କର୍ମଚାରୀ ପ୍ରାପ୍ୟ ବାବଦକୁ ଚାରିକୋଟିରୁ ଉର୍ଦ୍ଧ୍ୱ ଟଙ୍କା ଦୀର୍ଘ ଚାରିମାସ ହେବ ବିଲ ହୋଇନଥିବା ଓ ଏଜେନ୍ସି ସଠିକ ଇପିଏଫ ପୈଠ କରୁନଥିବାରୁ ଆମେ ବିଲ କରୁନଥିବା ମେଡିକାଲ ପ୍ରଶାସନ ତରଫରୁ ଯୁକ୍ତି ରଖାଯାଇଛି କିନ୍ତୁ ଏହାରି ପଛରେ ପିସି କାରବାର ହିଁ ମୁଖ୍ୟ କାରଣ ବୋଲି ବିଶ୍ୱସ୍ତ ସୂତ୍ର ରୁ ଖବର ମିଳୁଛି ଓ ପ୍ରଶାସନର ଆଉଟସୋର୍ସିଙ୍ଗ କର୍ମଚାରୀ ଙ୍କ ପ୍ରତି ଖାମଖିଆଲି ନୀତି ଓ ଦୁର୍ନୀତି ସହ ସମ୍ପୃକ୍ତ କିଛି ଅଧିକାରୀଙ୍କ ପାଇଁ ଏବଂ ଜିଲ୍ଲା ପ୍ରଶାସନ ଦ୍ୱାରା ତ୍ୱରିତ ସମାଧାନ ନ ହେବା କାରଣରୁ କର୍ମଚାରୀ ଅସନ୍ତୋଷ ସହ ସାଧାରଣ ରୋଗୀ ହଇରାଣ ହେଉଥିବା ଦେଖିବାକୁ ମିଳୁଛି ତେଣୁ ଏହାର ଉପଯୁକ୍ତ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ପାଇଁ ସଙ୍ଘ ତରଫରୁ ଦାବୀ କରାଯାଇଛି ଓ ପରବର୍ତ୍ତୀ ସମୟ ରେ ଏଜେନ୍ସି ତରଫରୁ ଲିଖିତ ପ୍ରତିଶୃତି ପ୍ରକାରେ ଆସନ୍ତା ୨୦ ତାରିଖରେ ମେଡିକାଲ ପ୍ରଶାସନ ଓ ସଙ୍ଘ କର୍ମକର୍ତ୍ତାଙ୍କ ସହ ବୈଠକ କରି ଏହି ସମସ୍ୟାକୁ ସମାଧାନ କରିବାକୁ ପ୍ରତିଶୃତି ମିଳିବା ପରେ ସଙ୍ଘ ଆନ୍ଦୋଳନକୁ ସ୍ଥଗିତ ରଖିଛି ଓ ସୂଚନା ଯୋଗ୍ୟ ଏମକେସିଜିରେ ଏହିଭଳି ଏଜେନ୍ସି ଯନ୍ତ୍ରଣା କେବଳ ଅଭିରାମ ସଂସ୍ଥାକୁ ନେଇ ନୁହଁ ପୂର୍ବରୁ ଗଞ୍ଜାମ ସିକ୍ୟୁରିଟି ସଂସ୍ଥା ପାଖରେ ବହୁଦିନର ଏରିଅର ଅର୍ଥ ବକେୟା, ଏଲଏଣ୍ଡକେ ସଂସ୍ଥା ଦ୍ୱାରା ସିକ୍ୟୁରିଟି କର୍ମଚାରୀଙ୍କର ଇପିଏଫ ପୈଠ ରେ ସମସ୍ୟା, ବିନା ଖୋଲା ଟେଣ୍ଡରରେ ମଲ୍ଟି ସଫ୍ଟ କଟକ ଅଧୀନରେ କାର୍ଯ୍ୟରତ କର୍ମଚାରୀ ମାନଙ୍କ ସମସ୍ୟା, ପ୍ରତ୍ୟୁଷ ସଂସ୍ଥା ଅଧୀନରେ କାର୍ଯ୍ୟରତ ଫାର୍ମାସିଷ୍ଟ ଓ ଡାଟାଏଣ୍ଟ୍ରି କର୍ମଚାରୀ ମାନଙ୍କ ବହୁଦିନର ସମସ୍ୟା ସହ କିଛି ସଂସ୍ଥା ମାନଙ୍କ ର ଟେଣ୍ଡର ଚୁକ୍ତି ସରିଯାଇଥିଲେ ମଧ୍ୟ ବହୁଦିନର ଦରମା ବକେୟା ରହିଥିବା କାରଣରୁ କର୍ମଚାରୀଙ୍କ ଭିତରେ ଅଶାନ୍ତି ଭରିରହିଛି ଯାହାକୁ ନେଇ ଆଗାମୀ ଦିନ ରେ ପୁଣି ଆନ୍ଦୋଳନ ଓ ରାଜ୍ୟ ମହାସଂଘ ତରଫରୁ ସ୍ଥାୟୀ ନିଯୁକ୍ତି ଦାବିରେ ଆସନ୍ତା ୨୫ରେ ଅନିର୍ଦ୍ଧିଷ୍ଟ କାଳ ସମ୍ପୂର୍ଣ୍ଣ କାର୍ଯ୍ୟାବନ୍ଦ ଆନ୍ଦୋଳନ ଡାକରା ପରିପ୍ରେକ୍ଷୀରେ ଆଉଟସୋର୍ସିଙ୍ଗ କର୍ମଚାରୀଙ୍କ ଭରଷା ରେ ଚାଲିଥିବା ମେଡିକାଲ ରେ ରୋଗୀ ସେବା ବ୍ୟାହତ ହେବାର ଯଥେଷ୍ଟ ସମ୍ଭାବନା ରହିଛି ଓ ତେଣୁ ସରକାର ଓ ସ୍ଥାନୀୟ ପ୍ରଶାସନ ଏପ୍ରତି ଦୃଷ୍ଟି ଦେଇ ଶୀଘ୍ର ସାମାଧାନ କରିବାକୁ ସଙ୍ଘ ତରଫରୁ ଦାବୀ ହେଉଛି ଓ ଆଜିର ଏହି କାର୍ଯ୍ୟକ୍ରମ ରେ ଆଉଟସର୍ସିଙ୍ଗ କର୍ମଚାରୀ ମହାସଂଘ ରାଜ୍ୟ ଆବାହକ ପ୍ରତାପ ପ୍ରଧାନଙ୍କ ସହ ସଙ୍ଘ ସଭାପତି ସି. ଏଚ. ସୁନୀଲ ପାତ୍ର, ସମ୍ପାଦକ ଏନ.ନିରଞ୍ଜନ ଦାସ, ଶ୍ରୀନିବାସ ପାତ୍ର, ପି. ରମେଶ ରାଓ,ରିଙ୍କୁ ନାୟକ, ସନାତନ ନାୟକ, ସୁଜିତ ପାତ୍ର, ମୁରଲୀ ରାଜୁ, ରାଜଲକ୍ଷ୍ମୀ ସାହୁ, ଚିତ୍ତରଞ୍ଜନ ସାହୁ ଗଞ୍ଜାମ ଜିଲ୍ଲା ମହାସଂଘ ଉପସଭାପତି ଜୟରାମ ରାଓ ଓ କାର୍ଯ୍ୟକାରି କମିଟିର ସମସ୍ତ କର୍ମକର୍ତ୍ତା ପ୍ରମୁଖ ନେତୃତ୍ୱ ନେଇଥିଲେ।

## ବାର୍ଦ୍ଧକ୍ୟ ଭତ୍ତା ବୃଦ୍ଧି କରିବା ନେଇ ଦାବି କରିଛି ଆମ୍ ଆଦମୀ ପାର୍ଟି




ବ୍ରହ୍ମପୁର, (ପିପିଏସ) : ଦୀର୍ଘ ଦିନ ଧରି ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତ୍ତା ମାସିକ ୫୦୦ଟଙ୍କା ରହିଛି। ଦରଦାମ ଆକାଶଛୁଆଁ ହୋଇଥିଲେ ମଧ୍ୟ ଭତ୍ତା ବୃଦ୍ଧି କରିବା ନେଇ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଉନଥିବା ଆପ୍? ଅଭିଯୋଗ କରିଛି। ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ମେଡିସନ୍ ଖର୍ଚ୍ଚକୁ ପୂରଣ କରିବା ପାଇଁ ଏହି ଭତ୍ତା ପର୍ଯ୍ୟାପ୍ତ ନୁହେଁ। ସେହିଭଳି ବିଧବା ଓ ଭିନ୍ନକ୍ଷମଙ୍କ ଭତ୍ତା ମଧ୍ୟ ବୃଦ୍ଧି କରାଯିବାର ଆବଶ୍ୟକତା ରହିଛି ବୋଲି ଆପ୍ ଦାବି କରିଛି। ବିଧାୟକଙ୍କ ଦରମା ବୃଦ୍ଧି ନେଇ ସରକାର ତତ୍ପରତା ଦେଖାଉଛନ୍ତି କିନ୍ତୁ ବରିଷ୍ଠ ନାଗରିକଙ୍କ ସମେତ ଅନ୍ୟ ଭତ୍ତା ପ୍ରାପ୍ତ ଲୋକଙ୍କ ବିଷୟ ନଜରକୁ ଆଣୁନାହାନ୍ତି। ଏଣୁ ଦୈନନ୍ଦିନ ଖର୍ଚ୍ଚ ବହୁଳ ଆବଶ୍ୟକତା ପାଇଁ ବାର୍ଦ୍ଧକ୍ୟ, ବିଧବା, ଭିନ୍ନକ୍ଷମଙ୍କ ମାସିକ ଭତ୍ତାକୁ ଦୁଇ ହଜାର ପାଞ୍ଚଶହ ଟଙ୍କାକୁ ବୃଦ୍ଧି କରିବା ପାଇଁ ଗେଟ୍ ବଜାରସ୍ଥିତ ଜିଲ୍ଲା କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଆବାହକ ସୁବାସ ଚନ୍ଦ୍ର ରାଉତ ଦାବି କରିଛନ୍ତି। ଜିଲ୍ଲା ସମ୍ପାଦକ ଆଦିତ୍ୟ ରଥ, ନଗର ସଭାପତି ସି. ହରପ୍ରସାଦ, ମହିଳା ନେତ୍ରୀ ସି. ପ୍ରିୟଙ୍କା, ଉପସଭାପତି ସୁଧ କୁମାର ପ୍ରଧାନ, ଜିଲ୍ଲା ମହିଳା ସଭାନେତ୍ରୀ ନୀଭାସ୍ମିତା ପ୍ରଧାନଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସୌମ୍ୟରଞ୍ଜନ ପୁଣି ଥରେ ବିଜୁ ଛାତ୍ର ଜନତା ଦଳର ସଭାପତି



ହିଞ୍ଜିଳିକାଟୁ, (ପିପିଏସ) : ଦୁଇ ବର୍ଷ ପରେ ବିଜୁ ଛାତ୍ର ଜନତା ଦଳର ସାଙ୍ଗଠନିକ ପୁନର୍ବିନ୍ୟାସ କ୍ରମରେ ବିଜୁ ଛାତ୍ର ଜନତା ଦଳର ହିଞ୍ଜିଳିକାଟୁ ପୌରାଞ୍ଚଳ ସଭାପତି ଭାବରେ ସୌମ୍ୟରଞ୍ଜନ ପଟ୍ଟନାୟକ ପୁନଃ ମନୋନୀତ ହୋଇଛନ୍ତି। ଦଳର ବହୁ ଗୁରୁତ୍ୱପୂର୍ଣ୍ଣ ପଦ ପଦବୀ ପାଇଁ ବିଭିନ୍ନ କାର୍ଯ୍ୟକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି। ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାପତି ଦେବୀ ରଞ୍ଜନ ତ୍ରିପାଠୀଙ୍କ ମନୋନୟନ ପ୍ରକାରେ ହିଞ୍ଜିଳିକାଟୁ ପୌରାଞ୍ଚଳ ଛାତ୍ର ବିଜେଡ଼ିର ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ କରାଯାଇଛି। ବିଗତ ଦୁଇ ବର୍ଷରେ ତାଙ୍କ ଉତ୍ତମ ସାଙ୍ଗଠନିକ ଦକ୍ଷତା ଓ ନେତୃତ୍ୱକୁ ଦୃଷ୍ଟିରେ ରଖି ତାଙ୍କୁ ପୁଣିଥରେ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି। ପ୍ରକାଶ ଥାଉକି ଛାତ୍ର ଜୀବନରୁ ସେ ରାଜନୈତିକ ପୃଷ୍ଠଭୂମି ସହ ସଂଶ୍ଲିଷ୍ଟ ଅଛନ୍ତି। ସ୍ଥାନୀୟ ବିଜ୍ଞାନ ମହାବିଦ୍ୟାଳୟରେ ଛାତ୍ର ସଂସଦର ସଭାପତି ଭାବରେ ନିର୍ବାଚନ ଲଢ଼ି ସେ ବେଶ ଚର୍ଚ୍ଚା ସାଉଁଟି ପାରିଥିଲେ। ସେହିପରି ବିଜୁ ଛାତ୍ର ଜନତା ଦଳର ସଭାପତି ହେବା ପରେ ମଧ୍ୟ ସେ ନିଜ ଦାୟିତ୍ୱକୁ ସୁଚାରୁ ଭାବରେ ସମ୍ପାଦନ କରିବା ସହ ବିଭିନ୍ନ ସାମାଜିକ ଓ ରାଜନୈତିକ କାର୍ଯ୍ୟକ୍ରମରେ ସକ୍ରିୟ ଭାବରେ ନିଜ ଭୂମିକା ନିଭାଇ ଚାଲିଛନ୍ତି। ଗତ ପୌର ନିର୍ବାଚନରେ ମଧ୍ୟ ତାଙ୍କ ନେତୃତ୍ୱରେ ସ୍ଥାନୀୟ ଅଞ୍ଚଳର ଅନେକ ଯୁବକ ଓ ଛାତ୍ର ବିଜେଡିରେ ସାମିଲ ହେବା ବିଜେଡ଼ି ପାଇଁ ଶୁଭଙ୍କର ସାବ୍ୟସ୍ତ ହୋଇଥିଲା। ପୁଣି ଥରେ ତାଙ୍କ ଉପରେ ଆସ୍ଥା ପ୍ରକଟ କରି ତାଙ୍କୁ ଏହି ଗୁରୁଦାୟିତ୍ୱ ପ୍ରଦାନ କରାଯାଇଥିବାରୁ ସେ ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସଭାପତି ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ସେହିପରି ରାଜ୍ୟ ଓ ସ୍ଥାନୀୟ ନେତୃବୃନ୍ଦଙ୍କୁ ଧନ୍ୟବାଦ ଜଣାଇବା ସହ ସ୍ଥାନୀୟ ଅଞ୍ଚଳରେ ବିଜୁ ଜନତା ଦଳକୁ ସୁଦୃଢ଼ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

## ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ବାଟବଣା, ଠିକା ସଂସ୍ଥା ଛୁ



ବରୀ, (ପିପିଏସ୍) : ଯାଜପୁର ଜିଲ୍ଲା ର ବରୀ, ଯାଜପୁର,,ରସୁଲପୁର, ବଡଚଣା ବ୍ଲକ ଅଞ୍ଚଳ ର କୃଷି କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିବାକୁ ଉଦ୍ୟମ କରି ରାଜ୍ୟ ସରକାର ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ଜରିଆରେ ଚାଷ ଜମିକୁ ଜଳସେଚିତ କରିବା ପାଇଁ ୨୦୧୬ ମସିହାରେ ୩୮୫ କୋଟି ଟଙ୍କା ବ୍ୟୟ ଅଟକଳ ରେ ଠିକା ସଂସ୍ଥା ଜରିଆରେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିଥିଲେ, ଏହି ପ୍ରକଳ୍ପ ୩ ବର୍ଷ ଭିତରେ ସମ୍ପୂର୍ଣ୍ଣ ହୋଇ ଚାଷ ଜମି କୁ ଜଳ ଯୋଗାଣ ବ୍ୟବସ୍ଥା କରାଯିବ ବୋଲି ସୂଚନା ଦିଆଯାଇଥିଲା, ଏ ପ୍ରକଳ୍ପ ଏବେ ବାଟବଣା ହୋଇଥିବା ଜଣାପଡିଛି, ଠିକା ସଂସ୍ଥା ର ଏକ କାର୍ଯ୍ୟାଳୟ ବରୀ ବଜାର ରେ ଥିଲାବେଳେ ଉକ୍ତ କାର୍ଯ୍ୟାଳୟ ଉଭାନ୍ ହୋଇ ଯାଇଛି, ଏହି ଯୋଜନା ରେ ନିର୍ମିତ ୧୨ ଗୋଟି କଷ୍ଟର, ବିଦ୍ୟୁତ୍ ଷ୍ଟ୍ରକଚର, ଷ୍ଟୋର ହାଉସ୍ ଆଦିକୁ ସିକ୍ୟୁରିଟି ଗାର୍ଡ ଯ ଗୀ ରହିଥିବା ଦେଖିବାକୁ ମିଳିଛି, ଇତି ମଧ୍ୟରେ ୭ ବର୍ଷ ହେଲା ପ୍ରକଳ୍ପ ନିର୍ମାଣ ଚାଲିଥିଲା ବେଳେ ଜଳ ଯୋଗାଣ କରିବାରେ ସକ୍ଷମ ହୋଇ ପାରିନାହିଁ, ଠିକା ସଂସ୍ଥା ପେଟି ଠିକାଦାର କୁ ପାଇପ୍ ଲାଇନ କାମ ଦେଇଥିଲା ବେଳେ ସେମାନଙ୍କୁ ତାଙ୍କର ପାଉଣା ବାବଦ ଅର୍ଥ ପ୍ରଦାନ କରିନଥିବା ଅଭିଯୋଗ ହୋଇଛି, ଦୀର୍ଘ ଦିନ ଧରି ପେଟି ଠିକାଦାର ମାନେ ନିଜ ନିଜ ପ୍ରାପ୍ୟ ପାଇବାକୁ ଅପେକ୍ଷା କରିଥିଲା ବେଳେ ଠିକା ସଂସ୍ଥା ଉଭାନ୍ ହୋଇଯିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି, ଏହି ପ୍ରକଳ୍ପ କୁ ସେତେବେଳେ ପୂର୍ବତନ ବିଧାୟକ ଦେବାଶିଷ ନାୟକ ଭିତିପ୍ରସ୍ତର ସ୍ଥାପନ କରିଥିଲେ, ଗତ ୨୦୧୯ ମସିହା ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ଜରିଆରେ ଶୁଭ ଉଦଘାଟନ କରିଥିଲେ, ଏହି ପ୍ରକଳ୍ପ କାର୍ଯ୍ୟ କାରୀ ହେଲେ ଗୋଟିଏ ଗୋଟିଏ କଷ୍ଟର ଜରିଆରେ ସାତ ସହ ହେକ୍ଟର ଚାଷ ଜମି କୁ ଜଳ ଯୋଗାଣ ହୋଇପାରିବ ବୋଲି କୁହାଯାଇଥିଲା, ଏବେ ଏହି ପ୍ରକଳ୍ପ ଚାରି ସହ କୋଟି ରେ ପହଞ୍ଚିଲାଣି ବୋଲି ଜଣାପଡିଛି, ତେବେ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବାନେଇ ସାଧାରଣରେ ରେ ପ୍ରଶ୍ନବାଚୀ ସୃଷ୍ଟି କରିଛି, ନେତାଙ୍କ ପ୍ରତି ଶ୍ରୁତି ପାଣିର ଗାର ବୋଲି କୁହାଯାଇଛି, ଜିଲ୍ଲା ର ଏସବୁ ବ୍ଲକ ରେ ଚାଷି ନିଜ ଜମିକୁ ଜଳ ସେଚିତ କରିବ ବୋଲି ଚାତକ ପରି ହଜାର ହଜାର ଚାଷି ଚାହିଁ ବସିଛନ୍ତି।

## ବଡମ୍ବା ପଞ୍ଚାୟତ ସମିତିରେ 'ମିଶନ ଶକ୍ତି କାଫେ' ଉଦଘାଟନ ଓ ଋଣ ବଣ୍ଟନ



ବଡମ୍ବା, (ପିପିଏସ) : ବଡମ୍ବା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ 'ମିଶନ ଶକ୍ତି କାଫେ ' ଓ ମହିଳା ଗୋଷ୍ଠୀଙ୍କୁ ଋଣ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି ଓ ମିଶନ ଶକ୍ତି କାଫେକୁ ବଡମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇ ମିଶନ ଶକ୍ତି କାଫେକୁ ଉଦଘାଟନ କରିଥିଲେ। ଏହି ଉଦଘାଟନି ଉତ୍ସବରେ ବିଶିଷ୍ଟ ଅତିଥିଭାବେ ଆଠଗଡ଼ ଉପ ଜିଲ୍ଲାପାଳ ହେମନ୍ତ କୁମାର ସ୍ୱାଇଁ, ସନ୍ମାନନୀୟ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁପତି ମହାନ୍ତି, ଉପାଧ୍ୟକ୍ଷା ସ୍ୱର୍ଣ୍ଣଲତା ବେହେରା, ୨୯ ନମ୍ବର ଜିଲ୍ଲା ପରିଷଦ ସଭ୍ୟା ଜୟଶ୍ରୀ ବରାଳ, ୩୦ ନମ୍ବର ଜିଲ୍ଲାପରିଷଦ ସଭ୍ୟ ରବୀନ୍ଦ୍ର ସାହୁ, ତହସିଲଦାର ନୀଳକଣ୍ଠ ବେହେରା, ମିଶନ ଶକ୍ତି ବିପିଏମ ମୋନାଲିସା ତ୍ରିପାଠୀ ଓ ସାଂସଦଙ୍କ ପ୍ରତିନିଧି ଦୀପକ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ' ମିଶନ ଶକ୍ତି କାଫେ' ବଡମ୍ବା ନିଜିଗଡ଼ ପଞ୍ଚାୟତ ମହିଳା ଫାଡ଼େରେସନଙ୍କ ଦ୍ୱାରା ପରିଚାଳନା କରାଯାଇଛି ଓ ତାଙ୍କର ଫେଡେରେସନ ଆଗ୍ରହୀ ୧୨ ଜଣ ମହିଳାଙ୍କୁ ନେଇ କାଫେ ପରିଚାଳନା ଓ ଖାଦ୍ୟ ପ୍ରସ୍ତୁତି ତାଲିମ ପ୍ରଦାନ କରାଯାଇ ୬ ଲକ୍ଷ ଟଙ୍କା ଋଣ ଆକାରରେ ପ୍ରଦାନ କରା ଯାଇଛି ଓ କାଫେ ଦ୍ୱାରା ପ୍ରସ୍ତୁତି ସହରି ଖାଦ୍ୟ, ଘରୋଇ ସୁସ୍ୱାଦ ଖାଦ୍ୟକୁ ନେଇ ସ୍ଥାନୀୟ ଗ୍ରାମବାସୀ ତଥା ବ୍ଲକ କର୍ମଚାରି ଓ ବ୍ଲକକୁ ଦୈନିକ ଆସୁଥିବା ବ୍ୟକ୍ତି ବିଶେଷ ଉଚ୍ଚ ପ୍ରଶଂସା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିପିଏମ, ବିପିସି, ବିଏଲସି, କ୍ଲବ ଫେଡେରେସନ ଓ ଗ୍ରାମ ପଞ୍ଚାୟତ ଫେଡେରେସନ ସଭ୍ୟ ଓ କର୍ମକର୍ତ୍ତାଙ୍କ ସହଯୋଗରେ କାର୍ଯ୍ୟକ୍ରମ ସାଫଲ୍ୟମଣ୍ଡିତ ହୋଇଥିଲା। ଓ ପରେ ପରେ ବଡମ୍ବା ବ୍ଲକର ୯୯ ଟି ସ୍ୱୟଂଶହାଇକା ଗୋଷ୍ଠି କୁ ୩ କୋଟି ୫୩ ଲକ୍ଷ୍ୟ ଟଙ୍କା ଋଣ ଆକାରରେ ଚେକ ପ୍ରଦାନ ଅତିଥି ମାନଙ୍କ ଦ୍ୱାରା କରାଯାଇଅଛି ଓ ଉକ୍ତ କାର୍ଯ୍ୟକ୍ରମ ରେ ଶତାଧିକ ମହିଳା ଓ ବଡମ୍ବା ବ୍ଲକର ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ରହିଥିଲେ ଓ କାର୍ଯ୍ୟକ୍ରମକୁ ବଡମ୍ବା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରମେଶ ଚନ୍ଦ୍ର ଜେନା ଓ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ଯାଜ୍ଞସେନି ଗୋଛାୟତ ପରିଚାଳନା କରିଥିବା ବେଳେ ଜିଲ୍ଲା ଗ୍ରାମାଞ୍ଚଳ ଫାଇନାସ ଅଧିକାରୀ ପବିତ୍ର ମୋହନ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀଜୀଉଙ୍କୁ ଦର୍ଶନ କଲେ ଅଭିନେତ୍ରୀ ଲିପ୍ସା ମିଶ୍ର

ପୁରୀ, (ହି.ସ.) : ଓଲିଉଡ଼ର ଅଭିନେତ୍ରୀ ଲିପ୍ସା ମିଶ୍ର ବିବାହ ପରେ ପୁରୀ ଆସି ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କୁ ଦର୍ଶନ କରିଛନ୍ତି। ତାଙ୍କ ସହ ତାଙ୍କ ସ୍ୱାମୀ ଆକାଶ ମଧ୍ୟ ଦର୍ଶନ କରିଛନ୍ତି। ବୈବାହିକ ଜୀବନ ସୁଖମୟ ସହ ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରିର ଉନ୍ନତି କାମନା କରିଛନ୍ତି। ମହାପ୍ରଭୁଙ୍କୁ ଦର୍ଶନ କରି ଅତି ଆନନ୍ଦିତ ବୋଲି କହିଛନ୍ତି। ତାଙ୍କର ସୁନ୍ଦର ଅଭିନୟ କୁ ଓଡ଼ିଶାବାସୀ ପସନ୍ଦ କରୁଛନ୍ତି। ଏହାସହ ସମୁଦ୍ରକୂଳ ରେ କିଛି ସମୟ ବିତାଇ ଭୁବନେଶ୍ୱର ଫେରିଯାଇଛନ୍ତି।

## କଲଭର୍ଟ ନିର୍ମାଣକୁ ନେଇ ଜନ ଅସନ୍ତୋଷ



ଖଣ୍ଡପଡା, (ପିପିଏସ) : ଖଣ୍ଡପଡା ବ୍ଲକ ଅଧିନ ଶିଖରପୁର ଗ୍ରାମ ତଅଁଳାସାହିର ପ୍ରବେଶ ପଥରେ ଏକ ନୂତନ କଲଭର୍ଟ ଓ ଡ୍ରେନ ନିର୍ମାଣକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଖଣ୍ଡପଡା ବିଧାୟକଙ୍କ ପାଣ୍ଠି ଅନୁଦାନ ରାଶି ୧ଲକ୍ଷ ଟଙ୍କା ବ୍ୟୟରେ କଲଭର୍ଟ ନିର୍ମାଣ ପରେ ଆବର୍ଜନା ପାଣି ନିଷ୍କାସନ ହୋଇନପାରି ରାସ୍ତା ପାର୍ଶ୍ୱରେ ଜମି ରହୁଛି। ଗ୍ରୀଷ୍ମଋତୁରେ ଆବର୍ଜନା ପାଣି କଲଭର୍ଟ ନିକଟରେ ଜମା ହୋଇ ରହୁଥିବା ବେଳେ ବର୍ଷା ଋତୁରେ ପାଣି ଜମି ରହି ସ୍ଥାନୀୟ ବାସିନ୍ଦାଙ୍କ ବାସଗୃହ ମଧ୍ୟରେ ପ୍ରବେଶ କରିବାର ଆଶଙ୍କା ପ୍ରକାଶ ପାଇଛି। ଖଣ୍ଡପଡା ବ୍ଲକ ପ୍ରଶାସନର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ନିର୍ମାଣ ହୋଇଥିବା ନୂତନ କଲଭର୍ଟଟି ସ୍ଥାନୀୟ ବାସିନ୍ଦାଙ୍କ ସମସ୍ୟାକୁ ଏବେ ଦ୍ୱିଗୁଣିତ କରିଥିବା ଜଣାପଡିଛି। ତେବେ କାହା ସ୍ୱାର୍ଥରେ କଲଭର୍ଟ ନିର୍ମାଣ କରାଗଲା ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କଲଭର୍ଟ ନିର୍ମାଣ କାର୍ଯ୍ୟ ତଦାରଖ ଦାୟୀତ୍ୱରେ ଥିବା ବ୍ଲକର କନିଷ୍ଠଯନ୍ତ୍ରୀ ବସନ୍ତ କୁମାର ଦାଶଙ୍କୁ ଏ ସଂପର୍କରେ ଯୋଗାଯୋଗ କରିବାରେ ସେଥିପ୍ରତି ସେ ଦୃଷ୍ଟି ଦେବେ ବୋଲି କହିଛନ୍ତି।

### ବାଙ୍କୀ କଲେଜ ଲକ୍ଷ୍ମୀନାରାୟଣ ମୋଦି ଛାତ୍ରାବାସର ବାର୍ଷିକ ଉତ୍ସବ

## ବ୍ୟବହାରିକ ବିଦ୍ୟାହିଁ ସଫଳତାର ଚାବିକାଠି

ବାଙ୍କୀ, (ପିପିଏସ) : ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଲକ୍ଷ୍ମୀନାରାୟଣ ମୋଦି ଛାତ୍ରବାସ ଆନୁକୂଲ୍ୟରେ ବାର୍ଷିକ ଉତ୍ସବ ଗତକାଲି ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ ମହାବିଦ୍ୟାଳୟର ସର୍ବପୁରାତନ ଏହି ଛାତ୍ରାବାସର ବାର୍ଷିକ ଉତ୍ସବ ଅନୁଷ୍ଠିତ ସହିତ ପୁରସ୍କାର ବିତରଣ, ସମ୍ବର୍ଦ୍ଧନା ଏବଂ ବାର୍ଷିକ ମୁଖପତ୍ର ବର୍ଣ୍ଣାଳିର ଶୁଭଉନ୍ମୋଚନ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା ସଭାପତିତ୍ୱ କରି ଅତିଥିମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଛାତ୍ରାବାସର ମଙ୍ଗଳକାମନା କରିଥିଲେ। ଛାତ୍ରାବାସର ତତ୍ତ୍ୱାବଧାରକ ଅଧାପକ ଯୁଗଳକିଶୋର ମଣ୍ଡଳ ସ୍ୱାଗତ ଅଭିଭାଷଣ ସହ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ବୌଦ୍ଧ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଅରବିନ୍ଦ ଦାଶ ଯୋଗଦାନ କରି ବ୍ୟବହାରିକ ବିଦ୍ୟା ହିଁ ସଫଳତାର ଚାବିକାଠି ବୋଲି ଅନ୍ତେବାସୀମାନଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ କବି ତଥା ଆଇନଜୀବୀ ଏବଂ ଏହି ମହାବିଦ୍ୟାଳୟର ପୂର୍ବତନ ଛାତ୍ରସଂସଦର ସଭାପତି ଚନ୍ଦ୍ର ବିଜୟୀ ମିଶ୍ର ଯୋଗଦାନ କରି ମହାବିଦ୍ୟାଳୟର ବିଭିନ୍ନ ତଥ୍ୟ ରଖିବା ସହିତ ଭଲ ପାଠ ପଢ଼ି କଲେଜର ସୁନାମ ଅର୍ଜନ କରିବା ପାଇଁ ଛାତ୍ରମାନଙ୍କୁ ଅନୁରୋଧ କରିଥିଲେ। ସମ୍ମାନୀତ ଅତିଥି ଭାବେ କବି ତଥା କମଳାନେହରୁ ମହିଳା ମହାବିଦ୍ୟାଳୟ ପ୍ରାଧ୍ୟାପକ ଡକ୍ଟର ରମାକାନ୍ତ ମହାପାତ୍ର ଯୋଗଦାନ କରି କହିଥିଲେ ଛାତ୍ରଛାତ୍ରୀମାନେ ଚିନ୍ତନ ଶକ୍ତି ରହିବା ଦରକାର ଯେପରି ଆମ ଓଡ଼ିଶା ତଥା ଭାରତର ପ୍ରଗତି ଧାରା ବଜାୟ ରହିବା ସହିତ ପୃଥିବୀ ମାନଚିତ୍ରରେ ଆମ ଦେଶର ନାମ ସବାର୍ଗେ ରହିପାରିବ। ଛାତ୍ରାବାସର ସାଧାରଣ ସଂପାଦକ ତ୍ରିପଲ୍ ମେଶ୍ରା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଛାତ୍ରାବାସର ସହକାରୀ ତତ୍ତ୍ୱାବଧାରକ ରଞ୍ଜିତ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଓ ସାଂସ୍କୃତିକ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ଏକ ରଙ୍ଗାରଙ୍ଗ ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




## ଦୁର୍ଗାପୁର ଶବର ସାହି ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ




ବାଙ୍କୀ, (ପିପିଏସ) : ବାଙ୍କୀ ଡମପଡ଼ା ବ୍ଲକ ଅନ୍ତର୍ଗତ ଦୁର୍ଗାପୁର ପଞ୍ଚାୟତସ୍ଥ ଦୁର୍ଗାପୁର ଶବର ସାହି ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପୋଷ୍ୟ ବିଦ୍ୟାଳୟ ଭାବେ ମହାବିଦ୍ୟାଳୟର ରୋଭର ରେଞ୍ଜର ବିଭାଗ ଦ୍ୱାରା ଉକ୍ତ ବାର୍ଷିକ ଉତ୍ସବ ଆୟୋଜନ କରାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନୀ ପ୍ରଧାନ ବାର୍ଷିକ ଉତ୍ସବରେ ସଭାପତିତ୍ୱ କରି ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ। ରୋଭର ଲିଡର ଭୂପତି ଭୂଷଣ ପ୍ରଧାନ ସଭା ପରିଚାଳନା କରିବା ସହିତ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ବାଙ୍କୀ +୨ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ରାଜକିଶୋର ପାଲ୍ ଯୋଗଦାନ କରି ଛାତ୍ରଛାତ୍ରୀମାନଙ୍କୁ ନୈତିକ ଶିକ୍ଷା ପ୍ରଦାନ କରାଗଲେ ଭବିଷ୍ୟତରେ ଏଠାର ଛାତ୍ରଛାତ୍ରୀମାନେ ସମାଜରେ ନିଜକୁ ଭଲ ମଣିଷ ଭାବେ ପ୍ରତିଷ୍ଠିତ କରିପାରିବେ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ରାଣୀ ଶୁକଦେଇ +୨ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା କବିତା ମହାପାତ୍ର ଯୋଗଦାନ କରି କହିଥିଲେ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷକ ଏବଂ ସେମାନଙ୍କର ପିତାମାତାମାନେ ସତକଥା କହିବା ଶିକ୍ଷା ଦେବା ସହ ଭଲ ପାଠ ପଢ଼ାରେ ମନନିବେଶ କରିବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ବାଙ୍କୀ କଲେଜ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦାନ କରି ଏହି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବେଶ୍ ଶୃଙ୍ଖଳିତ ଓ କ୍ରୀଡା ନୈପୁଣ୍ୟତା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ରହିଛି ବୋଲି ପ୍ରକାଶ କରିଥିଲେ। ଅତିଥି ଭାବେ ବାଙ୍କୀ ଡମପଡ଼ା ବ୍ଲକ ସହ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କୁମାର ବେହେରା, ବାଙ୍କୀ କଲେଜ ଇଂରାଜୀ ଅଧାପକ ଡକ୍ଟର ବିଶ୍ୱରଞ୍ଜନ ସାହୁ, ଡକ୍ଟର ଅଭିମନ୍ୟୁ ରଣା, କୁମୁଦରଞ୍ଜନ ମହାରଣା, ପ୍ରାଥମିକ ଶିକ୍ଷକ ସଂଘର ସଭାପତି ପ୍ରଶାନ୍ତ କୁମାର ମହାପାତ୍ର ଓ ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷା ପ୍ରତୀମା ନାୟକ ପ୍ରମୁଖ ଯୋଗଦାନ କରି ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ଗପମାଧ୍ୟମରେ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡା ଓ ବିଭିନ୍ନ ସାଂସ୍କୃତିକ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ଶିକ୍ଷକ ବିଦ୍ୟାଧର ବେହେରା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ରେଞ୍ଜର ଲିଡର ଅଧାପିକା ଦେବସ୍ମିତା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ ଓ ସଭ୍ୟା ଏବଂ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ରୋଭର ରେଞ୍ଜର ସ୍ୱେଚ୍ଛାସେବୀମାନେ ଯୋଗଦାନ କରି ବାର୍ଷିକ ଉତ୍ସବକୁ ସଫଳ କରିଥିଲେ।

## ଶିକ୍ଷାବିତ୍ଙ୍କ ପରଲୋକ

ଖଣ୍ଡପଡା,(ପିପିଏସ) : ଖଣ୍ଡପଡା ସହରାଚଂଳ ୩ନଂ ୱାର୍ଡ କାଦୁଆସାହିର ବୟୋଜ୍ୟେଷ୍ଠ ବ୍ୟକ୍ତି ତଥା ଶିକ୍ଷାବିତ୍ ସନାତନ ମହାନ୍ତି(୭୫)ଙ୍କର ଶନିବାର ଅପରାହ୍ନରେ ଭୁବନେଶ୍ୱର ଠାରେ ପରଲୋକ ହୋଇଯାଇଛି। ଗତ କିଛି ମାସ ଧରି ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ସ୍ୱର୍ଗତ ମହାନ୍ତି ଜଣେ ସରଳ, ନିଷ୍କପଟ ଓ ଅମାୟିକ ସ୍ୱଭାବର ବ୍ୟକ୍ତି ଥିଲେ। ବିଭିନ୍ନ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନ କରି ସେ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟରୁ ଅବସରଗ୍ରହଣ କରିଥିଲେ। ତାଙ୍କ ବିୟୋଗରେ ଖଣ୍ଡପଡା ଅଂଚଳରେ ଶୋକ ପ୍ରକାଶ ପାଇଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବିୟୋଗରେ ଶୋକ ବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

## ସମିତି ସ୍ତରୀୟ ବ୍ୟାଙ୍କିଙ୍ଗ୍ ସେବା ଓ ଋଣ ମେଳା



ବୁଗୁଡା, (ପିପିଏସ) : ଆସିକା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଲିଃ ବୁଗୁଡା ଶାଖା ଅଧିନରେ ଥିବା ଅନ୍ତରପଡା ସେବା ସମବାୟ ସମିତି କାର୍ଯ୍ୟାଳୟ ରେ ସମିତି ସ୍ତରୀୟ ବ୍ୟାଙ୍କିଙ୍ଗ ସେବା ଓ ରୁଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୁଗୁଡା ଶାଖା ପରିଚାଳକ ଯୋଗେଶ ଚନ୍ଦ୍ର ସାମନ୍ତରାୟ ସଭାପତିତ୍ୱ କରିଥିଲେ। ପାଙ୍ଗିଡି ସେବା ସମବାୟ ସମିତିର ସଂପାଦକ ପୂର୍ଣ୍ଣଚନ୍ଦ୍ର ବିଷୋୟୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ବୁଗୁଡା ବ୍ଲକର ଡାଇରେକ୍ଟର ନନ୍ଦିନି ଭୂୟାଁ ,ସମ୍ମାନିତ ଅତିଥି ଭାବେ ଏ ଆର୍ ସି ଏସ୍ ପର୍ଯ୍ୟବେକ୍ଷକଆଶିଷ ସେଠୀ, ଅନ୍ତରପଡା ସରପଞ୍ଚ ବସନ୍ତ କୁମାର ଶତପଥୀ, ସମିତି ସଭ୍ୟା ପ୍ରତିନିଧି ଉମେଶ ଚନ୍ଦ୍ର ନାୟକ,ପୂର୍ବତନ ସଭାପତି ରବୀନ୍ଦ୍ର ନାଥ ପ୍ରଧାନ ପ୍ରମୁଖ ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନା ଯେପରି ଲୋକମାନଙ୍କ ମଧ୍ୟରେ ପହଞ୍ଚିପାରିବ ସେଥିପ୍ରତି ଧ୍ୟାନ ଦେବାକୁ ଆହ୍ୱାନ ଦେଇଥିଲେ। ଉକ୍ତ କର୍ମଶାଳାର ଭୂମିହୀନ ଚାଷୀ ମାନଙ୍କୁ ବଳରାମ ଯୋଜନାରେ ଅନ୍ତର୍ଭୁକ୍ତ କରି ରୁଣ ପ୍ରଦାନ ,ବିନା ସୁଧରେ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚାଷୀମାନଙ୍କୁ ରୁଣ ଦେବା,ଏବଂ ବିନା ସୁଧରେ ଏସ୍ଏଚ ଜି ମାମାନଙ୍କୁ ପାଞ୍ଚ ଲକ୍ଷ ଟଙ୍କା ଯାଏଁ ରୁଣ ପ୍ରଦାନ କରି ସେମାନଙ୍କୁ ଆତ୍ମନିର୍ଭରଶୀଳ କରାଇବା ସଂପର୍କରେ ଅଧିକାରୀ ମାନେ ବିସ୍ତୃତ ଆଲୋଚନା କରିଥିଲେ। ଉକ୍ତ କର୍ମଶାଳାକୁ ଅନ୍ତରପଡା ସେବା ସମବାୟ ସମିତିର ସଂପାଦକ ପ୍ରତାପ ଚନ୍ଦ୍ର ପାତ୍ର ପରିଚାଳନା କରିଥିବା ବେଳେ ଏଥିରେ ବହୁ ଚାଷୀ ଓ ମହିଳା ଗୋଷ୍ଠୀ ଉପସ୍ଥିତ ଥିଲେ।




"ମରଣ - ମଦିରା ଚାଖିବାର ପାଇଁ ମନପ୍ରାଣ ଆଜି ଛନଛନ
ଶେଷ ପ୍ରେମିକାର ସାଥେ ଭେଟ ପାଇଁ ଲୋମେ ଲାମେ ଆଜି ଶିହରଣ,
କିପରି ଆସିବ, କେଉଁ ବେଶ ସାଜି, କେଉଁଠି ତା' ସାଥେ ହେବ ଭେଟ
କି କଥା କହିବ ଚୁପି ଚୁପି ଅବା, ଚମକାଇ ଦେବ ରାଜପଥ।
କିପରି ପୂଜିବି ଶେଷ ପ୍ରେମିକାକୁ ଫୁଲହାରେ ଅବା ମଧୁଧାରେ
କିପରି ଗାଇବି ଜୟଗୀତ ତା'ର କବିତାରେ ଅବା ବୀଣା-ତାରେ
ବାହୁବନ୍ଧନେ ଜଡ଼ାଇବି ଅବା ପହୁଡ଼ାଇବି ମୋ'ବୁକୁପରେ
ପ୍ରଥମ ଚୁମା ତା' ଅଧରେ ଦେବି ନା, ବକ୍ଷ କମଳେ, ନାଭିମୂଳେ।
ସେ 'ଆସିବାବେଳେ ଆଡ଼େଇଯିବ ଏ' ଧରଣୀର ମିଛ ଉପଚାର
ସବୁଦିନ ପାଇଁ ସବୁ ହେବ ଶେଷ, ଆଗେ ଖାଲି 'ମହା ଅଭିସାର'।"

– ବିଭୁଦତ୍ତ ମିଶ୍ର

## ଗୀତି କବିତା

### ପ୍ରଥମ ପ୍ରେମ



ତପନ କୁମାର ସାଇଁ



ପ୍ରଥମ ପ୍ରେମର ପ୍ରଥମ ଗୀତିକୁ
ଭୁଲିନି ମୁଁ ସେଇ ଦିନୁ,
ଗୀତି ନୁହେଁ ସେତ ଅଭୁଲା ସ୍ମୃତିମୋ
ଜଳାଇ ମାରୁଛି ତନୁ ।୦।

ନିବିଡ଼ ରାତିରେ କେବେ ସେ ଆସିଛି
କେବେ ପୁଣି ଅପରାହ୍ଣେ,
କେତେସେ ଦେଇଛି ବିରହ ଯନ୍ତ୍ରଣା
ଭୁଲି ମୁଁ ପାରିନି ମନେ।
କେତେ ଦିବସ ମୋ ବିତିଛି ନିଃସଙ୍ଗେ
ଦେଖିନି ଉଦିତ ଭାନୁ।
ପ୍ରଥମ ପ୍ରେମର ପ୍ରଥମ ଗୀତିକୁ
ଭୁଲିନି ମୁଁ ସେଇ ଦିନୁ,। ୧ ।

ସିଏ ମୋ ସ୍ମୃତିର ଅଲିଭା କାଗଜ
ଭିଜା ଆକାଶର ଜହ୍ନ,
ଯା'ପାଇଁ ଭିଜୁଛି ଭରା ଶ୍ରାବଣରେ
ବିନା ମେଘେ ରାତି ଦିନ।
ପ୍ରଥମ ପ୍ରେମର ପ୍ରଥମ ଗୀତିକୁ
ଭୁଲିନି ମୁଁ ସେଇ ଦିନୁ,

ଅଇବିଲି, ତିର୍ତ୍ତୋଲ, ଜଗତସିଂହପୁର
ମୋ -୯୦୪୦୦୩୩୩୯୦

### ଶବ୍ଦ



ଶରତ କୁମାର ଦାସ

ଶବ୍ଦରେ ଶବ୍ଦରେ ଗଢେ ମୁଁ କୋଣାର୍କ
ଶବ୍ଦର ଛନ୍ଦରେ ବନ୍ଧା,
ଶବ୍ଦର ସୌରଭେ ମୋହଚ୍ଛନ୍ନ ହୁଏ
ମନପ୍ରାଣ ମୋର ଛନ୍ଦା । ୦ ।

ରୁଣୁଝୁଣୁ ହେଲେ ଶବ୍ଦର ନୂପୁର
ସପ୍ତରାଗ କାନେ ବାଜେ,
ନିଜକୁ ହଜାଇ ହୁଏ ମନ୍ତ୍ରମୁଗ୍ଧ
ଶବ୍ଦ ମୋ' ନାୟିକା ସାଜେ
ତା' ରଙ୍ଗ ମାଧୁର୍ଯ୍ୟ ପୂର୍ଣ୍ଣ ଶିହରଣେ
ଇନ୍ଦ୍ରଧନୁ ଲାଗେ ଅଧା
ଶବ୍ଦରେ ଶବ୍ଦରେ ଗଢେ ମୁଁ କୋଣାର୍କ
ଶବ୍ଦର ଛନ୍ଦରେ ବନ୍ଧା । ୧ ।

ଶବ୍ଦର କାନ୍ଥରେ ଚିତ୍ର ଆଙ୍କିବସେ
ଚିତ୍ରକରଟିଏ ସାଜି
ଚିତ୍ରମୟ ହୁଏ ନିଷ୍ପ୍ରଭ ପୃଥିବୀ
ନିଃସଙ୍ଗତା ଯାଏ ଭାଜି
ଅନ୍ଧାର ରାତିରେ ଭେଟେ ନିତି ସୂର୍ଯ୍ୟ
ଛବି ତାର ମଧୁଗନ୍ଧା
ଶବ୍ଦରେ ଶବ୍ଦରେ ଗଢେ ମୁଁ କୋଣାର୍କ
ଶବ୍ଦର ଛନ୍ଦରେ ବନ୍ଧା । ୨ ।

ଶବ୍ଦ ମୋର ମିତ ଶବ୍ଦ ମୋର ଗୀତ
ଶବ୍ଦରେ ଜୀବନ ଜିଏଁ,
ଜୀବନ୍ୟାସ ପାଏ ମୋ ସୁପ୍ତ ଚେତନା
ନିଃଶ୍ୱାସ ଭରସା ଦିଏ
ରୂପ ରାଇଜର ରାଜକୁମାରୀ ସେ
ପ୍ରୀତିର ରଜନୀଗନ୍ଧା
ଶବ୍ଦରେ ଶବ୍ଦରେ ଗଢେ ମୁଁ କୋଣାର୍କ
ଶବ୍ଦର ଛନ୍ଦରେ ବନ୍ଧା । ୩ ।

ବଡବିଲ ମହାବିଦ୍ୟାଳୟ, ବଡବିଲ, କେନ୍ଦୁଝର
ମୋ-୮୨୪୯୧୩୭୦୯୧

## ସ୍ୱପ୍ନର ଘର



ପ୍ରତାପ ବିଶ୍ୱାଳ

ଜାଣିଛ ପ୍ରଣବ ଆମ ଘର ସ୍କାଏଲାଇଟରେ ଯେଉଁ ପାରାଟି ଆସି ରହିବା କଥା କହୁନଥିଲି , ଆଜି ସେ ତା' ସାଙ୍ଗରେ ଆଉ ଗୋଟିଏ ପାରାକୁ ଡାକି ଆଣିଛି। ବହୁତ ବେଳ ଯାଏ ସେମାନେ ଦୁହେଁ ସେ ସ୍କାଏଲାଇଟିରେ ବସି ଚଞ୍ଚୁରେ ଚଞ୍ଚୁ ଲଗାଇ କଥା ହେଉଥିଲେ ଗେଲ ହେଉଥିଲେ।

ଜାଣିଛ ପ୍ରଣବ ସେମାନେ ଏବେ ସ୍କାଏ ଲାଇଟ ଭିତରେ କୁଟା, କାଠି ଆଣି ଭର୍ତ୍ତି କରି ସାରିଲେଣି।

ଜାଣିଛ ପ୍ରଣବ ମୋର ଆଜି ଭାରି ଇଚ୍ଛା ହେଲା ସେମାନଙ୍କ ସେ ସ୍କାଏ ଲାଇଟ ଘର ଦେଖିବାକୁ, ମୁଁ ବାରଣ୍ଡାରେ ପଡ଼ିଥିବା ଚେୟାରଟାକୁ ଆଣି ତା' ଉପରେ ଛିଡ଼ା ହୋଇ ସ୍କାଏ ଲାଇଟ ଭିତରକୁ ଚାହିଁଲା ବେଳକୁ ସେମାନେ ଦୁହେଁ ଉଡ଼ିଗଲେ, ଜାଣିଛ ସେଥିରେ ମୁଁ କ'ଣ ଦେଖିଲି ? ଦୁଇଟା ଅଣ୍ଡା। ମୁଁ ଚାଲି ଆସିଲା ପରେ ସେମାନେ ଦୁହେଁ ପୁଣି ଆସି ସେଠାରେ ବସିଲେ।

ଜାଣିଛ ପ୍ରଣବ, ମୁଁ ଏବେ କାହିଁ ଅନଇଜି ଫିଲ କରୁଛି, ଦୁଇ ମାସ ହୋଇଗଲାଣି ଋତୁସ୍ରାବ ହୋଇନି। ତୁମେ ଶୀଘ୍ର ତୁମ ଘରେ କହି ବାହାଘର ବନ୍ଦୋବସ୍ତ କର।

ହ୍ୱାଟ!! ଏ କ'ଣ କହୁଛ। ଆବୋରେସନ, କାହିଁକି ? ଇଏ ଆମ ସଂପର୍କର ସ୍ମାରକୀ, ଆମ ପ୍ରେମୀଗୀତାର ନାନ୍ଦିମୁଖ, ଏତେ ଦିନ ଯାଏ ତୁମ ସଂପର୍କ ପ୍ରେମ କ'ଣ ମିଛ ସଂପର୍କ, ମିଛ ପ୍ରେମ ଥିଲା ?

ତୁମେ ହିଁ ତ ମୋତେ ସପ୍ନ ଦେଖାଇ ଥିଲ, ମୋ ସପ୍ନ କ'ଣ ତା'ହେଲେ ଦିବା ସପ୍ନ ଥିଲା ?

ସେ ମେଡ଼ିକାଲରୁ ଆସି ଦେଖେତ ବାରଣ୍ଡାରେ ଅଣ୍ଡା ଯୋଡ଼ିକ ଫାଟି ପଡ଼ିଛନ୍ତି, ପାଖରେ ଗୋଟିଏ ପାରା ଏପଟ ସେପଟ ହୋଇ ଚାରିଆଡ଼କୁ ବିକଳ ଦୃଷ୍ଟିରେ ଚାହୁଁଛି, ଅନୁମାନ କରିନେଲି ବୋଧେ ସିଏ ମା' ପାରାଟି ଆଉ ପାରାଟିର କାହିଁ କେଉଁଠି ଦେଖା ନାହିଁ, ସ୍କାଏ ଲାଇଟ ଆଡ଼କୁ ଚାହିଁ ଦେଖେତ ସ୍କାଏ ଲାଇଟ ତଳକୁ ଲଟକି ଆସିଛି ବସାଟା।



ଘରକୁ ଯାଇ ବିଛଣାରେ ଗଡ଼ିପଡ଼ିଲି। ମନ କହୁଥାଏ ପ୍ରଣବକୁ ଫୋନ କରି କହିବାକୁ ଜାଣିଛ ପ୍ରଣବ, ସେ ପାରା ଦେଇଥିବା ଅଣ୍ଡା ଆଜି ବାରଣ୍ଡାରେ ପଡ଼ି ଭାଙ୍ଗିଯାଇଛି, ପୁଣି ମନକୁ ଆସିଲା କ'ଣ ପାଇଁ କହିବ ସେ ପ୍ରଣବକୁ ? ପୁଣି କ'ଣ ଇଚ୍ଛା ହେଲା କେଜାଣି ତକିଆରେ ମୁହଁ ଗୁଞ୍ଜି ଜୋରରେ କାନ୍ଦିବାକୁ ଲାଗିଲି।

ରାହାଡିଙ୍ଗା, ଜଗତସିଂହପୁର
ମୋ-୯୪୩୭୭୪୫୯୮୩

## ନାରୀ ଅନ୍ତଃସ୍ୱର



ସନ୍ତୋଷ କୁମାର ପଣ୍ଡା

ମୁଁ କଣ କୁନ୍ତୀ ବା ଯାଜ୍ଞସେନୀ ମହାଭାରତର,
ନା ମୁଁ ଜାନକୀ, ଊର୍ମିଳା ରାମାୟଣର,
ନା ମୁଁ ପାଷାଣୀ ଅହଲ୍ୟା
ଚାତକ ନୟନେ ଚାହିଁଛି ପୁରୁଷୋତ୍ତମଙ୍କ ପଦ ପଙ୍କଜର
ନରମ ପରଶ !
ରାଧା କିମ୍ବା ମୀରା ନୁହେଁ
ନୁହେଁ ମୁଁ ଗାର୍ଗୀ, ଲକ୍ଷ୍ମୀବାଈ
କଳ୍ପନା ଚାୱଲା ଅବା ଜୀଜାବାଈ
ପି.ଟି. ଉଷା କିମ୍ବା ଅରୁଣିମା ସିହ୍ନା।
ମୁଁ ସେଇ ଅତୃପ୍ତ ଅନ୍ତରାତ୍ମା
ତିଳତିଳ ହୋଇ ପ୍ରତି କ୍ଷଣ,
ପ୍ରତି ମୁହୂର୍ତ୍ତରେ ଜଳି ଜଳି ଅଗ୍ନି ପରୀକ୍ଷା ଦେଉଥିବା
ଯନ୍ତ୍ରଣା ଜର୍ଜରିତ ପୀଡିତା;
ଯାହାର ଆର୍ତ୍ତଚିତ୍କାର
ଆଜି ହଜିଯାଇଛି କେଉଁ ପାହାଡର ଗୁମ୍ଫାରେ
ପୁଣି ଲୁଚିଯାଇଛି
ନିଘଞ୍ଚ ବନର ବୃକ୍ଷ ଆଢୁଆଳରେ
ଅବା କେଉଁ ତଟିନୀର ପ୍ରଖର ସ୍ରୋତରେ।
ମୁଁ ଆଜି ବୁଡୀ ଅସୁରୁଣୀର ଫରୁଆ ଭିତରେ ବନ୍ଦୀ
ସଦ୍ୟ ପ୍ରସ୍ଫୁଟିତ ହୋଇ ଅସମୟରେ ଝଡ଼ିଯାଉଥିବା
ସୁନ୍ଦର କଳିକାଟିଏ,
ଯାହାର ସ୍ୱର ଆଉ ଭେଦ କରିପାରୁନି ସେ ମେଘନାଦ ପାଚେରୀ,
ଶୁଭେ ଖାଲି ନାରୀ ଅନ୍ତଃସ୍ୱର
ସଭାମଞ୍ଚର ବକ୍ତବ୍ୟରେ ଓ ଆଉ ଜନ ପ୍ରତିନିଧିଙ୍କ ବିଧାନରେ।

ପ୍ରଧାନଆଚାର୍ଯ୍ୟ ଓ ପ୍ରକଳ୍ପ ପ୍ରମୁଖ
ସରସ୍ୱତୀ ବିଦ୍ୟା ମନ୍ଦିର, କେଶବଧାମ,
ଗତିରାଉତପାଟଣା,କଟକ
ମୋ- ୮୨୪୯୦୨୧୪୨୪

## ଅନୁବାଦ ଗଳ୍ପ

## ଖୁସିର ରହସ୍ୟ



ମୂଳହିନ୍ଦୀ : ବାଳକୃଷ୍ଣ ଗୁପ୍ତାଗୁରୁ
ଅନୁସୃଜନ : ନଗେନ୍ଦ୍ର ନାଥ ପଟ୍ଟନାୟକ

ପାର୍କର ସିମେଣ୍ଟ ବେଞ୍ଚ ଉପରେ ବସିଥିବା ସେବାନିବୃତ୍ତ ଶିକ୍ଷକ ମନସୁଖକୁ ଦେଖିବାକ୍ଷଣି ସେ ବାଟଦେଇ ଚାଲିଯାଉଥିବା ଆଉ ଜଣେ ଅବସରପ୍ରାପ୍ତ ଶିକ୍ଷକ କଥା ଆରମ୍ଭରେ ଉଚ୍ଚାଟ ସ୍ୱରରେ ପଚାରିଲେ - ଆରେ ବାଃ କି କଥା ମ ! ଆଜିକାଲି ତମେ ତ ବଡ ଖୁସି ମିଜାଜରେ ରହିଲା ଭଳି ଜଣାପଡୁଛ। ବହୁଦିନ ପରେ ଘନିଷ୍ଟ ବନ୍ଧୁଙ୍କ ପାଖରୁ ପାଇ ମନସୁଖଙ୍କ ଠାକରା ଶୁଷ୍କ ମୁହଁରେ ଉକୁଟି ଆସିଲା ଚେନାଏ ହସ । ଚମକ ଖେଳିଗଲା ଆଖି ଯୋଡିକରେ । ଖୁସିରେ ଗଦଗଦ ହେଇ କହିଲେ – କହୁଚି . . . କହୁଚି ....ଏତେ ବ୍ୟସ୍ତ କଣ ! ପହିଲେ ତମେ ଏଠି ଠିକସେ ବସିପଡ଼ । ତା ପରେ ଯାଇ ମନଖୋଲା ଖଟାମିଠା ଆଳାପ।

ଅନ୍ତରଙ୍ଗ ବନ୍ଧୁ ଭଗବାନ ଦାସ ବସିପଡିବା ପରେ ମନସୁଖ କହିଲେ- ଅସଲ କଥା କଣ ନା, ଅବସର ଗ୍ରହଣ କଲାପରେ ମୋ ପ୍ରତି ଯଥେଷ୍ଟ ଧ୍ୟାନ ରଖିବାକୁ ପଡ଼ିବ। ବନ୍ଧୁଙ୍କ ତୁଣ୍ଡରୁ କଥା ପଦକ ଶୁଣି ଭଗବାନ ଦାସ ଏକବାରେ ତଟସ୍ଥ। ବିସ୍ମୟଭରା ଆଖିରେ କହିଲେ - ଏ ଜମାନାରେ ତ ଏହା ରୀତିବିରୁଦ୍ଧ। ସତକଥା ସାଙ୍ଗ, ମୁଁ ଏ କଥାର ବିନ୍ଦୁବିସର୍ଗ କିଛି ବି ବୁଝିନି।

- ତେବେ ମୁଁ ତମକୁ ପ୍ରାଞ୍ଜଳ ଭାବରେ ବୁଝାଉଚି, ଟିକିଏ ଥୟଧରି ସିଏ ବଲବଲ କରି ଅନେଇ ରହିଲେ ବନ୍ଧୁ ଭଗବାନ ଦାସଙ୍କୁ । ମୁହଁରେ ଶୁଷ୍କହସ ଫୁଟାଇ କଥାଟାକୁ ଆଗକୁ ବଢାଇଲେ ମନସୁଖ - ଭିନ୍ନଭିନ୍ନ କିସମର ଟୁଥ୍‌ପେଷ୍ଟ ଆଉ ସୁଗନ୍ଧିତ ସାବୁନ ଅଛି ଘରର ସମସ୍ତଙ୍କ ପାଇଁ । ଯେତେବେଳେ ଟ୍ୟୁବରେ ପେଷ୍ଟ ଟିକେ ବଳିଯାଏ ତାକୁ ଛାଡିଦିଅନ୍ତି ମୋ ପାଇଁ। ଏପରିକି ଗାଧୁଆ ସାବୁନଟା ଘୋରି ଘୋରି ଯେବେ ପତଳା ସରୁଆ ହୋଇଯାଏ ମୋ ହାତକୁ ବଢାଇ ଦିଅନ୍ତି ସେଟାକୁ। ଏଥିରେ ତ ମୋର ମଉଜ। ଭଳିକି ଭଳି ବାସ୍ନାର ଆନନ୍ଦ ଉପଭୋଗ କରେ ମୁଁ। ଏ ଭିତରେ ଭଗବାନ୍ ଦାସ



ମନଧ୍ୟାନ ପୂର୍ବକ ମୋ କଥାକୁ ଶୁଣ। ପ୍ରକୃତରେ ଅଯାଚିତ ଭାବେ ରକମ ରକମର ଟୁଥ୍‌ପେଷ୍ଟ ଆଉ ବାସନା ସାବୁନ ସବୁ ମିଳିଯାଉଛି ମତେ। ନିଜର ନିୟମିତ ବ୍ୟବହାର ପାଇଁ। ଏହାପରେ ଗୁରୁଗମ୍ଭୀର ହୋଇ ବିସ୍ମୟଭରା ଆଖିରେ ଲକ୍ଷକଲେ, ଏଇ କଥା ପଦକରେ ମନସୁଖଙ୍କ ଆଖି ଯୋଡିକ ଲୁହରେ ଛଳଛଳ ହୋଇଯାଉଛି।

୯୯୯-ଏ, ଜଗମୋହନ ନଗର,
ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର,
ମୋ-୯୪୩୮୩ ୩୨୧୩୮

## ସରଦେଈ



ଦେବଦତ୍ତ ମିଶ୍ର

ଚଟିଘର କାନ୍ଥରେ ମୋ
ଢାଉ, ହରିତାଳ, ପିଠୋଉରେ ଅଙ୍କା
ଜଗନ୍ନାଥ ପଟ।
ସାମନାରେ ବିଛେଇ ପଡ଼ିଛି
ରାଶି ରାଶି ମଉଳା ସେବତୀ,
ଦୟଣାର ଛିନ୍ନମାଳ,
ନାଗେଶ୍ୱର ଫୁଲମଣ୍ଡା,
କେତକୀ ପାଖୁଡ଼ା।



କିଏ ତୁମେ ରୂପମୟ !
ଅନ୍ଧାରର ଛାତିଚିରି
ଅପନ୍ତରା ତଣ୍ଡକିନାରକୁ ଆସିଥିଲ
ହାୟ ଏଇ ହତଭାଗୀ ପାଶେ।

ପବନରେ ଚନ୍ଦନ ଓ କସ୍ତୁରୀର ଗନ୍ଧ
ମହାଶୂନ୍ୟେ ବଡ଼ବଡ଼ ଦୁଇ ଚକାଡୋଳା।
ସେ ଆଖିରେ ନବୀନ ପ୍ରେମିକ ସମ
ମେଦୁରୀୟ ଦୃଷ୍ଟି ।
କାହାର ଏ ଆଲିଙ୍ଗନ
ମଥିଦିଏ ମାଂସପେଶୀ ନିବିଡ଼ ଆଶ୍ଳେଷେ !

ଚଟିଘର ସାରା ଝାପ୍ସା ଝାପ୍ସା
କୁହୁଡ଼ି ଆଲୁଅ,
ଆଉ ରୁନ୍ଧି ଯାଉଥିବା ଏକ ଅନ୍ଧାରୀ ଜୀବନ।

କଣ ଅବା ମାଗିଥିଲି ପ୍ରତିବଦଳରେ
କଉଡ଼ି ନା ଇନ୍ଦ୍ରନୀଳମଣି ବସା
ସୁବର୍ଣ୍ଣ ମୁଦ୍ରିକା !
ଥରୁଟିଏ ତ ପାଇବାର ଥିଲା ତୁମକୁ
ମେଣ୍ଟେଇବାକୁ ଜୀବନର ସାରା ଅବସୋସ।
ସେଥିରେ ବି ଏତେକ ଛଳନା
ଫେରିଗଲ କେଉଁ ଛଟକରେ !

ବବକରପୁର, କେନ୍ଦ୍ରାପଡ଼ା
ମୋ-୯୦୪୦୭୦୩୦୩

### ସୁଖର ସଂଜ୍ଞା ହଜିଗଲା ପରେ



ଲକ୍ଷ୍ମୀପ୍ରିୟା ପୃଷ୍ଟି

ସୁଖର ସଂଜ୍ଞା ହଜିଗଲା ପରେ
ଜୀବନଟା ଥରହର
ପଚାରିଲେ କେବେ ପବନ ଦେଉଛି
ଲୁହଭିଜା ପ୍ରତ୍ୟୁତ୍ତର ॥

ଛନ୍ଦହରା ଆଜି ଚକୋରୀ କାନ୍ଦୁଛି
ଅସୀମ ତୃଷ୍ଣା ଧରି
ମଉଳା ତା ମନ ମୁକୁଳା କବରୀ
ସପ୍ନ ହଜା ବିଭାବରୀ ॥

ବାସର ଶେଯରେ ଲୋତକର ଧାର
ସମୟ ସାଜିଛି ଗୋଳ
ସପନ ସମାଧି ଭିତରୁ ଶୁଭୁଛି
କାରୁଣ୍ୟର କୋଳାହଳ ॥

ରଫ୍ ଖାତା ପରି ଗାରାମାରା ଦିଶେ
ଜୀବନର ସବୁ ପୃଷ୍ଠା
କିଏ ସଜାଡ଼ିବ ଲୁହରେ ଭିଜା ଯା'
ସପନର ଲମ୍ବା ଚିଠା ?

ଉତ୍ସବର ସ୍ୱର ଅଟକି ଯାଇଛି
ଅଚାନକ ନୀରବତା
ଉଆଁସ ରାତିର ଇସାରାରେ ନାହିଁ
ଚାନ୍ଦିନୀର ମାଦକତା ॥

ଅନ୍ଧାର କି କେବେ ଆଙ୍କି ଦେଇପାରେ
ଆଲୋକର ଇସ୍ତାହାର
ସୁଖର ସଂଜ୍ଞା ହଜିଗଲା ପରେ
ଜୀବନଟା ଥରହର ॥

ଦଶରଥପୁର, ଯାଜପୁର,
ମୋ-୭୩୭୭୩୧୮୭୮୯

### ଶିଳାଲିପି



ସୁମିତା ବେହେରା

ପଢି କି ହୋଇଛି କେବେ ତା ଦେହରେ ଅଙ୍କା ଚିହ୍ନ
ବଖାଣି ନ ପାରି ଆଜି ଦିଶେ କେତେ କ୍ଳାନ୍ତ ଅବସନ୍ନ।
ଦେଖୁଥାଏ ନୀରବରେ ଦୁଇ ବୁନ୍ଦା ଅଶ୍ରୁ ଜଳ ଢାଳି
ବେଦରଦୀ ସମୟକୁ ସତେ ଅବା ପାରି ନାହିଁ କଳି।

ବକ୍ଷେ ତାର ବିସ୍ମୃତ ବିମ୍ବିତ ସ୍ମୃତିରାଜି ମାନ
ଆପଣା ହୃଦୟେ ଧରି ଅନୁରକ୍ତି ନିବିଡ଼ ବନ୍ଧନ।
ଲେଖାଥିବ ପ୍ରେମିକର ହାରିବା ବି ଦିଏ ମିଠାପଣ
ସାଦରେ ସୋହାଗେ ଭରେ ହୃଦୟର କୋଣ ଅନୁକୋଣ।



ଅବା ଦେଇଅଛି ପାନ୍ଥ ରଖିବାକୁ ସ୍ମୃତି ଚିହ୍ନ ତାର
ହୋଇପାରେ ତପସ୍ୟା କି ଶିହରିତ ପ୍ରେମର ସାକ୍ଷର ।
ପ୍ରିୟତମ ପାଇଁ ତାକୁ ରଖିଥାଏ ହୃଦୟ ପାଖରେ
ଦେଶାନ୍ତରୀ ପ୍ରେମିକ ବି ଅନ୍ୟ ବେଶେ ନିଶ୍ଚେ ଫେରିପାରେ।

ତାର ଆଖି, ଓଠ, ଦେହ ପରଖଇ ଇତିହାସକାର
କେତେ କେତେ ପ୍ରଶ୍ନ କରେ ଓଠ କିନ୍ତୁ ପୂରା ନିରୁତ୍ତର।
ଛାଇ ଛାଇ ଅତୀତକୁ ବାନ୍ଧି ନିଜ ଜୀବନ ସିଲଟେ
ମହକାଇ ପଦ୍ମବନ ଦେହ ଆଜି ପ୍ରତୀକ୍ଷାର ତଟେ।

ସେ କାହୁଁ ବୁଝିବ ଧୀରେ ଧୀରେ କ୍ଷୟ ହେବା ଯେତେ ଦୁଃଖ
ପ୍ରତିକ୍ଷଣେ ମରି ପୁଣି ବଞ୍ଚି ରହି ଅପେକ୍ଷିବା ସୁଖ ।

କାଳିକାପୁର, ବାରିପଦା
ମୋ-୬୩୭୨୮୫୬୯୯୪

### ଫୁଲ ଫୁଟୁନଥିବା ଗୋଟେ ଗଛ ପାଇଁ କବିତା



ବିଶ୍ୱନାଥ କର

ସଞ୍ଜ ନଉଁ ନଉଁ ଧୀର ପବନରେ ଖୋଲିଯାଏ ବାତାୟନ
ଆଖି ଆଗରେ ନାଚି ଉଠେ ଅଦୂରର କୃଷ୍ଣଚୂଡ଼ା ଗଛ
ଯିଏ କେବେ ହୋଇନି ପୁଷ୍ପବତୀ
ନାଲି ନାଲି ଫୁଲର ପେନ୍ଥାରେ ମଣ୍ଡିଯାଇନି
ମନଛୁଆଁ ଫଗୁଣବସା ବାନ୍ଧିନି ଡାଳରେ
ଗାଇନି ମଳୟର ସାରେଗାମା ।

ହୋଇଥିବା ଅବା ବେପରୁଆ ଋତୁମାନେ
ବାଟ ଭାଙ୍ଗି ଚାଲିଯାଉଥିବେ
କେଉଁ ପ୍ରେମିକାର ଅଭିସମ୍ପାତରେ
ମଳୟ ବି ଭୁଲିଯାଇଥିବ ଠିକଣା
ଗଛ ଡାଳରେ ବସା ବାନ୍ଧି ଥିବା ଏକଲା ପକ୍ଷୀ
ଗାଇ ପାରୁନଥିବ ଯୌବନ ବନ୍ଦନା।

ପ୍ରେମର ବର୍ଣ୍ଣମାଳାର ଯତିପାତ
ବୁଝେଇ ପାରୁନଥିବ ସ୍ୱପ୍ନର ପରିଭାଷା
ରଙ୍ଗର ଆକାଂକ୍ଷା
ଜହ୍ନ ଉଇଁନଥିବ ଘୋଷି ଘୋଷି ମିଳନର ଚଉତିଶା
ବଟେଇଦେଇ ଯୌବନର ଅଜ୍ଞାତବାସ
ନୀଳ ଆକାଶର ବାଦଲ ଦ୍ୱୀପରେ।

ରଙ୍ଗୀନ ନିଶାର ବିପଣୀ ଆଦ୍ୟ ବସନ୍ତର ଆଗମନେ
ହଜିଯାଇଛି କେଉଁ ଅଗମ୍ୟ ଦ୍ୱୀପରେ
ପିଠିରେ ବୋହି କୃଷ୍ଣଚୂଡାର ଅଭିସାର
ପ୍ରଜାପତିର ପ୍ରୀତିର ଫଲ୍ଗୁ
ଶ୍ରାବଣୀର ଗୀତ।

ଏକାକିତ୍ୱର ଯନ୍ତ୍ରଣାରେ ପୁଷ୍ପବତୀ ହୋଇନି
ସେଇ କୃଷ୍ଣଚୂଡ଼ା ଗଛ
ମୋ ବାତାୟନ ଖୋଲିଲେ ଆଖି ଆଗରେ ନାଚି ଉଠେ
ସନ୍ଧ୍ୟାର ସଙ୍ଗୀତ ଝଙ୍କାରେ
ଲୁହଭିଜା କୃଷ୍ଣଚୂଡାର ସରମୀ ବିଷାଦ ।

ସାଇକଲୋନୀ, ଦେଉଳସାହି, ତୁଳସୀପୁର, କଟକ
ମୋ-୯୭୭୬୩୩୨୬୩୯

### ରାସ୍ତା ପାରି ହେଲେ ଘର



ସ୍ନିଗ୍ଧା ପଣ୍ଡା

ଜାଣିଥିଲି ଛୁଟିହେଲେ ଏକୁଟିଆ
ଘରକୁ ଫେରିବି ସେଥିପାଇଁ ତ
ଏତେ ଆୟୋଜନ,ଆଡମ୍ବର
ଯେତେଯାହା ସାଇତିଥିଲି
ସବୁ ବଦଳେଇ
ସଜାଡୁଛି ନିଜ ପାଇଁ ଭାର ?

ଗୋଟିଗୋଟି ଗୋଟେଇ ରଖୁଛି
ଅସ୍ତବ୍ୟସ୍ତ ମୁହୂର୍ତ୍ତ ସବୁକୁ ଆସିବା ବେଳର
ପ୍ରସରିଯିବାର ମୋହର ଗହଣା
ଅଲଗା କରୁଛି ନିଜଠୁ
ପୋଛି ପକାଉଛି ଦେହ ସାରା, ମୁହଁ ସାରା
ବୋଳି ହେଇଥିବା ମିଛକୁ ?

ମୋର ଯେତେ ଯନ୍ତ୍ରଣା କ୍ଷତର
ଏବେ ମତେ ବଧିରା ଲାଗୁଛି
ଯିଏ ଯାହା ପଚାରୁଛି
ଦିନ, ବାର, ମାସ, ଋତୁ
ହସି ଦେଇ କହୁଛି
ମୋର ଆଉ ମନେନାହିଁ କିଛି ?



ପରିଜନ, ଗୁରୁଜନ
ସଭିଙ୍କର ଆଖିରେ ପ୍ରଶ୍ନ ଚିହ୍ନ
ଥକି ଯାଇଥିବି କାଳେ
ଏକୁଟିଆ ଯିବି କେତେ ଦୂର ବିଜନ
ଭୁଲି ଯାଇଥିବି କାଳେ ଆଲୁଅ ଓ ଅନ୍ଧାର
ହାତ ଧରି ଚାଲୁଥା'ନ୍ତି ରାତି-ଦିନ ?

ଛୋଟ ହେଉଥିବା ଆତ୍ମା
ବଢି ଯାଉଥିବା ଛାଇ ମୋର
ଯିବା ପାଇଁ ଆତୁର
ପାଦ ଆଉ ମନ ବି ତରତର
ଅଥଚ ମୁଁ ଜାଣିଛି ମୋର ତ
ରାସ୍ତା ପାରି ହେଲେ ଘର ?

ସରକାରୀ ଉଚ୍ଚବିଦ୍ୟାଳୟ, ଲହଣ୍ଡା, ବରଗଡ

ସଂଯୋଜନା
ଡକ୍ଟର ସୁନାମଣି ରାଉତ
ରାଜାବଗିଚା, କଟକ - ୯
ମୋ - ୯୪୩୭୧୯୯୮୯୦
ଇମେଲ୍- sunamani.rout@gmail.com

# ଦ୍ୱିତୀୟ ଦିନିକିଆ ପାଇଁ ବିଶାଖାପଟ୍ଟନମର ପାଣିପାଗ ଠିକ୍ ନାହିଁ



ବିଶାଖାପଟନମ(ଏଜେନ୍ସୀ): ପ୍ରଥମ ଦିନିକିଆକୁ ଭାରତ ଚମତ୍କାର ଢଙ୍ଗରେ ଜିତିଛି । ମୁମ୍ବାଇର ୱାଙ୍ଖଡେରେ ଖେଳାଯାଇଥିବା ମୁକାବିଲାକୁ ୫ ୱିକେଟ୍‌ରେ ଜିତି ଭାରତ ଶୃଙ୍ଖଳାରେ ୧-୦ରେ ଆଗୁଆ ରହିଛି । ଏବେ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳାର ଦ୍ୱିତୀୟ ମୁକାବିଲା ଆସନ୍ତାକାଲି ବିଶାଖାପଟନମରେ ଖେଳାଯିବ । ତେବେ ଦ୍ୱିତୀୟ ଦିନିକିଆ ବର୍ଷାରେ ଧୋଇ ହୋଇଯିବାର ଆଶଙ୍କା ଦେଖା ଦେଇଛି । ଦଦ୍ୱିତୀୟ ଦିନିକିଆ ଉପରେ ବର୍ଷାର କଳା ବାଦଲ ଛାଇ ଯାଇଛି । ଭାରତର ଅନେକ ରାଜ୍ୟରେ ପାଣିପାଗରେ ଅଚାନକ ପରିବର୍ତ୍ତନ ଆସିଛି । ଗରମ ସମୟରେ ଦିଲ୍ଲୀ, ମଧ୍ୟ ପ୍ରଦେଶ ଏବଂ ଆନ୍ଧ୍ର ପ୍ରଦେଶ ସମେତ ଅନେକ ରାଜ୍ୟର କିଛି ସହରରେ ପ୍ରବଳ ବର୍ଷା ହୋଇଛି । ବିଶାଖାପଟନମରେ ମଧ୍ୟ ପାଣିପାଗ ଠିକ୍ ଏହି ପରି ରହିଛି । ରବିବାର ଏଠାରେ ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି । ଆକ୍ୱେଦର ଅନୁଯାୟୀ, ରବିବାର ବିଶାଖାପଟନମରେ ୮୦ ପ୍ରତିଶତ ବର୍ଷା ହେବାର ଆଶଙ୍କା ରହିଛି ଏବଂ ଦିନସାରା ବାଦଲ ଛାଇ ରହିବ । ବିଶେଷ କରି ରବିବାର ସକାଳେ ବର୍ଷାର ଆଶଙ୍କା ଅଧିକ ରହିଛି । ଏମିତିରେ ପଡିଆ ଅଦା ହେଲେ ଟସ୍‌ରେ ବିଳମ୍ବ ବି ଘଟିପାରେ । ପୁଣି ଅପରାହ୍ନ ୪ଟାରୁ ସନ୍ଧ୍ୟା ୬ଟା ମଧ୍ୟରେ ଭୀଷଣ ବର୍ଷା ହେବାର ଆଶଙ୍କା ରହିଛି । ସନ୍ଧ୍ୟା ୫ଟାରେ ପ୍ରାୟ ୫୧ ପ୍ରତିଶତ ବର୍ଷା ହେବାର ସମ୍ଭାବନା ରହିଛି । ଏମିତି ହେଲେ ମ୍ୟାଚ୍‌ରେ ଓଭର ସଂଖ୍ୟା କମିପାରେ । ବିଶାଖାପଟନମରେ ରବିବାର ପାଣିପାଗର ପୂର୍ବାନୁମାନ ସର୍ବାଧିକ ତାପମାତ୍ରା- ୨୬ ଡିଗ୍ରୀ ସେଲସିୟସ୍ ସର୍ବନିମ୍ନ ତାପମାତ୍ରା- ୨୩ ଡିଗ୍ରୀ ସେଲସିୟସ୍ ବର୍ଷା ଆଶଙ୍କା- ୮୦ ପ୍ରତିଶତ ବାଦ ଛାଇ ରହିବ- ୭୯ ପ୍ରତିଶତ ଘଣ୍ଟା ପ୍ରତି ପବନର ବେଗ- ୩୨ କିମି ଭାରତର ସମ୍ଭାବିତ ଚୂଡାନ୍ତ ଏକାଦଶ ରୋହିତ ଶର୍ମା(ଅଧିନାୟକ), ଶୁଭମନ ଗିଲ୍, ବିରାଟ କୋହଲି, ଇଶାନ କିଷନ/ସୂର୍ଯ୍ୟକୁମାର ଯାଦବ, କେଏଲ ରାହୁଲ(ୱିକେଟ୍ କିପର), ହାର୍ଦ୍ଦିକ ପାଣ୍ଡ୍ୟା, ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ମହମ୍ମଦ ଶାମି, ମହମ୍ମଦ ସିରାଜ, ଶାର୍ଦ୍ଦୁଳ ଠାକୁର । ଅଷ୍ଟ୍ରେଲିଆର ସମ୍ଭାବିତ ଚୂଡାନ୍ତ ଏକାଦଶ ଡେଭିଡ୍ ୱାର୍ଣ୍ଣର/ଟ୍ରେଭିସ୍ ହେଡ୍, ମିଚେଲ୍ ମାର୍ଶ, ଷ୍ଟିଭେନ ସ୍ମିଥ(ଅଧିନାୟକ), ମାର୍ନସ ଲାବୁସେନ, ମାର୍କସ ଷ୍ଟୋଇନିସ୍, ଗ୍ଲେନ ମ୍ୟାକ୍ସୱେଲ, କ୍ୟାମେରୁନ ଗ୍ରୀନ, ଜୋଶ ଇଙ୍ଗ୍ଲିସ, ସିନ୍ ଏବଟ୍, ମିଚେଲ୍ ଷ୍ଟାର୍କ, ଆଡମ ଜାମ୍ପା ।

# ବିଶ୍ୱ ଟେଷ୍ଟ ଚାମ୍ପିୟନସିପ୍ ଫାଇନାଲରେ ଲୋକେସ ରାହୁଲଙ୍କୁ ଫାଇନାଲରେ ସୁଯୋଗ ଦିଆଯିବା ଉଚିତ:ରବି ଶାସ୍ତ୍ରୀ




ନୂଆଦିଲ୍ଲୀ(ଏଜେନ୍ସୀ): ବିଶ୍ୱ ଟେଷ୍ଟ ଚାମ୍ପିୟନସିପ୍ ଫାଇନାଲରେ ପ୍ରବେଶ କରିସାରିଛି ଭାରତୀୟ ଦଳ । ଇଂଲଣ୍ଡର ଦି ଓଭାଲ୍ ଗ୍ରାଉଣ୍ଡରେ ହେବାକୁ ଥିବା ବିଶ୍ୱ ଟେଷ୍ଟ ଚାମ୍ପିୟନସିପ୍ ଫାଇନାଲରେ ମୁହାଁମୁହିଁ ହେବେ ଭାରତ ଓ ଅଷ୍ଟ୍ରେଲିଆ । ଯାହାକି ଆସନ୍ତା ଜୁନ୍ ୭ ରୁ ୧୧ ତାରିଖ ଯାଏଁ ଖେଳାଯିବ । ତେବେ ଫାଇନାଲ ମ୍ୟାଚ୍‌ରେ ଭାରତୀୟ ଦଳର ଚୂଡାନ୍ତ ଏକାଦଶ କିଭଳି ରହିବ, ସେ ନେଇ ଅନେକ ପୂର୍ବତନ କ୍ରିକେଟର ମତ ଦେଉଛନ୍ତି । ଭାରତୀୟ ଦଳରେ ୱିକେଟ୍ କିପର ଏକ ପ୍ରମୁଖ ସମସ୍ୟା ପାଲଟିଛି । କାରଣ ଦଳର ନିୟମିତ ୱିକେଟ୍ କିପର ତଥା ବ୍ୟାଟର ଋଷଭ ପନ୍ତ ଦୁର୍ଘଟଣାର ଶିକାର ହୋଇ ଏବେ ସୁସ୍ଥ ହେଉଛନ୍ତି । ସେ ଟେଷ୍ଟ ଫାଇନାଲ୍ ଖେଳିବାର ସମ୍ଭାବନା ଖୁବ କମ୍ । ତେଣୁ ଶ୍ରୀକର ଭରତ, ଲୋକେସ ରାହୁଲ ଓ ଇଶାନ କିଷନ ୱିକେଟ୍ କିପିଂ କରିବାର ଦକ୍ଷତା ରଖିଛନ୍ତି । ଟେଷ୍ଟ ଚାମ୍ପିୟନସିପ୍ ଫାଇନାଲରେ କାହାକୁ ମିଳିବ ସୁଯୋଗ ସେ ନେଇ ପ୍ରତିକ୍ରିୟା ରଖିଛନ୍ତି ପୂର୍ବତନ କ୍ରିକେଟର ରବି ଶାସ୍ତ୍ରୀ । ସେ କହିଛନ୍ତି, 'ଏସ୍ ଭରତ କିମ୍ବା ଇଶାନ କିଷନ ନୁହେଁ ବରଂ ଲୋକେସ ରାହୁଲଙ୍କୁ ଫାଇନାଲରେ ସୁଯୋଗ ଦିଆଯିବା ଉଚିତ' । ରବି ଶାସ୍ତ୍ରୀ କହିଛନ୍ତି, 'ନିକଟରେ ଶେଷ ହୋଇଥିବା ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜରେ ଅବଶ୍ୟ ଲୋକେସ ରାହୁଲ ଖରାପ ପ୍ରଦର୍ଶନ କରିଥିଲେ । କିନ୍ତୁ ଦିନିକିଆ ସିରିଜର ପ୍ରଥମ ମ୍ୟାଚରେ ୭୫ ରନର ଅପରାଜିତ ଇନିଂସ ଖେଳିଥିଲେ ଏବଂ ଦଳକୁ ବିଜୟୀ କରାଇବାରେ ପ୍ରମୁଖ ଭୂମିକା ତୁଲାଇଥିଲେ ।' ସେ ଫର୍ମକୁ ଫେରିଛନ୍ତି ଏବଂ ଟେଷ୍ଟ ଚାମ୍ପିୟନସିପ୍ ଫାଇନାଲରେ ତାଙ୍କୁ ସୁଯୋଗ ମିଳିବ ବୋଲି କହିଛନ୍ତି ଶାସ୍ତ୍ରୀ । ପୂର୍ବତନ ଭାରତୀୟ କ୍ରିକେଟର ଆହୁରି ମଧ୍ୟ କହିଛନ୍ତି ଯେ, ଲୋକେସ ରାହୁଲ ଯେକୌଣସି ସ୍ଥାନରେ ଖେଳିବାର କ୍ଷମତା ରଖିଛନ୍ତି । ସେ ଇଂଲଣ୍ଡରେ ଓପନିଂ କରିପାରିବେ, ଏହା ସହିତ ୫ନଂ ଓ ୬ନଂ ରେ ମଧ୍ୟ ବ୍ୟାଟିଂ କରିପାରିବେ । ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଦିନିକିଆରେ ସେ କମାଲ କରିଥିଲେ । ଆହୁରି ୨ଟି ଦିନିକିଆ ଖେଳାଯିବାକୁ ଥିବାରୁ ରାହୁଲ ନିଜକୁ ଶାଣିତ କରିପାରିବେ ଏବଂ ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିପାରିବା ନେଇ ଦୃଢୋକ୍ତି ପ୍ରକାଶ କରିଛନ୍ତି ରବି ଶାସ୍ତ୍ରୀ ।

# ଦ୍ୱିତୀୟ ଦିନିକିଆ ପାଇଁ ଦଳକୁ ଫେରିଲେ ରୋହିତ ଶର୍ମା



ନୂଆଦିଲ୍ଲୀ(ଏଜେନ୍ସୀ): ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଦ୍ୱିତୀୟ ଦିନିକିଆ ମାର୍ଚ୍ଚ ୧୯ ତାରିଖ ରବିବାର ଖେଳାଯିବ । ମୁମ୍ବାଇରେ ଖେଳା ଯାଇଥିବା ପ୍ରଥମ ମ୍ୟାଚ୍ ଜିତି ଭାରତ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳାରେ ୧-୦ରେ ଅଗ୍ରଣୀ ହାସଲ କରିଛି । ଏହି ବିଜୟ ସହ ଭାରତର ମନୋବଳ ବେଶ ଉର୍ଦ୍ଧ୍ୱରେ ରହିଛି । ଦ୍ୱିତୀୟ ଦିନିକିଆ ଜିତି ଭାରତ ସିରିଜ୍ ବିଜୟ ଲକ୍ଷ୍ୟରେ ଥିବା ବେଳେ ଅଷ୍ଟ୍ରେଲିଆ ପ୍ରତ୍ୟାବର୍ତ୍ତନ କରିବାକୁ ଲକ୍ଷ୍ୟ ରଖିଛି । ଏହି ମୁକାବିଲା ବିଶାଖାପଟନମରେ ଅପରାହ୍ନ ୧ଟା ୩୦ରେ ଖେଳାଯିବ । ଦ୍ୱିତୀୟ ମୁକାବିଲାରେ ଭାରତୀୟ ଦଳର ଚୂଡାନ୍ତ ଏକାଦଶ ଉପରେ ସଭିଙ୍କ ନଜର ରହିଛି । ଭାରତୀୟ ଦଳରେ ପରିବର୍ତ୍ତନ ହେବା ନିଶ୍ଚିତ । କାରଣ ନିୟମିତ ଅଧିନାୟକ ରୋହିତ ଶର୍ମା ଦଳକୁ ପ୍ରତ୍ୟାବର୍ତ୍ତନ କରୁଛି । ପାରିବାରିକ କାରଣରୁ ସେ ପ୍ରଥମ ଦିନିକିଆ ଖଳିନଥିଲେ । ତାଙ୍କ ଅନୁପସ୍ଥିତିରେ ହାର୍ଦ୍ଦିକ ପାଣ୍ଡ୍ୟା ଦଳର ଅଧିନାୟକତ୍ୱ ସମ୍ଭାଳିଥିଲେ । ରୋହିତ ଦଳକୁ ଫେରିବା ପରେ ଏହା ଦେଖିବା ରୋଚକ ହେବ ଯେ ଚୂଡାନ୍ତ ଏକାଦଶରୁ କେଉଁ ଖେଳାଳିକୁ ବାଦ୍ ଦିଆଯାଇପାରେ । ଆଗାମୀ ୨ ମ୍ୟାଚ୍ ଗୁରୁତ୍ୱପୂର୍ଣ୍ଣ ସୂର୍ଯ୍ୟକୁମାର ଯାଦବ କିମ୍ବା ଇଶାନ କିଷନଙ୍କ ମଧ୍ୟରୁ କୌଣସି ଜଣେ ଖେଳାଳିଙ୍କୁ ବାହାରେ ବସିବାକୁ ପଡିପାରେ । ଏମିତିରେ ସୂର୍ଯ୍ୟଙ୍କୁ ଚୂଡାନ୍ତ ଏକାଦଶରୁ ବାଦ୍ ଦିଆଯିବାର ସମ୍ଭାବନା ଅଧିକ ରହିଛି । କାରଣ ସେ ଦିନିକିଆ କ୍ରିକେଟ୍‌ରେ ଲଗାତାର ବିଫଳ ହେଉଛନ୍ତି । ଅନ୍ୟପଟେ ଇଶାନ କିଷନ ମଧ୍ୟକ୍ରମରେ ବ୍ୟାଟିଂ କରିବାକୁ ମାହିର । ସେ କିଛି ମାସ ପୂର୍ବେ ଦିନିକିଆରେ ଦ୍ୱିଶତକ ଅର୍ଜନ କରିଥିଲେ । ଏମିତିରେ ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଦିନିକିଆରେ ସୂର୍ଯ୍ୟକୁମାର ଯାଦବ ଖାତା ଖୋଲି ପାରିନଥିଲେ । ସେ ପ୍ରଥମ ବଲ୍‌ରେ ହିଁ ମିଚେଲ୍ ଷ୍ଟାର୍କଙ୍କ ବଲ୍‌ରେ ଏଲବିଡବ୍ଲ୍ୟୁ ଆଉଟ୍ ହୋଇଥିଲେ । ସେହିପରି ଓପନିଂ ବ୍ୟାଟର ଇଶାନ କିଷନଙ୍କ ପ୍ରଦର୍ଶନ ମଧ୍ୟ ନିରାଶଜନକ ରହିଥିଲା । ଇଶାନ ତିନି ରନ କରି ପାଭିଲିୟନ ଫେରିଥିଲେ । ସୂର୍ଯ୍ୟକୁମାର ଯାଦବଙ୍କୁ ଶ୍ରେୟସଙ୍କ ସ୍ଥାନରେ ନମ୍ବର ୪ରେ ବ୍ୟାଟିଂ କରିବାକୁ ସୁଯୋଗ ମିଳିଲା । ହେଲେ ସେ ପ୍ରଥମ ବଲ୍‌ରେ ହିଁ ଖାତା ଖୋଲିବା ପୂର୍ବରୁ ଏଲବିଡବ୍ଲ୍ୟୁ ଆଉଟ୍ ହୋଇ ପାଭିଲିୟନ ଫେରିଥିଲେ । ଦିନିକିଆ ଅନ୍ତର୍ଜାତୀୟରେ ସୂର୍ଯ୍ୟ ୨୧ ମ୍ୟାଚ୍ ଖେଳିଛନ୍ତି ଏବଂ ୧୯ ଥର ବ୍ୟାଟିଂ ପାଇଁ କ୍ରିଜକୁ ଓହ୍ଲାଇଛନ୍ତି । ଏଥିରୁ କେବଳ ୨ଟି ମ୍ୟାଚ୍‌ରେ ଅର୍ଦ୍ଧଶତକ ହାସଲ କରିବାରେ ସକ୍ଷମ ହୋଇଛନ୍ତି । ତାଙ୍କ ବ୍ୟାଟ୍‌ରୁ ଶତକଟିଏ ମଧ୍ୟ ଦେଖିବାକୁ ମିଳିନାହିଁ । କିନ୍ତୁ ଟି-୨୦ କ୍ରିକେଟ୍‌ରେ ସେ ୩ ଶତକ ମାରି ସାରିଛନ୍ତି । ଏହି ଡାହାଣହାତୀ ବ୍ୟାଟର ଦିନିକିଆରେ ୧୯ଟି ଇନିଂସରେ ୨୭ ହାରରେ ୪୩୩ ରନ କରିଛନ୍ତି । ଆଉ ଷ୍ଟ୍ରାଇକ୍ ରେଟ୍ ୧୦୨ ରହିଛି । ଗତ ୧୦ଟି ଦିନିକିଆ ଉପରେ ନଜର ପକାଇଲେ ସୂର୍ଯ୍ୟ ଗୋଟିଏ ହେଲେ ଅର୍ଦ୍ଧଶତକ ହାସଲ କରି ପାରି ନାହାନ୍ତି । ଚକିତ କର କଥା କ୍ୟାରିୟରର ପ୍ରଥମ ୬ଟି ଦିନିକିଆ ଦମଦାର ଥିଲା । ସୂର୍ଯ୍ୟ ପ୍ରଥମ ୬ଟି ମ୍ୟାଚ୍‌ରେ ପ୍ରତ୍ୟେକ ଥର ୩୦ରୁ ଅଧିକ ରନ କରିଥିଲେ । ଏଥିରେ ଦୁଇଟି ଅର୍ଦ୍ଧଶତକ ମଧ୍ୟ ସାମିଲ୍ । ଏହା ପରଠୁ ସେ ନିରାଶ କରିଛନ୍ତି । ଯଦି ଆଗାମୀ ଦୁଇଟି ମ୍ୟାଚ୍‌ରେ ସୂର୍ଯ୍ୟଙ୍କ ବ୍ୟାଟ୍ ଶାନ୍ତ ରହେ ତେବେ ଦିନିକିଆ ଦଳରୁ ସେ ବାଦ୍ ପଡି ପାରନ୍ତି । କାରଣ ଶ୍ରେୟସ ଆୟର ଦଳକୁ ଫେରି ପାରନ୍ତି, ନଚେତ୍ ସଞ୍ଜୁ ସାମସନ ତାଙ୍କ ସ୍ଥାନ ନେଇ ପାରନ୍ତି । କାରଣ ସଞ୍ଜୁ ସାମସନଙ୍କ ରେକର୍ଡ ଦିନିକିଆ ଫର୍ମାଟ୍‌ରେ ଉନ୍ନତ ରହିଛି ।

# ସୁରକ୍ଷା ଦୃଷ୍ଟିରୁ ଭାରତ ପାକିସ୍ତାନ ଗସ୍ତ କରିବା ଉଚିତ ନୁହେଁ:ହରଭଜନ ସିଂହ



ନୂଆଦିଲ୍ଲୀ(ଏଜେନ୍ସୀ): ଚଳିତବର୍ଷ ହେବାକୁ ଥିବା ଏସିଆ କପକୁ ନେଇ ଆଶଙ୍କା ଲାଗି ରହିଛି । ଏହି ଟୁର୍ଣ୍ଣାମେଣ୍ଟ ପାକିସ୍ତାନରେ ଆୟୋଜନ ହେବାକୁ ଥିବା ବେଳେ ଭାରତ ଏଥିରେ ଭାଗ ନେବାକୁ ମନା କରି ଦେଇଛି । ତେବେ ଭାରତ ଏସିଆ କପରେ ଭାଗ ନ ନେଲେ ପାକିସ୍ତାନ ଦିନିକିଆ ବିଶ୍ୱକପରୁ ଓହରିଯିବା ପାଇଁ ମଧ୍ୟ ଚେତାବନୀ ଦେଇଛି । ଏହି ବିବାଦକୁ ନେଇ ଉଭୟ ଦେଶର ଅନେକ ପୂର୍ବତନ ଖେଳାଳି ନିଜ ନିଜ ମତ ରଖିଛନ୍ତି । ବର୍ତ୍ତମାନ ଏହି ତାଲିକାରେ ଯୋଡି ହୋଇଛି ପୂର୍ବତନ ଅଫ ସ୍ପିନର ହରଭଜନ ସିଂହଙ୍କ ନାଁ । ଏସିଆ କପ ଖେଳିବା ପାଇଁ ଭାରତ ପାକିସ୍ତାନ ଯିବା ଉଚିତ ନୁହେଁ ବୋଲି କହିଛନ୍ତି ହରଭଜନ । ତେବେ ଏହାର ସବୁଠୁ ବଡ କାରଣ ପାଲଟିଛି ପାକିସ୍ତାନର ସୁରକ୍ଷା ବ୍ୟବସ୍ଥା । ଯେଉଁ ଦେଶରେ ନିଜ ଖେଳାଳିମାନେ ସୁରକ୍ଷିତ ନୁହନ୍ତି, ସେମାନେ ଅନ୍ୟ ଦେଶର ସୁରକ୍ଷା କିପରି କରିବେ ବୋଲି ହରଭଜନ ପ୍ରଶ୍ନବାଣ କରିଛନ୍ତି । ଟୁର୍ଣ୍ଣାମେଣ୍ଟ ଖେଳିବା ପାଇଁ ପାକିସ୍ତାନ ଯିବା ଭାରତୀୟ ଖେଳାଳିମାନଙ୍କ ପାଇଁ ସୁରକ୍ଷିତ ନୁହେଁ ବୋଲି କହିଛନ୍ତି ହରଭଜନ । କିଛି ଦିନ ତଳେ ଏକ ଘରୋଇ ଲିଗ ମ୍ୟାଚ ଖେଳାଯାଉଥିବା ସମୟରେ ଷ୍ଟାଡିୟମ ନିକଟରେ ବିସ୍ଫୋରଣ ହୋଇଥିଲା । ଏହି ସମୟରେ ପଡିଆରେ ପାକିସ୍ତାନ ଅଧିନାୟକ ବାବର ଆଜମ ଏବଂ ପୂର୍ବତନ ଖେଳାଳି ଶାହିଦ ଆଫ୍ରିଦି ଉପସ୍ଥିତ ରହିଥିଲେ । ଏହି ଘଟଣାକୁ ନେଇ ହରଭଜନ ପାକିସ୍ତାନର ସୁରକ୍ଷା ବ୍ୟବସ୍ଥାକୁ କଟାକ୍ଷ କରିଛନ୍ତି । ଏସିଆ କପ ଆୟୋଜନକୁ ନେଇ ବିସିସିଆଇ ସମ୍ପାଦକ ଜୟ ଶାହ ଏବଂ ପିସିବି ଅଧ୍ୟକ୍ଷ ନଜମ ସେଠୀ ଆନୁଷ୍ଠାନିକ ଭାବେ ଆଲୋଚନା କରିଥିଲେ । ତେବେ ଏହି ଆଲୋଚନାର କୌଣସି ସ୍ପଷ୍ଟ ନିଷ୍ପତ୍ତି ମିଳିପାରିନାହିଁ । ସେପଟେ ଜୟ ଶାହ ଏସୀୟ କ୍ରିକେଟ ପରିଷଦର ଅଧ୍ୟକ୍ଷ ପଦରେ ରହିଥିବାରୁ ଖେଳାଳିଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପାକିସ୍ତାନରେ ଟୁର୍ଣ୍ଣାମେଣ୍ଟ ଆୟୋଜନକୁ ବିରୋଧ କରି ଆସୁଛନ୍ତି । ତେବେ ଆୟୋଜକ ଭାବରେ ଏସିଆ କପ ଅନ୍ୟତ୍ର ଏକ ନିରପେକ୍ଷ ସ୍ଥାନରେ କରୁ ବୋଲି କହିଛନ୍ତି ଜୟ ଶାହ


ସପ୍ତାହର ଶେଷରେ ସାପ୍ତାହିକୀ ହାତରେ

ପ୍ରଜାତନ୍ତ୍ର ସାପ୍ତାହିକୀ

୧୨ମାର୍ଚ୍ଚ-୧୮ ମାର୍ଚ୍ଚ ୨୦୨୩




ଉତ୍ତର ପୂର୍ବାଞ୍ଚଳରେ ବିଜେପିର ଧ୍ୱଜା

ରାଜ୍ୟ ବା ଦେଶ କୁ ଶାସନ କରିବା ଲାଗି ଗଣତାନ୍ତ୍ରିକ ପକ୍ରିୟା ରେ ଏକ ସ୍ଥାୟୀ ଓ ଉନ୍ନତକାର୍ଯ୍ୟ କରୁଥିବା ସରକାର ଆବଶ୍ୟକ । ଯେଉଁ ସରକାର ସାଧାରଣ ଲୋକଙ୍କ ସମସ୍ୟା ସମ୍ପର୍କରେ ଅବଗତ ହୋଇ ତାହାର ସମାଧାନ ପାଇଁ ନୂତନ ନୀତି ଓ ଯୋଜନା ପ୍ରସ୍ତୁତ କରିଥାଏ ସିଏ ହିଁ ଉତ୍ତମ ସରକାର । ବର୍ତ୍ତମାନ ସମୟରେ ଭାରତରେ ଅମୃତ କାଳ ଚାଲିଛି । ଏହି କାଳରେ ଭାରତ ବିଶ୍ୱ ଦରବାରରେ ନିଜର ପ୍ରତିଷ୍ଠା ବଢ଼ାଇବା ସହ ଦୃଢ଼ତାର ସହ ଠିଆ କରିଛି । ଏହା କେବଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶାସନରେ ସମ୍ଭବ ହୋଇପାରିଛି । ଭାରତକୁ ବେଶ ଗୁରୁତ୍ୱ ଓ ସମ୍ମାନ ପ୍ରଦାନ କରାଯାଉ । ଦୃଢ଼ ଇଚ୍ଛାଶକ୍ତି ଓ ଉନ୍ନତ କାର୍ଯ୍ୟ ମୋଦିଙ୍କୁ ବିଶ୍ୱ ନେତା କରି ଗଢି ତୋଳିଛି । ମୋଦିଙ୍କ ଉପରେ ଆସ୍ଥା ପ୍ରକଟ କରି ଲୋକେ ଜନାଦେଶ ଦେଇଛନ୍ତି । ମୋଦି ଲୋକମାନଙ୍କୁ ଉତ୍ତମ ଶାସନ ଦେବା ପାଇଁ ସର୍ବଦା ଚେଷ୍ଟିତ । ଏହାର ପ୍ରଭାବ ସମଗ୍ର ରାଜ୍ୟ ଉପରେ ପଡୁଛି । ଲୋକେ ଏହାକୁ ଅନୁଭବ କରି ବିଜେପି ଓ ତାର ସହଯୋଗୀ ଦଳକୁ ଭୋଟ ଦେଉଥିବା ଦେଖାଯାଉଛି । ମୋଦି ଓ ବିଜେପିଙ୍କ ବିଜୟ ବିରୋଧୀଙ୍କର ହଜମ ହେଉନାହିଁ; ସେମାନେ ମୋଦି ବିରୋଧୀ ସ୍ଲୋଗାନ ଦେଇ ଲୋକଙ୍କ ଜନମତ ହରାଉ ଛନ୍ତି ।

**ଜାତୀୟ:** ଦିଲ୍ଲୀ ପରେ କ'ଣ ପଞ୍ଜାବର ପାଳି

**ସ୍ୱତନ୍ତ୍ର ପ୍ରସଙ୍ଗ:** ଭାରତ ଓ ଚୀନ ମଧ୍ୟରେ ଯୁଦ୍ଧ ଆଶଙ୍କା

**ନାରୀ:** ତ୍ୱଚା ପାଇଁ ଲାଭକାରୀ ଲାଲ୍ ଅଙ୍ଗୁର

**କ୍ଷୁଦ୍ରଗଳ୍ପ:** ଝୁମ୍ପୀ ମାଉସୀର ଦୁଃଖ

**ଚଳଚ୍ଚିତ୍ର:** ଅଭିନୟ ଏକାଡେମୀ ଆରମ୍ଭ କରିବେ ରାକ୍ଷୀ, ହ୍ରିତିକ ରୋଶନଙ୍କ କିସ୍ ଭାଇରାଲ, ବନ୍ଧୁଙ୍କୁ କାର ଦେଲେ ମିକା ସିଂ, 'ଖତରୋଁ କେ ଖିଲାଡିରେ ନଜର ଆସିବେ ଉର୍ଫି ଜାଭେଦ୍, ଆହତ ହେଲେ ସୁନ୍ଦରୀ ସାମନ୍ଥା, ଟିଭି ଅଭିନେତ୍ରୀ ଦେବିନା ବାନାର୍ଜୀ ଅସୁସ୍ଥ, ଅକ୍ଷୟଙ୍କର ବକ୍ସ ଅଫିସରେ ଫ୍ଲପ୍ ହେଲା ସିନେମା, ଫିଲ୍ମ ନିର୍ମାତା ଜୋସେଫ ମନୁ ଜେମ୍ସଙ୍କର ପରଲୋକ

**ଖେଳ:** ଆଣ୍ଠୁ ଯନ୍ତ୍ରଣା ସତ୍ତ୍ୱେ ଚେନ୍ନାଇ ସୁପର କିଙ୍ଗ୍ସର ପ୍ରତିନିଧିତ୍ୱ କରିବେ ବେନ ଷ୍ଟୋକ୍ସ, ୱାଙ୍ଖଡେ ଷ୍ଟାଡିୟମରେ ଲାଗିବ କ୍ରିକେଟର ସଚିନ୍ ତେନ୍ଦୁଲକରଙ୍କ ଷ୍ଟାଚ୍ୟୁ, ଖରାପ ପ୍ରଦର୍ଶନ ପାଇଁ ସମାଲୋଚନା ଶୁଣିବାକୁ ପଡେ: ଗାଙ୍ଗୁଲି, ଚଳିତ ଆଇପିଏଲ୍‌ରୁ ବାଦ୍ ପଡିବେ ଜସପ୍ରୀତ ବୁମରାହ, ପାକିସ୍ତାନ ବିଶ୍ୱକପରେ ଭାଗ ନେବେନାହିଁ: କମରାନ ଆକମଲ, ପାକିସ୍ତାନ ସୁପର ଲିଗ୍‌ର ଗଦାଫି ଷ୍ଟାଡିୟମରେ ଲାଗିଥିବା ଆଠଟି ସିସିଟିଭି କ୍ୟାମେରା ଚୋରି, ଡିସିର ଅଧିନାୟକ କିଏ ହେବେ ଚାଲିଛି ତର୍ଜମା

ଏବଂ **ଶେଷପୃଷ୍ଠା** ରେ ଭର୍ତ୍ତୃହରି ମହତାବଙ୍କ "ଆରେ ଡମଣା, ବୁଲି ବୁଲି ପୁଣି ସେଇ ଅଗଣା''

ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ


# କୋହଲିଙ୍କ ବାୟୋପିକ୍‌ରେ ଅଭିନୟ କରିବାକୁ ଚାହାଁନ୍ତି ରାମ ଚରଣ



ନୂଆଦିଲ୍ଲୀ(ଏଜେନ୍ସୀ): ଫିଲ୍ମ ଆର୍‌ଆର୍ ଜରିଆରେ ଗ୍ଲୋବାଲ ତାରକା ପାଲଟିଥିବା ରାମ ଚରଣ ବିରାଟ କୋହଲିଙ୍କ ବାୟୋପିକରେ ଅଭିନୟ କରିବାକୁ ଚାହୁଁଛନ୍ତି । ସେ କହିଛନ୍ତି ଯେ ଯଦି ସୁଯୋଗ ଦିଆଯାଏ ତେବେ ସେ ଦିନେ ଭାରତୀୟ କ୍ରିକେଟରଙ୍କ ଉପରେ ନିର୍ମିତ ବାୟୋପିକରେ ବିରାଟ କୋହଲିଙ୍କ ଭୂମିକାରେ ଅଭିନୟ କରିବାକୁ ଚାହାଁନ୍ତି ।ଆରଆର୍ ର ସଫଳତା ଏବଂ ଅରିଜିନାଲ ଗୀତ ପାଇଁ ଓସ୍କାରରେ ନାଟୁ ନାଟୁ ବିଜୟୀ ହେବା ପରେ ତେଲୁଗୁ ତାରକା ଶୁକ୍ରବାର ସନ୍ଧ୍ୟାରେ ଏକ କନକ୍ଲେଭ ସମୟରେ ନିଜର ଇଚ୍ଛା ପ୍ରକାଶ କରିଥିଲେ । ସୌଭାଗ୍ୟବଶତଃ ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ପ୍ରଥମ ଦିନିକିଆ ସମୟରେ ବିରାଟ କୋହଲି ନାଟୁ ନାଟୁ ଗୀତର ହୁକ୍ ଷ୍ଟେପ୍ ପ୍ରଦର୍ଶନ କରୁଥିବା ଏକ ଭିଡିଓ ଭାଇରଲ ହେବାର କିଛି ସମୟ ପରେ ରାମ ଚରଣ ଏହି ଇଚ୍ଛା ପ୍ରକାଶ କରିଛନ୍ତି । ଇଣ୍ଡିଆ ଟୁଡେ କନକ୍ଲେଭରେ ସାମିଲ ହୋଇଥିବା ରାମ ଚରଣଙ୍କୁ ଏକ ଭୂମିକାରେ ଅଭିନୟ ପାଇଁ ପଚାର ଯାଇଥିଲା, ଯାହା ସେ ଦିନେ କରିବାକୁ ଆଶା କରନ୍ତି । ବହୁ ଚିନ୍ତା କରିବା ପରେ, ରାମ ଚରଣ କହିଥିଲେ ଯେ ସେ ଏକ କ୍ରୀଡା ଭିତ୍ତିକ ଚଳଚ୍ଚିତ୍ରରେ ଅଭିନୟ କରିବାକୁ ଚାହୁଁଛନ୍ତି । ଏହାପରେ "ଯେତେବେଳେ ପରାମର୍ଶ ଦିଆଯାଇଥିଲା ଯେ ଚରଣ ତାଙ୍କ ବାୟୋପିକରେ ବିରାଟ କୋହଲିଙ୍କୁ ଅଭିନୟ କରିପାରନ୍ତି, ସେତେବେଳେ ଚରଣ ଉତ୍ତର ଦେଇଛନ୍ତି," ନିଶ୍ଚୟେ । ବିରାଟ ଜଣେ ପ୍ରେରଣାଦାୟକ ଖେଳାଳି । ଏକ ସୁଯୋଗ ଦିଆଯିବା ପରେ ଏହା ଚମତ୍କାର ହେବ । ଭଲ, ଭଲ । "

# ୩ ମ୍ୟାଚ୍ ବିଶିଷ୍ଟ ଟି-ଟ୍ୱେଣ୍ଟି ସିରିଜ ଖେଳିବା ପାଇଁ ଆୟର୍ଲାଣ୍ଡ ଗସ୍ତ କରିବ ଭାରତ



ମୁମ୍ବାଇ(ଏଜେନ୍ସୀ): ଆସନ୍ତା ଅଗଷ୍ଟରେ ଭାରତୀୟ କ୍ରିକେଟ୍ ଦଳ ୩ ମ୍ୟାଚ୍ ବିଶିଷ୍ଟ ଟି-ଟ୍ୱେଣ୍ଟି ସିରିଜ ଖେଳିବା ପାଇଁ ଆୟର୍ଲାଣ୍ଡ ଗସ୍ତ କରିବ । ଭାରତୀୟ ଦଳ କ୍ରମାନ୍ୱୟରେ ଦ୍ୱିତୀୟ ଥର ପାଇଁ ଆୟର୍ଲାଣ୍ଡ ଗସ୍ତ କରୁଛି । ଗତ ବର୍ଷ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱରେ ଭାରତୀୟ ଦଳ ଆୟର୍ଲାଣ୍ଡ ଯାତ୍ରା କରି ୨ମ୍ୟାଚ୍‌ବିଶିଷ୍ଟ ଟି-ଟ୍ୱେଣ୍ଟି ସିରିଜକୁ ୨-୦ରେ ଜିତିଥିଲା । ଏଥର ଅଗଷ୍ଟ ୧୮ରୁ ୨୩ ତାରିଖ ମଧ୍ୟରେ ଟି-ଟ୍ୱେଣ୍ଟି ସିରିଜ ଖେଳାଯିବ । ଚଳିତ ବର୍ଷ ଭାରତରେ ଦିନିକିଆ ବିଶ୍ୱକପ ରହିଛି । ଅକ୍ଟୋବରରେ ବିଶ୍ୱକପ୍ ଆରମ୍ଭ ହେବ । ତଥାପି ଅଗଷ୍ଟରେ ଭାରତ ଟି-ଟ୍ୱେଣ୍ଟି ସିରିଜ ଖେଳିବା ପାଇଁ ଆୟର୍ଲାଣ୍ଡ ଗସ୍ତ କରିବା ଚକିତ କରିଛି । ଦିନିକିଆ ବିଶ୍ୱକପ୍ ପାଇଁ ସମ୍ଭାବ୍ୟ ଭାରତୀୟ ଦଳର କୌଣସି ଖେଳାଳିଙ୍କୁ ଆୟର୍ଲାଣ୍ଡ ନପଠାଇ ଏହି ସ୍ଥାନରେ ଯୁବ ଖେଳାଳିଙ୍କୁ ସୁଯୋଗ ଦେବାକୁ ବିସିସିଆଇ ଯୋଜନା କରିବ ।


ସଂପାଦକ : ଭର୍ତ୍ତୃହରି ମହତାବ ❒ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❒ Regional Office- BBSR, Ph- 2393583